ଧରିତ୍ରୀ 52 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୨୮/୨୦୨୬ (୧୬ ପୃଷ୍ଠା) | Bhubaneswar, Wednesday, January 28/2026 | Page 16 | ₹ 7.00

୫୨ଶ ଭାଗ ୬୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 65 | ମୂଲ୍ୟ ₹୭/-









ଭୁବନେଶ୍ୱର ପିଏମ୍‌ଜି ଛକଠାରେ ମଙ୍ଗଳବାର ଜଣେ ଯୁବକ ବାଇକ୍ ଚଳାଉଥିବାବେଳେ ମୋବାଇଲ ଫୋନ୍‌ରେ କଥା ହେଉଥିବାର ଦୃଶ୍ୟକୁ ଜଣେ ପୋଲିସ ଅଧିକାରୀ ଫଟୋ ଉଠାଉଛନ୍ତି। **(ଫଟୋ: ମନୋରଞ୍ଜନ ମିଶ୍ର)**

# ଏଫ୍‌ଟିଏ: ଭାରତର ଲାଭ କମ୍, କ୍ଷତି ଅଧିକ

## ଇୟୁ ସହ ବାଣିଜ୍ୟ ଚୁକ୍ତି ଐତିହାସିକ: ମୋଦି

**ସଦ୍ୟ ସ୍ୱାକ୍ଷରିତ ଦ୍ୱିପାକ୍ଷିକ ମୁକ୍ତ ବାଣିଜ୍ୟିକ ଚୁକ୍ତି (ଏଫ୍‌ଟିଏ) ଅନୁସାରେ ଭାରତର ଲାଭ କମ୍ ଓ କ୍ଷତି ଅଧିକ ହୋଇପାରେ। କାରଣ ଟେକ୍ନୋଲୋଜି, ପୁଞ୍ଜି ଓ ଉତ୍ପାଦନଶୀଳତା କ୍ଷେତ୍ରରେ ଇୟୁ ଭାରତଠାରୁ ବହୁ ଆଗରେ ରହିଛି। ଥରେ ଟାରିଫ୍ ହ୍ରାସ ପାଇଲେ ୟୁରୋପୀୟ କାର୍, ଯନ୍ତ୍ରପାତି, ରାସାୟନିକ ପଦାର୍ଥ, ଉଚ୍ଚ ମୂଲ୍ୟଯୁକ୍ତ ସାମଗ୍ରୀ କମ୍ ମୂଲ୍ୟରେ ଭାରତକୁ ପ୍ରବେଶ କରିବ। ଫଳରେ ଭାରତରେ ଘରୋଇ ଶିଳ୍ପ ଏବଂ ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ଅତ୍ୟନ୍ତ ଚାପଗ୍ରସ୍ତ ହୋଇଯିବେ। ଅନ୍ୟପକ୍ଷେ ଭାରତ କମ୍ ମୂଲ୍ୟର ସାମଗ୍ରୀ ରପ୍ତାନି କରୁଥିବାବେଳେ ଇୟୁ ଉତ୍ପାଦିତ ସାମଗ୍ରୀ ଉଚ୍ଚ ମୂଲ୍ୟର, ଯାହାକି ଭାରତର ବାଣିଜ୍ୟିକ ନିଅଣ୍ଟକୁ ବଢ଼ାଇପାରେ। କାର୍ବନ୍ ଟ୍ୟାକ୍ସ, ଶ୍ରମ ନିୟମ ଓ ପରିବେଶଗତ ମାନକ ଆଦିରେ ଇୟୁର କଠୋର ଆଇନ ଯୋଗୁ ଭାରତୀୟ ସାମଗ୍ରୀ ୟୁରୋପକୁ ପ୍ରବେଶ କରିବା ସେତେଟା ସହଜ ହୋଇ ନ ପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।**

ନୂଆଦିଲ୍ଲୀ,୨୭।୧(ରଏଟର୍ସ)

ଭାରତ ଓ ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ବହୁବିଳମ୍ବିତ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ମଙ୍ଗଳବାର ସ୍ୱାକ୍ଷରିତ ହୋଇଛି। ଉକ୍ତ ଚୁକ୍ତି ଅନୁସାରେ ଦ୍ୱିପାକ୍ଷିକ ବାଣିଜ୍ୟିକ କାରବାର ବୃଦ୍ଧି ସକାଶେ ଉଭୟ ପକ୍ଷ ଅନେକ ସାମଗ୍ରୀ ଉପରେ ଟାରିଫ୍ ହ୍ରାସ କରିବେ। ଆମେରିକାର ଉଚ୍ଚ ଟାରିଫ୍‌କୁ ନେଇ ବିଶ୍ୱ ବାଣିଜ୍ୟରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଉପୁଜିଥିବାବେଳେ ୱାଶିଂଟନ୍ ଉପରେ ନିର୍ଭରଶୀଳତା ହ୍ରାସକୁ ଗୁରୁତ୍ୱ ଦିଆଯାଇଛି। ସେହିପରି ୨୦୩୨ ସୁଦ୍ଧା ଭାରତକୁ ଇୟୁର ରପ୍ତାନି ଦ୍ୱିଗୁଣିତ ହେବ। ଏଥିଲାଗି ଭାରତ ଅନେକ ସାମଗ୍ରୀ ଉପରୁ ଆମଦାନୀ ଶୁଳ୍କକୁ ସମ୍ପୂର୍ଣ୍ଣ ହଟାଇଦେବ କିମ୍ବା ୯୬.୬% ସାମଗ୍ରୀର ବିକ୍ରି ମୂଲ୍ୟରୁ ଟାରିଫ୍ ହ୍ରାସ କରିବ। ଫଳରେ ୟୁରୋପୀୟ କମ୍ପାନୀଗୁଡ଼ିକ ଆମଦାନୀ ଶୁଳ୍କ ଛାଡ଼ ବାବଦକୁ ୪ ବିଲିୟନ୍ ୟୁରୋ (୪.୭୫ ବିଲିୟନ୍ ଆମେରିକୀୟ ଡଲାର) ମୂଲ୍ୟର ଲାଭ ପାଇବେ ବୋଲି ଇୟୁ ପକ୍ଷରୁ କୁହାଯାଇଛି।

ଭାରତରୁ ଆଗାମୀ ୭ ବର୍ଷ ପର୍ଯ୍ୟନ୍ତ ଆମଦାନୀ କରିବାକୁ ଥିବା ୯୯.୫% ସାମଗ୍ରୀ ଉପରୁ ଇୟୁ ଟାରିଫ୍ ହ୍ରାସ କରିବ। ଏପରି କି ସାମୁଦ୍ରିକ ଖାଦ୍ୟ, ଚମଡ଼ା, ଟେକ୍ସଟାଇଲ ଉତ୍ପାଦ, କେମିକାଲ୍ସ, ରବର, ବେସ୍ ମେଟାଲ, ମୁକ୍ତା, ଜୁଏଲେରି ଆଦି ସାମଗ୍ରୀ ଉପରେ ଇୟୁ ☞ପୃଷ୍ଠା-୪

# ଛାତ ଉପରେ ବୋମା ଭିଡ଼ିବାବେଳେ ବିସ୍ଫୋରଣ

**ବୋମା ଏବଂ ବାଣ ପ୍ରସ୍ତୁତି ପାଇଁ ସ୍ୱତନ୍ତ୍ର ଲାଇସେନ୍ସ ବ୍ୟବସ୍ଥା ରହିଛି। ଏପରି କି ଖୋଲା ସ୍ଥାନରେ ବାଣ ଭିଡ଼ିବା ସହିତ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବାର ନିୟମ ରହିଛି । ହେଲେ ଅନେକ ଲୋକ ଏହି ନିୟମକୁ ଉଲ୍ଲଂଘନ କରି ଜନବସତି ମଧ୍ୟରେ ବିନା ସୁରକ୍ଷା ବ୍ୟବସ୍ଥା ଏବଂ ଅଣକୁଶଳୀ ଶ୍ରମିକଙ୍କ ଦ୍ୱାରା ବୋମା ପ୍ରସ୍ତୁତ କରୁଛନ୍ତି। ଫଳରେ ବିଭିନ୍ନ ସମୟରେ ବିସ୍ଫୋରଣ ଘଟି ଲୋକଙ୍କ ଜୀବନ ଯାଉଛି। ମଙ୍ଗଳବାର ଖୋଦ୍ ଭୁବନେଶ୍ୱର ସୁନ୍ଦରପଦାରେ ଏଭଳି ଏକ ଘଟଣା ଘଟିଛି। ଅପରାଧୀଙ୍କୁ ଯୋଗାଇବା ପାଇଁ ଛାତ ଉପରେ ବୋମା ଭିଡ଼ିବା ବେଳେ ବିସ୍ଫୋରଣ ଘଟି ଗୋଟିଏ ପରିବାରର ବାପାଝିଅଙ୍କ ସମେତ ୫ଜଣ ଗୁରୁତର ହୋଇଛନ୍ତି। ତେବେ ଆପରାଧିକ କାର୍ଯ୍ୟକଳାପ ପାଇଁ ଜନବସତି ଅଞ୍ଚଳରେ ବୋମା ଭିଡୁଥିବା ଅଭିଯୋଗରେ ସ୍ଥାନୀୟ ଲୋକମାନେ ଉତ୍‌କ୍ଷିପ୍ତ ହୋଇ ଆହତଙ୍କୁ ପିଟୁଥିବା ଦୃଶ୍ୟ ଏବେ ଭାଇରାଲ୍ ହେବାରେ ଲାଗିଛି।**

## ଭୁବନେଶ୍ୱରରେ ବେଆଇନ ବୋମା ପ୍ରସ୍ତୁତି

- ବାପା, ଝିଅ ସମେତ ୫ ଗୁରୁତର
- ଅପରାଧୀଙ୍କୁ ଯୋଗାଇବାକୁ ଚାଲିଥିଲା ତିଆରି
- ଆହତଙ୍କୁ ପିଟିଲେ ଉତ୍ୟକ୍ତ ଲୋକେ

ଭୁବନେଶ୍ୱର,୨୭।୧(ତ୍ରିନାଥ ମହାନ୍ତି)

ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା ନ୍ୟୁ ଆଜାଦ ନଗରରେ ଏକ ୩ତାଲା ବିଶିଷ୍ଟ ଛାତ ଉପରେ ମଙ୍ଗଳବାର ବୋମା ଭିଡ଼ିବା ସମୟରେ ବିସ୍ଫୋରଣ ଘଟି ୫ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୨ଜଣ ମହିଳା ରହିଥିବା ଜଣାପଡ଼ିଛି। ଏହି ବିସ୍ଫୋରଣରେ ବାପା, ଝିଅ ଗୁରୁତର ହୋଇଛନ୍ତି। ଆହତଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଗୁରୁତର ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଆହତ ସେହନବାଜ ମଲିକ, ତୃପ୍ତିମୟୀ ବଳ, ସେହନବାଜଙ୍କ ଝିଅଙ୍କ ମୁହଁ, ହାତ ଏବଂ ଗୋଡ଼ରେ କ୍ଷତ ସୃଷ୍ଟି ହୋଇଛି। ଏଥିରେ ସେହନବାଜଙ୍କ ୨ ସାଙ୍ଗ ସାହିଲ୍ ଖାନ୍ ଏବଂ ସୋମ୍ୟରଞ୍ଜନ ସ୍ୱାଇଁ ମଧ୍ୟ ଆହତ ହୋଇଛନ୍ତି। ଖବର ପାଇ ଡିସିପି ଏବଂ ଫୋରେନସିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଛାନଭିନ୍ କରୁଛନ୍ତି।

ମିଳିଥିବା ସୂଚନାନୁସାରେ, ନ୍ୟୁ ଆଜାଦ ନଗର ରେହେନୁମା ମଞ୍ଜିଲରେ ସେହନବାଜ ମଲିକ ୩ ତାଲାରେ ଘର ଭଡ଼ା ନେଇ ପରିବାର ସହ ରହୁଥିଲେ। ସେ ଘରର ଛାତ ଉପରେ ବେଆଇନଭାବେ ବୋମା ଭିଡ଼ି ଅପରାଧୀମାନଙ୍କୁ ବିକ୍ରି କରିଥାନ୍ତି। ମଙ୍ଗଳବାର ମଧ୍ୟାହ୍ନରେ ୨ଜଣ ସ୍କୁଟିରେ ଆସି ତାଙ୍କୁ ବୋମା ନେବା ପାଇଁ ଅର୍ଡର ଦେଇଥିଲେ। ବୋମା ପ୍ରସ୍ତୁତି କରୁଥିବାବେଳେ ଅପରାହ୍ନ ୨ଟା ୪୦ମିନିଟରେ ହଠାତ୍ ଏକ ବଡ଼ ଧରଣର ବିସ୍ଫୋରଣ ହେଲା। ୧୦ ଫୁଟ ଉପରକୁ ନିଆଁ ଉଠିବା ସହ ଜଣଙ୍କ ହାତ ଛିଡ଼ି ଯାଇଥିଲା। ପାଖରେ କପଡ଼ା, ଗ୍ଲାସ୍, ବୋମାର ଏକାଧିକ ନମୁନା ପଡ଼ିଥିଲା। ପ୍ରଚଣ୍ଡ ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଭୟଭୀତ ହୋଇଯାଇଥିଲେ। ଗ୍ୟାସ୍ ଫାଟିଥିବା ଭାବି ଏକାଧିକ ଲୋକ ଦୌଡ଼ି ଆସିଥିଲେ। ହେଲେ ବୋମା ବିସ୍ଫୋରଣ ହୋଇଥିବା ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ଜନବସତି ଅଞ୍ଚଳରେ ଛାତ ଉପରେ ସେହନବାଜ୍ ବୋମା ପ୍ରସ୍ତୁତ କରି ଅପରାଧୀଙ୍କୁ ଯୋଗାଉଥିବା ଜଣାପଡ଼ିବା ପରେ ସ୍ଥାନୀୟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଆଉ ଚାରା ନାହିଁ**

# ଚାଲାଣ ଥିଲେ ବି ହୋଇପାରିବ ପିୟୁସିସି: ହାଇକୋର୍ଟ

କଟକ,୨୭।୧(କାର୍ତ୍ତିକ ସାହୁ)

ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଜାରି ମୋଟରଯାନର ବୈଧ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ହାସଲ ପ୍ରସଙ୍ଗରେ ଚାଲାଣ କଟିଥିଲେ ବି ପିୟୁସି ପ୍ରମାଣପତ୍ର ମିଳିବ। ଚାଲାଣ ଥିଲେ ପିୟୁସି ପ୍ରମାଣପତ୍ର ନ ମିଳିବା ନେଇ ରାଜ୍ୟ ସରକାରଙ୍କ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏଥିସହ 'VAHAN' ପୋର୍ଟାଲରେ କୌଣସି ଚାଳକ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ତାହା ଉପରେ ପଦକ୍ଷେପ ନେବାକୁ ମଙ୍ଗଳବାର ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ଏମ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଏ ସଂକ୍ରାନ୍ତରେ ସ୍ୱତନ୍ତ୍ର ବିଜ୍ଞପ୍ତି ଜାରି କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ଟାଙ୍କିରେ ତେଲ ନ ମିଳିବା ମାମଲା

ଅନ୍ୟପକ୍ଷରେ ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ ନ ଥିଲେ ପେଟ୍ରୋଲ ପମ୍ପରେ ତେଲ ମିଳିପାରିବ ବୋଲି ରାଜ୍ୟ ସରକାର ହାଇକୋର୍ଟଙ୍କୁ ଅବଗତ କରିଛନ୍ତି। ଆସନ୍ତା ୨ ସପ୍ତାହ ପରେ ପରବର୍ତ୍ତୀ ☞ପୃଷ୍ଠା-୪

# ଆଜି ୮ ଘଣ୍ଟିଆ ଓଡ଼ିଶା ବନ୍ଦ

### ନବନିର୍ମାଣ କୃଷକ ସଙ୍ଗଠନର ବନ୍ଦ ଡାକରାକୁ କଂଗ୍ରେସର ସମର୍ଥନ

ଭୁବନେଶ୍ୱର,୨୭।୧(ସୁନିତ୍ ମିଶ୍ର)

ରାଜ୍ୟରେ ଧାନମଣ୍ଡି ଖୋଲିବା ଏବଂ ଧାନ ବିକ୍ରିରେ ଅବ୍ୟବସ୍ଥା କାରଣରୁ ଚାଷୀମାନେ ବହୁ ହଇରାଣ ହେଉଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ ନାଁରେ ସାଧାରଣ ଲୋକମାନଙ୍କଠାରୁ ସରକାର ଅନେକ ହଜାର ଟଙ୍କାର ଫାଇନ ଆଦାୟ କରୁଛନ୍ତି। ଟାଟା ପାୱାର ସ୍ମାର୍ଟ ମିଟର ଲଗାଇବା ନାଁରେ ଲୁଟ୍ କରିବାରେ ଲାଗିପଡ଼ିଛି। ଏହିସବୁ ପ୍ରସଙ୍ଗକୁ ନେଇ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବୁଧବାର ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ୮ ଘଣ୍ଟା ପାଇଁ ଓଡ଼ିଶା ବନ୍ଦର ଡାକରା ଦିଆଯାଇଛି। ଅନ୍ୟପଟେ ବନ୍ଦ ପାଳନ ସମୟରେ କୌଣସି ଜରୁରିକାଳୀନ ସେବା ଯେପରି ବନ୍ଦ ନ ହେବ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି କୁହାଯାଇଛି। ଏନେଇ ନବନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଗତ ୧୭ ତାରିଖରେ ଖବରଦାତା ସମ୍ମିଳନୀ କରି ସୂଚନା ☞ପୃଷ୍ଠା-୧୨

# ବଢ଼ିବ ବାବୁଙ୍କ ଆର୍ଥିକ କ୍ଷମତା

ଭୁବନେଶ୍ୱର,୨୭।୧(ରବିନାରାୟଣ ଜେନା)

### ରାଜ୍ୟ ପ୍ରଗତିକୁ ଗତିଶୀଳ କରିବା ପାଇଁ କ୍ଷମତା ବିକେନ୍ଦ୍ରୀକରଣକୁ ଗୁରୁତ୍ୱ

ରାଜ୍ୟ ସରକାରକୁ ଅଧିକ ଦକ୍ଷ ଓ ଗତିଶୀଳ କରିବା ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ୨୦୨୫ ମେ' ୨୮ରେ ପ୍ରଶାସନିକ କ୍ଷମତାରେ ପରିବର୍ତ୍ତନ କରାଯାଇଥିବାବେଳେ ଏବେ ଅର୍ଥ ପରାମର୍ଶଦାତାଙ୍କ ସମେତ ବିଭାଗୀୟ ସଚିବ, ମନ୍ତ୍ରୀଙ୍କ ଆର୍ଥିକ କ୍ଷମତା ବୃଦ୍ଧି କରାଯିବ ; ଯାହାଫଳରେ ସରକାରୀ ଯୋଜନା ରକେଟ ବେଗରେ ଅନୁମୋଦନ ପାଇପାରିବ। ଏହାକୁ ନେଇ ଅର୍ଥ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। କ୍ଷମତାର ବିକେନ୍ଦ୍ରୀକରଣ କରାଯାଇ ରାଜ୍ୟର ପ୍ରଗତିକୁ କିଭଳି ତ୍ୱରାନ୍ୱିତ କରାଯିବ ସେଥିପାଇଁ ଅର୍ଥ ପରାମର୍ଶଦାତାଙ୍କ ସହିତ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ନିକଟରେ ଅର୍ଥ ପରାମର୍ଶଦାତାଙ୍କ ସ୍ୱତନ୍ତ୍ର ସମ୍ମିଳନୀରେ ଯୋଜନାରେ ଆର୍ଥିକ କ୍ଷମତା ବୃଦ୍ଧି କରାଯିବାକୁ ଆଲୋଚନା ହୋଇଛି। ସେଥିମଧ୍ୟରେ ଅର୍ଥ ପରାମର୍ଶଦାତା, ସଚିବ ଏବଂ ମନ୍ତ୍ରୀଙ୍କ ଆର୍ଥିକ କ୍ଷମତାରେ ସଂଶୋଧନ କରାଯିବ। ଆଗାମୀ ଦିନରେ କାର୍ଯ୍ୟର ଚାପ ଯେପରି ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ମୁଣ୍ଡରେ ନ ପଡ଼ିବ ଏବଂ ସରକାରଙ୍କ ପକ୍ଷରୁ ତ୍ୱରିତ୍ ପଦକ୍ଷେପ ନିଆଯାଇପାରିବ ତାକୁ ଦୃଷ୍ଟିରେ ରଖି ଅର୍ଥ ବିଭାଗ ପକ୍ଷରୁ ଏହି ସଂସ୍କାର ଅଣାଯିବ ବୋଲି ବିଭାଗର ଜଣେ ବରିଷ୍ଠ ☞ପୃଷ୍ଠା-୧୨

# ଝିଅଙ୍କୁ ନିର୍ଯାତନା, ବାପାଙ୍କ ଆତ୍ମହତ୍ୟା

ଚାନ୍ଦବାଲି,୨୭।୧(କିଷାନ ପାତ୍ର)

### ମଦ ବିରୋଧୀ ଆନ୍ଦୋଳନ ନାଁରେ କଙ୍ଗାରୁ କୋର୍ଟ

ସୀମା ଟପିଲା ବର୍ବରତା। ଚୋରାମଦ ବିକ୍ରିକୁ ବିରୋଧ କରିବା ନାଁରେ କଙ୍ଗାରୁ କୋର୍ଟରେ ମହିଳାଙ୍କୁ ନିର୍ଯାତନା। ଏହାକୁ ସହି ନ ପାରି ବିଷ ପିଇ ଆତ୍ମହତ୍ୟା କରିଛନ୍ତି ମହିଳାଙ୍କ ବାପା। ଭଦ୍ରକ ଜିଲା ବାଂଶଡ଼ା ଥାନା ଅଧୀନ ଚଢ଼ଦିଆ ଗ୍ରାମରେ ରବିବାର ରାତିରେ ଏଭଳି ଘଟଣା ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ଲମ୍ବୋଦର ତରାଇ। ଏନେଇ ମୃତ ଲମ୍ବୋଦରଙ୍କ ପୁଅ ସ୍ମୃତିରଞ୍ଜନ ସୋମବାର ବାଂଶଡ଼ା ଥାନାରେ ଅଭିଯୋଗ କରିଛନ୍ତି। କଙ୍ଗାରୁ କୋର୍ଟ



ଚୋରାମଦ ବିକ୍ରି କରୁଥିବା ମହିଳାଙ୍କୁ ବଜାରରେ ଠିଆ କରାଇଛନ୍ତି ଲୋକେ।

ପାଇଁ ତାଙ୍କ ବାପା ଜୀବନ ହାରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ସୂଚନା ଅନୁଯାୟୀ, ଚଢ଼ଦିଆ ପଞ୍ଚାୟତରେ ହେଉଥିବା ମଦ ବିରୋଧୀ ଆନ୍ଦୋଳନରେ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଚଢ଼ଦିଆ ଗ୍ରାମର ଲମ୍ବୋଦରଙ୍କ ବିବାହିତା ଝିଅ ବାପଘରେ ରହୁଥିବା ବେଳେ ସେ ଚୋରାମଦ ବିକ୍ରି କରୁଥିବା ନେଇ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଖବର ପାଇଥିଲେ। ସୋମବାର ସେମାନେ ଚୋରାମଦ ବିକ୍ରି ହେଉଥିବା ମହିଳାଙ୍କ ଦୋକାନକୁ ଭାଙ୍ଗି ଦେଇଥିଲେ। ପରେ ଉତ୍ୟକ୍ତ ମହିଳାମାନେ ☞ପୃଷ୍ଠା-୧୨




## ଦିଲ୍ଲୀରେ




ନୂଆଦିଲ୍ଲୀରେ ୭୭ତମ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଭାଗ ନେଇଥିବା ଓଡ଼ିଶାର ପ୍ରଜ୍ଞାପନ ମେଢ଼। (ଫଟୋ– ଚମନ ଗୌତମ)

## ଏସିଡ୍ ଆକ୍ରମଣ ମାମଲା: ରାଜ୍ୟକୁ ତଥ୍ୟ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୭।୧

ଦେଶର ବିଭିନ୍ନ ଭାଗରେ ହେଉଥିବା ଏସିଡ୍ ଆକ୍ରମଣ ଘଟଣାଗୁଡ଼ିକୁ ନେଇ ମଙ୍ଗଳବାର ସୁପ୍ରିମକୋର୍ଟ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ଏଥିସହ କେଉଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କେତେ ମାମଲା ବିଚାରାଧୀନ ଅଛି, କୋର୍ଟରେ ସେଗୁଡ଼ିକର ସ୍ଥିତି ଏବଂ ପୀଡ଼ିତାମାନଙ୍କୁ କେଉଁ ପ୍ରକାର ସହାୟତା ଦିଆଯାଇଛି, ସେନେଇ ସର୍ବୋଚ୍ଚ ଅଦାଲତ ବିସ୍ତୃତ ବିବରଣୀ ମାଗିଛନ୍ତି।

ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଆର୍. ମହାଦେବନ୍ ଏବଂ ଜୟମାଲା ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟଗୁଡ଼ିକୁ ଟ୍ରାଏଲ୍ କୋର୍ଟରେ ଚାର୍ଜଶିଟ୍ ଦାଖଲ ହୋଇଥିବା ମାମଲା ସଂଖ୍ୟା ସମ୍ପର୍କରେ ୪ ସପ୍ତାହ ମଧ୍ୟରେ ତଥ୍ୟ ମାଗିଛନ୍ତି। ସେହିପରି କେତେ ସଂଖ୍ୟକ ମାମଲାର ଫଇସଲା ହୋଇଛି ଓ କେତେ ମାମଲା ବିଚାରାଧୀନ ଅଛି, ସେନେଇ ମଧ୍ୟ ତଥ୍ୟ ଲୋଡ଼ିଛନ୍ତି। ଦୋଷୀଙ୍କୁ ଦଣ୍ଡ ଦେବା ନେଇ ରହିଥିବା ଆଇନରେ ପରିବର୍ତ୍ତନ ଆଣିବା ପାଇଁ ବିଚାର କରିବାକୁ ମଧ୍ୟ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଏସିଡ୍ ଆକ୍ରମଣର ଶିକାର ହୋଇଥିବା ଶାହିନ୍ ମଲିକଙ୍କ ପକ୍ଷରୁ ଦାଖଲ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ଶୁଣାଣି କରି ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି।

## ଆମେରିକାରେ ବରଫ ଝଡ଼ ,୩୦ ମୃତ

ନ୍ୟୁୟର୍କ,୨୭।୧

ଆମେରିକାର ଉତ୍ତର ପୂର୍ବାଞ୍ଚଳରେ ଭୀଷଣ ବରଫ ଝଡ଼ ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ବିଭିନ୍ନ ସ୍ଥାନରେ ପ୍ରବଳ ମାତ୍ରାରେ ବରଫ ପଡ଼ିବାରୁ ବହୁ ଲୋକ ବରଫ ତଳେ ଫସି ରହିଛନ୍ତି। ବରଫ ଝଡ଼ ଯୋଗୁ ଏହି ଅଞ୍ଚଳର ବିଭିନ୍ନ ସ୍ଥାନରେ ତାପମାତ୍ରା ଯଥେଷ୍ଟ ହ୍ରାସ ପାଇବା ସହ ଅନେକ ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗ ବ୍ୟାହତ ହୋଇଛି। ମଙ୍ଗଳବାର ସୁଦ୍ଧା ବିଭିନ୍ନ ସ୍ଥାନରେ ବରଫ ତଳେ ଫସି ରହିଥିବା ଲୋକଙ୍କ ମଧ୍ୟରୁ ୩୦ ଜଣଙ୍କ ମୃତ୍ୟୁ ହୋଇଥିବା ନ୍ୟୁୟର୍କ ଟାଇମ୍ସ ପକ୍ଷରୁ କୁହାଯାଇଛି। ସେହିପରି ନ୍ୟୁୟର୍କ ,ବୋଷ୍ଟନ ସମେତ ଅନ୍ୟ କେତେକ ପ୍ରମୁଖ ବିମାନ ବନ୍ଦର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବାରୁ ଏକ ହଜାରରୁ ଅଧିକ ବିମାନ ଉଡ଼ାଣ ବାତିଲ କରିଦିଆଯାଇଛି।

## ବିମାନ ନିର୍ମାଣ କରିବ ଆଦାନୀ

ନୂଆଦିଲ୍ଲୀ,୨୭।୧

ଆଦାନୀ ଗ୍ରୁପ ଏବଂ ବ୍ରାଜିଲର ପ୍ରମୁଖ କମ୍ପାନୀ ଏମ୍ବ୍ରେରିଅର ଭାରତରେ ବିମାନ ନିର୍ମାଣ କରିବେ। ଏଥିନେଇ ଉଭୟ କମ୍ପାନୀଙ୍କ ମଧ୍ୟରେ ମିଳିତ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ମଙ୍ଗଳବାର ଘୋଷଣା ହୋଇଛି। ଆଦାନୀ ଗ୍ରୁପ୍‌ର ଡିଫେନ୍ସ ଆଣ୍ଡ ଏରୋସ୍ପେଶ୍ ବିଭାଗର ଅଧିକାରୀ ଏବଂ ବ୍ରାଜିଲର ଏମ୍ବ୍ରେରିଅର ପ୍ରମୁଖ ଅଧିକାରୀମାନଙ୍କ ମଧ୍ୟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏମ୍ବ୍ରେରିଅର ସହ ଭାରତରେ ମିଳିତ ଉଦ୍ୟୋଗ ପ୍ରତିଷ୍ଠା ଲାଗି ଆଦାନୀ ଡିଫେନ୍ସ ଆଣ୍ଡ ଏରୋସ୍ପେଶ ନିର୍ଦ୍ଦେଶକ ଜିତ୍ ଆଦାନୀ ଘୋଷଣା କରିଛନ୍ତି। ବିଶ୍ୱସ୍ତରରେ ଭାରତର ବେସାମରିକ ବିମାନ ଚଳାଚଳ କ୍ଷେତ୍ର ଦ୍ରୁତ ଅଭିବୃଦ୍ଧି ହାସଲ କରିବା ସହିତ ବ୍ୟାବସାୟିକ ଦୃଷ୍ଟିରୁ ଅଗ୍ରଣୀ ରହିଛି। ଏହି କ୍ରମରେ ଉକ୍ତ ମିଳିତ ଉଦ୍ୟୋଗ ଭାରତରେ ଟିୟର–୨ ଏବଂ ଟିୟର–୩ ଶ୍ରେଣୀର ସହରଗୁଡ଼ିକୁ ବିମାନ ପଥରେ ଯୋଡ଼ିବାକୁ ଆହୁରି ଖୋରାକ ଯୋଗାଇବ ବୋଲି ଘୋଷଣା କରାଯାଇଛି।

# ଜେଲରେ ଚାଇନା ଜେନେରାଲ

**ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍ଏ)ରେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ନେତୃତ୍ୱକୁ ଚ୍ୟାଲେଞ୍ଜକରି ୨ ଜଣ ଜେନେରାଲ ଜେଲ ଯାଇଛନ୍ତି। ଜିନ୍‌ପିଙ୍ଗ୍‌ଙ୍କ ପରେ ସେନାରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଉଥିଲେ ସର୍ବୋଚ୍ଚ ସାମରିକ ପଦରେ ଥିବା ଜେନେରାଲ ଝାଙ୍ଗ୍ ୟୋଶିଆ। ପ୍ରଭାବଶାଳୀ ଝାଙ୍ଗ୍ ଓ ବରିଷ୍ଠତମ ସେନା ଅଧିକାରୀ ଜେନେରାଲ ଲିଉ ଝେନ୍‌ଲିଙ୍କୁ ଆଉ ଦେଖିବାକୁ ମିଳୁନାହିଁ। ଉଭୟଙ୍କ ଅବସ୍ଥିତି ସମ୍ପର୍କରେ ସରକାରୀ ଭାବେ କିଛି କୁହାଯାଉନାହିଁ। ତେବେ ଦୁହେଁ ଚାଇନା କମାଣ୍ଡ ଅଥରିଟି ତଥା ରାଷ୍ଟ୍ରପତି ଜିନ୍‌ପିଙ୍ଗ୍‌ଙ୍କ ନେତୃତ୍ୱ ଅମାନ୍ୟ କରିଥିବାରୁ ଉଭୟଙ୍କ ବିରୋଧରେ ଦୁର୍ନୀତି ମାମଲାର ତଦନ୍ତ କରାଯାଉଥିବା ନେଇ ଜାନୁଆରୀ ୨୫ରେ ସେନା ମୁଖପତ୍ର 'ପିଏଲ୍ଏ ଡେଲି' ସମ୍ପାଦକୀୟରେ ପ୍ରକାଶ ପାଇବା ପରଠୁ ଆମେରିକା ଓ ତାଇୱାନ ସମେତ ଅନେକ ଦେଶର ଦୃଷ୍ଟି ବେଜିଂ ଆଡ଼କୁ ଟାଣିହୋଇଯାଇଛି।**

ବେଜିଂ,୨୭।୧

ଚାଇନା ଅନେକ ଦଶନ୍ଧି ଧରି ବିଶ୍ୱ ଦରବାରରେ ନିଜର ଏକ ସ୍ୱତନ୍ତ୍ର ଛବି ଉପସ୍ଥାପନ କରିଆସିଛି। ପ୍ରତିଦ୍ୱନ୍ଦ୍ୱୀ ଆମେରିକାକୁ ପଛରେ ପକାଇ ସୁପରପାୱାର ହେବାର ମହତ୍ତ୍ୱାକାଂକ୍ଷା ଚାଇନାକୁ ଅନେକ କ୍ଷେତ୍ରରେ ଶୃଙ୍ଖଳିତ କରିଛି। ତେବେ ସେନା ଭିତରେ ଏକ ବଡ଼ଧରଣର ବିଶୃଙ୍ଖଳା ଯୋଗୁ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ଆଡ଼କୁ ଅଙ୍ଗୁଳି ଉଠିଛି। ଚାଇନା ସେଣ୍ଟ୍ରାଲ ମିଲିଟାରି କମିଶନ (ସିଏମ୍‌ସି) ଉପାଧ୍ୟକ୍ଷ ରୂପେ କାର୍ଯ୍ୟରତ ତଥା ଦେଶର ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ସାମରିକ ଅଧିକାରୀ ଝାଙ୍ଗ୍ ୟୋଶିଆଙ୍କ ବିରୋଧରେ ଦୁର୍ନୀତି ତଦନ୍ତ ଚାଲିଥିବା ବିଷୟ 'ପିଏଲ୍ଏ ଡେଲି'ରେ ପ୍ରକାଶ ପାଇଛି।

ଝୋଙ୍ଗ୍ ହେଉଛନ୍ତି ସେହି ବ୍ୟକ୍ତି, ଯାହାଙ୍କ ସାମରିକ ନେତୃତ୍ୱରେ ୨୦୨୨ରେ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପରଠୁ ମସ୍କୋ ଓ ବେଜିଂର ପ୍ରତିରକ୍ଷା ଉତ୍ପାଦନକୁ ବଳ ମିଳିଥିଲା। ରୁଷିଆ–ଚାଇନା ସମ୍ପର୍କ ବୃଦ୍ଧିରେ ମଧ୍ୟ ତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ସେ ଏବେ କାରାଗାରରେ ଥିବା ଚାଇନାର ଜଣେ ସାମରିକ ବିଶେଷଜ୍ଞ କହିଛନ୍ତି।

### ଆମେରିକାକୁ ଆଣବିକ ତଥ୍ୟ ପ୍ରେରଣ ସନ୍ଦେହ



ଜେନେରାଲ ଝାଙ୍ଗ୍ ୟୋଶିଆ

ଚାଇନାରେ ଏକ ଅସ୍ୱଷ୍ଟ ରାଜନୈତିକ ବ୍ୟବସ୍ଥା ରହିଥିବାରୁ ୭୫ ବର୍ଷୀୟ ଝାଙ୍ଗ୍‌ଙ୍କ ଭବିଷ୍ୟତ ଜୀବନକୁ ନେଇ ଜିନ୍‌ପିଙ୍ଗ୍‌ଙ୍କ ମନରେ କ'ଣ ଚାଲିଛି ତାହା କହିବା କଷ୍ଟକର। ତେବେ ୨୦୨୭ରେ ଚତୁର୍ଥ ଥର ପାଇଁ ରାଷ୍ଟ୍ରପତି ପଦ ଅଳଙ୍କୃତ କରିବାକୁ ଚାହୁଁଥିବା ଜିନ୍‌ପିଙ୍ଗ୍ ଆସନ୍ତା ଏପ୍ରିଲରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଭେଟିବା ସମ୍ଭାବନା ରହିଛି। ଏଭଳି ସ୍ଥିତିରେ ଜିନ୍‌ପିଙ୍ଗ୍ ଏକ ଭିନ୍ନ ରଣନୀତି ଆପଣାଇଥିବା କୁହାଯାଉଛି। ଚାଇନା ପ୍ରତିରକ୍ଷା ମନ୍ତ୍ରଣାଳୟର ଏକ ବିବୃତିରେ କୁହାଯାଇଛି, ଝାଙ୍ଗ୍‌ଙ୍କୁ ଗମ୍ଭୀର ବିଶୃଙ୍ଖଳା ଓ ଆଇନଗତ ଅପରାଧ ଅଭିଯୋଗରେ ତଦନ୍ତ ପରିସରରେ ରଖାଯାଇଛି। ସିଏମ୍‌ସି ଚିଫ୍ ଅଫ୍ ଷ୍ଟାଫ୍ ଜେନେରାଲ ଲିଉ ଝେଙ୍ଗ୍‌ଲି ମଧ୍ୟ ଅନୁରୂପ ଅଭିଯୋଗରେ ତଦନ୍ତର ସମ୍ମୁଖୀନ ହେଉଛନ୍ତି ବୋଲି କୁହାଯାଇଛି। 'ୱାଲ୍ ଷ୍ଟ୍ରିଟ୍ ଜର୍ନାଲ'ରେ ପ୍ରକାଶିତ ରିପୋର୍ଟ ଅନୁସାରେ ଝାଙ୍ଗ୍ ଚାଇନାର ଆଣବିକ ଅସ୍ତ୍ର କାର୍ଯ୍ୟକ୍ରମ ସମ୍ପର୍କିତ ସୂଚନା ଆମେରିକାକୁ ଦେଉଥିଲେ। ଏହା ବଦଳରେ ସେ ବିପୁଳ ଅର୍ଥ ଲାଞ୍ଚ ଆକାରରେ ନେଉଥିଲେ।

ପ୍ରକାଶ ଯେ, ଚାଇନା ଗୃହଯୁଦ୍ଧ ସମୟରେ ଝାଙ୍ଗ୍‌ଙ୍କ ବାପା ଜିନ୍‌ପିଙ୍ଗ୍‌ଙ୍କ ବାପାଙ୍କ ସହ ମିଶି ବିଦ୍ରୋହ କରିଥିଲେ। ଏଥିଯୋଗୁ ୧୯୪୯ରେ ମାଓ କମ୍ୟୁନିଷ୍ଟ ଦଳକୁ କ୍ଷମତାଚ୍ୟୁତ କରାଯାଇପାରିଥିଲା। ପରେ ଉଭୟ ଜିନ୍‌ପିଙ୍ଗ୍ ଓ ଝାଙ୍ଗ୍ କ୍ଷମତାର ଶୀର୍ଷରେ ପହଞ୍ଚିଥିଲେ। କେବଳ ଝାଙ୍ଗ୍ ନୁହନ୍ତି, ଏହା ପୂର୍ବରୁ ୨୦୨୩ରୁ ୨୦୨୫ ମଧ୍ୟରେ ଚାଇନାର ପ୍ରାୟ ୨୦ ଜେନେରାଲ ବିଦା ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬ ଜଣ ଆଣବିକ ଅସ୍ତ୍ର ନିୟନ୍ତ୍ରଣକାରୀ ରକେଟ୍ ଫୋର୍ସରେ ଥିଲେ। ସିଏମ୍‌ସିରେ ସବୁବେଳେ ପ୍ରାୟ ୭ ସଦସ୍ୟ ରହିଥାନ୍ତି। ଏହି ୨ ଜଣଙ୍କୁ ବିଦା କରାଯିବା ପରେ ଏବେ କେବଳ ଜିନ୍‌ପିଙ୍ଗ୍ ଓ ଜେନେରାଲ ଶାଙ୍ଗ୍ ଶେଙ୍ଗମିନ୍ ରହିଛନ୍ତି।

## ନାଗାଲାଣ୍ଡ ଜଙ୍ଗଲରେ ବିରଳ ଫୁଲଗଛ



ନୂଆଦିଲ୍ଲୀ,୨୭।୧

ଭାରତର ଜୈବ ବିବିଧତାକୁ ନେଇ ସବୁବେଳେ ଉତ୍ସୁକତା ଲାଗି ରହିଆସିଥିବା ବେଳେ ଏକବିଂଶ ଶତାବ୍ଦୀରେ ମଧ୍ୟ ଜୈବ ବିବିଧତାକୁ ନେଇ ଏକ ରୋମାଞ୍ଚକର ତଥ୍ୟ ସାମ୍ନାକୁ ଆସିଛି। ନାଗାଲାଣ୍ଡ ବିଶ୍ୱ ବିଦ୍ୟାଳୟର ଗବେଷକମାନେ ଏଠାକାର ସ୍ଥାନୀୟ ସମ୍ପ୍ରଦାୟଙ୍କ ଦ୍ୱାରା ସଂରକ୍ଷିତ ରହିଥିବା ଜଙ୍ଗଲରୁ ଏକ ବିରଳ ଫୁଲଗଛ ଆବିଷ୍କାର କରିଛନ୍ତି ଯାହା କି ପୂର୍ବରୁ ଉଦ୍ଭିଦ ପ୍ରଜାତି ଶ୍ରେଣୀଭୁକ୍ତ ହୋଇ ନଥିଲା। ଗବେଷକମାନେ ଏହି ବୃକ୍ଷର ନାମକରଣ ହୋୟା ନାଗେନସିସ୍ କରିଛନ୍ତି। ଏହି ବୃକ୍ଷରେ ତାରକା ସଦୃଶ ଫୁଲ ଫୁଟୁଛି ଏବଂ ଦୁଗ୍ଧ ଭଳି ଧଳା ତରଳ ପଦାର୍ଥ ନିର୍ଗତ ହେଉଛି ଯାହାକି ଆପୋସାଇନାସି ଭଳି ଅନେକ ପ୍ରଜାତିର ଫୁଲ ବୃକ୍ଷ କ୍ଷେତ୍ରରେ ଦେଖାଯାଇଥାଏ।

## ଭିବି–ଜି ରାମ ଜି, ଏସ୍‌ଆଇଆର୍ ସଂସଦରେ ବିତର୍କ ଚାହୁଁନି କେନ୍ଦ୍ର

ନୂଆଦିଲ୍ଲୀ,୨୭।୧

ସଂସଦର ବଜେଟ ଅଧିବେଶନ ବୁଧବାର ଆରମ୍ଭ ହେବାକୁ ଥିବାବେଳେ ଏହାର ଦିନକ ପୂର୍ବରୁ ସରକାରଙ୍କ ପକ୍ଷରୁ ଡକାଯାଇଥିବା ସର୍ବଦଳୀୟ ବୈଠକରେ ବିରୋଧୀ ଦଳଗୁଡ଼ିକ ସାମିଲ ହୋଇଛନ୍ତି। ଉପା ଅମଳର ଏମ୍‌ଜିଏନ୍‌ଆଇଜିଏରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଇ ଭିବି–ଜି ରାମ ଜି ନାମରେ ନୂଆ ଆଇନ ଆଣିବା ଏବଂ ବିଭିନ୍ନ ରାଜ୍ୟରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରସଙ୍ଗରେ

### ଆଜିଠୁ ବଜେଟ ଅଧିବେଶନ

ପାର୍ଲାମେଣ୍ଟରେ ଆଲୋଚନା କରାଯାଉ ବୋଲି ବିରୋଧୀ ଦଳଗୁଡ଼ିକ ଦାବି କରିଛନ୍ତି। ତେବେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଏହି ୨ ପ୍ରସଙ୍ଗରେ ଉଭୟ ଗୃହରେ ବିତର୍କ ହୋଇସାରିଛି କହି ବିରୋଧୀଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। 'ଆମେ ପଛ ଗିଅରରେ ଯାଇପାରିବୁ ନାହିଁ' ବୋଲି ରିଜିଜୁ କହିଛନ୍ତି।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ସରକାରଙ୍କ ପକ୍ଷରୁ କୁହାଯାଇଛି, ବଜେଟ ଅଧିବେଶନର ମୁଖ୍ୟ ଫୋକସ୍‌ରେ ବଜେଟ ରହିବ। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ବେଳେ ସଦସ୍ୟମାନେ ଅନ୍ୟ ପ୍ରସଙ୍ଗ ଉଠାଇପାରିବେ। ବୈଠକରେ ଆଲୋଚନାବେଳେ ଉପରୋକ୍ତ ୨ ପ୍ରସଙ୍ଗ ସହ ଭାରତର ବହିର୍ବ୍ୟାପାର ନୀତି ଏବଂ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ନୂଆ ଗାଇଡ୍‌ଲାଇନ୍ ଉପରେ ସୃଷ୍ଟ ବିବାଦ ଉପରେ ମଧ୍ୟ ଆଲୋଚନା ପାଇଁ ବିରୋଧୀ ଦାବି କରିଥିଲେ। କଂଗ୍ରେସ ଏବଂ ସିପିଆଇଏମ୍ ସମେତ ବିରୋଧୀ ଦଳଗୁଡ଼ିକ ବଜେଟ ଅଧିବେଶନରେ କେଉଁସବୁ କାର୍ଯ୍ୟସୂଚୀ ସ୍ଥାନ ପାଇବ, ସେନେଇ କିଛି ଅବଗତ କରାଯାଇ ନ ଥିବାରୁ ସରକାରଙ୍କ ଅଭିସନ୍ଧିକୁ ନେଇ ପ୍ରଶ୍ନ ଉଠାଇଥିଲେ। ରିଜିଜୁ କହିଥିଲେ, ପରବର୍ତ୍ତୀ ସମୟରେ ଏଜେଣ୍ଡା ଶେୟାର କରାଯିବ। ଡିଏମ୍‌କେ, ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ବାମଦଳ ଏସ୍‌ଆଇଆର୍ ଉପରେ ଉଭୟ ଗୃହରେ ବିସ୍ତୃତ ଆଲୋଚନା କରାଯାଉ ବୋଲି ଦାବି କରିଥିଲେ। ସେହିପରି ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଜାତିଗତ ଭେଦଭାବ ଦୂର କରିବା ପାଇଁ ଉଦ୍ଦିଷ୍ଟ ନୂଆ ନିୟମକୁ ନେଇ ଅନେକ ବିରୋଧୀ ସଦସ୍ୟ ଆପତ୍ତି ଉଠାଇଥିଲେ। କଂଗ୍ରେସ ଏମ୍‌ପି ମାନିକରାମ ଟାଗୋର କହିଥିଲେ, ତାଙ୍କ ଦଳ ଭୋଟ ଚୋରି, ଏସ୍‌ଆଇଆର୍, ଧାନକିଣାରେ ଅବ୍ୟବସ୍ଥା ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏର ପୁନଃ ଅବସ୍ଥାପନ ପ୍ରସଙ୍ଗରେ ସଂସଦରେ ଉଠାଇବ ବୋଲି କହିଛନ୍ତି। ସେହିପରି କେନ୍ଦ୍ର–ରାଜ୍ୟ ସମ୍ପର୍କ ଏବଂ ବିରୋଧୀ ଶାସିତ ରାଜ୍ୟଗୁଡ଼ିକରେ ରାଜ୍ୟପାଳମାନଙ୍କୁ କିପରି ଦୁରୁପଯୋଗ କରାଯାଉଛି, ତାହା ଉପରେ ଡିଏମ୍‌କେ, ଟିଏମ୍‌ସି ଏବଂ ବାମପନ୍ଥୀ ଦଳଗୁଡ଼ିକ ଆଲୋଚନା ଦାବି କରିଛନ୍ତି। ଉକ୍ତ ବୈଠକରେ ଜେ.ପି. ନଡ୍ଡା, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁଙ୍କ ସମେତ କେତେଜଣ କେନ୍ଦ୍ରମନ୍ତ୍ରୀ ଏବଂ ବିଭିନ୍ନ ରାଜନୈତିକ ଦଳର ଲୋକ ସଭା ଓ ରାଜ୍ୟ ସଭା ନେତା ମଧ୍ୟ ଉପସ୍ଥିତ ଥିଲେ।

## ମୋଦିଙ୍କ ବାର୍ତ୍ତାକୁ କଦର୍ଥ କଲା ଗୋର୍କ ଏଆଇ

ନୂଆଦିଲ୍ଲୀ,୨୭।୧


Narendra Modi
@narendramodi
Translated from Divehi Show original
Sukuriyya, Raayithun Majlis.
India's 77th Independence Day celebrations were held in the Maldives, and the Maldivian government participated in the event.
This Sukuriya government has also been involved in the anti-India campaigns of the people. Even in the two anti-India campaigns, they have been at the forefront of the protests.
@MMuizzu

ଭାରତର ୭୭ତମ ସାଧାରଣତନ୍ତ୍ର ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାଳଦ୍ୱୀପ ଉଦ୍ଦେଶ୍ୟରେ ଦେଇଥିବା ବାର୍ତ୍ତାକୁ କଦର୍ଥ କରି ପ୍ରକାଶ କରିଛି ସୋସିଆଲ ମିଡିଆ 'ଏକ୍ସ'ର ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ଗୋର୍କ। ମାଳଦ୍ୱୀପରେ ଭାରତର ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ କରାଯିବା ସହିତ ଏଥିରେ ସେଠାକାର ବହୁ ସରକାରୀ ବିଭାଗ ଭାଗ ନେଇଥିଲେ। ଏଥିପାଇଁ ପ୍ରଧାନମନ୍ତ୍ରୀ ମୋଦି ମାଳଦ୍ୱୀପ ସରକାରଙ୍କୁ 'ଏକ୍ସ'ରେ ପୋଷ୍ଟକରି ବଧାଇ ଜଣାଇଥିଲେ। କିନ୍ତୁ ତାଙ୍କର ଏହି ବାର୍ତ୍ତାକୁ ସୋସିଆଲ ମିଡିଆ 'ଏକ୍ସ'ର ଏଆଇ ଗୋର୍କ ଯେଉଁଳି ଭାଷାନ୍ତର କରି ପ୍ରକାଶ କରିଥିଲା ସେଥିରେ ମୋଦିଙ୍କ ବାର୍ତ୍ତା ସହିତ କୌଣସି ତାଳମେଳ ନ ଥିଲା। ଏପରିକି ଏଥିରେ ଭାରତ ବିରୋଧୀ ସ୍ଲୋଗାନ ପୋଷ୍ଟ ହୋଇଥିବାରୁ ପୁଣିଥରେ ଭାରତ ଏବଂ ମାଳଦ୍ୱୀପ ସମ୍ପର୍କକୁ ନେଇ ବିତର୍କ ସୃଷ୍ଟି ହୋଇଛି।

## ଆଉ ଗୀତ ଗାଇବେନି ଅରଜିତ୍

ନୂଆଦିଲ୍ଲୀ,୨୭।୧



ଯୁବପିଢ଼ିଙ୍କୁ ସ୍ତମ୍ଭୀଭୂତ କରିଦେଇଛନ୍ତି ବଲିଉଡ୍‌ର ବିଖ୍ୟାତ ପ୍ରଚ୍ଛଦପଟ ଗାୟକ ଅରଜିତ୍ ସିଂ। ଏଣିକି ଆଉ ନୂଆ ଗୀତ ଗାଇବାକୁ ସେ ଚୁକ୍ତିବଦ୍ଧ ହେବେ ନାହିଁ ବୋଲି ମଙ୍ଗଳବାର ଘୋଷଣା କରିଛନ୍ତି। କେବଳ ସ୍ୱାଧୀନ ଭାବେ ନିଜେ ସଙ୍ଗୀତ ପ୍ରସ୍ତୁତ କରିବାକୁ ଅଗ୍ରାଧିକାର ଦେବାକୁ କହିଛନ୍ତି। ଏଥିନେଇ ସେ ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। କିନ୍ତୁ ତାଙ୍କର ଏଭଳି ନିଷ୍ପତ୍ତି ଦେଶର ବହୁ ଲକ୍ଷ ପ୍ରଶଂସକଙ୍କୁ ହତୋତ୍ସାହିତ କରିଛି। ବିଶେଷକରି ଅରଜିତ୍‌ଙ୍କ ସଙ୍ଗୀତକୁ ନେଇ ସଦାସର୍ବଦା ମସ୍‌ଗୁଲ୍ ରହିଥିବା ଯୁବପିଢ଼ିଙ୍କ ମଧ୍ୟରେ ନୈରାଶ୍ୟ ଖେଳିଯାଇଛି।

# ଜାତିଗତ ବୈଷମ୍ୟ: ବିବାଦରେ ୟୁଜିସି ନିୟମ

ନୂଆଦିଲ୍ଲୀ,୨୭।୧

UGC
University Grants Commission

ଦେଶର ୟୁନିଭର୍ସିଟି ଏବଂ ଉଚ୍ଚ ଶିକ୍ଷାନିଷ୍ଠାନଗୁଡ଼ିକରେ ଜାତିଗତ ବୈଷମ୍ୟ ଦୂରକରିବା ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ଏକ ନୂଆ ନିୟମ କରାଯାଇଛି। ତଦନୁସାରେ ପ୍ରତ୍ୟେକ ଉଚ୍ଚ ଶିକ୍ଷାନୁଷ୍ଠାନରେ ଇକ୍ୱାଲ ଅପର୍ଚ୍ୟୁନିଟି ସେଣ୍ଟର ଏବଂ ଇକ୍ୱିଟି କମିଟି ଗଠନ କରାଯିବ। ଏଥିସହ ଜାତିଗତ ବୈଷମ୍ୟର ଶିକାର ହେଉଥିବା ଛାତ୍ରୀଛାତ୍ରଙ୍କୁ ସହାୟତା ପ୍ରଦାନ ପାଇଁ ୨୪X୭ ଅଭିଯୋଗ ଶୁଣାଣି ବ୍ୟବସ୍ଥା କରାଯିବ। କାହା ସହ ଭେଦଭାବ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏଥିରେ ନିୟମ ରହିଛି। ତେବେ ଏହାକୁ ନେଇ ଉଚ୍ଚ ଜାତିର ଛାତ୍ରୀଛାତ୍ର ଓ ଶିକ୍ଷକମାନେ ଆପତ୍ତି ଉଠାଇଛନ୍ତି। ଉକ୍ତ ନିୟମର ଭାଷା ଅସ୍ୱଷ୍ଟ ଥିବାରୁ ମିଥ୍ୟା ଅଭିଯୋଗ ବଳରେ ଏହାର ଦୁରୁପଯୋଗ ହେବା ଆଶଙ୍କା କରି କେତେଜଣ ଛାତ୍ରୀଛାତ୍ର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସୁପ୍ରିମକୋର୍ଟରେ ଦାଖଲ ହୋଇଥିବା ଏକ ପିଟିଶନରେ ୟୁଜିସିର ନୂଆ ନିୟମକୁ ଚ୍ୟାଲେଞ୍ଜ କରାଯାଇଛି। ବିଶେଷକରି ଉକ୍ତ ନିୟମରେ ସାଧାରଣ ବର୍ଗର ଛାତ୍ରୀଛାତ୍ର ଓ ଫାକଲ୍ଟିମାନଙ୍କୁ ବାଦ୍ ଦିଆଯାଇଥିବାରୁ ଜାତିଗତ ବୈଷମ୍ୟର ପରିଭାଷାକୁ ସଂକୀର୍ଣ୍ଣ ବୋଲି ଦର୍ଶାଯାଇଛି। ଏହି ନିୟମ ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାରଗୁଡ଼ିକର ଉଲ୍ଲଂଘନ କରୁଥିବା ଅଭିଯୋଗ ଅଣାଯାଇଛି। ଏଥିସହ ନିୟମକୁ ନିରପେକ୍ଷ ଭାବେ ପୁନଃ ପରିଭାଷିତ କରିବା ପାଇଁ ୟୁଜିସିକୁ ନିର୍ଦ୍ଦେଶ ଦିଆଯାଉ ବୋଲି ନିବେଦନ କରାଯାଇଛି। ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ସହାୟକ ହେବା ଭଳି ସମାନତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଅନ୍ତରୀଣ ନିର୍ଦ୍ଦେଶ ଦେବାକୁ ଆବେଦନରେ ଉଲ୍ଲେଖ କରାଯାଇଛି।

ଆବେଦନକାରୀଙ୍କ ମତରେ 'ଜାତିଗତ ବୈଷମ୍ୟ'ର ପରିସରକୁ କେବଳ ତଫସିଲଭୁକ୍ତ ଜାତି (ଏସ୍‌ସି), ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ଏବଂ ଅନ୍ୟ ପଛୁଆବର୍ଗ (ଓବିସି) ବର୍ଗରେ ସୀମିତ କରିଦେବା ଦ୍ୱାରା ୟୁଜିସି ସାଧାରଣ ବା ଅଣସଂରକ୍ଷିତଙ୍କ ପାଇଁ ବ୍ୟବସ୍ଥାଗତ ସୁରକ୍ଷା ଓ ଅଭିଯୋଗ ଶୁଣାଣି ପ୍ରତି ଅଣଦେଖା କରିଛି। ସାଧାରଣ ବର୍ଗର ପିଲା ନିର୍ଯାତନାର ଶିକାର ହେଲେ ସେମାନଙ୍କୁ ନ୍ୟାୟ ପ୍ରଦାନର ବ୍ୟବସ୍ଥା ଏଥିରେ କରାଯାଇନାହିଁ। ତେଣୁ ଇକ୍ୱାଲ ଅପର୍ଚ୍ୟୁନିଟି ସେଣ୍ଟର, ଇକ୍ୱିଟି ହେଲ୍‌ପଲାଇନ୍ସ ଏବଂ ଓମ୍‌ବୁଡ୍ସପର୍ସନ ବ୍ୟବସ୍ଥାକୁ ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଉପଲବ୍ଧ କରାଯାଉ ବୋଲି ଏଥିରେ ଅନୁରୋଧ କରାଯାଇଛି।

ଉଲ୍ଲେଖଯୋଗ୍ୟ, ହାଇଦ୍ରାବାଦ ସେଣ୍ଟ୍ରାଲ ୟୁନିଭର୍ସିଟିରେ ଦଳିତ ଛାତ୍ର ରୋହିତ ଭେମୁଲାଙ୍କ ମୃତ୍ୟୁ ପରେ ଏହି ବିଷୟ ପ୍ରଥମେ ସୁପ୍ରିମକୋର୍ଟଙ୍କୁ ଯାଇଥିଲା। ସେ ଜାତିଆଣ ଭେଦଭାବର ଶିକାର ହୋଇ ଆତ୍ମହତ୍ୟା କରିଥିବାରୁ ୨୦୧୨ର ରାଗିଂ ନିରୋଧୀ ଗାଇଡ୍‌ଲାଇନ୍‌ରେ ପରିବର୍ତ୍ତନ ଅଣାଯାଇଥିଲା। ତେବେ ଉକ୍ତ ଗାଇଡ୍‌ଲାଇନ୍ କେବଳ କାଗଜକଲମରେ ସୀମିତ ରହିଥିବା ଏବଂ ଏହାକୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରାଯାଉ ନ ଥିବା ସୁପ୍ରିମକୋର୍ଟ କହିଛନ୍ତି।

### 'ନିୟମର ଦୁରୁପଯୋଗ ହେବାକୁ ଦିଆଯିବ ନାହିଁ'



ଧର୍ମେନ୍ଦ୍ର ପ୍ରଧାନ

ୟୁଜିସି ଗାଇଡ୍‌ଲାଇନ୍‌କୁ ନେଇ ବିବାଦ ସୃଷ୍ଟିହେବା ପରେ ମଙ୍ଗଳବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, କ୍ୟାମ୍ପସ୍‌ରେ ଜାତିଗତ ଭେଦଭାବ ଦୂରକରିବା ପାଇଁ ଜାରି ନିୟମର ଦୁରୁପଯୋଗ ହେବାକୁ ଦିଆଯିବ ନାହିଁ। ଏହା ୟୁଜିସି, ଭାରତ ସରକାର ଓ ରାଜ୍ୟ ସରକାରଙ୍କ ଦାୟିତ୍ୱ। ସମ୍ବିଧାନ ପରିସର ଭିତରେ ସମସ୍ତ କାର୍ଯ୍ୟ କରାଯିବ। ଏହି ବିଷୟ ସୁପ୍ରିମକୋର୍ଟଙ୍କ ବିଚାରାଧୀନ ଅଛି। ଏଥିରେ ଯେମିତି କୌଣସି ଭେଦଭାବ ନ ହେବ, ତାହା ସେ ସୁନିଶ୍ଚିତ କରିବେ ବୋଲି ଧର୍ମେନ୍ଦ୍ର କହିଛନ୍ତି। ପ୍ରକାଶ ଯେ, ଗତ ଜାନୁଆରୀ ୧୩ରେ ପ୍ରମୋଶନ୍ ଅଫ୍ ଇକ୍ୱିଟି ଇନ୍ ହାୟର ଏଜୁକେଶନ୍ ଇନ୍‌ଷ୍ଟିଚ୍ୟୁଶନ୍ସ ରେଗୁଲେଶନ୍, ୨୦୨୬କୁ ନେଇ ବିବାଦ ମୁଣ୍ଡ ଟେକିଛି।

## ମାଇ ହାତୀର ମୃତଦେହ ଜବତ

ମୁରିବାହାଲ,( ଶ୍ରୀବତ୍ସ ବେହେରା): ବଲାଙ୍ଗୀର ଜିଲା ମୁରିବାହାଲ ରେଞ୍ଜ ଅଧୀନ ଚଳକି ଗ୍ରାମପଞ୍ଚାୟତର ଜାମଲିସର ଗ୍ରାମ ନିକଟସ୍ଥ ଏକ ଡୁଙ୍ଗୁରି ନିକଟରେ ମଙ୍ଗଳବାର ଗୋଟିଏ ମାଇ ହାତୀର ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା । ଖବରପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାଯାଇଛି । ହାତୀଟି ଦୀର୍ଘଦିନ ହେବ ଅସୁସ୍ଥ ହୋଇ ରୁଗ୍ଣ ଅବସ୍ଥାରେ ମରିଥିବାର ଦେଖିବାକୁ ମିଳିଛି । ତା'ର ବୟସ ପ୍ରାୟ ୧୯ରୁ ୨୦ ବର୍ଷ ମଧ୍ୟରେ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି ।

# ପ୍ରତିଶ୍ରୁତି ପାଳନ କରୁନି ଉତ୍କଳ ଆଲୁମିନା

## ୦.୦୧% ଶେୟାର ଦାବିରେ ବିସ୍ଥାପିତ, ପ୍ରଭାବିତଙ୍କ ଧାରଣା

**ରାୟଗଡ଼ା/ଟିକିରି,୨୭।୧(ଆଶିଷ ରଞ୍ଜନ ପଣ୍ଡା/ପ୍ରଫୁଲ୍ଲ କୁମାର ବେହେରା)**

ବକ୍ସାଇଟ ଖଣି ପାଇଁ ରାୟଗଡ଼ା ଜିଲାର କାଶୀପୁର ବ୍ଲକ ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ବ୍ଲକ୍‌ରେ ରହିଥିବା ବାଫଳି ମାଳି, ଶାଶୁବୋହୂ ମାଳି, ସିଜି ମାଳି, କୋଡ଼ିଙ୍ଗା ମାଳି ସମେତ ପ୍ରାୟ ପର୍ବତମାଳାରେ ରହିଛି ମୂଲ୍ୟବାନ ବକ୍ସାଇଟ। ସେଥିରୁ ବାଫଳିମାଳିରୁ ଉତ୍କଳ ଆଲୁମିନା ଖଣି ଖନନ କରିବା ସହ ସେଠାରେ କାରଖାନା ମଧ୍ୟ ପ୍ରତିଷ୍ଠା କରିଛି। ହେଲେ ଦୀର୍ଘ ୧୮ବର୍ଷରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଆଜି ବି ସେଠାକାର ପ୍ରଭାବିତ ଅଞ୍ଚଳବାସୀ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବାସଗୃହ ଓ ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ରହିଛନ୍ତି। କମ୍ପାନୀ ଆରମ୍ଭ ବେଳେ ବିଭିନ୍ନ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ତାହା ପୂରଣ କରାଯାଉନାହିଁ। ସେମାନଙ୍କୁ ଅଣଦେଖା କରାଯିବା ସହିତ ହକ୍ ଦାବି କଲେ ନାଲି ଆଖି ଓ ପୋଲିସ ଧମକ ଦିଆଯାଉଥିବା ପ୍ରଭାବିତମାନେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ମଙ୍ଗଳବାରଠାରୁ ଜମିହରା ପ୍ରଭାବିତ ସଂଘ ପକ୍ଷରୁ କମ୍ପାନୀର ଆରଏମ୍‌ପି ଗେଟ୍ ସମ୍ମୁଖରେ ଧାରଣା ଦିଆଯାଇଛି। ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ଉତ୍କଳ ଆଲୁମିନା ଜମିହରା ପ୍ରଭାବିତ ସଂଘର ସଭାପତି ନାଥ ମାଝି କହିଛନ୍ତି।


ଉତ୍କଳ ଆଲୁମିନା କମ୍ପାନୀର ଆରଏମ୍‌ପି ଗେଟ୍ ସମ୍ମୁଖରେ ବିସ୍ଥାପିତ ଏବଂ ପ୍ରଭାବିତମାନେ ଧାରଣାରେ ବସିଛନ୍ତି।

ତେବେ ଖବର ଲେଖାହେବା ସୁଦ୍ଧା କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କ ସହ ଯୋଗାଯୋଗ କରି ନ ଥିବା ଅଞ୍ଚଳର ନାଥ ଜାନି, ଭଗବାନ ମାଝି ଓ ପ୍ରଫୁଲ୍ଲ ମାଝି ଦାବି କରିଛନ୍ତି। ଉତ୍କଳ ଆଲୁମିନା ପ୍ରକଳ୍ପ ବେଲଟ୍ ଲାଇନ୍ ଭାଇବ୍ରେସନ, ରେଡମଡ଼ ପଣ୍ଡ, ଆସ ପଣ୍ଡ ପ୍ରଦୂଷଣରୁ ଜନଜୀବନକୁ ସୁରକ୍ଷା ଏବଂ ଜମିହରା ପ୍ରଭାବିତଙ୍କୁ ସ୍ଥାୟୀ ନିଯୁକ୍ତି ସହିତ ଆଦର୍ଶ ଗ୍ରାମ ଗଠନ ଏବଂ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲରେ ଜମିହରା ଓ ପ୍ରଭାବିତ ଅଞ୍ଚଳବାସୀଙ୍କୁ ୦.୦୧% ଅଂଶଧନ ପାଇଁ ଦାବି ରହିଛି।

ସଂଘର ଅଭିଯୋଗ ଯେ, ଉତ୍କଳ ଆଲୁମିନା ପ୍ଲାଣ୍ଟ ଆରମ୍ଭ ବେଳେ ୧୮ବର୍ଷରୁ ଊର୍ଦ୍ଧ୍ୱ ବୟସର ଲୋକମାନଙ୍କୁ ଭତ୍ତା ବାବଦରେ ଟଙ୍କା ଦିଆଯାଉଥିଲା, ହେଲେ ୨୦୧୨ରୁ ଏହା ବନ୍ଦ କରିଦିଆଯାଇଛି। ୨୦୧୭ରେ ବାଗିରିଝୋଲାଠାରେ ଦ୍ୱିତୀୟ ପ୍ଲାଣ୍ଟ ନିର୍ମାଣ ପାଇଁ ହୋଇଥିବା ଜନଶୁଣାଣିରେ ଜମିହରା ଲୋକଙ୍କୁ ଜମିହରା ପରିଚୟ ପତ୍ର, ଗେଟ୍ ପାସ କାର୍ଡ଼ ଘୋଷଣା କାର୍ଯ୍ୟକାରୀ ହୋଇ ନ ଥିବା ଏବଂ ଅନ୍ୟ ସୁବିଧା ମିଳି ନ ଥିବା ଅଞ୍ଚଳବସୀ ଅଭିଯୋଗ କରିଛନ୍ତି। କମ୍ପାନୀ ଆରମ୍ଭ ହୋଇ ଦୀର୍ଘବର୍ଷ ହୋଇଥିଲେ ହେଁ ପ୍ରଭାବିତ ଅଞ୍ଚଳବାସୀଙ୍କୁ ଯୋଗ୍ୟତା ଭିତ୍ତିରେ ସ୍ଥାୟୀ ନିଯୁକ୍ତି ମିଳିନାହିଁ। ତେଣୁ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲରେ ଜମିହରା ଓ ପ୍ରଭାବିତ ଅଞ୍ଚଳବାସୀଙ୍କୁ ୦.୦୧% ସେୟାର ଦାବି ସହିତ ବଂଶାନୁକ୍ରମେ ସ୍ଥାୟୀ ନିଯୁକ୍ତି ଚୁକ୍ତି, ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା, ଗଲାଗାଡ଼ ନଦୀରେ ଦୂଷିତ ଅପମିଶ୍ରିତ ଜଳ ନ ଛାଡ଼ିବା, ଶିକ୍ଷିତ ଯୁବତୀ ଯୁବକଙ୍କୁ ତାଲିମ ପ୍ରଦାନ ପୂର୍ବକ ପରବର୍ତ୍ତି ସମୟରେ ସ୍ଥାୟୀ ନିଯୁକ୍ତି ଦେବା ଆଦି ଦାବି ରହିଛି। ସେହିଭଳି ରେଡମଡ ପଣ୍ଡ୍, ଆସପଣ୍ଡ, ପାୱାର ପ୍ଲାଣ୍ଟ, ବକ୍ସାଇଟ ଗୁଣ୍ଡ, କୋଇଲା ଗୁଣ୍ଡ, କନଭେୟାର ବେଲଟ୍ ଭାଇବ୍ରେସନ ଧ୍ୱନି, ଚିମିନି ଧୂଆଁ, ଆଲୁମିନା ଧୂଳି ଧୂଆଁ ଯୋଗୁ ଅଞ୍ଚଳରେ ବିଭିନ୍ନ ରୋଗ ବ୍ୟାପୁଥିବାରୁ ତାହାର ନିୟନ୍ତ୍ରଣ କରିବା ଓ ସ୍ୱାସ୍ଥ୍ୟ ସେବା ଯୋଗାଇବା, ହାଡ଼ିଗୁଡ଼ା ପଞ୍ଚାୟତର ହାଡ଼ିଗୁଡ଼ା ଏବଂ ମାଇକଞ୍ଚ ପଞ୍ଚାୟତ ଅର୍ନ୍ତଗତ ଅଣ୍ଡିରାକଞ୍ଚ ଗ୍ରାମରେ ୫୦ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ହସ୍‌ପିଟାଲ ଖୋଲିବା ଏବଂ ଆମ୍ବୁଲାନ୍ସ ସେବା ଯୋଗାଇବାକୁ ଦାବି ମଧ୍ୟ ରହିଛି। ଏହାବ୍ୟତୀତ କାରଖାନା ଆରମ୍ଭ ସମୟରେ ଉକ୍ତ ଅଞ୍ଚଳରେ ଲୋକଙ୍କୁ ଶିକ୍ଷିତ କରିବା ପାଇଁ ରାତ୍ରିକାଳୀନ ଶିକ୍ଷା ବ୍ୟବସ୍ଥା କରାଯାଇ ୨ରୁ ୩ଜଣ ଶିକ୍ଷକ ନିଯୁକ୍ତି ଦିଆଯାଇଥିଲା ଯାହା ବନ୍ଦ ହୋଇଯାଇଛି। ବର୍ତ୍ତମାନ ତାହା ପୁନଶ୍ଚ ଆରମ୍ଭ କରିବାକୁ ଦାବି ରହିଛି। ସେହିଭଳି କମ୍ପାନୀ ପରିସରରେ ଦୁର୍ଘଟଣା ଜନିତ ରାଶି ୧୦ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ପାଇକକୁପାଖାଲ, କରଞ୍ଜିକୁପାଖାଲ ଗ୍ରାମରେ ଲାଲ ମାଟି ବୋହି ଆସି ଝରଣା ଓ ଚାଷ ଜମି ପୋତି ହୋଇଯିବା କାରଣରୁ ଚାଷ ନଷ୍ଟ ହେଉଛି। ତେଣୁ ସେ ବାବଦରେ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ରହିଛି। ଏହିଭଳି ୨୭ଟି ଦାବି ସହିତ ଜମିହରା ଓ ପ୍ରଭାବିତ ଅଞ୍ଚଳବାସୀଙ୍କୁ ଅଂଶଧନ ଦେବା ପାଇଁ ଦାବି କରିଛନ୍ତି।




# ୧୦ ହଜାର କୋଟିର ବ୍ୟାଙ୍କ କାରବାର ପ୍ରଭାବିତ


ଭୁବନେଶ୍ୱରସ୍ଥିତ ଏସ୍‌ବିଆଇ ପ୍ରଧାନ ଶାଖା କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ୍ ପକ୍ଷରୁ ଧାରଣା ଦିଆଯାଇଛି।

## ବ୍ୟାଙ୍କ କର୍ମଚାରୀଙ୍କ ଧର୍ମଘଟ

**ଭୁବନେଶ୍ୱର,୨୭।୧(ଅନୁରାଧା ମହାରଣା)**

୫ଦିନିଆ କାର୍ଯ୍ୟ ସପ୍ତାହ ଦାବିରେ ବ୍ୟାଙ୍କ କର୍ମଚାରୀମାନେ ମଙ୍ଗଳବାର ଦେଶବ୍ୟାପୀ ଧର୍ମଘଟ କରିଥିଲେ। ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ୍ (ୟୁଏଫ୍‌ବିୟୁ) ଅଧୀନରେ ୯ଟି ବ୍ୟାଙ୍କ ଓ କର୍ମଚାରୀ ସଂଘ ଏହି ଧର୍ମଘଟରେ ସାମିଲ ହୋଇଥିଲେ। ଦେଶବ୍ୟାପୀ ୮ଲକ୍ଷରୁ ଊର୍ଦ୍ଧ୍ୱ କର୍ମଚାରୀ ଧର୍ମଘଟରେ ସାମିଲ ହୋଇଥିବାବେଳେ ଓଡ଼ିଶାରେ ୩୭ ହଜାରରୁ ଅଧିକ କର୍ମଚାରୀ ସାମିଲ ଥିଲେ। ଧର୍ମଘଟ ଯୋଗୁ ସାରା ଓଡ଼ିଶାରେ ବ୍ୟାଙ୍କ ଶାଖାଗୁଡ଼ିକ ବନ୍ଦ ରହିଥିଲା। ରାଜ୍ୟର ସମସ୍ତ ୩୦ ଜିଲାରେ ବ୍ୟାଙ୍କ କର୍ମଚାରୀମାନେ ବିଭିନ୍ନ ବ୍ୟାଙ୍କ ଶାଖା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଥିଲା। ୟୁଏଫ୍‌ବିୟୁ ଓଡ଼ିଶା ଶାଖାର ଆବାହକ ଚିତ୍ତରଞ୍ଜନ ପଣ୍ଡା କହିଛନ୍ତି, ଧର୍ମଘଟ ଦ୍ୱାରା ୧୦ ହଜାର କୋଟି ଟଙ୍କାର ବ୍ୟାଙ୍କ କାରବାର ପ୍ରଭାବିତ ହୋଇଛି। ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମେତ କେତେକ ଘରୋଇ ବ୍ୟାଙ୍କ ଏହି ଧର୍ମଘଟକୁ ସମର୍ଥନ କରିଥିଲେ। ବିକ୍ଷୋଭକାରୀଙ୍କ କହିବାନୁଯାୟୀ, ବ୍ୟାଙ୍କ କର୍ମଚାରୀଙ୍କ ଉପରେ ପ୍ରବଳ ଚାପ ରହୁଛି। ଅନେକ କର୍ମଚାରୀ ରାତି ୯ଟା ପର୍ଯ୍ୟନ୍ତ କାମ କରୁଛନ୍ତି। ଆର୍ଥିକ କ୍ଷେତ୍ରର ଅନ୍ୟ ସଂସ୍ଥା ଯେପରିକି ଆର୍‌ବିଆଇ, ଏଲ୍‌ଆଇସି ଏବଂ ଜିଆଇସି ଆଦିରେ ୫ଦିନିଆ କାର୍ଯ୍ୟ ସପ୍ତାହ କାର୍ଯ୍ୟକାରୀ ହୋଇଥିବାବେଳେ କେବଳ ବ୍ୟାଙ୍କ କର୍ମଚାରୀଙ୍କୁ ଏହି ସୁବିଧା ଦିଆଯାଉନାହିଁ। ୨୦୧୫ ମସିହା ଠାରୁ ଦୀର୍ଘ ୧୦ ବର୍ଷ ଧରି ଏହି ଦାବି ଉପସ୍ଥାପନ କରାଯାଇଆସୁଥିବାବେଳେ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଧର୍ମଘଟ ପ୍ରଭାବରେ ବ୍ୟାଙ୍କ ଶାଖାରେ ହେଉଥିବା କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲେ ମଧ୍ୟ ଏଟିଏମ୍, ଇଣ୍ଟରନେଟ୍ ବ୍ୟାଙ୍କିଂ, ମୋବାଇଲ ବ୍ୟାଙ୍କିଙ୍ଗ୍, ୟୁପିଆଇ ଏବଂ ହ୍ୱାଟସ୍‌ଆପ୍ ବ୍ୟାଙ୍କିଙ୍ଗ୍ ଆଦି ସେବା ପ୍ରଭାବିତ ହୋଇନାହିଁ।

# ପ୍ରକଳ୍ପରେ ୮୦% ସ୍ଥାନୀୟ ନିଯୁକ୍ତି ଦିଆଯିବ: ମୁଖ୍ୟମନ୍ତ୍ରୀ

## ହିଣ୍ଡାଲ୍‌କୋର ପ୍ରକଳ୍ପ ଉଦ୍‌ଘାଟନ, ଶିଳାନ୍ୟାସ

**ସମ୍ବଲପୁର,୨୭।୧(ପ୍ରମୋଦ ବହିଦାର)**

ସମ୍ବଲପୁର ଲପଙ୍ଗାସ୍ଥିତ ହୀରାକୁଦ ଆଲୁମିନିୟମ କର୍ପୋରେଶନ ଲିମିଟେଡ୍(ହିଣ୍ଡାଲ୍‌କୋ)ରେ ମଙ୍ଗଳବାର ପ୍ରାୟ ୨୭ ହଜାର କୋଟି ବ୍ୟୟ ଅଟକଳରେ ତିନୋଟି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସେଥିମଧ୍ୟରେ ହିଣ୍ଡାଲ୍‌କୋର ୫ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ଆଲୁମିନିୟମ ଫ୍ଲାଟ୍ ରୋଲ୍ଡ ପ୍ରଡକ୍ଟ(ଏଫ୍‌ଆର୍‌ପି) ୟୁନିଟ୍, ୮୩୪ କୋଟି ବ୍ୟୟ ଅଟକଳରେ ନିର୍ମିତ ସ୍ୱତନ୍ତ୍ର ବ୍ୟାଟେରୀ ଫଏଲ୍ ଉତ୍ପାଦନ ୟୁନିଟ୍ ଲୋକାର୍ପଣ ହୋଇଥିବା ବେଳେ ପ୍ରାୟ ୨୧,୧୬୨ କୋଟି ଟଙ୍କା ବ୍ୟୟ ଅଟକଳରେ ପ୍ରସ୍ତାବିତ ଆଦିତ୍ୟ ଆଲୁମିନିୟମ ସ୍ମେଲଟର୍ କ୍ଷମତାର ସମ୍ପ୍ରସାରଣ ପ୍ରକଳ୍ପର ଶିଳାନ୍ୟାସ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମାଝୀ କହିଥିଲେ, ଏହି ପ୍ରକଳ୍ପଗୁଡ଼ିକ ପ୍ରାୟ ୧୫ହଜାର ନିଯୁକ୍ତି ସୃଷ୍ଟି କରିବ। ଏଠାରେ ନିଯୁକ୍ତି ପାଇଁ ଅଞ୍ଚଳର ଶିକ୍ଷିତ ବେକାର ଯୁବକମାନଙ୍କୁ ଇଣ୍ଡଷ୍ଟ୍ରି ରେଡିଭାବେ ପ୍ରସ୍ତୁତ କରିବାକୁ ସମ୍ବଲପୁରରେ ଏକ ବିଶ୍ୱସ୍ତରୀୟ ଦକ୍ଷତା କେନ୍ଦ୍ର ୱାଲ୍ଡ ସ୍କିଲ ସେଣ୍ଟର(ଡବ୍ଲ୍ୟୁଏସ୍‌ସି) ପ୍ରତିଷ୍ଠା କରାଯିବ। ଫଳରେ ସେମାନେ ଅଞ୍ଚଳର ବିଭିନ୍ନ ଶିଳ୍ପାନୁଷ୍ଠାନରେ ନିଯୁକ୍ତି ପାଇବାକୁ ଯୋଗ୍ୟତା ହାସଲ କରିପାରିବେ। ସେହିପରି ହିଣ୍ଡାଲ୍‌କୋର ନୂତନ ପ୍ରକଳ୍ପଗୁଡ଼ିକରେ ୮୦ପ୍ରତିଶତ ନିଯୁକ୍ତି ଦେବାକୁ ମୁଖ୍ୟମନ୍ତ୍ରୀ ମାଝି ମଞ୍ଚରେ ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ସତିଶ ପାଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଆଦିତ୍ୟ ଆଲୁମିନିୟମ ସମ୍ବଲପୁର ଅଞ୍ଚଳକୁ ସମୃଦ୍ଧ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରିଛି। ତେବେ ଏହି କମ୍ପାନୀରେ ସ୍ଥାନୀୟ ନିଯୁକ୍ତି କିଭଳି ଅଗ୍ରାଧିକାର ଦିଆଯିବ ଆମ ସରକାର ସେଦିଗରେ ପଦକ୍ଷେପ ଗ୍ରହଣ କରିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।


ସମ୍ବଲପୁର ଲପଙ୍ଗାଠାରେ ମଙ୍ଗଳବାର ହିଣ୍ଡାଲ୍‌କୋର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଅନ୍ୟ ମନ୍ତ୍ରୀ ଓ ଅଧିକାରୀ ।

ଏଥିରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ କୁମାର ପୂଜାରୀ ବକ୍ତବ୍ୟ ରଖି କହିଥିଲେ, ରାଜ୍ୟର ବିଭିନ୍ନ ଶିଳ୍ପସଂସ୍ଥାରେ ସ୍ଥାନୀୟ ନିଯୁକ୍ତି ସମସ୍ୟାକୁ ଦୂର କରିବା ଦିଗରେ ସରକାର ଗୁରୁତ୍ୱ ଦେଉଛନ୍ତି। ଆଗକୁ ରେକର୍ଡ ପରିମାଣର ପୁଞ୍ଜି ନିବେଶ ହେବାକୁ ଯାଉଛି। ଏଥିରେ ଅଗ୍ରାଧିକାର ଭିତ୍ତିରେ ଜମିହରା ବା ଶିଳ୍ପ ପ୍ରଭାବିତ ସ୍ଥାନୀୟ ପ୍ରାର୍ଥୀଙ୍କୁ ନିଯୁକ୍ତି ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ। ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ, ହିଣ୍ଡାଲ୍‌କାର ସମ୍ପ୍ରସାରଣ ତଥା ନୂତନ ପ୍ରକଳ୍ପ ଉଦ୍‌ଘାଟନ ଦ୍ୱାରା ବିକଶିତ ସମ୍ବଲପୁରର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି। ନତନ ଶିଳ୍ପ ପତିଷ୍ଠା ଅଞ୍ଚଳ ପାଇଁ ଏକ ଶୁଭ ସୂଚନା। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ହିଣ୍ଡାଲ୍‌କୋରେ ସ୍ଥାନୀୟ ନିଯୁକ୍ତିକୁ ଅବହେଳା କରିଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୂର୍ବତନ ବିଧାୟକ ନାଉରି ନାଏକ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ କୁମାର ଭାମୁ ଉପସ୍ଥିତ ଥିଲେ।

# 'ସବୁ ଜିଲାରେ ଖୋଲିବ ଶହୀଦ ଲକ୍ଷ୍ମଣ ନାୟକ ବିଦ୍ୟାଳୟ'

**ଭୁବନେଶ୍ୱର,୨୭।୧ (ସୁଚିସ୍ମିତା ସାହୁ)**

ଆଦିବାସୀବହୁଳ ଜିଲାଗୁଡ଼ିକରେ ଶହୀଦ ଲକ୍ଷ୍ମଣ ନାୟକ ବିଦ୍ୟାଳୟ ନିର୍ମାଣ ହେବ। ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇବା ଉଦ୍ଦେଶ୍ୟରେ ଏହି ବିଦ୍ୟାଳୟ ନିର୍ମାଣ କରାଯିବ। ସେହିପରି ରାଜ୍ୟରେ ଶହୀଦମାନଙ୍କୁ ଉଚିତ୍ ସମ୍ମାନ ଦେବା ସହିତ ଛାତ୍ରୀଛାତ୍ରଙ୍କୁ ଅତୀତର ଶହୀଦଙ୍କ ସ୍ମୃତି ମନେପକାଇବା ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯିବ। ପ୍ରଥମ ପର୍ଯ୍ୟାୟରେ ୨୩ଟି 'ଆଇଟିଡିଏ' ଜିଲା ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ସାରା ରାଜ୍ୟରେ ଶହୀଦ ଲକ୍ଷ୍ମଣ ନାୟକ ବିଦ୍ୟାଳୟ ଖୋଲାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି।




# ବିଦ୍ୟୁତ୍ ସଂସ୍ପର୍ଶରେ ଛାତ୍ର ମୃତ

**କୁଜଙ୍ଗ, ୨୭ ।୧(ମନୋଜ ପ୍ରଧାନ)**

ଗଣତନ୍ତ୍ର ଦିବସରେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକରେ ସନ୍ଧ୍ୟାରେ ଏକ ଅଘଟଣ ଘଟିଛି। ଏକ ଘରୋଇ କୋଚିଂ ସେଣ୍ଟରରେ ଉତ୍ତୋଳନ କରାଯାଇଥିବା ଜାତୀୟ ପତାକା ଅବତରଣ ବେଳେ ଜଣେ ଛାତ୍ର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଛନ୍ତି। ଫଳରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ ତେରଗାଁର ପ୍ରଶାନ୍ତ ଦ୍ୱିବେଦୀଙ୍କ ପୁଅ ଓମ୍‌ପ୍ରକାଶ ଦ୍ୱିବେଦୀ (୧୪)। ଜେଜେ ରାଜକିଶୋର ଦ୍ୱିବେଦୀଙ୍କ ଅଭିଯୋଗ କ୍ରମେ ଥାନାରେ ଅପମୃତ୍ୟୁ ମାମଲା (ନଂ. ୩/୨୬) ରୁଜୁ କରାଯାଇଛି।

# 'ସିସି' ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ସ୍ଥଗିତାଦେଶ

**ଭୁବନେଶ୍ୱର,୨୭।୧ (ରବିନାରାୟଣ ଜେନା)**

କୋଠାବାଡ଼ି ନିର୍ମାଣ କ୍ଷେତ୍ରରେ କମ୍ପ୍ଲିସନ ସାର୍ଟିଫିକେଟ୍(ସିସି) ପ୍ରଦାନକୁ ନେଇ ଓଡ଼ିଶା ହାଇକୋର୍ଟଙ୍କ ପକ୍ଷରୁ ପୂର୍ବରୁ ପ୍ରଦାନ କରାଯାଇଥିବା ରାୟ ଉପରେ ମଙ୍ଗଳବାର ସୁପ୍ରିମ୍‌କୋର୍ଟଙ୍କ ଏକ ଖଣ୍ଡପୀଠ ସ୍ଥଗିତାଦେଶ ଜାରି କରିଛନ୍ତି। ଏ ସଂକ୍ରାନ୍ତରେ ଆବେଦନକାରୀ ଅଖିଳ ଅଗ୍ରୱାଲଙ୍କ ଏକ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଏହି ସ୍ଥଗିତାଦେଶ ଜାରି କରିଛନ୍ତି। ସୂଚନାଯୋଗ୍ୟ, ହାଇକୋର୍ଟଙ୍କ ପକ୍ଷରୁ ୨୦୨୫ ଡିସେମ୍ବର ୨୨ରେ ରାୟରେ ନିର୍ଦ୍ଦେଶ ରହିଥିଲା, ଯେଉଁ ପ୍ରକଳ୍ପଗୁଡ଼ିକ ଆର୍କିଟେକ୍‌ମାନଙ୍କଠାରୁ ୨୦୧୭ ପୂର୍ବରୁ 'ସିସି'ପାଇଥିବେ, ସେହିମାନଙ୍କ ଉପରେ 'ରେରା' ଆଇନ ଲାଗୁ ହେବ ନାହିଁ।







# ଅଙ୍ଗନୱାଡ଼ି ଶିଶୁଙ୍କ ପୋଷାକ, ଜୋତା ମୂଲ୍ୟ ବଢ଼ିଲା

**ଭୁବନେଶ୍ୱର,୨୭।୧ (ସୁଚିସ୍ମିତା ସାହୁ)**

ରାଜ୍ୟ ସରକାର ଅଙ୍ଗନୱାଡ଼ି ଶିଶୁଙ୍କ ପୋଷାକ ମୂଲ୍ୟ ବୃଦ୍ଧି କରିଛନ୍ତି। ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ଯୋଜନାରେ ପ୍ରି ସ୍କୁଲ ପିଲାଙ୍କ ପୋଷାକର ମୂଲ୍ୟ ବଢ଼ାଯାଇଛି। ବାଳକଙ୍କ ପୋଷାକ ମୂଲ୍ୟ ୧୦୦ରୁ ବଢ଼ି ୧୭୫ ଟଙ୍କା ହୋଇଥିବାବେଳେ ବାଳିକାଙ୍କ ପୋଷାକ ମୂଲ୍ୟ ୧୫୦ରୁ ୨୨୫ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଜୋତା ଖର୍ଚ୍ଚ ୧୦୦ ଟଙ୍କାରୁ ୧୫୦ ଟଙ୍କା ବଢ଼ିଛି। ଶୀତବସ୍ତ୍ର ବାବଦକୁ ୧୫୦ ଟଙ୍କା ବଦଳରେ ଏବେ ୨୦୦ ଟଙ୍କା ଦିଆଯିବ ବୋଲି ମଙ୍ଗଳବାର ମହିଳା ଓ ଶିଶୁ ବିକାଶ ବିଭାଗର ଏକ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଘୋଷଣା କରିଛନ୍ତି। ସୂଚନା ମୁତାବକ, ୩ରୁ ୬ବର୍ଷ ବୟସର ପ୍ରାକ୍-ବିଦ୍ୟାଳୟ ଶିଶୁଙ୍କୁ ପ୍ରଦାନ କରାଯାଉଥିବା ୟୁନିଫର୍ମ ଡ୍ରେସ୍, ଜୋତା, ମୋଜା ଓ ସ୍ୱେଟର ମୂଲ୍ୟରେ ଓଡ଼ିଶା ସରକାର ସଂଶୋଧନ ପାଇଁ ଅନୁମୋଦନ କରିଛନ୍ତି। ଏହି ସଂଶୋଧିତ ମୂଲ୍ୟ ୨୦୨୬-୨୭ ଆର୍ଥିକ ବର୍ଷରୁ କାର୍ଯ୍ୟକାରୀ ହେବ। ଏ ନେଇ ୧୪ କୋଟି ୨୭ ଲକ୍ଷ ଟଙ୍କାର ବ୍ୟୟବରାଦ ହୋଇଛି। ୭୪ ହଜାର ୨୨୪ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ଅଧ୍ୟୟନ କରୁଥିବା ଶିଶୁଙ୍କ ପୋଷାକ ମୂଲ୍ୟ ବୃଦ୍ଧି କରାଯାଇଛି।

## ସପ୍ତଶଯ୍ୟାରୁ ପ୍ରଥମଥର ପାଇଁ ଲଣ୍ଡନକୁ ରପ୍ତାନି ହେଲା ଷ୍ଟ୍ରବେରି

ଢେଙ୍କାନାଳ,୨୭।୧(ରତନ ନାୟାର): ରାଜ୍ୟରେ ଉତ୍ପାଦିତ ଷ୍ଟ୍ରବେରି ଏବେ ବିଶ୍ୱ ବଜାରରେ ନିଜର ପରିଚୟ ସୃଷ୍ଟି କରିବାକୁ ଯାଉଛି। ପ୍ରଥମଥର ପାଇଁ ଢେଙ୍କାନାଳ ଜିଲାର ସଦର ବ୍ଲକ ସପ୍ତଶଯ୍ୟାରୁ ୫୨ କିଲୋଗ୍ରାମ ଷ୍ଟ୍ରବେରି ଲଣ୍ଡନକୁ ରପ୍ତାନି କରାଯାଇଛି। ସପ୍ତଶଯ୍ୟା ଆଗ୍ରୋ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍ କୃଷକ ଉତ୍ପାଦକ ସଙ୍ଗଠନ ସହାୟତାରେ ଅନୁଷ୍ଠିତ ଜିଲାସ୍ତରୀୟ ପୁଷ୍ପ ପ୍ରଦର୍ଶନୀରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଏହାର ଶୁଭାରମ୍ଭ କରିଥିଲେ।

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ସାଥୀ ଅନାଦି ବେହେରାଙ୍କ ସ୍ମୃତି ସଭା, ସ୍ଥାନ: ନାଗଭୂଷଣ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ସାଇ ୱାନ୍‌ନେସ୍ ଆର୍ଟ ଆଣ୍ଡ ଡ୍ୟାନ୍ସ ସ୍କୁଲ ପକ୍ଷରୁ କଳା ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଉତ୍ତର ପୁରୁଷ ନାଟକ ପରିକ୍ରମା ପକ୍ଷରୁ ନାଟ୍ୟ ଉତ୍ସବ ଉପଲକ୍ଷେ ନାଟକ କର୍ଣ୍ଣ ମଞ୍ଚସ୍ଥ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୦।

**କଟକ**
- ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ବାର୍ଷିକ ପୁଷ୍ପ ପ୍ରଦର୍ଶନୀର ଉଦ୍‌ଘାଟନ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିଧାରା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ସଭା ଓ ରାଜେନ୍ଦ୍ର ମୋହନ ପଟ୍ଟନାୟକ ସ୍ମୃତି ସମ୍ମାନ ପ୍ରଦାନ ଉତ୍ସବ, ସ୍ଥାନ: ରେଭେନ୍‌ଶା କଲିଜିଏଟ୍ ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ଟା ୩୦।

**ଖୋର୍ଦ୍ଧା**
- ହିନ୍ଦୁ ଏକତା ମହାଯଜ୍ଞ, ସ୍ଥାନ: ଶ୍ରୀଜଗନ୍ନାଥ ମନ୍ଦିର ନିକଟ ଆମ୍ର କାନନ ପରିସର, ବେଗୁନିଆ ନୂଆସାହି, ସମୟ: ସକାଳ ୯ଟା।
- ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ୬୭ତମ ସାମ୍ବତ୍ସରିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

**ପୁରୀ**
- ଅଲ୍ ଇଣ୍ଡିଆ ଲୋକ ରନିଂ ଷ୍ଟାଫ୍ ଆସୋସିଏଶନର ବୈଠକ, ସ୍ଥାନ: ବୃନ୍ଦାବତୀ ନିବାସ, ସମୟ: ସକାଳ ୯ଟା।
- ବକ୍ସିଂ ଏକାଡେମୀର ବୈଠକ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।

**ଭଦ୍ରକ**
- ହିନ୍ଦୁ ସମ୍ମିଳନୀ, ସ୍ଥାନ: ରାମଗଡ଼ ମେଲଣ ପଡ଼ିଆ, ପୁରୁଷଣ୍ଡ, ଆଗରପଡ଼ା, ସମୟ: ସକାଳ ୯ଟା।
- ତୃପ୍ତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ, ସ୍ଥାନ: ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଧାନ ମଣ୍ଡି ଉଦ୍‌ଘାଟନ, ସ୍ଥାନ: ବାହାବଳପୁର ପଞ୍ଚାୟତ କାର୍ଯ୍ୟାଳୟ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ମଦନ ମୋହନ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ଉତ୍ତୁକୁଡ଼ା, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ସର୍ବଭାରତୀୟ କିଶୋର ନାୟକ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ପୁରୁଷୋତ୍ତମପୁର ନେତାଜୀ ବ୍ଲକସ୍ତରୀୟ ଷ୍ଟାଡିୟମ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ପଧାନପଡ଼ା, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ଜୀବନଜ୍ୟୋତି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଚତୁର୍ଭୁଜପୁର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ଶୀତ ମହୋତ୍ସବ-୨୦୨୬ ଏବଂ ପଲ୍ଲିଶ୍ରୀ ମେଳାର ପ୍ରଥମ ଦିବସ ସାଂସ୍କୃତିକ ସନ୍ଧ୍ୟା, ସ୍ଥାନ: ଶହୀଦ ଷ୍ଟାଡିୟମ୍, ଅସୁରାଳି, ସମୟ: ସନ୍ଧ୍ୟା ୬ଟା ୩୦।

**କେନ୍ଦୁଝର**
- ଗାୟତ୍ରୀ ପଞ୍ଚକୁଣ୍ଡୀୟ ଯଜ୍ଞ ଅବସରରେ କଳସ ଯାତ୍ରା,ସ୍ଥାନ: ଯୋଡ଼ା, ସମୟ: ସକାଳ ୯ଟା।
- ଶ୍ରୀ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଜୁରୁଡ଼ି, ସମୟ: ମଧ୍ୟାହ୍ନ ୧୨ଟା।

**ମୟୂରଭଞ୍ଜ**
- ୨୭ତମ ଆନ୍ତଃକଲେଜ ସାଂସ୍କୃତିକ କାର୍ଯ୍ୟକ୍ରମ 'ୟୁଫୋରିଆ-୨୦୨୬' ଉଦ୍‌ଘାଟନ, ସ୍ଥାନ: ଶହୀଦ ସ୍ମୃତି ଭବନ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୨ଟା।

**ଗଞ୍ଜାମ**
- କୃଷ୍ଣସାର ମୃଗ ଗଣନା ପ୍ରଶିକ୍ଷଣ ଶିବିର, ସ୍ଥାନ: ଆସିକା ବନାଞ୍ଚଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିଶାଳ ହିନ୍ଦୁ ସମ୍ମିଳନୀ, ସ୍ଥାନ: ଶେରଗଡ଼ ଆଡ଼ପ ମନ୍ଦିର ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବୁଗୁଡ଼ା କରସିଙ୍ଗି ଉଚ୍ଚ ବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୧ଟା।
- ବୁଦ୍ଧଖୋଲ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ବୁଦ୍ଧଖୋଲ ପାହାଡ଼ ପାଦଦେଶ, ସମୟ: ଅପରାହ୍ନ ୩ଟା।

**କନ୍ଧମାଳ**
- ଜିଲାସ୍ତରୀୟ ସୁସ୍ଥ ଜୀବନ ଶୈଳୀ ପ୍ରଦର୍ଶନୀ, ସ୍ଥାନ: ଫୁଲବାଣୀ ସତ୍ୟ ସାଇ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

**ଅନୁଗୋଳ**
- ଶ୍ରୀମଦ୍ ଭାଗବତ ପାରାୟଣ ଜ୍ଞାନଯଜ୍ଞର ତୃତୀୟ ଦିବସରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ : ଆଠମଲ୍ଲିକ ସହରସ୍ଥିତ ଜଗନ୍ନାଥ ମନ୍ଦିର, ସମୟ : ସନ୍ଧ୍ୟା ୭ ଟା।

**ଜଗତ୍‌ସିଂହପୁର**
- ସନ୍ତୋଷୀ ମନ୍ଦିରରେ ବିଶ୍ୱଶାନ୍ତି ଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ, ସ୍ଥାନ: ମନ୍ଦିର ପରିସର, ଅଠରବାଙ୍କୀ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା, ସ୍ଥାନ: ତିନିମୁହାଣୀଛକ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୭ଟା।
- ଜମି ଅଧିଗ୍ରହଣର ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବଡଦାଣ୍ଡ ପଡିଆ, ମଶାକଣୀ, ମହାକାଳପଡା, ସମୟ: ପୂର୍ବାହ୍ନ ୧୦ଟା।
- ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ବଉଦଛକ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ଶିବଶକ୍ତି ଯୁବକ ସଂଘ ପକ୍ଷରୁ ଗ୍ରାମାଞ୍ଚଳ ରାଜ୍ୟସ୍ତରୀୟ ଜମ୍ବୁଦ୍ୱୀପ କ୍ରିକେଟ କପ, ସ୍ଥାନ: ଶଙ୍ଖପଦା ଖେଳପଡିଆ, ମହାକାଳପଡା, ସମୟ: ମଧ୍ୟାହ୍ନ ୧୨ଟା।
- ଅବଦୁଲ କରିମ ଖାଁ ମୋମେରିଅଲ ଟ୍ରଫି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଟାଉନ ହାଇସ୍କୁଲ ଖେଳ ପଡିଆ, କେନ୍ଦ୍ରାପଡା ସହର, ସମୟ: ଅପରାହ୍ନ ୨ଟା।

**ଯାଜପୁର**
- ଅଜାଣବନ ଶିଶୁ ମହୋତ୍ସବ-୨୦୨୬, ସ୍ଥାନ: ଅଜାଣବନ ଶୋଭନୀୟ ଶିକ୍ଷାଶ୍ରମ, ମେଦୁଆକୂଳ, ବରୀ, ସମୟ: ସକାଳ ୯ଟା।
- ଭୂତଳ ଜଳ ପରିଚାଳନା ବୈଠକ, ସ୍ଥାନ : ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- ନିଯୁକ୍ତି ମେଳା ସମ୍ପର୍କରେ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।

**ନୟାଗଡ଼**
- ଜାମାଲାଗି ବେଶର ଷଷ୍ଠ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଲୋକନାଥ ମହାଦେବଙ୍କ ମାଘ ସପ୍ତମୀ ଯାତ୍ରା ଓ ଯଜ୍ଞ ଉଦ୍‌ଯାପନ ଦିବସ, ସ୍ଥାନ:ନୟାଗଡ଼ ବ୍ଲକ ସିନ୍ଦୁରିଆ ଲୋକନାଥ ମହାଦେବଙ୍କ ପୀଠ, ସମୟ:ସକାଳ ୭ଟା।
- କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମାଙ୍କ ୨୮୮ତମ ଜୟନ୍ତୀ ସମାରୋହରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଓ ଆଲୋଚନା ଚକ୍ର, ସ୍ଥାନ: କେ.ଏସ.ବି. ପବ୍ଲିକ ସ୍କୁଲ ଶରଣକୁଳ ଭିକାରିପଡା, ସମୟ: ପୂର୍ବାହ୍ନ ୧୦ଟା।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟର୍ନାମେଣ୍ଟର ଏକାଦଶ ଦିବସରେ ପ୍ରଥମ ସେମି ଫାଇନାଲରେ ବାବା ଗୁପ୍ତେଶ୍ୱର କ୍ରିକେଟ କ୍ଲବ ଭୋଗଡା ବନାମ ମା' ବରୁଣେଇ କ୍ରିକେଟ କ୍ଲବ କଣ୍ଟିଲୋ, ସ୍ଥାନ:କଣ୍ଟିଲୋ ନୀଳମାଧବ କଲେଜ ପଡିଆ, ସମୟ:ପୂର୍ବାହ୍ନ ୧୧ଟା।
- ଓଡଗାଁ ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ସମ୍ବର୍ଦ୍ଧନା ପର୍ବ, ସ୍ଥାନ: ଶରଣକୁଳ ନାରାୟଣ ଉଚ୍ଚ ବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ମା' ଭାନୁମତୀ ମନ୍ଦିର ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳନ ଅବସରରେ ପ୍ରସ୍ତୁତି ବୈଠକ, ସ୍ଥାନ:ଖଣ୍ଡପଡା ବ୍ଲକ ଭାନୁମତୀ ପୀଠ, ହଟିଆପଲ୍ଲା, ସମୟ: ଅପରାହ୍ନ ୪ଟା।
- ମା' ଭାନୁମତୀ ମନ୍ଦିର ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳନ ଅବସରରେ ପ୍ରସ୍ତୁତି ବୈଠକ, ସ୍ଥାନ:ଖଣ୍ଡପଡା ବ୍ଲକ ଭାନୁମତୀ ପୀଠ, ହଟିଆପଲ୍ଲା, ସମୟ: ଅପରାହ୍ନ ୪ଟା।
- କୃଷ୍ଣଚନ୍ଦ୍ର କ୍ଲବର ଶତ ବାର୍ଷିକୀ ଜୟନ୍ତୀ ସମାରୋହର ତୃତୀୟ ଦିବସର ସଭା, ସ୍ଥାନ:ନୟାଗଡ ଟ୍ରାଫିକ ଛକ କ୍ଲବ ପରିସର, ସମୟ: ସନ୍ଧ୍ୟା ୭ଟା
- କୃଷ୍ଣଚନ୍ଦ୍ର କ୍ଲବର ଶତ ବାର୍ଷିକୀ ଜୟନ୍ତୀ ସମାରୋହର ତୃତୀୟ ଦିବସରେ ସଙ୍ଗୀତ ସୁରଭି ସଂସ୍କୃତିକ କାର୍ଯ୍ୟକମ, ସ୍ଥାନ:ନୟାଗଡ଼ ଟ୍ରାଫିକ ଛକ କ୍ଲବ ପରିସର, ସମୟ: ରାତି ୮ଟା।

**ରାୟଗଡ଼ା**
- ସ୍କୁଲର ୩୦ତମ ବାର୍ଷିକ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗୁଣପୁର, ସମୟ: ଅପରାହ୍ନ ୩ଟା ୩୦।
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ସରକାରୀ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର, ଗୁଡାରି, ସମୟ: ଅପରାହ୍ନ ୪ଟା।

**ନବରଙ୍ଗପୁର**
- ପ୍ରସ୍ତାବିତ ନବରଙ୍ଗପୁର ମେଡିକାଲ କଲେଜ ସମ୍ବନ୍ଧରେ ଆଲୋଚନା, ସ୍ଥାନ: ନବରଙ୍ଗପୁର ତୃପ୍ତି ଲଜ୍, ସମୟ: ଅପରାହ୍ନ ୫ଟା ୩୦।

**କୋରାପୁଟ**
- ଓଡ଼ିଶା ବନ୍ଦ ନେଇ ନବନିର୍ମାଣ କୃଷକ ସଂଗଠନର ଡାକରା, ସ୍ଥାନ: କୁନ୍ଦୁରା, ସମୟ: ସକାଳ ୬ଟାରୁ ୨ଟା।
- ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା, ସ୍ଥାନ: ନନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍‌ଶ୍ରୀ ଦୋଲପୁର ହାଇସ୍କୁଲ ବାର୍ଷିକ ଉତ୍ସବ, ସ୍ଥାନ: ବୈପାରୀଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସେତୁବନ୍ଧ ସୁରକ୍ଷା ସମିତି ସମାବେଶ, ସ୍ଥାନ: ପଟ୍ଟାଙ୍ଗି ବ୍ଲକ ନୂଆଗାଁ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱଶାନ୍ତି ଯଜ୍ଞ, ସ୍ଥାନ: କୋଟପାଡ଼ ଟିକିରା ସାହିସ୍ଥିତ ଅଲେଖ ମହିମା ମଠ, ସମୟ: ସନ୍ଧ୍ୟା ୬ଟା।

**ମାଲକାନଗିରି**
- ଓଡ଼ିଶା ବନ୍ଦ ନେଇ ନବନିର୍ମାଣ କୃଷକ ସଂଗଠନର ଡାକରା, ସ୍ଥାନ: ମାଲକାନଗିରି ଜିଲା, ସମୟ: ସକାଳ ୬ରୁ ମଧ୍ୟାହ୍ନ ୨ଟା।

**ସମ୍ବଲପୁର**
- ମା'ପିତାବଳୀଙ୍କ ଅଷ୍ଟଧାତୁ ମୂର୍ତ୍ତିର ପ୍ରାଣ ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ସିନ୍ଦୁରପଙ୍କ ନିକଟସ୍ଥ ପିତାବଳୀ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଏନ୍‌ବିଟି ଆୟୋଜିତ ସମ୍ବଲପୁର ପୁସ୍ତକ ମେଳା, ସ୍ଥାନ: ପିଏଚ୍‌ଡି ପଡିଆ, ସମୟ: ମଧ୍ୟାହ୍ନ ୧୨ଟାରୁ ରାତି ୧୦ଟା।
- ଶ୍ରୀଗଣେଷ ପ୍ରତିଷ୍ଠା ଉତ୍ସବର କଳସ ଶୋଭାଯାତ୍ରା, ସ୍ଥାନ: କବରାପାଲି ଗ୍ରାମ, ସମୟ: ଅପରାହ୍ନ ୩ଟା।
- ଏନ୍‌ବିଟି ଓ ସେତୁ ଆୟୋଜିତ ପୁସ୍ତକ ମେଳା ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପିଏଚ୍‌ଡି ପଡିଆ, ସମୟ: ସନ୍ଧ୍ୟା ୭ଟା।
- କବିତା ପାଠୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ପରମାଣପୁର ସ୍ଥିତ ଧନୁଯାତ୍ରା ମଞ୍ଚ, ସମୟ: ସନ୍ଧ୍ୟା ୭ଟା ୩୦।

**ବଲାଙ୍ଗୀର**
- ମିଳିତ ଚାଷୀ ସଙ୍ଗଠନ ପକ୍ଷରୁ ୧୨ ଘଣ୍ଟିଆ ବଲାଙ୍ଗୀର ବନ୍ଦ ପାଳନ, ସ୍ଥାନ: ଜିଲାର ବିଭିନ୍ନ ସହରାଞ୍ଚଳ ଓ ମୁଖ୍ୟ ରାସ୍ତାରେ ପିକେଟିଂ, ସମୟ: ସକାଳ ୬ଟାରୁ।
- ନବ ନିର୍ମାଣ କୃଷକ ସଂଗଠନ, ମିଳିତ କୃଷକ ସଂଘର୍ଷ ସମିତି ପକ୍ଷରୁ ବନ୍ଦ ପାଳନ ଓ ପ୍ରତିବାଦ ସଭା, ସ୍ଥାନ: ରାମପୁର, ଲୋଇସିଂହା ଥାନା, ସମୟ: ପୂର୍ବାହ୍ନ ୧୦ଟା।

**ରାଉରକେଲା**
- ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ରାଉରକେଲା କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- କଥା ସାହିତ୍ୟ ଦିବସ, ସ୍ଥାନ: କଲଚରାଲ ଏକାଡେମୀ, ସେକ୍ଟର-୫, ସମୟ: ସନ୍ଧ୍ୟା ୬ଟା ୩୦।

**ବରଗଡ଼**
- ଶ୍ରୀ ଶ୍ରୀ ଗୁଣ୍ଡିଚା ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ: ଗୋବିନ୍ଦପୁର, ବରଗଡ଼,ସମୟ: ସକାଳ ୮ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବରଗାଁ କଲ୍ୟାଣ ମଣ୍ଡପ, ବରଗଡ଼,ସମୟ:ସକାଳ ୯ଟା।

**କଳାହାଣ୍ଡି**
- ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବନ୍ଦ ପାଳନ, ସ୍ଥାନ: ଭବାନୀପାଟଣା ଘୋଡାଘାଟ ଛକ, ସମୟ: ସକାଳ ୬ଟା।
- ଜିଲାସ୍ତରୀୟ ସୁଭଦ୍ରା ମେଳା ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।

**ବୌଦ୍ଧ**
- ୨୨ତମ ତିଳେଶ୍ୱର କପ୍ ଫୁଟବଲ ଟୁର୍ନାମେଣ୍ଟର ଷଷ୍ଠ ଦିବସ, ସ୍ଥାନ: ତିଳେଶ୍ୱର ଖେଳ ପଡିଆ, ହରଭଙ୍ଗା ବ୍ଲକ ବୌଦ୍ଧ, ସମୟ ଅପରାହ୍ନ ୩ଟା।
- ସାମ୍ପୋଚ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଚତୁର୍ଥ ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପ୍ରାଙ୍ଗଣ, ହରଭଙ୍ଗା ବ୍ଲକ, ସମୟ: ଅପରାହ୍ନ ୪ଟା ୩୦।
- ଅସୁରଗଡ ଲୋକ ମହୋତ୍ସବର ଚତୁର୍ଥ ଦିବସ, ସ୍ଥାନ: ସୁବର୍ଣ୍ଣମେରୁ ପଡିଆ ମନମୁଣ୍ଡା, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଓଡ଼ିଶା ବନ୍ଦ ପାଳନ, ସ୍ଥାନ: ସୁବର୍ଣ୍ଣପୁର ସହର ବ୍ଲକ ଛକ, ସମୟ: ସକାଳ ୬ଟା।
- ବଡ ଗୋପାଳଜୀ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅବସରରେ ରାଧା ସହସ୍ର ନାମଯଜ୍ଞ ଓ ପୂଜାର୍ଚ୍ଚନା, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ଗୋପାଳଜୀ ମନ୍ଦିର ପରିସର, ସମୟ: ସକାଳ ୮ଟା।
- ଦାଦରପାଲି କ୍ରିକେଟ କପ୍‌ର ତୃତୀୟ ଦିବସ, ସ୍ଥାନ: ଦାଦରପାଲି,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ୧୧ଟା।
- ଅଷ୍ଟପ୍ରହର ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଅମରପାଲି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

**ନୂଆପଡ଼ା**
- ପ୍ରେସ ଇଲେଭେନ କ୍ରିକେଟ ସଂଘର ପ୍ରସ୍ତୁତି ବୈଠକ, ସ୍ଥାନ: ପୋଲିସ ପଡିଆ ନୂଆପଡ଼ା, ସମୟ: ସକାଳ ୭ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଲା ଅଇଲା କଥା ଯେତେ**
**ସଙ୍ଗାତ ନ ପକା ଏତେ ।**

ଗଲା କଥା ଗଲାଣି। ତା' ଉପରେ ଆଉ ଚିନ୍ତା କରିବା ଅନୁଚିତ। ଅତୀତରେ ଘଟିଥିବା ଘଟଣାଗୁଡ଼ିକୁ ଭୁଲିଯିବା ସହ ବିଗତ କଥାକୁ ରେଣ୍ଟି କରି ନ ଧରିବାକୁ ବନ୍ଧୁଙ୍କୁ ଅନୁରୋଧ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଗୋଡ଼ର ଜୋତା କାହାକୁ ଦେଲ**
**ଗୋଡ଼ ଖାଇଗଲା ଜନ୍ଦା**
**କେଉଁ ନାରୀ ସଙ୍ଗେ ପୀରତି କଲ**
**କାନନୋଳି ଦେଲ ବନ୍ଧା।**

ପ୍ରେମ ଯଦି ସାମାଜିକ ସ୍ୱୀକୃତି ରହିତ ଓ ଅବାଞ୍ଛିତ ହୋଇଥାଏ, ତାହାକୁ ସମ୍ପର୍କ ନୁହେଁ ପାପ ସମ୍ପର୍କ ବୋଲି କୁହାଯାଇଥାଏ। ପରକୀୟା ପ୍ରୀତିର ପରିଣତି ଅନେକ ସମୟରେ ସୁଖଦ ହୋଇ ନ ଥାଏ। ଏହା ଜାଣି ମଧ୍ୟ କେତେଜଣ ବ୍ୟକ୍ତି କ୍ଷଣିକ ଆବେଗର ବଶବର୍ତ୍ତୀ ହୋଇ ଏଭଳି ପାପ ସମ୍ପର୍କରେ ଲିପ୍ତ ରହୁଥିବା ଦେଖିବାକୁ ମିଳିଥାଏ। ଅବୈଧ ସମ୍ପର୍କରେ ମାତି ଅର୍ଥ ଓ ସମ୍ମାନ ହରାଇ ବସିଥିବା ବ୍ୟକ୍ତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଛାତ ଉପରେ... ପ୍ରଥମ ପୃଷ୍ଠାରୁ...

ଲୋକମାନେ ଉତ୍କ୍ଷିପ୍ତ ହୋଇ ତାଙ୍କୁ ମାଡ଼ ମାରିଥିବା ଦେଖିବାକୁ ମିଳିଥିଲା। ଡିସିପି ଜଗମୋହନ ମୀନା ଯାଞ୍ଚ କରିବା ପରେ କହିଛନ୍ତି, ଛାତ ଉପରେ ବୋମା ଭିଡ଼ିବାବେଳେ ବିସ୍ଫୋରଣ ଘଟିଛି। ଆପରାଧିକ କାର୍ଯ୍ୟ ପାଇଁ ବୋମା ଭିଡ଼ିଲା ବେଳେ ବିସ୍ଫୋରଣ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସେହନବାଜଙ୍କ ନାଁରେ ଏକାଧିକ ଆପରାଧିକ ମାମଲା ରହିଛି। ନୟାପଲ୍ଲୀ, ମୈତ୍ରୀବିହାର ଥାନା ଅଞ୍ଚଳରେ ହତ୍ୟା ଉଦ୍ୟମ ଓ ବିସ୍ଫୋରଣ ଘଟାଇବା ପରି ଏକାଧିକ ମାମଲା ରହିଛି। ବେଆଇନ ଭାବେ ବୋମା ଭିଡ଼ାଯାଉଥିବାରୁ ଏନେଇ ସେହନବାଜଙ୍କ ନାମରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯିବ ବୋଲି ଡିସିପି କହିଛନ୍ତି। ରାଜଧାନୀ ଏବଂ ଏହାର ଉପକଣ୍ଠରେ ଏଭଳି ବେଆଇନ ଭାବେ ବୋମା ଭିଡ଼ାଯାଉଛି। ପୋଲିସ ସେମାନଙ୍କୁ ଲାଇସେନ୍ସ ଦେଇ ନ ଥିବାବେଳେ ସେମାନେ ବେଆଇନ ଭାବେ ବୋମା ଭିଡ଼ି ବିକ୍ରି କରୁଛନ୍ତି।

୨୦୨୩ ଏପ୍ରିଲ ୪ରେ ବାଣୀବିହାର କ୍ୟାମ୍ପସ ପଛରେ ଜଣେ ବ୍ୟକ୍ତି ବେଆଇନ ଭାବେ ବାଣ ଭିଡୁଥିବାବେଳେ ବିସ୍ଫୋରଣ ଘଟି ତାଙ୍କ ଜୀବନ ଯାଇଥିଲା। ସେହିପରି ଗତ ବର୍ଷ ବଡ଼ଗଡ଼ ଥାନା ଅଞ୍ଚଳରେ ଏକ ଘରେ ବୋମା ଭିଡ଼ାଯାଉଥିବାବେଳେ ବିସ୍ଫୋରଣରେ ଏକାଧିକ ଆହତ ହୋଇଥିଲେ। ୨୦୧୮ ନଭେମ୍ବର ୧ରେ ବାଲିପାଟଣା ଥାନା ବନମାଳୀପୁର ନୂଆସାହିରେ ବାଣ ଭିଡ଼ିବା ବେଳେ ଜ୍ଞାନରଞ୍ଜନ ମିଶ୍ର ଏବଂ ଝୁନାରାଣୀ ମିଶ୍ରଙ୍କ ମୃତ୍ୟୁ ଘଟିଥିଲା। ଝୁନାଙ୍କ ମୃତଦେହ ମିଳିଥିବା ବେଳେ ଆଜି ପର୍ଯ୍ୟନ୍ତ ଜ୍ଞାନରଞ୍ଜନଙ୍କ ମୃତଦେହ ମିଳିପାରି ନାହିଁ। ସେହିପରି ଜଟଣୀରେ ୨୦୨୪ରେ ଏକ ବାଣ ବିସ୍ଫୋରଣ ଘଟିଥିଲା।

## ଚାଲାଣ ଥିଲେ...

ଶୁଣାଣି ନିମନ୍ତେ ଧାର୍ଯ୍ୟ କରାଯାଇଛି। ମାମଲାର ବିବରଣୀ ଅନୁଯାୟୀ, ପରିବହନ କମିଶନରଙ୍କ ପକ୍ଷରୁ ୨୦୨୫ ଡିସେମ୍ବର ୨୦ରେ ପେଟ୍ରୋଲ, ଡିଜେଲ ବିକ୍ରି କରୁଥିବା ସମସ୍ତ ତୈଳ କମ୍ପାନୀକୁ ଲେଖାଯାଇଥିବା ଚିଠି ଆଇନ ଅନୁସାରେ ଗ୍ରହଣୀୟ ନୁହେଁ। ଏଥିରେ ମୋଟର ଯାନ ଆଇନ, ୧୯୮୮ ଓ କେନ୍ଦ୍ରୀୟ ମୋଟର ଯାନ ନିୟମାବଳୀ, ୧୯୮୯ର ଉଲ୍ଲଂଘନ କରାଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ନ ଥିଲେ ଟାଙ୍କିରେ ପେଟ୍ରୋଲ ଓ ଡିଜେଲ ଦିଆ ନ ଯିବା ନିଷ୍ପତ୍ତି ଜନସାଧାରଣ ତଥା ଗାଡ଼ି ମାଲିକଙ୍କ ମୌଳିକ ଅଧିକାରର ଉଲ୍ଲଂଘନ କରୁଛି। ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର କରିବା ବେଳେ ସମ୍ପୃକ୍ତ ମୋଟରଯାନର ଇ-ଚାଲାଣ ଦେୟ ପ୍ରଦାନ ପାଇଁ ବାଧ କରାଯାଉଛି। ତେଣୁ ଡିସେମ୍ବର ୨୦ର ଚିଠିକୁ ରଦ୍ଦ କରାଯାଉ। ପିୟୁସି ପ୍ରମାଣପତ୍ର ନ ଥିବା ଗାଡ଼ିମାଲିକଙ୍କୁ ପେଟ୍ରୋଲ କିମ୍ବା ଡିଜେଲ ବିକ୍ରୟ ନ କରିବା ନିୟମ ସମ୍ପୂର୍ଣ୍ଣ ରୂପେ ଓଡ଼ିଶାର ପ୍ରତ୍ୟେକ ଗାଡ଼ି ମାଲିକଙ୍କ ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଥିବା ଦର୍ଶାଇଥିଲେ ଆବେଦନକାରୀଙ୍କ ଓକିଲ। ଏଥିସହିତ ଗାଡ଼ିର ପ୍ରଦୂଷଣ ପରୀକ୍ଷା ପୂର୍ବରୁ କୌଣସି ଚାଲାଣ ନ ଥିବା ନେଇ ଯେଉଁ ସର୍ତ୍ତ ଧାର୍ଯ୍ୟ କରାଯାଇଥିଲା, ତାହା ବେଆଇନ ବୋଲି ଆବେଦନକାରୀ ଦର୍ଶାଇଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଦୂଷଣ ପରୀକ୍ଷା ପାଇଁ ଯାଉଥିବା ମୋଟରଯାନର ପୂର୍ବରୁ ରହିଥିବା ଇ-ଚାଲାଣ ଦେୟ ପ୍ରଦାନ ପାଇଁ ବାଧ କରା ନ ଯାଉ ବୋଲି ସ୍ନିଗ୍ଧା ପାତ୍ରଙ୍କ ପକ୍ଷରୁ ରୁଜୁ ଜନସ୍ୱାର୍ଥ ମାମଲାରେ ଦର୍ଶାଯାଇଛି। ବାଣିଜ୍ୟ ଓ ପରିବହନ ସଚିବ, ପରିବହନ କମିଶନର, ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ଓ ବିଭିନ୍ନ ତୈଳ କମ୍ପାନୀର ଓଡ଼ିଶା ମୁଖ୍ୟଙ୍କୁ ମାମଲାରେ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରଞ୍ଜନ କୁମାର ରାଉତ ମାମଲା ପରିଚାଳନା କରୁଛନ୍ତି।

## 'ପିୟୁସିସି' ନେଇ ବାଣିଜ୍ୟ ଓ ପରିବହନ ବିଭାଗର ସ୍ପଷ୍ଟୋକ୍ତି

ଭୁବନେଶ୍ୱର,୨୭।୧(ରବିନାରାୟଣ ଜେନା)

ବିନା ପିୟୁସିସି'ରେ ପେଟ୍ରୋଲ ନ ମିଳିବା ପ୍ରସଙ୍ଗରେ ବାଣିଜ୍ୟ ଓ ପରିବହନ ବିଭାଗ ସ୍ପଷ୍ଟୋକ୍ତି ପ୍ରକାଶ କରିଛି। ବିଭାଗ ପକ୍ଷରୁ କୁହାଯାଇଛି, ଏସଂକ୍ରାନ୍ତରେ ବିଭାଗ ପକ୍ଷରୁ କୌଣସି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ତେବେ ରାଜ୍ୟ ପରିବହନ କମିଶନର ଏନେଇ ବିଭିନ୍ନ ତେଲ କମ୍ପାନୀଙ୍କ ସହିତ କେବଳ ପତ୍ରାଳାପ ଏବଂ ବୈଠକ କରିଛନ୍ତି। ବୈଠକରେ ସରକାରଙ୍କ ପୂର୍ବ ଘୋଷଣାକୁ ଜନସାଧାରଣଙ୍କୁ ସଚେତନ କରିବାପାଇଁ କୁହାଯାଇଛି। ଏହାସହିତ ବୈଠକରେ ଯେଉଁ ଆଲୋଚନା ହୋଇଛି ତାହାକୁ କୋର୍ଟଙ୍କ ନିକଟରେ ପୈଠ କରାଯାଇଛି। ବକେୟା ଚାଲାଣ ପ୍ରତିବନ୍ଧକ ହେବ କି ନାହିଁ ସେ ବିଷୟରେ କୋର୍ଟ ଆଗାମୀ ୭ ଦିନ ପରେ ଶୁଣାଣି କରିବେ। ଏହାପରେ ବିଭାଗ ତରଫରୁ ଆବଶ୍ୟକ ଦସ୍ତାବିଜ କୋର୍ଟଙ୍କୁ ପ୍ରଦାନ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।



ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ୟୁରୋପୀୟ କମିଶନ ପ୍ରେସିଡେଣ୍ଟ ଉର୍ସୁଲା ଭୋନ୍‌ଡେର ଲେୟେନ୍ ଓ ୟୁରୋପୀୟ ପରିଷଦ ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା।

## ଏଫ୍‌ଟିଏ: ଭାରତର...

ଆଦୌ ଟାରିଫ୍ କଷି ନ ପାରେ ବୋଲି ଭାରତର ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ ସୂଚନା ଦିଆଯାଇଛି। ଭାରତ ଏବଂ ଇୟୁ ପକ୍ଷରୁ ଆହୁରି କୁହାଯାଇଛି, ସୋୟା, ବିଫ୍, ଚିନି, ଚାଉଳ, ଦୁଗ୍ଧଜାତ ଉତ୍ପାଦ ଓ ଅନ୍ୟ କୃଷିଜାତ ସାମଗ୍ରୀକୁ ଟ୍ରେଡ୍ ଡିଲ୍ ପରିସର ବାହାରେ ରଖାଯାଇଛି। ୟୁରୋପୀୟ ମଦ ଭାରତକୁ ଶସ୍ତାରେ ପ୍ରବେଶ କରିବ। କାରଣ ଭାରତ ଏହା ଉପରେ ଆମଦାନୀ ଶୁଳ୍କରେ ରିହାତି ଦେବାକୁ ଯାଉଛି।

ଭାରତ ସରକାର ଓ ଇୟୁ ମଧ୍ୟରେ ସୋମବାର ଏକ ବଡ଼ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ସାରା ବିଶ୍ୱର ଲୋକେ ଏହାକୁ 'ସବୁ ଡିଲ୍‌ର ଜନନୀ' ବୋଲି ଆଖ୍ୟା ଦେଉଛନ୍ତି। ଏହି ଐତିହାସିକ ଚୁକ୍ତିନାମା ଭାରତର ୧.୪ ବିଲିୟନ୍ ଏବଂ ୟୁରୋପର ଅନେକ ନିୟୁତ ଲୋକଙ୍କ ପାଇଁ ବଡ଼ ସୁଯୋଗ ସୃଷ୍ଟି କରିବ। ୟୁରୋପର ୨୭ ଦେଶ ଏବଂ ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ପରିମାଣ ବିଶ୍ୱର ପ୍ରାୟ ୨୫% ହୋଇଥିବାବେଳେ ଉଭୟଙ୍କ ଅଧୀନରେ ୨ ବିଲିୟନ୍ ଲୋକଙ୍କ ବଜାର ଆସୁଛି।

୨ ଦଶନ୍ଧି ଧରି ଇୟୁ-ଭାରତ ବାଣିଜ୍ୟ ଆଲୋଚନା ଚାଲିଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୫୦% ଟାରିଫ୍ କଷିବା ଏବଂ ଆମେରିକାର ସହଯୋଗୀଗୁଡ଼ିକ ତାଙ୍କ ଗ୍ରୀନ୍‌ଲାଣ୍ଡ ଦଖଲ ଉଦ୍ୟମକୁ ବିରୋଧ କରିବା ପରିପ୍ରେକ୍ଷୀରେ ଆଲୋଚନାକୁ ବଳ ଦେଇଥିଲେ। ଉକ୍ତ ଡିଲ୍ ସ୍ୱାକ୍ଷରିତ ହେବା ପୂର୍ବରୁ ନୂଆଦିଲ୍ଲୀ ଓ ଇୟୁ ଦକ୍ଷିଣ ଆମେରିକୀୟ ବ୍ଲକ୍ ମର୍କୋସୁର ସହ ଏକ ଚୁକ୍ତି କରିଥିଲେ। ଏନେଇ ୟୁରୋପୀୟ କମିଶନ ପ୍ରେସିଡେଣ୍ଟ ଉର୍ସୁଲା ଭୋନ୍‌ଡେର ଲେୟେନ୍ କହିଛନ୍ତି, ୟୁରୋପ ଓ ଭାରତ ଆଜି ଇତିହାସ ରଚିଛନ୍ତି। ଏହା ଆରମ୍ଭ ମାତ୍ର। ଚୁକ୍ତି ସ୍ୱାକ୍ଷର ବେଳେ ୟୁରୋପୀୟ ପରିଷଦ ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ମଧ୍ୟ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ମୋଦି ଓ ଏହି ୨ ନେତାଙ୍କ ନେତୃତ୍ୱରେ ଭାରତ ଏବଂ ୨୭ ରାଷ୍ଟ୍ର ଆଗାମୀ ୫ ବର୍ଷ ପାଇଁ ଏକ ମିଳିତ ବ୍ୟାପକ ରଣନୈତିକ ଏଜେଣ୍ଡା ଉପରେ ନିଜ ନିଜ ମତ ରଖିଥିଲେ। ମୋଟ ୧୩ଟି ଚୁକ୍ତି ସ୍ୱାକ୍ଷର ହୋଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଭାରତ ଏବଂ ଇୟୁ ମଧ୍ୟରେ ଗତ ଆର୍ଥିକବର୍ଷରେ ୧୩୬.୫ ବିଲିୟନ୍ ଡଲାର ବାଣିଜ୍ୟିକ କାରବାର ହୋଇଥିଲା। ଏହି ଅବଧିରେ ଭାରତ-ଆମେରିକା ୧୩୨ ବିଲିୟନ୍ ଡଲାର କାରବାର କରିଥିବାବେଳେ ଭାରତ-ଚାଇନା ମଧ୍ୟରେ ୧୨୮ ବିଲିୟନ୍ ଡଲାର କାରବାର ହୋଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଚନ୍ଦ୍ର ରାହୁ ନକ୍ଷତ୍ରରେ ଅବସ୍ଥାନ କରି ଭୁଲ୍ ବୁଝାମଣାରୁ ପାରିବାରିକ କିମ୍ବା ବନ୍ଧୁଙ୍କ ସହ ମନାନ୍ତର ସୃଷ୍ଟି କରିବ। ସମ୍ପର୍କୀୟଙ୍କ ବେପରୁଆ କଥା ମନକୁ ବାଧିବ। ବ୍ୟବସାୟ, ନିର୍ମାଣ, ଆନୁଷ୍ଠାନିକ କାମ, ବିବାଦୀୟ ଘଟଣା, ସଭାସମିତି, ଅର୍ଥ ସମ୍ପର୍କ କ୍ଷେତ୍ରରୁ ଉପକୃତ ହେବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ରହି କାମ କରିବା ଭଲ ହେବ।

**ବୃଷ**
ମିତ୍ର ବୁଧଙ୍କ ନକ୍ଷତ୍ରସ୍ଥ ଶୁକ୍ର ଯାତ୍ରାରେ ଲକ୍ଷ୍ୟପୂରଣ କରିବା ସହ ବ୍ୟବସାୟରେ ସୁଫଳ ପ୍ରଦାନ କରିବେ। ସଭାସମିତିରେ ବନ୍ଧୁ ମିଳନ ଘଟିବ ଏବଂ ହାତକୁ ଦି'ପଇସା ମଧ୍ୟ ଆସିବ। କର୍ମକ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। କୌଣସି ବିବାଦୀୟ ଘଟଣାରେ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି।

**ମିଥୁନ**
ବୁଧ ଧନାଧିପ ଚନ୍ଦ୍ରଙ୍କ ନକ୍ଷତ୍ରସ୍ଥ ହୋଇ ବନ୍ଧୁଙ୍କ ଅନୁରୋଧରୁ କିମ୍ବା ସନ୍ତାନ ହେତୁକ ଅର୍ଥର ଆବଶ୍ୟକତାକୁ ପୂରଣ କରିବେ। ଯାହାକୁ ଖୋଜୁଥିବେ ସେ ଆପଣା ଛାଏଁ ପାଖକୁ ଚାଲି ଆସିବ। ପାରିବାରିକ ସମସ୍ୟା ପୂର୍ବପରି ରହିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ**
ଆଜିର ଚନ୍ଦ୍ରଙ୍କ ପ୍ରତି ଶନିଙ୍କ ଦୃଷ୍ଟିହୀନତା କାରଣରୁ ପାରିବାରିକ ପ୍ରତିକୂଳତା ପ୍ରଭାବ ପକାଇପାରିବ ନାହିଁ। କର୍ମକ୍ଷେତ୍ରରେ ଟେନସନ୍ ବଢ଼ିବ ଏବଂ ଗୁଜବ ମନକୁ ଆତଙ୍କିତ କରିପାରେ। ଅର୍ଥନୈତିକ ଦୃଷ୍ଟିକୋଣରୁ କେତେକ ବ୍ୟତିକ୍ରମ ସକାଶେ ଚିନ୍ତିତ ରହିବେ। ସହକର୍ମୀ ଫାଇଦା ଉଠାଇବା ପାଇଁ ଚେଷ୍ଟା କରି ଅପଦସ୍ଥ ହୋଇପାରନ୍ତି।

**ସିଂହ**
ବୁଧ ବ୍ୟୟାଧିପ ଚନ୍ଦ୍ରଙ୍କ ନକ୍ଷତ୍ରସ୍ଥ ଯୋଗୁ ପ୍ରାପ୍ୟ ହାତକୁ ଆସିବ କିନ୍ତୁ ପକେଟରେ ରହିପାରିବନି। ସାମାନ୍ୟ ଅବହେଳାରୁ ସୁଯୋଗ ହାତଛଡ଼ା ହୋଇପାରେ। ପରକଥା ଶୁଣି ସାହାଯ୍ୟ ପ୍ରତିଶ୍ରୁତି ଦେଇଥିବା ଲୋକଟିର ମନ ବିଗିଡି ଯିବାର ଆଶଙ୍କା ରହିଛି। ସଭାସମିତିରେ ଆଲୋଚନା, ଚୁକ୍ତିପତ୍ର, ଶିକ୍ଷା, ବାଣିଜ୍ୟ, ବନ୍ଧୁ ସମ୍ପର୍କରେ ଝଟକା ଲାଗିପାରେ।

**କନ୍ୟା**
ଅନୁକୂଳ ଗ୍ରହ ପ୍ରଭାବରୁ ଯାହା ଆଶା କରୁଛନ୍ତି ତାହା ପାଇବେ। ପରିବାରର ପ୍ରତ୍ୟେକ ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବାପାଇଁ ସମର୍ଥ ହେବେ। ସଂସ୍କୃତି କ୍ଷେତ୍ରରେ ସୁନାମ ଅର୍ଜନ କରିବା ସହ କୌଣସି ଶୁଭଖବର ପାଇବେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବ। ବ୍ୟବସାୟିକ ସ୍ଥିତି ବହୁତ ଭଲ ରହିବ।

**ତୁଳା**
ଶନିଙ୍କ ଦୃଷ୍ଟି କର୍ମାଧିପତିଙ୍କ ଉପରେ ପତିତ ହେଉଥିବାରୁ କର୍ମକ୍ଷେତ୍ରରେ ବିତର୍କର ଆଶଙ୍କା ରହିଛି। ଜଣେ ବନ୍ଧୁଙ୍କ ଆବିର୍ଭାବ ପାରିବାରିକ ଜୀବନକୁ ଚଳଚଞ୍ଚଳ କରିବ। ଅଭାବକୁ ପଛରେ ପକାଇ ଗୁରୁତ୍ୱପୂର୍ଣ୍ଣ କାମଟିକୁ ଅଗ୍ରାଧିକାର ଦେବେ। ବିବାଦୀୟ ଘଟଣାରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହୋଇପାରିବେ।

**ବିଛା**
ରାଶ୍ୟାଧିପ ମଙ୍ଗଳ ଉଚ୍ଚ ରାଶିରେ ରହି ନବମକୁ ଦେଖୁଥିବାରୁ ଧାର୍ମିକ ବାତାବରଣ ମଧ୍ୟରେ ସମୟ କଟିବ। ମନରେ ସରସତା ନ ଥିବାରୁ ମାନସିକ ସ୍ଥିରତା ରହିବ ନାହିଁ। ଆଜିର ଯାତ୍ରା, ଯୋଗାଯୋଗ, ସତ୍‌ସଙ୍ଗ, ଆଲୋଚନା ଜାରି ରଖିଲେ ଉପକୃତ ହେବେ। ଶିଳ୍ପ, ବାଣିଜ୍ୟ, ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରକାଶନରେ ତତ୍ପର ରହିପାରନ୍ତି।

**ଧନୁ**
ଆଜି ଅଷ୍ଟମାଧିପତି ଚନ୍ଦ୍ର ଷଷ୍ଠଭାବରେ ବିପରୀତ ରାଜଯୋଗ ପ୍ରଦାନ କରି ସମସ୍ୟାର ସମାଧାନ କରିବେ। ମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ପରିବାର, କର୍ମକ୍ଷେତ୍ର, ସାମାଜିକ ତଥା ଆନୁଷ୍ଠାନିକ କ୍ଷେତ୍ର ପୂର୍ବପରି ରହିବ। ଆନୁଷ୍ଠାନିକ କ୍ଷେତ୍ରରେ ସାହିତ୍ୟ, ସଂସ୍କୃତିର ଆଦର କରି ବନ୍ଧୁ ଗହଣରେ ପ୍ରଶଂସିତ ହେବେ।

**ମକର**
ନିଜର ବିଚାରବୁଦ୍ଧିକୁ ଜଳାଞ୍ଜଳି ଦେଇ ଅନ୍ୟର କାନକୁହା କଥାରେ ପରିଚାଳିତ ହେଲେ ମନସ୍ତାପ କରିବେ। ବାଣିଜ୍ୟ, ପରିବହନ, ଆଲୋଚନା ଓ ରାଜନୀତି କ୍ଷେତ୍ର ଭଲ ରହିବ। ଏକାଧିକଗ୍ରହ ରାଶିରେ ଅବସ୍ଥାନ କରୁଥିବାରୁ ଆପଣ ଅଗ୍ରଣୀ ଭୂମିକା ଗ୍ରହଣ କରି ପ୍ରଶଂସିତ ହେବେ।

**କୁମ୍ଭ**
ଷଷ୍ଠାଧିପ ଚତୁର୍ଥସ୍ଥ ଯୋଗୁ ଆଜି ପରିବାରରେ କଳହର ଆଶଙ୍କା ରହିଛି। ଆପଣଙ୍କ କାର୍ଯ୍ୟକୁ ବାହ୍ୟଲୋକମାନେ ଯେତିକି ଆଦର କରିବେ ନିଜ ଲୋକ ତାହାର ଦୁଇଗୁଣ ଅପପ୍ରଚାର କରିପାରନ୍ତି। ଯାତ୍ରାରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ। ଆକସ୍ମିକ ଦରକାର ପଡୁଥିବା ସମୟରେ ଅର୍ଥାଭାବ ଦୁଶ୍ଚିନ୍ତାର କାରଣ ହୋଇପାରେ।

**ମୀନ**
କର୍ମାଧିପତି କେନ୍ଦ୍ରସ୍ଥ ଯୋଗୁ କର୍ମାରମ୍ଭ ସାଙ୍ଗକୁ ସହକର୍ମୀଙ୍କ ପରାମର୍ଶ କାମକୁ ଆସିବ। ସ୍ୱସ୍ଥାନହନ୍ତା ଗୁରୁଙ୍କ ସ୍ଥିତିରୁ ପରିବାରରେ ଅଶାନ୍ତିର ଝଲକ ଦେଖିବାକୁ ମିଳିପାରେ। କୃତି ଓ କୃତିତ୍ୱରୁ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସିତ ହେବେ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ବନ୍ଧୁଙ୍କ ସହ ଆଲୋଚନା ପ୍ରୀତିପ୍ରଦ ରହିବ।

ଆଜି ଜାନୁଆରୀ ୨୮ ତାରିଖ। ଲାଲା ଲଜପତ୍ ରାୟଙ୍କ ଜୟନ୍ତୀ, ମାଘ ଶୁକ୍ଳ ଦଶମୀ ବୁଧବାର। ରାଶି ନକ୍ଷତ୍ର-ଦିବା ଘ.୦୯।୦୨ମି. ଗତେ ରୋହିଣୀ/ବୃଷ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୨୬ମି. ଗତେ ଘ.୦୭।୫୫ମି. ମଧ୍ୟେ, ଘ.୧୦।୩୬ମି. ଗତେ ଘ.୧୧।୩୬ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧।୫୯ମି. ଗତେ ଘ.୦୧।୨୨ମି. ମଧ୍ୟେ ରାହୁ କାଳ।

DSPL-495

ODISHA
NEW OPPORTUNITIES

CII 25th enterprise Odisha
28 - 30 January 2026
ROURKELA, ODISHA



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସମୃଦ୍ଧ ଓଡ଼ିଶା ଗଢୁଛନ୍ତି ଲୋକଙ୍କ ସରକାର
ସବୁ ଜିଲ୍ଲାରେ ଏବେ ଶିଳ୍ପାୟନ ସହ ରୋଜଗାର

₹୭,୧୧,୮୨୯ କୋଟିର ନିବେଶ
୩୫୪ ଅନୁମୋଦିତ ପ୍ରକଳ୍ପ
୪,୭୨,୪୧୭ ନିଯୁକ୍ତି ସମ୍ଭାବନା

₹୨,୦୪,୪୭୯ କୋଟିର ନିବେଶ
୮୫ ଭିତ୍ତିପ୍ରସ୍ତର ସ୍ଥାପନ
୧,୬୩,୭୨୫ ନିଯୁକ୍ତି ସମ୍ଭାବନା

୨୩ଟି ନୂଆ ଶିଳ୍ପ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ
୧୧,୮୪୪ ରୁ ଅଧିକ ନିଯୁକ୍ତି ସୁଯୋଗ | ୩୫,୮୮୦ କୋଟି ଟଙ୍କାର ପୁଞ୍ଜି ନିବେଶ

ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ଗରିମାମୟ ଉପସ୍ଥିତି
ଶ୍ରୀ ଜୁଏଲ୍ ଓରାମ
ମନ୍ତ୍ରୀ, ଆଦିବାସୀ ବ୍ୟାପାର, ଭାରତ ସରକାର
ଶ୍ରୀ ଭବାନୀ ଶଙ୍କର ଭୋଇ
ଉପ ବାଚସ୍ପତି, ଓଡ଼ିଶା
ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ
ମନ୍ତ୍ରୀ, ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା, ଓଡ଼ିଶା
ଶ୍ରୀ ସାରଦା ପ୍ରସାଦ ନାୟକ
ବିଧାୟକ, ରାଉରକେଲା
ଶ୍ରୀ ଦୁର୍ଗା ଚରଣ ତନ୍ତୀ
ବିଧାୟକ, ରଘୁନାଥପାଲି

ଉଦ୍‌ଘାଟନ
ହିନ୍ଦାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆଲୁମିନିୟମ୍ ଫ୍ଲାଟ୍ ରୋଲ୍ଡ୍ ଉତ୍ପାଦ) | ହିନ୍ଦାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ସତନ୍ତ୍ର ବ୍ୟାଟେରି ଫଏଲ୍)
ଭୂଷଣ ପାୱାର୍ ଏଣ୍ଡ ଷ୍ଟିଲ୍ ଲିମିଟେଡ୍ | ଏସ୍ଏମ୍ଇଏଲ୍ ଷ୍ଟିଲ୍ ଷ୍ଟ୍ରକ୍‌ଚରାଲ୍ ପ୍ରାଇଭେଟ୍ ଲିମିଟେଡ୍ | ଶ୍ୟାମ୍ ମେଟାଲିକ୍ସ ଏଣ୍ଡ ଏନର୍ଜି ଲିମିଟେଡ୍
ବାୟୋ ଆଗ୍ରୋ ଏନର୍ଜି ପ୍ରାଇଭେଟ୍ ଲିମିଟେଡ୍ | ଭୂଷଣ ପାୱାର୍ ଏଣ୍ଡ ଷ୍ଟିଲ୍ ଲିମିଟେଡ୍(ସିମେଣ୍ଟ ପ୍ଲାଣ୍ଟ) | ସିଏମଆର ଆଲୁମିନିୟମ୍ ପ୍ରାଇଭେଟ୍ ଲିମିଟେଡ୍ | ଇଣ୍ଡିଆନ୍ ପୋଟାଶ୍ ଲିମିଟେଡ୍
ରତ୍ନମଣି ମେଟାଲ୍ସ ଏଣ୍ଡ ଟ୍ୟୁବ୍ସ ଲିମିଟେଡ୍ | ଭାଇବ୍ରାଣ୍ଟ ସ୍ପିରିଟ୍ସ ପ୍ରାଇଭେଟ୍ ଲିମିଟେଡ୍ | ଭିଭୋର୍ ଷ୍ଟିଲ୍ ଟ୍ୟୁବ୍ସ ଲିମିଟେଡ୍ | ଏମ୍.ଆର୍. ୟୁନିକାଷ୍ଟ ପ୍ରାଇଭେଟ୍ ଲିମିଟେଡ୍

ଭିତ୍ତିପ୍ରସ୍ତର ସ୍ଥାପନ
ହିନ୍ଦାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆଲୁମିନିୟମ୍ ଓ ପାୱାର) | ଭୂଷଣ ପାୱାର୍ ଏଣ୍ଡ ଷ୍ଟିଲ୍ ଲିମିଟେଡ୍ | କ୍ୟାବ୍‌କନ୍ ଇଣ୍ଡିଆ ଲିମିଟେଡ୍ | ରିଲାନ୍ସ ବାୟୋ ଏନର୍ଜି ଲିମିଟେଡ୍ |
ଉଦ୍ରା କଷ୍ଟ୍ରକ୍ସନ୍ ପ୍ରାଇଭେଟ୍ ଲିମିଟେଡ୍ | ଷ୍ଟାର୍ ମେଟାଲ ୱାର୍କ୍ସ ପ୍ରାଇଭେଟ୍ ଲିମିଟେଡ୍ | ବେନ୍ ଗ୍ଲୋବାଲ୍ ରିର୍ସୋସେସ୍ ଏଲ୍ଏଲ୍‌ପି | ଭିମ୍ଲା ଇନ୍‌ଫ୍ରାଷ୍ଟ୍ରକ୍‌ଚର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍
ଶ୍ରେୟଶ ଆଲୁମିନିୟମ୍ ଏଣ୍ଡ ଏଲୋଏସ୍ ପ୍ରାଇଭେଟ୍ ଲିମିଟେଡ୍ | ଓଡ଼ିଶା ଷ୍ଟିଭଡ଼ୋର୍ସ ଲିମିଟେଡ୍

୨୮ ଜାନୁଆରୀ ୨୦୨୬ | ରାଉରକେଲା, ସୁନ୍ଦରଗଡ଼

OIPR-

ଶିଳ୍ପ ବିଭାଗ, ଓଡ଼ିଶା ସରକାର

" ରାଷ୍ଟ୍ରଜାତି, ପରିବାର ଓ ମାନବଜାତି- ଏ ତିନୋଟି ହେଲେ ବିଷ୍ଣୁଙ୍କର ତ୍ରିପାଦ -ବ୍ୟକ୍ତିର ଏକତ୍ୱରୁ ସମଷ୍ଟିର ଏକତ୍ୱ ଆଡେ। ପରିବାର ସମ୍ପନ୍ନ ହୋଇଛି। ରାଷ୍ଟ୍ରଜାତିକୁ ସମ୍ପନ୍ନ କରିବା ପାଇଁ ଆମେ ବର୍ତ୍ତମାନ ସଚେଷ୍ଟ। ମାନବଜାତି ଆଡକୁ ଆମେ ହାତ ପ୍ରସାରିତ କରିଛୁ। ତା'ର ଭିତ୍ତି ଆରମ୍ଭ ହୋଇଯାଇଛି। -ଶ୍ରୀଅରବିନ୍ଦ



# ଆଉ ଚାରା ନାହିଁ

ଓଡ଼ିଆରେ କଥା ଅଛି 'ଆଉ ଚାରା ନାହିଁ'। ଅର୍ଥାତ୍ ଆଉ କିଛି ଉପାୟ ନ ଥିଲେ ବାଧ ହେବା ସ୍ଥିତିକୁ ଲକ୍ଷ୍ୟ କରାଯାଇ ଏଭଳି କୁହାଯାଇଥାଏ। ଗୋଟିଏ ସପ୍ତାହରେ ଦୁଇଟି ଘଟଣା ସାମ୍ନାକୁ ଆସିଛି। ପ୍ରଥମଟି ହେଲା କୋରାପୁଟ ଜିଲାପାଳ ୭୭ତମ ସାଧାରଣତନ୍ତ୍ର ଦିବସ ପୂର୍ବରୁ ଜିଲାରେ ଆମିଷ ବିକ୍ରି ବନ୍ଦ କରିବା ସଂକ୍ରାନ୍ତରେ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ସେଥିରେ ନିର୍ଦ୍ଦେଶ ଦିଆଯାଇଥିଲା ଯେ ଜିଲାର ସମସ୍ତ ତହସିଲଦାର, ବିଡିଓ ଏବଂ ନିର୍ବାହୀ ଅଧିକାରୀ ନିଜ କାର୍ଯ୍ୟ କ୍ଷେତ୍ରାଞ୍ଚଳରେ ଏହାକୁ କଡ଼ାକଡ଼ି ଲାଗୁ କରାଇବେ। ହେଲେ ଗଣମାଧ୍ୟମ ଓ ବିଶେଷକରି ସୋସିଆଲ ମିଡିଆରେ ବିରୋଧ କରାଯାଇ ଚାପ ପଡ଼ିବା ପରେ ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ଜିଲାପାଳ ଖସିବାର ବାଟ ନ ପାଇ ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରିନେଇଥିଲେ। ଦ୍ୱିତୀୟ ଘଟଣାଟି ହେଲା ହାଓଡାରୁ କାମାକ୍ଷାକୁ ଚାଲୁଥିବା ବନ୍ଦେ ଭାରତ ସ୍ଲିପର ଟ୍ରେନ୍‌ର ଖାଦ୍ୟ ତାଲିକାରେ ଏବେ ଆମିଷକୁ ସାମିଲ କରାଯିବା ନେଇ ନିଷ୍ପତ୍ତି ନିଆଯିବା। ପ୍ରସଙ୍ଗର ଟିକେ ପଛକୁ ଗଲେ ବୁଝାପଡ଼େ ଯେ, ଜାନୁଆରୀ ୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗର ମାଲ୍‌ଦାରୁ ହାଓଡା-ଗୁଆହାଟୀ (କାମାକ୍ଷା) ବନ୍ଦେ ଭାରତ ସ୍ଲିପର ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ନିରାମିଷ ଖାଦ୍ୟ କେବଳ ପରଷା ଯିବ ବୋଲି ବ୍ୟବସ୍ଥା ଥିଲା। ହେଲେ ପଶ୍ଚିମବଙ୍ଗରେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପକ୍ଷରୁ ଏଭଳି ନିଷ୍ପତ୍ତିକୁ ବିରୋଧ କରାଯାଇଥିଲା। ବଙ୍ଗାଳୀ ଲୋକଙ୍କ ଖାଦ୍ୟାଭ୍ୟାସ ଉପରେ ଜାଣିଶୁଣି ଆକ୍ରମଣ କରାଯାଉଛି ବୋଲି ଜୋର ପ୍ରତିବାଦ ମଧ୍ୟ ହେଲା। ଶେଷରେ ଅନନ୍ୟୋପାୟ ହୋଇ ରେଳ ମନ୍ତ୍ରଣାଳୟ ତା'ର ନିଷ୍ପତ୍ତି ବଦଳାଇଥିବା ଜଣାପଡ଼ିଛି। ଅର୍ଥାତ୍ ଏଣିକି ଏହି ଟ୍ରେନ୍ ଯାତ୍ରୀଙ୍କ ପାଇଁ ଖାଦ୍ୟ ତାଲିକାରେ ଆମିଷ ରହିବ ବୋଲି କୁହାଯାଇଛି।

ଏଥିରୁ ଜଣାପଡୁଛି, ଏବକାର କେନ୍ଦ୍ର ସରକାର ନାଗରିକଙ୍କ ଦୈନନ୍ଦିନ ଜୀବନଶୈଳୀକୁ ବଦଳାଇବାର ଉଦ୍ୟମ କରିଚାଲୁଛନ୍ତି। ସ୍ୱୀକାର କରିବାକୁ ହେବ ଯେ, ହିନ୍ଦୀଭାଷୀ ଅଞ୍ଚଳଗୁଡ଼ିକରେ ଯଥା ଉତ୍ତରପ୍ରଦେଶ, ବିହାର, ହରିୟାଣା, ରାଜସ୍ଥାନ ଏପରିକି ଗୁଜରାଟ ଓ ମହାରାଷ୍ଟ୍ରରେ ସରକାର ମୁଣ୍ଡ ପୂରାଉଛନ୍ତି ଏବଂ ସେହିସବୁ ରାଜ୍ୟରେ ସଫଳତା ମଧ୍ୟ ପାଇପାରୁଛନ୍ତି। ତେବେ ଗୋଆ, ଉତ୍ତର-ପୂର୍ବାଞ୍ଚଳର ଅନେକ ରାଜ୍ୟରେ ଭାଜପା କ୍ଷମତାସୀନ ଥାଇ ମଧ୍ୟ ଖୋଲାରେ ଗୋମାଂସ ବିକ୍ରିକୁ ବନ୍ଦ କରିବାର ସତ୍‌ସାହସ କରିପାରିନାହିଁ। ସେହିଭଳି ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ସାଧାରଣ ଜୀବନଶୈଳୀରେ ଆଙ୍ଗୁଠି ଗେଞ୍ଜିବାର ଉଦ୍ୟମ ଏପର୍ଯ୍ୟନ୍ତ ସଫଳତା ପାଇପାରିନାହିଁ।

> **ରାଜରାଜୁଡ଼ା ଓ ବିଦେଶୀ ଶାସନ ପରେ ଗଣତାନ୍ତ୍ରିକ ପଦ୍ଧତିରେ ଏହି ଦେଶର ପ୍ରଶାସନ ଯଦି ଚାଲୁଥାଏ, ତେବେ ପ୍ରଥମ ବିଷୟଟି ହେଉଛି ଏହା ଗୋଟିଏ ଦେଶ, ଗୋଟିଏ ଭାଷା, ଗୋଟିଏ ଜାତି, ଗୋଟିଏ ଧର୍ମ, ଗୋଟେ ପ୍ରକାର ଖାଦ୍ୟକୁ ସ୍ୱୀକାର କରେ ନାହିଁ। ତେଣୁ ଏଭଳି କୌଣସି ଜଣେ ବ୍ୟକ୍ତି ବା ଦଳ ନାହିଁ, ଯିଏ ସମଗ୍ର ଦେଶକୁ ଗୋଟିଏ ଢାଞ୍ଚାରେ ଚଳାଇପାରିବ। ସେଭଳି ଉଦ୍ୟମ ଯଦି କୌଣସି ନେତା ବା ରାଜନୈତିକ ଦଳ କରନ୍ତି, ତାହା ହେଲେ ତାଙ୍କ ବିନାଶ ସୁନିଶ୍ଚିତ।**

ଦେଖିବାକୁ ଗଲେ ନିରାମିଷ ଖାଉଥିବା ବ୍ୟକ୍ତି ସାତ୍ତ୍ୱିକ ଜୀବନଯାପନ କରିବାର ସମ୍ଭାବନା ଅଧିକ। କିନ୍ତୁ ମଣିଷ ଜାତି ମାଂସାଶୀ। ମଣିଷ ଦ୍ୱାରା ଚାଷ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ କେବଳ ଫଳମୂଳ ଓ ମାଛମାଂସ ଖାଇ ମଣିଷଜାତି ବଞ୍ଚୁଥିଲା। ଚାଷ ପଦ୍ଧତି ଶିଖିବା ପାଇଁ ଅନେକ ହଜାର ବର୍ଷ ବିତିଯାଇଥିଲା। ଗୋଟେ ପଟେ ଆମିଷ ଖାଇବାକୁ ପ୍ରୋତ୍ସାହନ ଦେବା ଉଚିତ ନୁହେଁ। ଅନ୍ୟପଟେ ପ୍ରତ୍ୟେକ ନାଗରିକ ବ୍ୟକ୍ତିଗତ ସ୍ୱାଧୀନତା ବଳରେ ଖାଇବା, ପିଇବା, ପୋଷାକ ପିନ୍ଧିବା, ଗମନାଗମନ ସହିତ ପାରିବାରିକ ଜୀବନଶୈଳୀରେ ସରକାରଙ୍କର କୌଣସି ପ୍ରକାରର କଟକଣା ବା ନିୟମାବଳୀ କେବେ ହେଲେ ଗ୍ରହଣୀୟ ହୋଇପାରିବ ନାହିଁ। ଏହାର ମୂଳ କାରଣ ହେଲା ଭାରତ ଏକ ବିରାଟ ଦେଶ। ୧୯୪୭ ପୂର୍ବରୁ ଏହା ଗୋଟିଏ ଦେଶ ନ ଥିଲା। ରାଜରାଜୁଡ଼ା ଓ ବିଦେଶୀ ଶାସନ ପରେ ଗଣତାନ୍ତ୍ରିକ ପଦ୍ଧତିରେ ଏହି ଦେଶର ପ୍ରଶାସନ ଯଦି ଚାଲୁଥାଏ, ତେବେ ପ୍ରଥମ ବିଷୟଟି ହେଉଛି ଏହା ଗୋଟିଏ ଦେଶ, ଗୋଟିଏ ଭାଷା, ଗୋଟିଏ ଜାତି, ଗୋଟିଏ ଧର୍ମ, ଗୋଟେ ପ୍ରକାର ଖାଦ୍ୟକୁ ସ୍ୱୀକାର କରେ ନାହିଁ। ତେଣୁ ଏଭଳି କୌଣସି ଜଣେ ବ୍ୟକ୍ତି ବା ଦଳ ନାହିଁ, ଯିଏ ସମଗ୍ର ଦେଶକୁ ଗୋଟିଏ ଢାଞ୍ଚାରେ ଚଳାଇପାରିବ। ସେଭଳି ଉଦ୍ୟମ ଯଦି କୌଣସି ନେତା ବା ରାଜନୈତିକ ଦଳ କରନ୍ତି, ତାହା ହେଲେ ତାଙ୍କ ବିନାଶ ସୁନିଶ୍ଚିତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 6 | 8 | 9 | | | |
| 7 | | | | | | 9 | 1 | |
| | | | | 7 | 5 | 8 | | |
| 3 | 5 | 8 | | 9 | 1 | | | |
| 6 | | 1 | 2 | | 3 | | | |
| 2 | | | | | | | 9 | |
| | | 2 | | | 8 | 7 | | 4 |
| 9 | 3 | | | 6 | 7 | | | |
| | | 4 | | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 7 | 8 | 1 | 9 | 3 | 5 | 4 |
| 3 | 8 | 1 | 4 | 2 | 5 | 7 | 6 | 9 |
| 4 | 9 | 5 | 3 | 6 | 7 | 8 | 2 | 1 |
| 5 | 2 | 3 | 1 | 7 | 4 | 9 | 8 | 6 |
| 6 | 4 | 9 | 2 | 5 | 8 | 1 | 7 | 3 |
| 1 | 7 | 8 | 9 | 3 | 6 | 5 | 4 | 2 |
| 8 | 5 | 2 | 6 | 9 | 1 | 4 | 3 | 7 |
| 7 | 1 | 6 | 5 | 4 | 3 | 2 | 9 | 8 |
| 9 | 3 | 4 | 7 | 8 | 2 | 6 | 1 | 5 |

ଗତ ସଂସ୍କରଣର ଉତ୍ତର

# ଗଣତନ୍ତ୍ରରେ ବ୍ୟକ୍ତିତନ୍ତ୍ର



ଅକ୍ଷୟ କୁମାର ମିଶ୍ର

ଗଣତନ୍ତ୍ରରେ ବ୍ୟକ୍ତିର ନିଜସ୍ୱ ମତ ଉପସ୍ଥାପନ କରିବାର ସୁଯୋଗ ଥାଏ କିନ୍ତୁ ସଂଖ୍ୟାଗରିଷ୍ଠ ମତକୁ ସମସ୍ତଙ୍କୁ ସ୍ୱୀକାର କରିବାକୁ ପଡ଼ିଥାଏ। ସ୍ୱେଚ୍ଛାଚାରିତାର ସ୍ଥାନ ନାହିଁ କି ବ୍ୟକ୍ତିବାଦିତାକୁ ପ୍ରଶ୍ରୟ ଦିଆଯାଏ ନାହିଁ ଗଣତନ୍ତ୍ରରେ। ଲୋକଙ୍କ ମଧ୍ୟରେ ନ୍ୟାୟିକ ସମତା ସୃଷ୍ଟି, ସମସ୍ତଙ୍କୁ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଅଧିକାର ପ୍ରଦାନ ତଥା ମାନବିକ ଅଧିକାରକୁ ସୁରକ୍ଷା ଦେବା ଗଣତନ୍ତ୍ରର ମୌଳିକ ଲକ୍ଷ୍ୟ। ଏହାକୁ ଆଇନର ଶାସନ ବୋଲି ମଧ୍ୟ କୁହାଯାଏ। ସଂଖ୍ୟାଲଘୁମାନଙ୍କର ସୁରକ୍ଷା ତଥା ସେମାନଙ୍କର ସ୍ୱାର୍ଥ ରକ୍ଷା ନିମନ୍ତେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ନ୍ୟାୟପାଳିକାର ପ୍ରମୁଖ ଭୂମିକା ଥାଏ। ଏହି ବ୍ୟବସ୍ଥାର ଜନକ ହେଉଛନ୍ତି ଏଥେନ୍ସର ଦାର୍ଶନିକ କ୍ଲେଇଥେନିସ। ଆଜି ସମସ୍ତ ଦେଶକୁ ପଛକୁ ପକାଇ ଭାରତବର୍ଷ ସର୍ବବୃହତ୍ ଗଣତାନ୍ତ୍ରିକ ଦେଶ ରୂପରେ ଦଣ୍ଡାୟମାନ ହୋଇଛି। କିନ୍ତୁ ଢୋଲ ଭିତରେ ମୂଷା ସଦୃଶ ସମ୍ପ୍ରତି ଭାରତୀୟ ଗଣତନ୍ତ୍ରରେ କିଛି କିଛି ବ୍ୟତିକ୍ରମ ପରିଲକ୍ଷିତ ହେବା ସହିତ ବିଚ୍ୟୁତି ଦୃଷ୍ଟିଗୋଚର ହେଉଛି।

ପ୍ରଥମତଃ ଗଣତନ୍ତ୍ର ହେଉଛି ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥା। ଏହି ପ୍ରତିନିଧିଙ୍କୁ ଭୋଟ ମାଧ୍ୟମରେ ସାଧାରଣ ଜନତା ଚୟନ କରିଥାନ୍ତି। କିନ୍ତୁ ଯାହା ଦେଖାଯାଉଛି ନିରପେକ୍ଷତା ଓ ନିର୍ଭୀକତା ଆମ ଦେଶରେ ସଙ୍ଗଠିତ ହେଉଥିବା ନିର୍ବାଚନରେ ଲୁପ୍ତ ପ୍ରାୟ। ଅର୍ଥ, ବାହୁବଳ, କ୍ଷମତାର ଅପବ୍ୟବହାର, ପ୍ରତିଶ୍ରୁତିର ପ୍ରାବଲ୍ୟ ଓ ପ୍ରଲୋଭନ ନିର୍ବାଚନରେ ନିରପେକ୍ଷତାକୁ କେବଳ ହତ୍ୟା କରିନାହିଁ ଜନତାଙ୍କୁ ମଧ୍ୟ ଆତଙ୍କିତ କରୁଛି। ଏବେ ସରକାରରେ ଥାଇ ଆଉ ଏକ ନୂତନ କୌଶଳ ଆପଣାଉଛନ୍ତି ସରକାରୀ ରାଜନୈତିକ ଦଳମାନେ। ନିର୍ବାଚନ ଘୋଷଣାର ଅବ୍ୟବହିତ ପୂର୍ବରୁ ଏକ ଅର୍ଥ ପ୍ରଦାନକାରୀ ଯୋଜନା ପ୍ରଣୟନ ହେଉଛି ଏବଂ ନିର୍ବାଚନ ଆରମ୍ଭ ହୋଇଗଲେ ହିତାଧିକାରୀଙ୍କ ଜମାଖାତାକୁ ଅର୍ଥ ଦିଆଯାଉଛି। ଏହା ଏକ ଆଇନ ସଙ୍ଗତ ଲାଞ୍ଚ ବୋଲି କୁହାଯାଇ ପାରେ ଯାହା ମତଦାତାଙ୍କୁ ପ୍ରଭାବିତ କରୁଛି। ଯୋଗ୍ୟ ପ୍ରତିନିଧି ଚୟନ ସମ୍ଭବ ହେଉ ନାହିଁ। ଅପରପକ୍ଷରେ ନିର୍ବାଚନ ଆୟୋଗଙ୍କ ନୀରବତା ଏବଂ ପରୋକ୍ଷ ସମର୍ଥନ ଗଣତନ୍ତ୍ରକୁ ଠିକ୍ ଦିଶା ଦେବାରେ ବ୍ୟର୍ଥ ହେଉଛି। ଅବଶ୍ୟ ସମ୍ପ୍ରତି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରାମାୟାଙ୍କ ନିର୍ବାଚନୀ ଇସ୍ତାହାର ଉପରେ ସର୍ବୋଚ୍ଚ ନ୍ୟାୟାଳୟ ଟିପ୍ପଣୀ ଦେଇ ଏହାକୁ 'ଅଭ୍ୟାସଗତ ଦୁର୍ନୀତି' ବୋଲି କହିବା ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ। ମାତ୍ର ଟିପ୍ପଣୀ, ଭର୍ତ୍ସନା, ତିରସ୍କାର ଏସବୁ ଏମାନଙ୍କ ପାଇଁ ଦେହସୁହା।

ଦ୍ୱିତୀୟରେ ଆମ ଦେଶରେ ଗଣତନ୍ତ୍ରର ସ୍ଥାୟିତ୍ୱ ଓ ସମୃଦ୍ଧି ଆମ ଦେଶରେ ଥିବା ରାଜନୈତିକ ଦଳଗୁଡ଼ିକର କାର୍ଯ୍ୟଶୈଳୀ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଅଳ୍ପ କେତୋଟି ରାଜନୈତିକ ଦଳକୁ ଛାଡ଼ିଦେଲେ ସମସ୍ତ ରାଜନୈତିକ ଦଳ ବିଶେଷକରି ଯେଉଁମାନେ



ପ୍ରଭାବଶାଳୀ ସେମାନଙ୍କଠାରେ ବ୍ୟକ୍ତି କୈନ୍ଦ୍ରିକତା ଅତ୍ୟଧିକ ବୃଦ୍ଧି ପାଇଛି। ଏହା ପ୍ରତ୍ୟକ୍ଷ ପ୍ରଭାବ ସରକାରଙ୍କ ଉପରେ ପଡୁଛି। ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ହେଉଛି ସରକାରର ନାମକରଣ। ରାଜତନ୍ତ୍ରରେ ଯେମିତି ରାଜାଙ୍କ ନାମରେ ଶାସନ ଚାଲୁଥିଲା ଠିକ୍ ସେମିତି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ନାମରେ ସରକାରର ନାଁ ଦିଆଯାଉଛି। ପ୍ରଥମେ ଆମେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ବୋଲି କହୁଥିଲୁ। ଏହା ବଦଳି ଯାଇ ଦଳ ନାମରେ ସରକାର ନାମିତ ହେଲେ। କେନ୍ଦ୍ର ସରକାର ବା ରାଜ୍ୟ ସରକାର କହିବା ପରିବର୍ତ୍ତେ ଯେତେବେଳେ ଯେଉଁ ଦଳ ବା ମେଣ୍ଟ ସରକାର ଗଢ଼ିଲା ସେହି ଦଳ ବା ମେଣ୍ଟର ନାମାନୁସାରେ ସରକାରର ନାମ ଦିଆଗଲା। ଯଥା- କଂଗ୍ରେସ ସରକାର, ଭାଜପା ସରକାର, ଏନ୍‌ଡିଏ ସରକାର, ଉପା ସରକାର, ବାମଫ୍ରଣ୍ଟ ସରକାର ଇତ୍ୟାଦି। ସେଇଠୁ ଗଣତନ୍ତ୍ରରେ ଦଳତନ୍ତ୍ରର ପ୍ରଭାବ ବଢ଼ିବାକୁ ଲାଗିଲା। ଦେଶ ଓ ରାଜ୍ୟର ନାମ ଲୁଚିଯାଇ ଦଳର ନାମ ସମ୍ମୁଖ ଭାଗକୁ ଆସିଲା। ଏବେ ଦଳର ନାମ ମଧ୍ୟ ଲୁଚିବାକୁ ବସିଲାଣି। ବ୍ୟକ୍ତିର ନାମକୁ ନେଇ ସରକାରର ନାମ ଦିଆଯାଉଛି, ଯେପରିକି ମୋଦି ସରକାର, ଯୋଗୀ ସରକାର, ମମତା ସରକାର ଇତ୍ୟାଦି।

ଏଭଳି ସ୍ଥିତି ଯେତେବେଳେ ଉପୁଜେ ସେତେବେଳେ ଗଣତାନ୍ତ୍ରିକ ପରିଚାଳନା ସବୁଠି ଧ୍ୱଂସ ପାଏ, ଦଳ ନିକଟରେ, ସରକାର କ୍ଷେତ୍ରରେ। ପ୍ରଥମେ ଏହା ଆରମ୍ଭ ହୋଇଥିଲା ଇନ୍ଦିରା ଗାନ୍ଧୀଙ୍କ ସମୟରେ। ସେ ତାଙ୍କର ସମସ୍ତ ଇଚ୍ଛାକୁ ଅନ୍ୟମାନଙ୍କ ଉପରେ ଲଦିଦେବାକୁ ପ୍ରୟାସ କରୁଥିଲେ। ଯେଉଁମାନେ ତାଙ୍କ ମତରେ ସମ୍ମତି ପ୍ରକାଶ କରୁ ନ ଥିଲେ କିମ୍ବା ପ୍ରତିବାଦ କରୁଥିଲେ ସେମାନଙ୍କୁ ସେ ତାଙ୍କର ଶତ୍ରୁ ବୋଲି ବିଚାର କରୁଥିଲେ। ଏହାର ଅନ୍ତିମ ପରିଣତି ଥିଲା ଜରୁରିକାଳୀନ ପରିସ୍ଥିତି। ସ୍ୱେଚ୍ଛାଚାରିତାର ଏହା ଏକ ନଗ୍ନ ଉଦାହରଣ।

ଲୋକେ ଜାଣିଥିଲେ ପ୍ରଧାନମନ୍ତ୍ରୀ ହୁଅନ୍ତୁ ବା ମୁଖ୍ୟମନ୍ତ୍ରୀ, ସେ ଗୃହର ନେତା। କିନ୍ତୁ ସେ ସର୍ବେସର୍ବା ନୁହନ୍ତି। ଶାସନର ସୁପରିଚାଳନା ନିମନ୍ତେ ବିଭିନ୍ନ ବିଭାଗକୁ ଲକ୍ଷ୍ୟ କରି ତ୍ରିସ୍ତରୀୟ ମନ୍ତ୍ରିମଣ୍ଡଳ ଗଠନ ହୋଇଥାଏ। ସେମାନଙ୍କ ମଧ୍ୟରୁ କେତେଜଣ ପୂର୍ଣ୍ଣ ମନ୍ତ୍ରୀ, କେତେଜଣ ରାଷ୍ଟ୍ର ଓ କେତେଜଣ ଉପମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରନ୍ତି। ଏମାନେ ନିଜ ନିଜ ବିଭାଗର ଦାୟିତ୍ୱ ସମ୍ଭାଳିବା ସହିତ ଲୋକଙ୍କର ହିତ ପାଇଁ କାମ କରନ୍ତି, ନିଷ୍ପତ୍ତି ନିଅନ୍ତି। କିନ୍ତୁ ଏବେ ଅନେକ ଅଭିଯୋଗ ଶୁଣିବାକୁ ମିଳେ। ଯଥା- ମନ୍ତ୍ରୀମାନେ ସ୍ୱାଧୀନ ଭାବେ କାମ କରିପାରୁ ନାହାନ୍ତି, ସେମାନଙ୍କ ମତ ନିଆଯାଉ ନାହିଁ ଇତ୍ୟାଦି। ଆମ ରାଜ୍ୟରେ ୨୪ ବର୍ଷର ବିଜେଡି ଶାସନ କାଳକୁ ଆମେ ସଭିଏ ଦେଖିଛନ୍ତି। ଏପରି କି ଶୁଣିବାକୁ ମିଳୁଥିଲା ମନ୍ତ୍ରିମଣ୍ଡଳ ବୈଠକରେ ମଧ୍ୟ ସବୁକଥା ଅନାଲୋଚିତ ହୋଇ ନିଷ୍ପତ୍ତି ନିଆଯାଉଥିଲା। କେବଳ ଆମ ରାଜ୍ୟରେ ନୁହେଁ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗକୁ ଯଦି ଦେଖିବା, ସେଠାରେ ମଧ୍ୟ ଏକ ନାୟକତ୍ୱର ପ୍ରଭାବ ପରିଦୃଷ୍ଟ ହୁଏ। ଅଧିକାଂଶ ରାଜ୍ୟରେ ସମାନ କଥା। ଦେଶରେ ଯେତେ ଆଞ୍ଚଳିକ ରାଜନୈତିକ ଦଳ ଅଛି ସବୁଥିରେ ଜଣେ ବ୍ୟକ୍ତିର ନିଷ୍ପତ୍ତି ଶିରୋଧାର୍ଯ୍ୟ। ଜାତୀୟ ଦଳ ଭାବରେ କଂଗ୍ରେସ ଓ ଭାଜପା ମଧ୍ୟ ଏଥିରୁ ମୁକ୍ତ ନୁହନ୍ତି। କଂଗ୍ରେସରେ ଗୋଟିଏ ପରିବାରର ନିଷ୍ପତ୍ତି ଅନ୍ତିମ ନିଷ୍ପତ୍ତି ଭାବରେ ଗ୍ରହଣ ହେଉଥିବା ବେଳେ ଭାଜପାରେ ବ୍ୟକ୍ତିକୈନ୍ଦ୍ରିକ ପ୍ରଭାବ ଲୁଚିଛି ନା ଗୋଡ଼ ଦୁଇଟି ଦିଶୁଛି ଭଳି ସଭିଏ ଦେଖୁଛନ୍ତି। ଗଣତନ୍ତ୍ରର ମୁଖା ଭିତରେ ବ୍ୟକ୍ତିତନ୍ତ୍ରର ପ୍ରାଦୁର୍ଭାବ। 'ବାଃ ବାଃରେ କେମିତି ମଜା, ଭାଲୁ ନାଚକରେ ବଜାଇ ବାଜା' ଭଳି ଆମେ ସବୁ ନିର୍ବୋଧ ପ୍ରାଣୀ ପାଲଟି ଯାଇ କେବଳ ଗଣତନ୍ତ୍ରର ଢୋଲକୁ ପୂରା ଦମ୍‌ରେ ବେସୁରା ବଜାଇ ଚାଲିଛୁ।

ଏହି ବ୍ୟକ୍ତିବାଦ ଏମିତି ସ୍ତରକୁ ଯାଉଛି ଯେ, ଅନ୍ୟ ସମସ୍ତ ମତବାଦ ଏହା ନିକଟରେ ଅସାର, ଅଦରକାରୀ, ମୂଲ୍ୟହୀନ ପାଲଟି ଗଲାଣି। 'ମୁଁ ଯାହା କହୁଛି ଠିକ୍, ମୁଁ ଯାହା କରୁଛି ଠିକ୍। ମୋର ଭୁଲ୍ ନାହିଁ, ଭୁଲ୍ ହୋଇ ପାରେନା।' ଏଭଳି ଏକ ଅବବୋଧ ସୃଷ୍ଟି କରାଯାଉଛି। ଯଦ୍ଦ୍ୱାରା ଗଣତନ୍ତ୍ରର ଉଦ୍ଦେଶ୍ୟ, ବୈଶିଷ୍ଟ୍ୟ ଓ ଆଭିମୁଖ୍ୟ ବଦଳି ଯାଉଛି। ଲୋକ ମତ, ଭିନ୍ନ ମତ, ବିରୋଧୀ ଦଳର ମତକୁ ଗୁରୁତ୍ୱ ଦିଆଯାଉ ନାହିଁ। ଲୋକ ସଭା, ରାଜ୍ୟ ସଭା, ବିଧାନସଭାରେ ଯେମିତି ବିଚାରବିମର୍ଶ, ଆଲୋଚନା, ପର୍ଯ୍ୟାଲୋଚନା ହେବା କଥା ତାହା ହେଉ ନାହିଁ। ଅପ୍ରସଙ୍ଗ ଉପରେ ଅଧିକ ଆଲୋଚନା ହେଉଛି। ରାଜନୈତିକ ଫାଇଦା ତଥା ଦଳୀୟ ଲାଭ ହାସଲ କରିବା ଉଦ୍ଦେଶ୍ୟ ରହୁଛି। ଗୋଟିଏ ନୂତନ ପ୍ରସ୍ତାବ ଯେଉଁସବୁ ସୋପାନ ଦେଇ ଗଲା ପରେ ଆଇନରେ ପରିଣତ ହେବା ବିଧେୟ ତାହା ହେଉ ନାହିଁ। ସଂଖ୍ୟାଗରିଷ୍ଠତାର ଖେଳରେ ତିନି ତୁଣ୍ଡରେ ଛେଳି କୁକୁର ଭଳି ଅଧ୍ୟାଦେଶ ବଳରେ ନିଷ୍ପତ୍ତି ନିଆଯାଉଛି। ମାତ୍ର ଲୋକତନ୍ତ୍ରର ମଜଭୁତ ଶିଳାଟା ସବଳ ନ ହୋଇ କ୍ରମଶଃ ଦୁର୍ବଳ ହେଉଛି। ଗଣତନ୍ତ୍ରର ଧ୍ୱଜାଧାରୀ ତଥାକଥିତ ରାଜନେତାଙ୍କ ଆଚାର, ବିଚାର, ବ୍ୟବହାର ଓ କାର୍ଯ୍ୟଶୈଳୀକୁ ଦେଖିଲେ ମନେ ହେଉଛି ଏମାନେ ରାଜାମାନଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି। ଫଳରେ ଲୋକତନ୍ତ୍ର ବ୍ୟକ୍ତିତନ୍ତ୍ରର ପଶାପାଳିରେ ଏକ ଅସହାୟ ଗୋଟିରେ ପରିଣତ ହେବାକୁ ବସିଲାଣି।

**ସଭାପତି, ଓଷ୍ଟା**
**ମୋ: ୭୦୦୮୦୭୩୫୯୯**

# ତଦନ୍ତର ରିଆଲିଟି ଶୋ



ରାଧାଶ୍ୟାମ ରାଉଳ

ପ୍ରାତଃ ଭ୍ରମଣ ପାଇଁ ମୁଁ ମୋ ଘର ପାଖ ଏକ ପାର୍କକୁ ପ୍ରତିଦିନ ଯାଏ। ପାର୍କରେ ଡ୍ୟୁଟି କରୁଥିବା ଜଣେ ସିକ୍ୟୁରିଟି ଗାର୍ଡ ଦିନେ ମୋ ନିକଟକୁ ଆସି ମୋତେ କହିଲା, "ସାର, ଆପଣ ତ ପ୍ରାୟ ପ୍ରତିଦିନ ଏଠାକୁ ଆସୁଛନ୍ତି ପ୍ରାତଃ ଭ୍ରମଣ ପାଇଁ। ପାଖାପାଖି ବର୍ଷେରୁ ଅଧିକ ଦିନ ଆପଣ ମୋତେ ଦେଖିଆସୁଛନ୍ତି,ମୁଁ ଆପଣଙ୍କ ସମୟରେ ଏଠାରେ ଡ୍ୟୁଟି କରେ। ତେବେ ଆପଣ ଜାଣିବାରେ ଆଜ୍ଞା,ମୁଁ କ'ଣ ପାର୍କକୁ ଆସୁଥିବା କେହି ସାର୍ କି ମାଡାମଙ୍କ ପ୍ରତି କେବେ ଖରାପ ବ୍ୟବହାର କରିଛି କି?"

ତା' ମୁହଁରୁ ଏଭଳି କଥା ଶୁଣି ମୁଁ ଭାବିଲି, ବୋଧହୁଏ ତା'ପ୍ରତି କୌଣସି ଅପ୍ରତ୍ୟାଶିତ ଆହ୍ୱାନ ଆସିଛି କିମ୍ବା କେହି ତା' ବିରୋଧରେ କିଛି ନା କିଛି ଅଭିଯୋଗ ଆଣିଛନ୍ତି। ଯା'ର ମନ୍ଦ ପ୍ରଭାବରେ ସେ ମ୍ରିୟମାଣ ହୋଇ ମୋତେ ଏ ପ୍ରଶ୍ନ ପଚାରୁଛି! ମୁଁ ତା' ଭାବାବେଗକୁ ଭଲଭାବେ ବୁଝି କହିଲି, "କ'ଣ ହେଲା କି ? ମୋ ଜାଣିବାରେ, ଯେତିକି ସମୟ ମୁଁ ଏ ପାର୍କ ଭିତରେ ବିତାଏ, ତୁମେ ତ କାହା ସହ ଖରାପ ବ୍ୟବହାର କରିନାହଁ। ବରଂ ତୁମର କଥାବାର୍ତ୍ତା ଓ ବ୍ୟବହାର ମୋତେ ଇମ୍ପ୍ରେସ କରେ।" ସେ ଛେପ ଢୋକି ନିଜ ଭିତରେ ଦମ୍ଭ ସଞ୍ଚି ମୋତେ କହିଲା, "ସାର୍, ମୁଁ କୁଆଡ଼େ ସିନିୟର ସିଟିଜେନଙ୍କ ସହ ଖରାପ ବ୍ୟବହାର କରୁଛି ବୋଲି ମୋ ବିରୋଧରେ ଅଭିଯୋଗ ଆସିଛି! ଏ ନେଇ ଆମ ସଂସ୍ଥାର ଏଠିକାର ସୁପରଭାଇଜର ସାର୍ ମୋତେ ଚେତେଇ ଦେଇ କହିଛନ୍ତି, "ଦେଖ ବେଟା, ଜ୍ୟାଦା ଓଭରସ୍ମାର୍ଟ ଦେଖାଉଛୁ ନାଇଁ? ବୁଝିଲୁ,ସିଧା ତୋତେ ଏ ଜାଗାରୁ ଅନ୍ୟ କେଉଁ ଦୂର ଜାଗାକୁ ଟ୍ରାନ୍ସଫର କରିଦେବି ! ''

ଆଜ୍ଞା,ମୋତେ ଯଦି ସୁପରଭାଇଜର ସାର୍ ଦୂର ଜାଗାକୁ ଟ୍ରାନ୍ସଫର କରିଦେବେ, ତେବେ ମୁଁ ବହୁତ ହଇରାଣ ହୋଇଯିବି।'' ତା' ଚିନ୍ତା, ଉଦ୍‌ବେଗ,ଆଶଙ୍କାର ଭାବକୁ ହୃଦ୍‌ବୋଧକରି ମୁଁ ତାକୁ କହିଲି, "ଦେଖ, ମୋତେ ଯାହା ଲାଗୁଛି, ଅସଲ କଥା ହେଲା,ତୁମ ସୁପରଭାଇଜର ବାବୁଙ୍କର ଇଏ ହୁଏତ ଏକ ମନଗଢ଼ା କାହାଣୀ ! ସେ ହୁଏତ ତାଙ୍କ ମତଲବରେ ଥାଇପାରନ୍ତି! ତୁମ ବିରୋଧରେ ଏମିତି ମିଥ୍ୟା ଅଭିଯୋଗ ସୃଷ୍ଟିକରି ତୁମକୁ ହଟେଇ ତୁମ ଜାଗାରେ ସେ ତାଙ୍କର କେହି ନିଜ ଲୋକଙ୍କୁ ରଖିବାର ମସୁଧାରେ ହୁଏତ ଆଗକୁ ବଢୁଥିବେ ! ତେଣୁ ଏ ଘଟଣା ଉପରେ ତୁମକୁ ମୋର ସୁଚିନ୍ତିତ ପରାମର୍ଶ ହେଉଛି, ତୁମେ ଆଦୌ ପ୍ରତିକ୍ରିୟାଶୀଳ ନ ହୋଇ ତାଙ୍କୁ ନମ୍ରଭାବରେ କହିବ,"ଦେଖନ୍ତୁ ସାର୍, ମୁଁ କୌଣସି ସିନିୟର ସିଟିଜେନ୍‌ଙ୍କ ପ୍ରତି ଖରାପ ବ୍ୟବହାର ଦେଖାଇନାହିଁ। ମୁଁ ସେମାନଙ୍କୁ ସମ୍ମାନ ଜଣାଇ ପ୍ରତିଦିନ ନମସ୍କାର କରେ। ଆପଣଙ୍କ ସଦୟ ଗୋଚରାର୍ଥେ ପାର୍କକୁ ଆସୁଥିବା ସାର୍ ଓ ମାଡାମମାନଙ୍କର ଦସ୍ତଖତ ଓ ମୋବାଇଲ ନମ୍ବର ସମ୍ବଳିତ ଏକ୍ ଲେଖା ମୁଁ ଆପଣଙ୍କୁ ଅବଶ୍ୟ ପ୍ରଦାନ କରିବି। ଆପଣ ସିଧାସଳଖ ସେମାନଙ୍କ ସହ କଥାବାର୍ତ୍ତା ହୋଇ ସତ କ'ଣ, ମିଛ କ'ଣ, ତାହା ଅବଶ୍ୟ ଜାଣିପାରିବେ !''ମୋର ଏମନ୍ତ ପରାମର୍ଶ ଶ୍ରବଣାନ୍ତେ ତା' ଭିତରେ ସମ୍ଭବତଃ ଆତ୍ମବିଶ୍ୱାସ ଆସିଗଲା!



ଅତ୍ୟନ୍ତ ଉତ୍ସାହିତ ଓ ଅନୁପ୍ରେରିତ ହୋଇ ସେ ମୋତେ କହିଲା,"ଧନ୍ୟବାଦ ସାର୍ ! ଏଣିକି ମୋତେ ଆପଣଙ୍କ କଥାନୁସାରେ କାମ କରିବାକୁ ହେବ।"

ପାଠକେ,ଏ ସିକ୍ୟୁରିଟି ଗାର୍ଡ ସାମ୍ନାକରିଥିବା ଆହ୍ୱାନରୁ ଏ କଥା ସ୍ପଷ୍ଟ ଯେ, କୌଣସି କାରଣ ନ ଥାଇ ଅନେକ କ୍ଷେତ୍ରରେ ଅନ୍ୟମାନଙ୍କ ବିରୋଧରେ ଅଭିଯୋଗ ଆଣିବା ଏକପ୍ରକାର ସଉକ ହୋଇଗଲାଣି। ନିଜ ନିଜର ସ୍ୱାର୍ଥସାଧନ, ପରିଚୟ,ପ୍ରତିଷ୍ଠା ପାଇଁ ଆମେ ଏତେ ମାତ୍ରାରେ ବ୍ୟଗ୍ରାତୁର ଯେ, ପାନରୁ ଟିକେ ଚୂନ ଖସିଗଲେ ଅର୍ଥାତ୍ ସ୍ୱାର୍ଥସାଧନରେ କିଞ୍ଚିତ ଆଞ୍ଚ ଆସିଲେ ଆମେ ପ୍ରତିପକ୍ଷକୁ ପାନେ ଦେବା ପାଇଁ ତାଙ୍କ ବିରୋଧରେ ଅଭିଯୋଗ ଥୋପିଦେଇପାରୁ। ଅବଶ୍ୟ ହୋଇପାରେ, କେଉଁଠି ନା କେଉଁଠି ଅଭିଯୋଗର ସୁଦୃଢ଼ ଭିତ୍ତି ଓ ପ୍ରମାଣ ଥାଇପାରେ। ଅଭିଯୁକ୍ତ ଆଇନ ହାତରୁ କଦାପି ଖସିଯାଇ ନ ପାରେ! କିନ୍ତୁ,ଏବେ ଯେଉଁ ହାରରେ ରାଜନୀତିର ଖେଳ ଚାଲିଛି, ଖୁଲମଖୁଲା ଦୁର୍ନୀତି ଓ ଭ୍ରଷ୍ଟାଚାର ହେଉଛି, କ୍ଷମତାର ଅପବ୍ୟବହାର ହେଉଛି, ବିଧିବ୍ୟବସ୍ଥା, ଆଇନକାନୁନର ଉଲ୍ଲଂଘନ ହେଉଛି, 'ମାର୍ ମାର୍ ଭଣ୍ଡାରିଆକୁ ମାର' ନୀତିରେ ଅନ୍ୟାୟ ଅବିଚାରକୁ ନ୍ୟାୟ ଓ ବିଚାର ସାବ୍ୟସ୍ତ କରାଯାଉଛି, ଶୃଙ୍ଖଳା, ଆଦର୍ଶ, ମୂଲ୍ୟବୋଧ, କର୍ମସଂସ୍କୃତି ଓ ସମୟାନୁବର୍ତ୍ତିତାର ଅବଜ୍ଞା ହେଉଛି; ସେସବୁ କ୍ଷେତ୍ରରେ ତୁଚ୍ଛାରେ କି ମିଛରେ ଅନ୍ୟ ବିରୋଧରେ ଅଭିଯୋଗ ଆଣିବା ଅତି ସହଜ ଓ ସ୍ୱାଭାବିକ କଥା ନୁହେଁ କି?

ଆଜ୍ଞା,ପାଣି ଅନ୍ଧ,ନିଆଁ ଅନ୍ଧ,ପ୍ରେମ ଅନ୍ଧ, ରାଜା ଅନ୍ଧ ସୂତ୍ର ପରି ଏବେର ଶାସକ, ପ୍ରଶାସକ ବି ଅନ୍ଧ! ଆସୁଥିବା ଅଭିଯୋଗର ଆଧାର ଓ ସତ୍ୟାସତ୍ୟ ଜାଣିବା ପୂର୍ବରୁ ଆଡ଼ବାୟା ପ୍ରକୃତିର ବଶବର୍ତ୍ତୀ ହୋଇ ତଥାକଥିତ ସର୍ବୋଚ୍ଚ କ୍ଷମତାଧାରୀ କମାଣ୍ଡ ଦିଅନ୍ତି, ଇମିଡିଏଟ୍ ଆକ୍ସନ। ଅର୍ଥାତ୍ ତୁରନ୍ତ ପଦକ୍ଷେପ। ଅତଏବ, ରାଜନୀତିର ଚକ୍ରବ୍ୟୂହ ଓ କୂଟନୀତିର ପଶାପାଳିରେ ମିଥ୍ୟା ଅଭିଯୋଗ ସତ୍ୟ ସାବ୍ୟସ୍ତ ହେଉଛି। ସଚ୍ଚୋଟ, ସତ୍ୟନିଷ୍ଠ, ନିରୀହ, କର୍ମଠ ବ୍ୟକ୍ତି ମଧ୍ୟ ଦଣ୍ଡ ଭୋଗୁଛନ୍ତି! ଖାଲି ତତ୍ତ୍ୱକୁ ଜାଣିବା କଥା, ଯାହା କହୁଛି, ଆମ ଦେଶର ଆଇନସଂହିତା , ହଜାରେ ଦୋଷୀ ଖସିଯାଆନ୍ତୁ ହେଲେ ଜଣେ ନିର୍ଦ୍ଦୋଷ ଦଣ୍ଡ ନ ପାଉ। ହେଲେ ଏବେର ହେଉ କି ପୂର୍ବର ହେଉ, ଯେଉଁସବୁ ଘଟଣା ଦୁର୍ଘଟଣାର ରୂପ ନେଇଛି କିମ୍ବା ନେଉଛି, ସେସବୁର ସତ୍ୟାସତ୍ୟ ଜାଣିବା ପାଇଁ ଉଚ୍ଚ କ୍ଷମତାସମ୍ପନ୍ନ ତଦନ୍ତ, ବିଚାରବିଭାଗୀୟ ତଦନ୍ତ, ମନ୍ତ୍ରୀସ୍ତରୀୟ ତଦନ୍ତ, ସଚିବସ୍ତରୀୟ ତଦନ୍ତ, ଗୃହ କମିଟି ତଦନ୍ତ, କ୍ରାଇମବ୍ରାଞ୍ଚ ତଦନ୍ତ ଇତ୍ୟାଦି ତଦନ୍ତ ଚାଲିଛି। ହେଲେ,'ବହ୍ୱାଡ଼ମ୍ବରେ ଲଘୁକ୍ରିୟା' ସମ ସବୁ ତଦନ୍ତ ପ୍ରାୟତଃ ଓ ବସ୍ତୁତଃ ହେଉଛି ବାଟବଣା । ପର୍ବତର ମୂଷିକ ପ୍ରସବ ପ୍ରାୟ ପ୍ରତ୍ୟେକ ତଦନ୍ତର ଫଳାଫଳ ଶୂନ। ଶୀତଳଭଣ୍ଡାରରେ ତଦନ୍ତର ଫାଇଲ ନାଲିଫିତାରେ ବନ୍ଧାହୋଇ ରହିଯାଉଛି ସବୁଦିନ ସେମିତି!

ଶେଷକୁ ରିଆଲିଟି ଶୋ ! ମଞ୍ଚ ଉପରେ ଅଭିଯୁକ୍ତ, ଅପରାଧୀ ବିନ୍‌ଦାସ୍‌ରେ ଉଦଣ୍ଡନୃତ୍ୟ କରୁଥିବାବେଳେ ନିର୍ଦ୍ଦୋଷ, ନିରପରାଧମାନେ ଭୋଗିଚାଲିଛନ୍ତି ସେମିତି ସବୁଦିନ କଷଣ, ପେଷଣ, ଯାତନା, ଲାଞ୍ଛନା। ଏ ରିଆଲିଟି ଶୋ'ରେ ଯବନିକାପାତ ହେବା ନିହାତି ଆବଶ୍ୟକ। କ'ଣ ଆଜ୍ଞା, ମୁଁ କିଛି ଭୁଲ୍ କହିଲି କି।

**ମର୍କତନଗର,କଟକ,**
**ମୋ:୯୪୩୭୦୯୦୯୮୫**

## ଏଇ ଭାରତରେ

'ଖେଳଘର' କହିଲେ ଯେ କେହି ଭାବିବେ ଯେ ସେଠାରେ କେବଳ ଖେଳାଯାଉଛି। କିନ୍ତୁ ବାସ୍ତବରେ ତାହା ନୁହେ,ଏହି 'ଖେଳଘର' ହେଉଛି ଏକ ଶିକ୍ଷା କେନ୍ଦ୍ର। ଏଠାରେ ଆର୍ଥିକ ତଥା ସାମାଜିକ ସ୍ତରରେ ଥିବା ଅନଗ୍ରସର ପିଲାମାନଙ୍କୁ ପଢ଼ାଇବାର ବ୍ୟବସ୍ଥା କରିଛନ୍ତି ପୁଣେର ଶୁଭଦା ଜୋଶୀ। ଶୁଭଦା ପେସାରେ ଜଣେ ସ୍ଥପତି ଓ ଏହାକୁ ସେ ୧୯୯୬ରେ ପୁଣେର କୋଥ୍ରୁଡ ଅଞ୍ଚଳର ଲକ୍ଷ୍ମୀନଗରରେ ପ୍ରତିଷ୍ଠା କରିଥିଲେ। ଦୀର୍ଘ ୩୦ ବର୍ଷ ହେଲା ଖେଳଘର ଚାଲିଛି । ଖେଳଘରେ ଆରମ୍ଭରୁ ବହି ପଢ଼ାଯାଏନି କି ଦଣ୍ଡ ଦିଆଯାଏନି, ବରଂ ନିତିଦିନର ପିଲାଙ୍କ ଅନୁଭବରୁ ଶିକ୍ଷା ଆରମ୍ଭ ହୋଇଥାଏ। ପିଲାଙ୍କ ସହ ଆଲୋଚନା ହୁଏ ଓ ପରେ ଯେଉଁ ଟାସ୍କ ଦିଆଯାଇଥାଏ ତାହାକୁ ଦେଖାଯାଏ । ଫଳରେ ପିଲାମାନେ ଶିକ୍ଷକଙ୍କ କଥା ଶୁଣନ୍ତି, ଅନୁଧ୍ୟାନ କରନ୍ତି ଏବଂ ପ୍ରଶ୍ନ ପଚାରନ୍ତି। ସେମାନଙ୍କୁ ବାହାରରେ ଅଧିକ ସମୟ ଖେଳିବାକୁ ସୁଯୋଗ ଦିଆଯାଉଛି। ଏବେ ପ୍ରଥମରୁ ଦଶମ ଯାଏ ପାଖାପାଖି ୨୦୦ ପିଲା ପଢୁଛନ୍ତି। ୧୨ ଜଣ ଶିକ୍ଷକ ମଧ୍ୟ ଅଛନ୍ତି। ବଡ଼ କଥା ହେଉଛି କେବେ ବି ପିଲାଙ୍କୁ ପାଠରେ ହେଉ କିମ୍ବା ଅନ୍ୟ କାର୍ଯ୍ୟରେ 'ଭଲ' କିମ୍ବା 'ଦୁର୍ବଳ'ଭାବେ ବର୍ଗୀକରଣ କରାଯାଏ ନାହିଁ। ୨୦୨୧ରୁ ୨୦୨୩ ମଧ୍ୟରେ ଏହା ୱିପ୍ରୋ କେୟାର୍ସ ଓ ପିଲାଙ୍କ ପରିବାର ତଥା ଅନ୍ୟ ବ୍ୟକ୍ତିଗତ ଉତ୍ସରୁ ଆର୍ଥିକ ଅନୁଦାନ ପାଇବା ପରେ ଏବେ 'ଖେଳଘର' ସ୍ୱାଧୀନ ଭାବେ ଚାଲିଛି।

## ୫୦ ବର୍ଷ ତଳର ଧରିତ୍ରୀ

**୨୮ ଜାନୁଆରୀ ୧୯୭୭**

- ଜଗତପୁରଠାରେ ମମତା ପେପର୍ସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ୭୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଯାଉଥିବା ଏକ ମିନି କାଗଜକଳର ଶିଳାନ୍ୟାସ।
- ରାଜ୍ୟରେ ପ୍ରଥମ କରି ୨ କୋଟି ଟଙ୍କା ମୂଳଧନରେ ଏକ ହସ୍ତତନ୍ତ ଶିଳ୍ପ ଉନ୍ନୟନ କର୍ପୋରେଶନ ଗଠନ କରାଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ମନ୍ଦିରରେ ନିଶା ବିପଦ

ମହାଶୟ,

ପ୍ରତ୍ୟେକ ଗ୍ରାମରେ ଥିବା ମନ୍ଦିର ହେଉଛି ଶାନ୍ତି ଏବଂ ପ୍ରାର୍ଥନାର ସ୍ଥାନ। ଆଜିକାଲି ମନ୍ଦିରର ପବିତ୍ରତା ଏକ ବିଚଳିତକାରୀ ନୂତନ ଧାରା ଦ୍ୱାରା କଳଙ୍କିତ ହେଉଛି। ମନ୍ଦିର ପରିସରରେ, ବିଶେଷକରି ସନ୍ଧ୍ୟା ସମୟରେ ଆଜିକାଲି ଆଉ ଗଞ୍ଜେଇ ଏବଂ ସିଗାରେଟ୍‌ରେ ସୀମିତ ନ ରହି ବ୍ରାଉନସୁଗାର ବ୍ୟବହାର କରାଯିବା ଖବର ଶୁଣିବାକୁ ମିଳୁଛି। ଏହା କେବଳ ଏକ ପବିତ୍ର ସ୍ଥାନର ଅପବିତ୍ରତା ନୁହେଁ ବରଂ ଆମ ଯୁବପିଢ଼ି ଉପରେ ଏକ ବିପଦପୂର୍ଣ୍ଣ ପ୍ରଭାବ ମଧ୍ୟ। ନିଶା ବୃଦ୍ଧି ଆମ ସମ୍ପ୍ରଦାୟର ସାମାଜିକ ଗଠନକୁ କ୍ଷତି କରୁଛି , ଯାହା ଭକ୍ତ ଏବଂ ପରିବାର ପାଇଁ ସୁରକ୍ଷା ଚିନ୍ତା ବୃଦ୍ଧି କରୁଛି। ଏଣୁ ମନ୍ଦିର ଅଞ୍ଚଳରେ ପାଟ୍ରୋଲିଂ ବୃଦ୍ଧି କରିବା ଏବଂ ବେପାରୀମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଅତ୍ୟନ୍ତ ଜରୁରୀ। ସନ୍ଦେହଜନକ କାର୍ଯ୍ୟକଳାପକୁ ସୁରକ୍ଷିତ ଭାବରେ ରିପୋର୍ଟ କରିବା ପାଇଁ ନାଗରିକମାନେ ଏନ୍‌ସିବି ମାନସ୍ ପୋର୍ଟାଲ ବ୍ୟବହାର କରିପାରିବେ କିମ୍ବା ୧୯୩୩ରେ ଜାତୀୟ ହେଲ୍ପଲାଇନକୁ କଲ୍ କରିପାରିବେ। ଏହି ନିଶା ଆମର ପରବର୍ତ୍ତୀ ପିଢ଼ିକୁ ନଷ୍ଟ କରିବା ପୂର୍ବରୁ କାର୍ଯ୍ୟ କରିବାର ସମୟ ଆସିଛି।

**-ଅଭିଦତ୍ତ ବରାଳ, କୁସୁନପୁର, ଚାନ୍ଦୋଳ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଅସମୟେ ବନକୋଳେ
ଜାଗି ଉଠେ କୁହୁ
ଭୁବନର ଚେତନାରେ
ଛୁଇଁ ମୁହୁ ମୁହୁ । -(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଟ୍ରକ୍-କାର ମୁହାଁମୁହିଁ ଧକ୍କା**

ବାରଙ୍ଗ,୨୭।୧(ଲିଙ୍ଗରାଜ ରାଉତ): ଗୋଡ଼ିସାହି ଫାଣ୍ଡି ଅନ୍ତର୍ଗତ ଷଣ୍ଢପୁର ଗ୍ରାମ ନିକଟ ପୁରୀ ମୁଖ୍ୟ କେନାଲ ରାସ୍ତାରେ ସୋମବାର ଟ୍ରକ୍ ଓ କାର ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ଚାଳକ ବର୍ତ୍ତିଯାଇଛନ୍ତି। ଗୋଡ଼ିସାହି ଫାଣ୍ଡି ପୋଲିସ ଓ ବାରଙ୍ଗ ଅଗ୍ନିଶମ ବାହିନୀ ପହଞ୍ଚି ଗୁରୁତର ଚାଳକଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଛନ୍ତି। ସୋମବାର ସନ୍ଧ୍ୟାରେ ପୁରୀ ମୁଖ୍ୟ କେନାଲ ରାସ୍ତାରେ ଟ୍ରକ୍ (ନଂ. ଓଡି-୧୬-ଡି-୪୩୧୧) ଯାଉଥିଲା। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ କାର୍ (ନଂ. ଓଡି -୩୩-ଏୟୁ-୪୫୫୨) ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ କାରଟି ଚୁରମାର୍ ହୋଇଯାଇଛି।



# କ୍ୟାପିଟାଲ ହସ୍ପିଟାଲରେ ବଢ଼ିବ ଆଇସିୟୁ ବେଡ୍ ସଂଖ୍ୟା

ଭୁବନେଶ୍ୱର,୨୭।୧(ବନ୍ଦନା ସେଠୀ)

କ୍ୟାପିଟାଲ ହସ୍ପିଟାଲରେ ଲାଗିରହିଥିବା ବିଭିନ୍ନ ସମସ୍ୟା ଦୂରହେବ। ରୋଗୀଙ୍କୁ ଆହୁରି ଉନ୍ନତମାନର ଚିକିତ୍ସା ସେବା ମିଳିବା ସହିତ ହସ୍ପିଟାଲର ଆଇସିୟୁ ବେଡ୍ ସଂଖ୍ୟାକୁ ୧୪ରୁ ୪୦କୁ ବୃଦ୍ଧି କରାଯିବ ବୋଲି ନିଷ୍ପତ୍ତି ହୋଇଛି। ମଙ୍ଗଳବାର କ୍ୟାପିଟାଲ ହସ୍ପିଟାଲର ରୋଗୀ କଲ୍ୟାଣ ସମିତି ବୈଠକରେ ଏହି ନିଷ୍ପତ୍ତି ହୋଇଛି। ବୈଠକରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ କ୍ୟାପିଟାଲ ହସ୍ପିଟାଲରେ ଲାଗିରହିଥିବା ଦୀର୍ଘଦିନର ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ହସ୍ପିଟାଲକୁ ଭୁବନେଶ୍ୱର ତଥା ଉପକଣ୍ଠ ଅଞ୍ଚଳରୁ ପ୍ରତ୍ୟେକ


ବୈଠକରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଦିନ ସହସ୍ରାଧିକ ରୋଗୀ ଆସୁଛନ୍ତି। ଆବଶ୍ୟକତାକୁ ଦୃଷ୍ଟିରେ ରଖି ହସ୍ପିଟାଲରେ ଆଇସିୟୁ ବେଡ୍ ସଂଖ୍ୟାକୁ ଯଥାଶୀଘ୍ର ବୃଦ୍ଧି କରାଯିବ। ଏ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏବଂ ସଚିବଙ୍କ ସହ ଅପରାଜିତା ବୈଠକରୁ ଫୋନ ଯୋଗେ ଆଲୋଚନା କରିଥିଲେ। କ୍ୟାପିଟାଲ ହସ୍ପିଟାଲରେ ପିଜି ପାଠ୍ୟକ୍ରମ ପାଇଁ ଆବଶ୍ୟକ ଫାକଲ୍‌ଟି ନିଯୁକ୍ତି ସକାଶେ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବା, କ୍ୟାପିଟାଲ ହସ୍ପିଟାଲରେ ଦୀର୍ଘବର୍ଷରୁ କାମ କରୁଥିବା ୧୫୦ଜଣ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ସ୍ଥାୟୀ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ, ରୋଗୀ କଲ୍ୟାଣ ସମିତିର ପରିଚାଳନା କମିଟି ସଦସ୍ୟ ବିମଳ କୁମାର ରାଉଳ, ପୂର୍ତ୍ତ ବିଭାଗ ଏବଂ ୱାଟ୍‌କୋର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।


ଖଣ୍ଡଗିରି ମେଳାରେ ସାଧୁସନ୍ଥ ଓ ଶ୍ରଦ୍ଧାଳୁଙ୍କ ସହ ବିଦେଶିନୀ।

# ଖଣ୍ଡଗିରିରେ ଯାତ୍ରା ମହାସମର ଆରମ୍ଭ

ଭୁବନେଶ୍ୱର, ୨୭।୧(ଅନୁରାଧା ମହାରଣା)

ଖଣ୍ଡଗିରି କୁମ୍ଭମେଳାରେ ମଙ୍ଗଳବାର ପ୍ରଥମ ପର୍ଯ୍ୟାୟରେ ୪ଟି ଯାତ୍ରା ଅନୁଷ୍ଠାନ ଯାତ୍ରା ମହାସମରକୁ ଓହ୍ଲାଇଥିବାବେଳେ ଦର୍ଶକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଇନ୍ଦିରା ସାଂସ୍କୃତିକ ପରିଷଦ ପକ୍ଷରୁ ଯାତ୍ରା ସିଂହବାହିନୀର ନାଟକ 'ତୁ ମୋ ବଜରଙ୍ଗୀ' ବେଶ୍ ମନୋରଞ୍ଜନଧର୍ମୀ ହୋଇଥିଲା। ସନାତନ ସେବା ସମିତି ପକ୍ଷରୁ କୋଣାର୍କ ଗଣନାଟ୍ୟର ନାଟକ 'ତୁ ବୋଧେ ମୋ ଭାଗ୍ୟରେ ନାହୁଁ' ଦର୍ଶକଙ୍କୁ ଭାବବିହ୍ୱଳ କରିଥିଲା। ଯାତ୍ରା ଧଉଳିର 'ସବୁ ଅଙ୍କ ଭୁଲ୍ ହେଇଗଲା' ଏବଂ ଅପେରା ଅଶୋକ ସମ୍ରାଟର ନାଟକ 'ଅଧା ରହିଗଲା ଆମ କାହାଣୀ'କୁ ଦର୍ଶକ ଖୁବ୍ ପସନ୍ଦ କରିଥିଲେ। ଚଳିତବର୍ଷ ୭ ପେଣ୍ଡାଲରେ ମୋଟ ୧୪ ଅପେରା ପାର୍ଟି ନାଟକ ପରିବେଷଣ କରିବେ। ପ୍ରଥମ ଦିନରେ ୪ ଗଣନାଟ୍ୟ ମଞ୍ଚକୁ ଓହ୍ଲାଇଥିବାବେଳେ ୨୯ରୁ ଆଉ ୨ଟି ଏବଂ ୩୧ରୁ ଗୋଟିଏ, ଫେବୃଆରୀ ୨ରୁ ଅନ୍ୟ ୩ଟି ଗଣନାଟ୍ୟ ଯାତ୍ରା ସମରରେ ସାମିଲ ହେବେ। ଫେବୃଆରୀ ୭ ପର୍ଯ୍ୟନ୍ତ ଦମ୍‌ଦାର ଡାଇଲଗ ସହ ମେଲୋଡି କାର୍ଯ୍ୟକ୍ରମ ଦର୍ଶକଙ୍କୁ ମତୁଆଲା କରିବ।


ଏକ ଯାତ୍ରା ପେଣ୍ଡାଲରେ ରେକର୍ଡ ଡ୍ୟାନ୍ସ ପରିବେଷଣ କରାଯାଉଛି।

## ଯାତ୍ରା ପେଣ୍ଡାଲରେ ୧୮ଶହ ସିଟ୍ ପକାଇବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୭।୧(ତ୍ରିନାଥ ମହାନ୍ତି)

ଏଥର ଖଣ୍ଡଗିରି ଯାତ୍ରା ପେଣ୍ଡାଲରେ ୧୮ଶହ ସିଟ୍ ପକାଇବାକୁ ଡିସିପି ଜଗମୋହନ ମୀନା ନିର୍ଦ୍ଦେଶ ଦେଇଛନ୍ତି। ଗୋଟିଏ ଲାଇନ୍‌ରୁ ଆଉ ଏକ ଲାଇନ୍ ପର୍ଯ୍ୟନ୍ତ ୩ଫୁଟ୍ ଫାଙ୍କା ରହିବ। ପେଣ୍ଡାଲ ଭିତରକୁ ପ୍ରବେଶ ପଥକୁ ଚଉଡ଼ା ରାସ୍ତା ରହିବ। ଏନେଇ ସମସ୍ତ ଯାତ୍ରା କମିଟିଙ୍କୁ ଡିସିପି କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ଯାତ୍ରା କମିଟି ଏହି ନିର୍ଦ୍ଦେଶକୁ ମାନିବ ନାହିଁ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିସିପି କହିଛନ୍ତି। ନିୟମିତ ଭାବେ ଖଣ୍ଡଗିରି ପୋଲିସ ଯାତ୍ରା ପେଣ୍ଡାଲକୁ ଯାଇ ଯାଞ୍ଚ କରିବ। ଅନେକ ସମୟରେ ଯାତ୍ରା ପେଣ୍ଡାଲରେ ଗଣ୍ଡଗୋଳ ହେଲେ ବାହାରିବା କଷ୍ଟକର ହୋଇଯାଏ। ଏପରି କି ଦଳାଚକଟା ଭଳି ସ୍ଥିତି ଉପୁଜେ। ଆହୁରି ମଧ୍ୟ ମହିଳାମାନେ ଚେୟାରରେ ବସିଲେ ଜାଣିଶୁଣି ଅନେକ ଯୁବକ ଘଷିହୋଇ ଯାଇଥାନ୍ତି, ଯେଉଁଥିପାଇଁ ମହିଳାମାନେ ନିଜକୁ ଅସୁରକ୍ଷିତ ମଣିଥାନ୍ତି। ଏଭଳି ନ ହେବା ପାଇଁ ଡିସିପି ଯାତ୍ରା କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟରେ ଯାତ୍ରା କମିଟି କହିଛନ୍ତି, ସିଟ୍ କମିଲେ କ୍ଷତି ସହିବାକୁ ପଡ଼ିବ। ତେଣୁ ସିଟ୍ କମା ନ ଯାଉ, ଆମେ ଦର୍ଶକଙ୍କ ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦେଉଛୁ ଏବଂ ଭବିଷ୍ୟ ଦେବୁ ବୋଲି କହିଛନ୍ତି।

# କୁଳପତିଙ୍କ କାର୍ଯ୍ୟାଳୟ ଘେରିଲେ ଛାତ୍ରୀଛାତ୍ର


ଛାତ୍ରୀଛାତ୍ରମାନେ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। (ଫଟୋ-ମନୋରଞ୍ଜନ ମିଶ୍ର)

ଭୁବନେଶ୍ୱର,୨୭।୧(ସୁଚିସ୍ମିତା ସାହୁ)

**ଉତ୍କଳ ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ସମସ୍ୟା**

ଉତ୍କଳ ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ସମସ୍ୟା ନେଇ ଛାତ୍ରୀଛାତ୍ରମାନେ ମଙ୍ଗଳବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଛାତ୍ରୀଛାତ୍ରମାନେ କୁଳପତିଙ୍କ କାର୍ଯ୍ୟାଳୟ ଘେରାଉ ଓ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଶୈକ୍ଷିକ ବ୍ୟବସ୍ଥା ସୁଧାରିବାକୁ ଦାବି କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ବିଶ୍ୱବିଦ୍ୟାଳୟରେ ପାଠପଢ଼ା ବାଟ ହୁଡ଼ିଛି। ପରୀକ୍ଷା ପୂର୍ବରୁ ଅଧ୍ୟାପିକାଅଧ୍ୟାପକମାନେ କୋର୍ସ ସାରିପାରୁନାହାନ୍ତି। ପରୀକ୍ଷାରେ ପ୍ରଶ୍ନ ଆସିଲେ ବିଦ୍ୟାର୍ଥୀମାନେ ସମସ୍ୟାରେ ପଡୁଛନ୍ତି ଓ ଆଶାଜନକ ପ୍ରଦର୍ଶନ କରିପାରୁନାହାନ୍ତି। ବିଶ୍ୱବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଅଧ୍ୟାପକ ନାହାନ୍ତି। ସାମୟିକ ଭାବେ ଅଧ୍ୟାପକ ପୂରଣ ପାଇଁ ଚୁକ୍ତିଭିତ୍ତିକରେ ନିଯୁକ୍ତି ଦିଆଯାଉଥିଲେ ମଧ୍ୟ ଯୋଗ୍ୟତାକୁ ପରଖାଯାଉନାହିଁ। ପ୍ରିୟାପ୍ରୀତି ପୋଷଣକରି ନିଯୁକ୍ତି ଦିଆଯାଉଥିବା ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। ଠିକ୍ ସମୟରେ ପାଠପଢ଼ା ସାରିବା ସହ ଯୋଗ୍ୟ ଅଧ୍ୟାପକ ନିଯୁକ୍ତି ପାଇଁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ କର୍ତ୍ତୃପକ୍ଷ ପଦକ୍ଷେପ ନେଉ ନ ଥିବାରୁ ଆନ୍ଦୋଳନକୁ ଓହ୍ଲାଇଥିବା ଛାତ୍ରୀଛାତ୍ରମାନେ କହିଛନ୍ତି।

## ୨୯ରୁ 'ଐର ଖାରବେଳ ମହୋତ୍ସବ'

ଭୁବନେଶ୍ୱର,୨୭।୧(ବନ୍ଦନା ସେଠୀ)

ଖଣ୍ଡଗିରି କୁମ୍ଭମେଳାରେ ଚଳିତବର୍ଷ ଅନ୍ତର୍ଜାତୀୟ ଐର ଖାରବେଳ ମହୋତ୍ସବ ଜାନୁଆରୀ ୨୯, ୩୦ ଏବଂ ୩୧ରେ ପାନ୍ଥିକାରେ ଅନୁଷ୍ଠିତ ହେବ। ଓଡ଼ିଶା ଗୌରବାବହ ଇତିହାସ ସହ ଉତ୍ତରପିଢ଼ିକୁ ଯୋଡ଼ି ଉତ୍କଳୀୟ ସାଂସ୍କୃତିକ ମାନଚିତ୍ରକୁ ସୁଦୃଢ଼ କରାଇବା ଏହାର ମୂଳ ଲକ୍ଷ୍ୟ ବୋଲି ମହୋତ୍ସବ କମିଟି ଅଧ୍ୟକ୍ଷ ବାବୁ ସିଂ କହିଛନ୍ତି। ମଙ୍ଗଳବାର ପାନ୍ଥିକାଠାରେ ମହୋତ୍ସବ କମିଟି ଏବଂ ସାଂସ୍କୃତିକ ଅନୁଷ୍ଠାନ ଅନୁଚିନ୍ତନମ୍‌ର ମିଳିତ ଆନୁକୂଲ୍ୟରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବରେ ମଣିପୁରର ମଣିପୁରୀ, ବରେଲିର କଥକ, ମାଇମ ଆର୍ଟ ଓ ଲୋକନୃତ୍ୟ ସମରକଳା ଇତ୍ୟାଦି ପ୍ରଦର୍ଶିତ ହେବ। ଅନୁଚିନ୍ତନମର ପ୍ରତିଷ୍ଠାତା ଡ. ଶ୍ରୀନିବାସ ଘଟୁଆରି କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦେଇଥିଲେ। ମହୋତ୍ସବର ପୋଷ୍ଟର ଉନ୍ମୋଚନ କରଯାଇଥିଲା। ସମ୍ମିଳନୀରେ ହିମାଂଶୁ ଛୋଟରାୟ, ରାମଚନ୍ଦ୍ର ରଣସିଂ, ଇଦିସ ଭୁଇଆ, ସୁରେନ ଛୁଆଳସିଂ, ଜିତୁ ପଟ୍ଟନାୟକ, ସନ୍ତୋଷ ଭଞ୍ଜ ଉପସ୍ଥିତ ଥିଲେ।

# ଡିଜିଟାଲ ଆରେଷ୍ଟର ଶିକାର ହେଲେ ମହିଳା

ଭୁବନେଶ୍ୱର,୨୭।୧(ତ୍ରିନାଥ ମହାନ୍ତି)

- ଟ୍ରାଇ ଅଧିକାରୀ କହି ୩୦ ଲକ୍ଷ ଲୁଟି ନେଇଥିଲେ
- ଥାନାରେ ଅଭିଯୋଗ ପରେ ସାଇବର ଠକ ଗିରଫ

ଡିଜିଟାଲ ଆରେଷ୍ଟର ଶିକାର ହୋଇଛନ୍ତି ଆଉ ଜଣେ ମହିଳା। ମୋବାଇଲ୍ ସିମ୍ ଅପରାଧରେ ବ୍ୟବହାର ହୋଇଥିବା କହି ମହିଳାଙ୍କୁ ଧମକାଇଥିଲେ। ନିଜକୁ ଟ୍ରାଇ ଅଧିକାରୀ ପରିଚୟ ଦେବା ସହ ମୁମ୍ବାଇ କୋଲାବ ଥାନାକୁ କଲ୍ ଟ୍ରାନ୍ସଫର କରିବାକୁ କହି ଡିଜିଟାଲ ଆରେଷ୍ଟ କରି ୩୦ ଲକ୍ଷ ଟଙ୍କା ଠକି ନେଇଥିଲେ। ଠକାମିର ଶିକାର ହୋଇଥିବା ମହିଳା ସୁରମା ମଞ୍ଜରୀ ବହିଦାର। ସେ ଏନେଇ ସାଇବର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ଜଣେ ସାଇବର ଠକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଆନ୍ଧ୍ରପ୍ରଦେଶ ତିରୁପତିର ଗୁଲିପାଗି ଚିରଞ୍ଜୀବ। ତାଙ୍କ ନିକଟରୁ ପୋଲିସ ଏଟିଏମ୍ କାର୍ଡ, ଚେକ୍‌ବୁକ୍, ପାସ୍‌ବୁକ୍ ଏବଂ ଆଧାର କାର୍ଡ ଜବତ କରିଛି।

ସୁରମାଙ୍କ ଅଭିଯୋଗ ଅନୁସାରେ ତାଙ୍କ ମୋବାଇଲ ଫୋନ ନମ୍ବରକୁ ଏକ ଅଜଣା ଫୋନ ନମ୍ବରରୁ ଏକ କଲ୍ ଆସିଥିଲା। ଠକ ନିଜକୁ ଟ୍ରାଇ ଅଧିକାରୀ ବୋଲି ପରିଚୟ


ଗିରଫ ଅଭିଯୁକ୍ତ ଗୁଲିପାଗି ଚିରଞ୍ଜୀବ।

ଦେଇଥିଲେ। ସୁରମାଙ୍କ ମୋବାଇଲ୍ ସିମ୍ ଏକାଧିକ ଅପରାଧରେ ବ୍ୟବହାର କରାଯାଇଛି ବୋଲି କହିଥିଲେ। ଏହାପରେ ସେମାନେ ଫୋନ୍ କଲ୍‌କୁ ମୁମ୍ବାଇର କୋଲାବ ପୋଲିସ ଷ୍ଟେଶନକୁ ସ୍ଥାନାନ୍ତର କରୁଥିବା କହିଥିଲେ। ୨୦୨୫ ନଭେମ୍ବର ୬ ତାରିଖ ଅପରାହ୍ନ ୧ଟା ୨୦ମିନିଟ୍‌ରେ ଏକ ଅଜଣା ଫୋନ୍ ନମ୍ବରରୁ ହ୍ୱାଟ୍ସଆପ୍‌ରେ ଭିଡିଓ କଲ୍ ଆସିଥିଲା। ଠକମାନେ ସେମାନଙ୍କ ନାମରେ ଗିରଫ ୱାରେଣ୍ଟ ଜାରି କରାଯାଇଥିବାର ନେଇ ଏକାଧିକ ଡକ୍ୟୁମେଣ୍ଟ ଦେଖାଇଥିଲେ। ଏପରି କି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏହି ମାମଲାରେ ଗିରଫ ୱାରେଣ୍ଟ ଜାରି କରିଥିବା ମଧ୍ୟ ସୂଚନା ଦିଆଯାଇଥିଲା। ସୁରମାଙ୍କୁ ସର୍ବଦା ଭିଡିଓ କଲରେ ଉପସ୍ଥିତ ରହିବାକୁ କୁହାଯାଇଥିଲା। ଘରୁ ବାହାରକୁ ଯାଇ କାହାକୁ ଫୋନ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହିତ ଅଡିଟ ପାଇଁ ପାଣ୍ଠି ସ୍ଥାନାନ୍ତର କରିବାକୁ ଏବଂ ଟଙ୍କା ସ୍ଥାନାନ୍ତର ପାଇଁ ବ୍ୟାଙ୍କ ଆକାଉଣ୍ଟର ବିବରଣୀ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଠକ ବ୍ୟାଙ୍କ୍ ଆକାଉଣ୍ଟ ସମ୍ପର୍କିତ ତଥ୍ୟ ନେବା ପରେ ଆକାଉଣ୍ଟରୁ ୩୦ ଲକ୍ଷ ଟଙ୍କା ଠକି ନେଇଥିଲେ। ଏହାପରେ ମହିଳା ଜଣଙ୍କ ନିଜ ପରିବାର ଲୋକଙ୍କୁ କହିବାପରେ ଠକାମିର ଶିକାର ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଶେଷରେ ଚିରଞ୍ଜୀବଙ୍କୁ ଆନ୍ଧ୍ରପ୍ରଦେଶରୁ ଗିରଫ କରିଥିଲା।

# ଚାଷୀଙ୍କୁ ସରକାର ପ୍ରତାରଣା କରୁଛନ୍ତି: କଂଗ୍ରେସ

ଭୁବନେଶ୍ୱର,୨୭।୧(ରବିନାରାୟଣ ଜେନା)

ଚଳିତ ଖରିଫ ଧାନ କ୍ରୟରେ ରାଜ୍ୟବ୍ୟାପୀ ଅବ୍ୟବସ୍ଥା ଦେଖାଦେଇଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ତଥା ପିସିସି ସମବାୟ ପ୍ରକୋଷ୍ଠର ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କହିଛନ୍ତି, ଚାଷୀଙ୍କ ପ୍ରତି ସରକାର ପ୍ରତାରଣା କରିଛନ୍ତି। ସରକାର କହିଥିଲେ ଚାଷୀର ଯେତେ ବଳକା ଧାନ ତାହାକୁ ନିର୍ଦ୍ଧାରିତ ଏମ୍‌ଏସ୍‌ପି ୩୧୦୦ଟଙ୍କା କୁଇଣ୍ଟାଲ ପିଛା କ୍ରୟ କରିବେ। କିନ୍ତୁ ଏବେ ବିଭାଗୀୟ ମନ୍ତ୍ରୀ କହୁଛନ୍ତି,୧୫୦ କୁଣ୍ଟାଲରୁ ଅଧିକ ଧାନ କ୍ରୟ କ୍ଷେତ୍ରରେ ଇନ୍‌ପୁଟ ସହାୟତା ୮୦୦ ଟଙ୍କା ଦିଆଯିବ ନାହିଁ। ବର୍ତ୍ତମାନ ସୁଦ୍ଧା ରାଜ୍ୟର ବିଭିନ୍ନ ଜିଲାରୁ ୩୫ ପ୍ରତିଶତ ଧାନ କ୍ରୟ କରାଯାଇ ନାହିଁ। ମୁଖ୍ୟମନ୍ତ୍ରୀ, କୃଷିମନ୍ତ୍ରୀ, ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ଚାଷୀର କଟା ଘା'ରେ ଚୂନ ସଦୃଶ ହୋଇଛନ୍ତି ବୋଲି ପଟ୍ଟନାୟକ କହିଛନ୍ତି। ସେ କହିଛନ୍ତି, ରାଜ୍ୟର ୧୯ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ ଏବେସୁଦ୍ଧା ୭ଲକ୍ଷ ୭୦ ହଜାର ଚାଷୀଙ୍କଠାରୁ ମାତ୍ର ୩୪ଲକ୍ଷ ମେଟ୍ରିକ୍ ଟନ୍ ଧାନ କ୍ରୟ କରାଯାଇଛି, ଯାହାକି ଗତବର୍ଷ ତୁଳନାରେ ଯଥେଷ୍ଟ କମ୍। ସବୁଠି ମଣ୍ଡି ଖୋଲିନାହିଁ। ପୁରୀ, ଜଗତ୍‌ସିଂହପୁର, ଭଦ୍ରକ କଥା କହିଲେ ନ ସରେ। ଏହାକୁ ନେଇ ବୁଧବାର ଚାଷୀ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ପଟ୍ଟନାୟକ କହିଛନ୍ତି।

## ଚାଷୀ ସମସ୍ୟା, ଆଇନଶୃଙ୍ଖଳା ପ୍ରସଙ୍ଗ ସଂସଦରେ ଉଠାଇବ ବିଜେଡି

**ଭୁବନେଶ୍ୱର, ୨୭।୧(ସୁନିତ୍ ମିଶ୍ର):** କେନ୍ଦ୍ର ବଜେଟ ଅଧିବେଶନ ବୁଧବାରଠାରୁ ଆରମ୍ଭହେବାକୁ ଯାଉଛି। ଅଧିବେଶନ ପୂର୍ବରୁ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କହିଛନ୍ତି, ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବଜେଟ ଅଧିବେଶନ ସମୟରେ ବିଜେଡି ଏମ୍‌ପିମାନେ ଉଠାଇବେ। ଚାଷୀମାନଙ୍କ ଅବସ୍ଥା ରାଜ୍ୟରେ ଭଲ ନାହିଁ। ମଣ୍ଡି ଖୋଲୁନି, ୩୧୦୦ ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି ଦେବ ବୋଲି ଭାଜପା ଯାହା ଘୋଷଣା କରିଥିଲା ତାହା ଏଯାଏଁ ଠିକ୍ ଭାବେ ଚାଷୀଙ୍କୁ ମିଳୁନାହିଁ। ଏହାସହ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ଅତ୍ୟନ୍ତ ଖରାପ ଆଡକୁ ଚାଲିଗଲାଣି। ଗତ ୨ ବର୍ଷ ଭିତରେ ଭାଜପା ସରକାର ଓଡ଼ିଶାରେ ଶାସନକୁ ଆସିବା ପରଠାରୁ ମହିଳାଙ୍କ ବିରୋଧରେ ହିଂସା ବଢ଼ିଛି। ମହିଳା, ନାବାଳିକାଙ୍କ ବିରୋଧରେ ନିର୍ଯାତନା ବୃଦ୍ଧି ପାଇଥିବା ବେଳେ ଦଳିତ ଏବଂ ସଂଖ୍ୟାଲଘୁମାନଙ୍କ ଉପରେ ଆକ୍ରମଣ ବୃଦ୍ଧି ପାଇଛି। କୋଇଲା ରୟାଲ୍‌ଟି ଗତ ୧୦ ବର୍ଷ ଭିତରେ ବଢ଼ିଲା ନାହିଁ। ବେକାରି ସଂଖ୍ୟା ସର୍ବକାଳୀନ ଭାବେ ରେକର୍ଡ କଲାଣି ବୋଲି ସସ୍ମିତ କହିଛନ୍ତି। ଏହିସବୁ ପ୍ରସଙ୍ଗ ଦଳ ପକ୍ଷରୁ ପାର୍ଲାମେଣ୍ଟରେ ଜୋର୍‌ଦାର କରାଯିବ ବୋଲି ସେ କହିଛନ୍ତି।

# ୟୁନିଟ୍-୧ ହାଟରେ ନିଆଁ ଲଗାଯାଇଥିବା ଅଭିଯୋଗ

ଭୁବନେଶ୍ୱର,୨୭।୧(ବନ୍ଦନା ସେଠୀ)

**ଦାବି ପୂରଣ ନ ହେଲେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ, ବିଏମ୍‌ସି ଅଫିସ ଘେରିବ ମହାସଂଘ**

ୟୁନିଟ୍-୧ ହାଟରେ ଥିବା ଦୋକାନଗୁଡ଼ିକୁ ଜାଳି ଦିଆଯାଇଛି। ସେଠାରେ କୌଣସି ପ୍ରକଳ୍ପ କରିବା ପାଇଁ ଜାଣିଶୁଣି ଏଭଳି କରାଯାଇଛି ବୋଲି ବିପନ୍ନ ଉଠାଦୋକାନୀମାନେ ଅଭିଯୋଗ କରିଛନ୍ତି। ଏନେଇ ମଙ୍ଗଳବାର ନିଖିଳ ଉତ୍କଳ ସୁରକ୍ଷା କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂ ଜୋନ୍ ମହାସଂଘ ଅନ୍ତର୍ଗତ ମହାବୀର ଷ୍ଟ୍ରିଟ୍ ଭେଣ୍ଡର୍ସ ଆସୋସିଏଶନ ପକ୍ଷରୁ କ୍ୟାପିଟାଲ ଥାନାରେ ଏତଲା ଦିଆଯାଇଛି। ହାଟ ନିକଟ ତଥା ଆଖପାଖରେ ଲାଗିଥିବା ସିସିଟିଭି କ୍ୟାମେରା ଯାଞ୍ଚ ସହ ସେଠାରେ ହେବାକୁ ଥିବା ପ୍ରକଳ୍ପ ପାଇଁ ସ୍ଥିର ହୋଇଥିବା କମ୍ପାନୀ ବିରୋଧରେ ଯାଞ୍ଚ କରିବା, ଦୋକାନରେ ନିଆଁ ଲଗାଇଥିବା ବ୍ୟକ୍ତିଙ୍କୁ ଚିହ୍ନଟକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ସନ୍ଦେହଘେରକୁ ଆସୁଥିବା ବିଏମ୍‌ସି କର୍ମଚାରୀଙ୍କୁ ଯାଞ୍ଚ ଏବଂ ତଦନ୍ତ ନ ସରିବା ପର୍ଯ୍ୟନ୍ତ କୌଣସି ଦୋକାନକୁ ସେଠାରୁ ଉଚ୍ଛେଦ ନ କରିବା ପାଇଁ ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଭୁବନେଶ୍ୱରର ୪୦ହଜାରରୁ ଊର୍ଦ୍ଧ୍ୱ ଉଠାଦୋକାନୀ ବିଏମ୍‌ସି ମୁଖ୍ୟାଳୟ ଓ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିବେ ବୋଲି ମହାସଂଘର ସାଧାରଣ ସମ୍ପାଦକ ଦୀପକ ମହାପାତ୍ର ଚେତାବନୀ ଦେଇଛନ୍ତି।

ଏ ନେଇ ମହାପାତ୍ର କହିଛନ୍ତି, ଦୋକାନୀମାନଙ୍କୁ ଏଠାରୁ ହଟାଇବା ପାଇଁ ଜାଣିଶୁଣି ଗତ ୧୯ ତାରିଖ ବିଳମ୍ବିତ ରାତିରେ ନିଆଁ ଲଗାଯାଇଛି। ତେଣୁ ସିସିଟିଭି ଫୁଟେଜ ଯାଞ୍ଚ ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ଦୋଷୀ ଧରାପଡ଼ିବେ। ସେହିପରି ହାଟରେ ୫୪ଟି ଦୋକାନ ଥିବାବେଳେ ସେଥିରୁ ୩୨ଟି ପୋଡ଼ି ନଷ୍ଟ ହୋଇଯାଇଛି। ତେବେ ବାକି ୨୨ଜଣ ଦୋକାନୀଙ୍କୁ ସେମାନଙ୍କ ଦୋକାନ ଖୋଲିବାକୁ ବିଏମ୍‌ସି ଅନୁମତି ଦେଉନାହିଁ। ବିଏମ୍‌ସି ପ୍ରତିବର୍ଷ ଟ୍ରେଡ୍ ଲାଇସେନ୍ସ ନେବା ସହ ମାସକୁ ମାସ ୟୁଜର ଫି' ଆଦାୟ କରୁଛି। ମାତ୍ର ଏଭଳି ଦୁଃଖଦ ପରିସ୍ଥିତିରେ ଦୋକାନୀମାନଙ୍କୁ ସହାୟତା ପ୍ରଦାନ କରିବା ଦୂରର କଥା, ଓଲଟା ଦୋକାନଗୁଡ଼ିକୁ ଉଚ୍ଛେଦ କରିବାକୁ ଚାହୁଁଛି ବୋଲି ଦୀପକ ଅଭିଯୋଗ କରିଛନ୍ତି। ଅଗ୍ନିକାଣ୍ଡ ପରେ ଏଠାକାର ଉଠାଦୋକାନୀଙ୍କୁ ଆଦିବାସୀ ମେଳା ପଡ଼ିଆ ନିକଟକୁ ଉଠାଇନେବାକୁ ବିଏମ୍‌ସି ପକ୍ଷରୁ ଯୋଜନା କରାଯାଉଛି। ମାତ୍ର ଦୋକାନୀମାନେ ଏହାର ଦୃଢ଼ ବିରୋଧକରିବା ସହ ସ୍ଥାନାନ୍ତର କରାଗଲେ ୧ ନମ୍ବର ହାଟ ଭିତରେ ଥଇଥାନ କରାଯିବାକୁ ଦାବି କରାଯାଇଛି। ସେହିପରି ଅଗ୍ନିକାଣ୍ଡ ପରଠାରୁ ଦୋକାନୀମାନେ ଘଟଣାସ୍ଥଳରେ ଧାରଣାରେ ବସିରହିଛନ୍ତି।

# ୨ ଗୋଶାଳା ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଲେ ଜିଲାପାଳ

ବାଲିପାଟଣା ୨୭।୧(ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକ ଅନ୍ତର୍ଗତ ଆଳିଶି ପଞ୍ଚାୟତରେ ଜନଅଭିଯୋଗ ଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅମ୍ରିତ୍ ଋତୁରାଜ ଯୋଗଦେଇ ମୋଟ୍ ୭୨ଟି ଅଭିଯୋଗ ଶୁଣିଥିଲେ। ଅଭିମନ୍ୟୁ ନାୟକଙ୍କ ଆବାହକତ୍ୱରେ ବାଲିପାଟଣା ପଞ୍ଚାୟତ ସମିତି ଫସଲ ସୁରକ୍ଷା କମିଟିର ସଭ୍ୟ ତ୍ରିଲୋଚନ ସ୍ୱାଇଁ, ସତ୍ୟବାଦୀ ସ୍ୱାଇଁ, ଚିତ୍ତରଞ୍ଜନ ପାଣିଗ୍ରାହୀ, ବଟକୃଷ୍ଣ ରାଉତରାୟ, ଭାରତ ବେହେରା, ସଲୀଳ ମହାନ୍ତି, ଜ୍ୟୋତି ରଞ୍ଜନ ନାୟକ, କ୍ଷୀରୋଦ ଓଝାଙ୍କ ସମେତ ଏକ ପ୍ରତିନିଧିଦଳ ବୁଲା ଷଣ୍ଢଙ୍କ ଉପଦ୍ରବରୁ ଫସଲ ସୁରକ୍ଷା ଦାବି ଉପରେ ଜିଲାପାଳଙ୍କ ସହିତ ଆଲୋଚନା ହୋଇଥିଲା। ବ୍ଲକ ଅଞ୍ଚଳରେ ୨ଟି ଗୋଶାଳା ନିର୍ମାଣ କରାଯିବ ବୋଲି ଜିଲାପାଳ ଋତୁରାଜ ପ୍ରତିଶ୍ରୁତି ଦେଇଥିଲେ। ଜାଗା ଚିହ୍ନଟ ପାଇଁ ତହସିଲଦାର କଳ୍ପନା ଦାସଙ୍କୁ ନିର୍ଦ୍ଦେଶ ଦେବା ସହ ଗୋଶାଳା ପରିଚାଳନା ଲାଗି ଏନ୍‌ଜିଓ ସହିତ ଚୁକ୍ତି ସ୍ୱାକ୍ଷର ପାଇଁ ବିଡିଓ ଶୁଭ୍ରାଂଶୁ ଶେଖର ପାଢ଼ୀଙ୍କୁ ଦାୟିତ୍ୱ ଦେଇଛନ୍ତି। ଉପଜିଲାପାଳ ମନୋରଞ୍ଜନ ସାହୁ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଏଲ୍‌ବିଏମ ଅଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଫଟୋରେ ଖବର



ବସ୍ତି ଉଚ୍ଛେଦ ବନ୍ଦ ପ୍ରଦାନ ଦାବିରେ ବସ୍ତି ସୁରକ୍ଷା ମଞ୍ଚ ପକ୍ଷରୁ ପିଏମ୍‌ଜିରେ ବିକ୍ଷୋଭ।



ସୈନିକ ସ୍କୁଲ ବଞ୍ଚାଅ ଏବଂ ଅଳିଆଗଦା ହଟାଓ ଅଭିଯାନ ପକ୍ଷରୁ ବିଏମ୍‌ସି ଅଫିସ ସମ୍ମୁଖରେ ଅନଶନ।



୯ମ ବାଲକାଟୀ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟରେ ଚାମ୍ପିୟନ ବିବି ରାଇଡର ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

# ‘ମହିଳାଙ୍କ ପ୍ରଗତିରେ ରାଷ୍ଟ୍ରର ପ୍ରଗତି ସମ୍ଭବ’

## ଜିଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି।

ଖୋର୍ଦ୍ଧା,୨୭।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବିଜେବି ହାଇସ୍କୁଲ ଖେଳପଡ଼ିଆରେ ୭୭ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଉପମୁଖ୍ୟମନ୍ତ୍ରୀ ପରିଡ଼ା ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି କହିଥିଲେ, ଖୋର୍ଦ୍ଧା ମାଟିର ବୀରତ୍ୱ, ବଳିଦାନ, ତ୍ୟାଗ, ପରମ୍ପରା ଏହାର ଗୌରବମୟ ଗାଥା ଇତିହାସକୁ ଋଦ୍ଧିମନ୍ତ କରିଛି। ସ୍ୱାଧୀନତାର ପ୍ରଥମ ସଂଗ୍ରାମ ଏହି ମାଟିରୁ ହିଁ ଆରମ୍ଭ ହୋଇଥିଲା। ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ମାଧବ ଚନ୍ଦ୍ର ରାଉତରାୟ, କୃପାସିନ୍ଧୁ ପାଟ୍ଟଶାଣୀ, ପିଣ୍ଡିକି ବାହୁବଳେନ୍ଦ୍ର, ଗୋଦାବରୀଶ ମିଶ୍ର, ଗୋଦାବରୀଶ ମହାପାତ୍ର, କବି ମାୟାଧର ମାନସିଂହ ପ୍ରମୁଖ ଏ ମାଟିକୁ ଗୌରବାନ୍ୱିତ କରିଛନ୍ତି। ପାଇକ ବିଦ୍ରୋହ, ପାଇକ ବୀରଙ୍କ ଶୌର୍ଯ୍ୟ, ବୀରତ୍ୱ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି। ସେ ଆହୁରି କହିଥିଲେ, ଗଣତନ୍ତ୍ର ସେତେବେଳେ ସଶକ୍ତ ହୋଇଥାଏ ଯେତେବେଳେ ମହିଳାଙ୍କ ସଶକ୍ତୀକରଣ ବିକାଶ ହୁଏ। ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟ ସରକାର ମହିଳାମାନଙ୍କ ବିକାଶ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ବିକାଶରେ ମହିଳାଙ୍କ ସହଭାଗିତାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ପ୍ରତ୍ୟେକ ମହିଳା ଯେପରି ଲକ୍ଷପତି ଦିଦି, ଅନୁସୂଚିତ ଜନଜାତି ମା’ଉଭଣୀ ଓଡ଼ିଶାର ପାରମ୍ପରିକ ହସ୍ତଶିଳ୍ପ ହସ୍ତତନ୍ତ କୁଟିରଶିଳ୍ପକୁ ବିଶ୍ୱସ୍ତରର କରିବା ପାଇଁ ଯୋଜନା ରହିଛି। ମହିଳା ଓ ଶିଶୁ ବିକାଶ କ୍ଷେତ୍ରରେ ପୁଷ୍ଟି ସାଧନ, ଡିଜିଟାଲ ରୂପାନ୍ତରୀକରଣ, ୨୦୩୬ ବିକଶିତ ଓଡ଼ିଶା, ୨୦୪୭ ବିକଶିକ ଭାରତରେ ସେମି କଣ୍ଡକ୍ଟର, ଶିଳ୍ପ, ଶିକ୍ଷା ସ୍ୱାସ୍ଥ୍ୟ, କୃଷି, ବୟୋବୃଦ୍ଧଙ୍କ ନିମନ୍ତେ ଯୋଜନା କରାଯାଇଛି। ବୀରଙ୍କ ଏହି ମାଟି ଖୋର୍ଦ୍ଧା ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ସ୍ୱତନ୍ତ୍ର ପରିଚୟ ପାଇବ। ଏଥିସହିତ ନୀଳାମ୍ବୁ ଚିଲିକା, ମଙ୍ଗଳାଯୋଡ଼ି, ଧଉଳି, ଉଦୟଗିରି ଭଳି ପ୍ରମୁଖ ପର୍ଯ୍ୟଟନକ୍ଷେତ୍ରକୁ ବିଶ୍ୱସ୍ତରୀୟ କରିବା ପାଇଁ ଯୋଜନା ସରିଛି। ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ଶିଳ୍ପ ଅଭିବୃଦ୍ଧି ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ଏଥିସହିତ ସମୃଦ୍ଧ, ପ୍ରଗତିଶୀଳ ଓଡ଼ିଶା ଗଠନ ସରକାରଙ୍କ ଲକ୍ଷ୍ୟ ବୋଲି ସେ କହିଥିଲେ।

ଏହି ଜିଲାସ୍ତରୀୟ ସମାରୋହରେ ବିଭିନ୍ନ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ କଣ୍ଟିଜେଣ୍ଟ, ସିଭିଲିଆନ୍, ସ୍ଥଳସେନା, ଅର୍ଦ୍ଧସାମରିକ ବାହିନୀ, ପୋଲିସ ବିଭାଗରୁ ମୋଟ ୫୨ କଣ୍ଟିଜେଣ୍ଟ ଯୋଗଦେଇ ପରେଡ୍ ପ୍ରଦର୍ଶନ କରିଥିଲେ। ଏଥରୁ ୧୨ଟି ଦଳ ପୁରସ୍କୃତ ହୋଇଥିଲେ। ରିଜର୍ଭ ଇନ୍‌ସ୍ପେକ୍ଟର ବିଜୟ କୁମାର ସାହୁ ପରେଡ୍ ପରିଚାଳନା କରିଥିଲେ। ଜିଲାର ବିଭିନ୍ନ ବିଭାଗରୁ ପ୍ରଜ୍ଞାପନ ମେଢ଼ ଯୋଗଦେଇଥିଲା। ଜିଲା ଶିକ୍ଷା ବିଭାଗ ମେଢ଼କୁ ଶ୍ରେଷ୍ଠ ପୁରସ୍କାର ଦିଆଯାଇଛି। ଜିଲା କୃଷି ବିଭାଗ ୨ୟ ଏବଂ ଜିଲା ସମାଜ କଲ୍ୟାଣ ବିଭାଗ ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିଭଳି ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ହୋଇଥିବା ପ୍ରତିଯୋଗିତାର କୃତୀ ୫୧ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଏକ ସାଇକେଲ ଶୋଭାଯାତ୍ରାକୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ସହ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ଏଥିସହ ଫଳ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରଶାନ୍ତ ଜଗଦେବ, ଜିଲାପାଳ ଅମ୍ରିତ୍ ଋତୁରାଜ, ଏସ୍‌ପି ବିବେକାନନ୍ଦ ଶର୍ମା ଏବଂ ଅନ୍ୟ ଜିଲାସ୍ତରୀୟ ଅଧିକାରୀ, ବୁଦ୍ଧିଜୀବୀ, ଶିକ୍ଷାବିତ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଜବରଦଖଲ ଉଚ୍ଛେଦ ଦାବିରେ ରାସ୍ତାରୋକୋ


ରାସ୍ତା ଅବରୋଧ କରିଥିବା ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

ଜଟଣୀ,୨୭।୧(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ତହସିଲ ଅଧୀନ ବୋତଣ୍ଡା ବଳଭଦ୍ରପୁର ମୌଜାରେ ରହିଥିବା ଏକ ଶ୍ମଶାନ ଜମି ଜବରଦଖଲ ମୁକ୍ତ କରିବା ପାଇଁ ମଙ୍ଗଳବାର ସ୍ଥାନୀୟ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ଜଟଣୀ-କପିଳପ୍ରସାଦ ରାସ୍ତାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ବୋତଣ୍ଡା ଗ୍ରାମବାସୀ ବସି ରହିଥିଲେ। ଫଳରେ ରାସ୍ତାର ଉଭୟପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ଖବରପାଇ ତହସିଲଦାର ଶିବାଶିଷ ପରିଡ଼ା, ଏୟାରଫିଲ୍ଡ ଥାନା ପୋଲିସ ସହିତ ଅନ୍ୟ ଅଧିକାରୀମାନେ ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରିଥିଲେ। ତୁରନ୍ତ ଜବରଦଖଲ ହଟାଯିବା ସହ ଜବରଦଖଲକାରୀଙ୍କ ଉପରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର ପରିଡ଼ା ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏହା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

## ପାରିବାରିକ କଳହରୁ ଗର୍ଭବତୀଙ୍କୁ ହତ୍ୟା, ସ୍ୱାମୀ ଗିରଫ

ଟାଙ୍ଗୀ,୨୭।୧(ରଘୁନାଥ ସାହୁ)

ଟାଙ୍ଗୀ ଥାନା ଅଧୀନ ଚଣ୍ଡେଶ୍ୱର ଗ୍ରାମରେ ପାରିବାରିକ କଳହରୁ ଜଣେ ଗର୍ଭବତୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତା ହେଲେ ଲଳିତା ପଲେଇ। ଏହି ଘଟଣାରେ ପୋଲିସ ତଦନ୍ତ ଚଳାଇ ମୃତାଙ୍କ ସ୍ୱାମୀ ରାଜୁ ମହାପାତ୍ରଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଅଭିଯୋଗ ମୁତାବକ, ଚଣ୍ଡେଶ୍ୱର ବଡ଼ଡ଼ିହ ଗ୍ରାମର ଲଳିତା ପଲେଇ ୫ ବର୍ଷ ପୂର୍ବେ ଚଣ୍ଡେଶ୍ୱର ଗ୍ରାମର ରାଜୁଙ୍କୁ ପ୍ରେମବିବାହ କରିଥିଲେ। ବିବାହର ୧ବର୍ଷ ପରେ ଲଳିତା ଏକ ପୁତ୍ରସନ୍ତାନ ଜନ୍ମ ଦେଇଥିଲେ। ତେବେ ପୁଅହେବାର କିଛିଦିନ ପରେ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ମନୋମାଳିନ୍ୟ ଦେଖାଦେଇଥିଲା। ଏପରିକି ଅନେକ ସମୟରେ ଲଳିତାଙ୍କୁ ତାଙ୍କ ସ୍ୱାମୀ ମାଡ଼ ମାରୁଥିଲେ। ପରବର୍ତ୍ତୀ ସମୟରେ ଲଳିତା ବାପଘରକୁ ପଳାଇ ଯାଇଥିଲେ। ଗତ ଶନିବାର ରାଜୁ ଶ୍ୱଶୁରଘରକୁ ଯାଇ ଲଳିତାଙ୍କୁ ନିଜ ଘରକୁ ନେଇଆସିଥିଲେ। ପରଦିନ ହଠାତ୍ ଲଳିତାଙ୍କ ମୃତ୍ୟୁ ହୋଇଥିବା ବାପଘର ଲୋକେ ଖବର ପାଇଥିଲେ। ତେବେ ପାରିବାରିକ କଳହରୁ ଲଳିତାଙ୍କୁ ହତ୍ୟା କରାଯାଇଛି ବୋଲି ବାପଘର ପକ୍ଷରୁ ଟାଙ୍ଗୀ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଏକ ମାମଲା ରୁଜୁ କରିବା ସହ ମୃତାଙ୍କ ସ୍ୱାମୀ ରାଜୁଙ୍କୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି।

## ବୋଲେରୋ-ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ଜଣେ ଆହତ

ବାଘମାରୀ,୨୭।୧(ମିହିର ରଞ୍ଜନ ମହାପାତ୍ର)

ବାଘମାରୀ ଥାନା ଅଧୀନ ଚଣ୍ଡିଆପଲ୍ଲା-ଶରଧାପୁର ଗ୍ରାମ୍ୟ ଉନ୍ନୟନ ରାସ୍ତାର ଏକ କୁକୁଡ଼ା ଫାର୍ମ ନିକଟରେ ଗତ ସୋମବାର ଅପରାହ୍ଣରେ ବୋଲେରୋ-ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ବେଗୁନିଆ ତଳସାହିର ସୁଶାନ୍ତ କୁମାର ଦାସ(୩୨)। ଆହତ ସରୋଜ କୁମାର ପାତ୍ରଙ୍କୁ ଚିକିତ୍ସା ପାଇଁ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ସୁଶାନ୍ତ ଏବଂ ତାଙ୍କ ସାଙ୍ଗ ସରୋଜ ବାଇକ୍‌ରେ ଚଣ୍ଡିଆପଲ୍ଲାରୁ ଶରଧାପୁର ଗ୍ରାମ୍ୟ ଉନ୍ନୟନ ରାସ୍ତା ଦେଇ ଶରଧାପୁର ଯାଉଥିଲେ। ବିପରୀତପଟୁ ଆସୁଥିବା ଏକ ବୋଲେରୋ କୁକୁଡ଼ା ଫାର୍ମ ନିକଟରେ ସେମାନଙ୍କୁ ଧକ୍କା ହୋଇଥିଲା। ଫଳରେ ଉଭୟ ତଳେ ପଡ଼ିବା ସହ ଗୁରୁତର ଆହତ ହୋଇଥିଲେ। ଖବରପାଇ ବାଘମାରୀ ପୋଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡ଼ିକାଲ ପଠାଇଥିଲା। ସେଠାରେ ଡାକ୍ତର ସୁଶାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ମୃତକଙ୍କ ବାପା କାହ୍ନୁଚରଣ ଦାସଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୫/୨୬) ରୁଜୁକରି ତଦନ୍ତ ଚଳାଇଛି।

## ଟ୍ରକ୍‌କୁ ଧକ୍କାଦେଲା ଟ୍ରାଭେଲର: ୧ ମୃତ, ୨୦ରୁ ଊର୍ଦ୍ଧ୍ୱ ଆହତ


ଦୁର୍ଘଟଣାଗ୍ରସ୍ତ ଗାଡ଼ି ଭିତରୁ ଆହତମାନଙ୍କୁ ଉଦ୍ଧାର କରାଯାଉଛି।

ଖୋର୍ଦ୍ଧା,୨୭।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟ ୧୬ ନମ୍ବର ଜାତୀୟ ରାଜପଥର ଓଭରବ୍ରିଜ୍ ଉପରେ ମଙ୍ଗଳବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରାଜପଥରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛକୁ ଟ୍ରାଭେଲର ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଟ୍ରାଭେଲର ସମ୍ମୁଖ ଭାଗ ଭାଙ୍ଗି ଚୂର୍‌ମାର ହୋଇଯାଇଛି। ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ପହଞ୍ଚି କଟରରେ ଟ୍ରାଭେଲର ସମ୍ମୁଖଭାଗ କାଟି ମୃତଦେହ ଉଦ୍ଧାର କରିଥିଲେ। ତେବେ ମୃତକଙ୍କ ପରିଚୟ ମିଳିପାରିନାହିଁ। ଆଦର୍ଶ ଥାନା ପୋଲିସ ପହଞ୍ଚି ଆହତମାନଙ୍କୁ ଉଦ୍ଧାରକରି ଆମ୍ବୁଲାନ୍ସରେ ଖୋର୍ଦ୍ଧା ମେଡ଼ିକାଲ ପଠାଇଥିଲା। ଏକାଧିକଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଛି। ସେଥିମଧ୍ୟରୁ ୧୦ ଜଣଙ୍କୁ ଭୁବନେଶ୍ୱର ଏମ୍ସ ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ୨୪ ଜଣ କର୍ମଚାରୀ ଟ୍ରାଭେଲର (ଓଡି୦୨ ଡିଜେ ୧୫୬୫)ରେ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଏକ ଟ୍ରକ୍(ଓଆର୧୬ ଡି ୦୭୩୭) ଯାନ୍ତ୍ରିକ ତ୍ରୁଟି କିମ୍ବା ଅନ୍ୟ କୌଣସି କାରଣରୁ ଛିଡ଼ା ହୋଇଥିଲା। ଏହି ସମୟରେ କମ୍ପାନୀ କର୍ମଚାରୀଙ୍କୁ ନେଇ ଯାଉଥିବା ଟ୍ରାଭେଲର ଡ୍ରାଇଭର ଭାରସାମ୍ୟ ହରାଇ ଉକ୍ତ ଟ୍ରକ୍ ପଛକୁ ଧକ୍କା ଦେଇଥିଲେ। ଖବରପାଇ ଆଦର୍ଶ ଥାନା ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତ ଆହତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ମେଡ଼ିକାଲ ପଠାଇଥିଲେ। ଦୀର୍ଘ ୩୦ ମିନିଟ୍ କଟରରେ କାଟିବା ପରେ ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ମେଡ଼ିକାଲ ପଠାଇବା ସହ ଘଟଣାର ତଦନ୍ତ ଚଳାଇଛି।

## ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ରଘୁନାଥଙ୍କ ପୀଠରୁ ଗଲା ଆଜ୍ଞାମାଳ

ନିରାକାରପୁର,୨୭।୧(ମାନସ ଚନ୍ଦ୍ର ପଟ୍ଟନାୟକ)



ପୁରୀ ଜିଲା ସତ୍ୟବାଦୀ ନିର୍ବାଚନମଣ୍ଡଳୀର ଇନ୍ଦ୍ରଶ୍ୱର ଦେବଙ୍କ ପୀଠରେ ବୁଧବାରଠାରୁ ୫ଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ପାରମ୍ପରିକ ରୀତିରେ ମଙ୍ଗଳବାର ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥ ଶ୍ରୀରଘୁନାଥ ଦେବ ପୀଠରୁ ଆଜ୍ଞାମାଳ ନିଆଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ପୀଠରେ ହରିବୋଲ, ହୁଳହୁଳି ସହ ଭଜନକୀର୍ତ୍ତନରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। କାର୍ଯ୍ୟକ୍ରମରେ ଶ୍ରୀରାମଦୟା ପରିଷଦର କର୍ମକର୍ତ୍ତା ସହଯୋଗ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଗଙ୍ଗାଧର ତ୍ରିପାଠୀ, ଖୋର୍ଦ୍ଧା ବିଧାୟକଙ୍କ ପ୍ରତିନିଧି ପ୍ରଫୁଲ୍ଲ କୁମାର ଜେନା, ସତ୍ୟବାଦୀ ବଳବନ୍ତରାୟ, ବେଣୁଧର ଚମ୍ପତି, ଲକ୍ଷ୍ମୀଧର ସାମନ୍ତରାୟ, ଅଶୋକ ବାହୁବଳେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଗବେଷକ କାହ୍ନୁଚରଣ ପାଢ଼ୀ ପାଇଲେ ନଗେନ୍ଦ୍ରନାଥ ପ୍ରଧାନ ସ୍ମୃତି ସମ୍ମାନ


ବାଚସ୍ପତି ସୁରମା ପାଢ଼ୀ ଗବେଷକ କାହ୍ନୁଚରଣ ପାଢ଼ୀଙ୍କୁ ସମ୍ମାନିତ କରୁଛନ୍ତି।

ଖୋର୍ଦ୍ଧା,୨୭।୧(ପ୍ରଭାତ ପାଣିଗ୍ରାହୀ)

ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓଡ଼ିଶା ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ରବିବାର ସ୍ଥାନୀୟ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ବିଶିଷ୍ଟ ଶିକ୍ଷାବିତ୍, ସାରସ୍ୱତ ସାଧକ, ଗବେଷକ ତଥା ସଙ୍ଗଠକ ପ୍ରଫେସର ଡ. ନଗେନ୍ଦ୍ରନାଥ ପ୍ରଧାନଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିଶିଷ୍ଟ ସାହିତ୍ୟିକ, ଗବେଷକ ତଥା ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. କାହ୍ନୁଚରଣ ପାଢ଼ୀଙ୍କୁ ‘୮ମ ନଗେନ୍ଦ୍ରନାଥ ସ୍ମୃତି ସମ୍ମାନ-୨୦୨୫’ରେ ସମ୍ମାନିତ କରାଯିବା ସହିତ ଅର୍ଥରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ବାଚସ୍ପତି ପାଢ଼ୀ କହିଥିଲେ, ଡ. ପ୍ରଧାନଙ୍କ ଭଳି ଗବେଷକ ମନୋବୃତ୍ତି ନେଇ ଓ ସାହିତ୍ୟର ଅନାଲୋଚିତ ଦିଗକୁ ସାହିତ୍ୟିକମାନେ ଉଜାଗର କରନ୍ତୁ। ସେହିପରି ଡ. ପାଢ଼ୀ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପ୍ରତି କୃତଜ୍ଞତା ପ୍ରକାଶ କରିବା ସହିତ ଡ. ନଗେନ୍ଦ୍ରନାଥ ପ୍ରଧାନଙ୍କ ରଚିତ ‘ବେଦ ବନ୍ଦିତା ସରସ୍ୱତୀ’ ଗ୍ରନ୍ଥର ଉଦାହରଣ ଦେଇ ତାଙ୍କର ଗବେଷଣାତ୍ମକ ସାହିତ୍ୟ ସାଧନା ଓ ସାଙ୍ଗଠନିକ ଦକ୍ଷତା ସମ୍ପର୍କରେ ଆଲୋଚନା କରିଥିଲେ। ପରିଷଦର ଅଧ୍ୟକ୍ଷ ଡ. ଅଭୟ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ମୁଖ୍ୟବକ୍ତାଭାବେ ସୁଦର୍ଶନ ନାୟକ ଯୋଗଦେଇଥିବା ବେଳେ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ପରିଷଦର ସାଧାରଣ ସମ୍ପାଦକ ଡ. ସନ୍ତୋଷ କୁମାର ମହାପାତ୍ର ମଞ୍ଚାସୀନ ଥିଲେ। ଡ. ଦୁର୍ଗାମାଧବ ପୃଷ୍ଟିଙ୍କ ରଚିତ ‘ଓଡ଼ିଆ ସାହିତ୍ୟରେ କବି ଦୀନକୃଷ୍ଣ’, ଡ. ଭବାନୀ ଶଙ୍କର ପଟେଲଙ୍କ ଦ୍ୱାରା ଡ. ପ୍ରଦୀପ୍ତ କୁମାର ଦାଶଙ୍କ ମୂଳ ଓ ପୁସ୍ତକ ‘ବ୍ରଜବିହାରୀ ସାହିତ୍ୟ-ଏକ ଅଧ୍ୟୟନ’ର ହିନ୍ଦୀ ଅନୁବାଦ ପୁସ୍ତକ ଏବଂ ଡ. ଅମୂଲ୍ୟରତ୍ନ ମହାନ୍ତିଙ୍କ ଦ୍ୱାରା ସୁରେଶ ସୋନିଙ୍କ ଲିଖିତ ହିନ୍ଦୀ ପୁସ୍ତକର ଓଡ଼ିଆ ଭାଷାନ୍ତର ‘ଆମ ସାଂସ୍କୃତିକ ବିଚାରଧାରାର ମୂଳ ଉତ୍ସ’ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ‘ଓଡ଼ିଆ ସାହିତ୍ୟରେ ଆତ୍ମବୋଧରୁ ବିଶ୍ୱବୋଧ’ ଶୀର୍ଷକ ଆଲୋଚନାଚକ୍ର ପରିଷଦର ସାଧାରଣ ସମ୍ପାଦକ ଡ. ସନ୍ତୋଷ କୁମାର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ତଥା କିସ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ରଘୁନାଥ ପଣ୍ଡା, ଡ. କାହ୍ନୁଚରଣ ପାଢ଼ୀ ଏବଂ ଅଧ୍ୟାପକ କରୁଣାକର ପାଟ୍ଟଶାଣୀ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ଏହି ସଭାରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଅତିଥି ଓ ଶ୍ରୋତା ଉପସ୍ଥିତ ଥିଲେ। ଡ. ନିରୋଦ କୁମାର ମନ୍ତ୍ରୀ ମଞ୍ଚ ପରିଚାଳନା କରିଥିବା ବେଳେ ଡ. କଲ୍ୟାଣୀ ମିଶ୍ର ମାନପତ୍ର ପାଠ କରିଥିଲେ। ଡ. ଅଭିଷେକ ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ।

## କୁଞ୍ଜୁରୀରେ ‘ପଲ୍ଲୀରେ ପ୍ରଶାସନ’ କାର୍ଯ୍ୟକ୍ରମ

ବେଗୁନିଆ,୨୭।୧(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ କୁଞ୍ଜୁରୀରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ପ୍ରଦୀପ ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ବିଡିଓ ସନ୍ତୋଷ କୁମାର ଜେନା, ସରପଞ୍ଚ ପ୍ରଣତି ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅମୂଲ୍ୟ ବାହିନୀପତି, ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା.ଦେବାଶିଷ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଲୋକମାନଙ୍କ ଅଭିଯୋଗ ଶୁଣିଥିଲେ। ଆବାସ ଘର, ରାଶନ କାର୍ଡ ଏବଂ ଭତ୍ତା ସମ୍ବନ୍ଧୀୟ ୬୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ସତ୍ୟ ଶୁଭମ ବେହେରା ପରିଚାଳନା କରିଥିଲେ।

## ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

# କିଟ୍ ଆଫ୍ରିକାନ୍ ଏକାଦଶ ବିଜୟୀ


ଅତିଥିଙ୍କ ଗହଣରେ ଖେଳାଳିମାନେ।

ନିରାକାରପୁର,୨୭।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ କାଶୀପୁର ଖେଳପଡ଼ିଆରେ ମା’ଭୈରବୀ ଯୁବ ସଂସଦ ଆନୁକୂଲ୍ୟରେ ୪୩ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ କିଟ୍ ଆଫ୍ରିକାନ ଏକାଦଶ ଭୁବନେଶ୍ୱର ଏବଂ ଭଞ୍ଜନଗର ଫୁଟ୍‌ବଲ ଏକାଡେମୀ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ୧-୦ ଗୋଲରେ କିଟ୍ ଆଫ୍ରିକାନ ଏକାଦଶ ବିଜୟୀ ହୋଇଛି। ସୁଜିତ ପାତ୍ର ମ୍ୟାଚ୍ ପରିଚାଳନା କରିଥିବା ବେଳେ ଏମ୍.ଏସ୍ ବାଗ, ଶିବ ପ୍ରସାଦ ସାମନ୍ତରାୟ ଲାଇନରେ ସହଯୋଗ କରିଥିଲେ। ହୃଦାନନ୍ଦ ମହତରାୟ, ପ୍ରମୋଦ ଦାସ, ଓମ୍ ପ୍ରକାଶ ମିଶ୍ର, ଭୀମସେନ ବିଶ୍ୱାଳ, ଲଛମନ ନାୟକ, ସୁରେଶ ଚନ୍ଦ୍ର ମହାରଣା, ଅକ୍ଷୟ ପଟ୍ଟନାୟକ ପ୍ରମୁଖ ନିଜ ଦାୟିତ୍ୱ ତୁଲାଇଥିଲେ। ଅନୁଷ୍ଠାନର ସଭାପତି ପ୍ରଦୀପ୍ତ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥିଭାବେ ନିରାକାରପୁର କଲେଜର ପୂର୍ବତନ ଅଧ୍ୟକ୍ଷ ଡ.ସଞ୍ଜୟ କୁମାର ମହାପାତ୍ର, ଅନୁଷ୍ଠାନର ପୂର୍ବତନ ସଭାପତି ପ୍ରଦୀପ୍ତ ପଟ୍ଟନାୟକ, ମୁଖ୍ୟ ସଂଯୋଜକ ସନ୍ତୋଷ ଦଳେଇ, ସରପଞ୍ଚ ପ୍ରଶାନ୍ତ ବେହେରା, ଭାଜପାର ପୂର୍ବତନ ମଣ୍ଡଳ ସଭାପତି ସନାତନ ବାରିକ, ସିପିଏମ୍ ନେତା ବିଧୁଭୂଷଣ ମହାରଣା, ଖବରଦାତା ମାନସ ଚନ୍ଦ୍ର ପଟ୍ଟନାୟକ, ଉମେଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶ୍ରେଷ୍ଠ ଖେଳାଳିଭାବେ କିଟ୍ ଆଫ୍ରିକାନ ଦଳର ୪୨ନମ୍ବର ଜର୍ସି ଏଲ୍ ନୋବୀକ୍ସଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। କମଳ ଲୋଚନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ନୃସିଂହ କୁମାର ଦଳେଇ ବାର୍ଷିକ ବିବରଣୀ ପାଠ ସହ ଧନ୍ୟବାଦ ଅର୍ପଣ କରିଥିଲେ। କୋଷାଧ୍ୟକ୍ଷ ସୋମନାଥ ବିଶ୍ୱାଳଙ୍କ ସମେତ ସଂସଦର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

## କଲ୍ୟାଣପୁର, ଅରିସଲ ବିଜୟୀ

### ମା’ ଅଁଳେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଖୋର୍ଦ୍ଧା,୨୭।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଉପକଣ୍ଠ ଉଇଲ୍‌କିଶନ ନଗର ଖେଳପଡ଼ିଆରେ ମା’ ଅଁଳେଇ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨୬ତମ ମା’ ଅଁଳେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର କଲ୍ୟାଣପୁର ଏବଂ ଗୁଡୁମ୍ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ଗୁଡୁମ୍ ଟିମ୍ ପ୍ରଥମେ ବ୍ୟାଟିଂକରି ୧୫ ଓଭରରେ ୬ ଉଇକେଟ ବିନିମୟରେ ୧୬୫ ରନ୍ ସଂଗ୍ରହ କରିଥିଲା। ଜବାବରେ କଲ୍ୟାଣପୁର ୯.୧ ଓଭରରେ ଆବଶ୍ୟକ ରନ୍ ସଂଗ୍ରହକରି ବିଜୟୀ ହୋଇଥିଲା। କଲ୍ୟାଣପୁର ଟିମ୍‌ର କ୍ରିଷ୍ଣା ୪୬ ରନ୍ ଏବଂ ୨ଟି ଉଇକେଟ ନେଇ ଶ୍ରେଷ୍ଠ ଖେଳାଳିଭାବେ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ଗଙ୍ଗପଡ଼ା ଏବଂ ଅରିସଲ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଅରିସଲ ଟିମ୍ ବୋଲିଂ ନିଷ୍ପତ୍ତି ନେଇଥିଲା। ଗଙ୍ଗପଡ଼ା ଟିମ୍ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୪ ଓଭରରେ ୯ ଉଇକେଟ ହରାଇ ୧୪୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଅରିସଲ ୧୨.୩ ଓଭରରେ ୩ ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହକରି ବିଜୟୀ ହୋଇଥିଲା। ଅରିସଲ ଟିମ୍‌ର ପ୍ରବୀଣ ପରିଡ଼ା ୬୨ ରନ୍‌କରି ଶ୍ରେଷ୍ଠ ଖେଳାଳ ବିବେଚିତ ହୋଇଥିଲେ। ଅତିଥିଭାବେ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ପାଇକରାୟ ଏବଂ ମନୋଜ ବିଶ୍ୱାଳ ଯୋଗଦେଇ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଚନ୍ଦ୍ରକାନ୍ତ ବିଶ୍ୱାଳ, ତୁଷାରକାନ୍ତ ସୁନ୍ଦରାୟ ଏବଂ ସଞ୍ଜୀବ ବିଶ୍ୱାଳ ମ୍ୟାଚ୍ ପରିଚାଳନା କରିଥିବା ବେଳେ ପ୍ରକାଶ ସାହୁ ଓ ରାଜୀବ ବିଶ୍ୱାଳ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ସେହିପରି ଭାଷ୍ୟକାର ଦାୟିତ୍ୱ ପ୍ରଶାନ୍ତ ନାଟୁଆ ଏବଂ କୃଷ୍ଣଚନ୍ଦ୍ର ସାହୁ ତୁଲାଇଥିଲେ।

ଧରିତ୍ରୀ 52 Years
ଭୁବନେଶ୍ୱର, ବୁଧବାର, ୨୮ ଜାନୁଆରୀ, ୨୦୨୬

**ଖୋଲିଲା ଧାନମଣ୍ଡି**

କଣାସ,(ବିଭୂତି ଭୂଷଣ ତ୍ରିପାଠୀ) - କଣାସ ପଞ୍ଚାୟତ ସମିତି ନିକଟସ୍ଥ ମା' କୁଞ୍ଜେଶ୍ୱରୀ ସମବାୟ ସମିତି ପକ୍ଷରୁ ମଙ୍ଗଳବାର ସରକାରୀ ଧାନମଣ୍ଡି ଖୋଲାଯାଇଛି। ଏହାକୁ ସମିତି ସଭାପତି ସୁକାନ୍ତ କିଶୋର ସାମନ୍ତରାୟ ଉଦ୍ଘାଟନ କରିଥିଲେ। ୨୪୧ ଚାଷୀ ଅନ୍‌ଲାଇନରେ ଆବେଦନ କରିଥିବାବେଳେ ୧୩୦ ଚାଷୀଙ୍କୁ ଧାନ ବିକ୍ରି କରିବା ପାଇଁ ଟୋକନ ଦିଆଯାଇଛି। ସରକାର ମାତ୍ର ୧ ହଜାର କୁଇଣ୍ଟାଲ ଧାନ କିଣିବା ପାଇଁ ପ୍ରଥମ ଦଫାରେ ସୁପାରିସ କରିଛନ୍ତି। ୬ ଜଣ ଚାଷୀ ୧୭୦ କୁଇଣ୍ଟାଲ ଧାନ ବିକ୍ରି କରିଥିବାବେଳେ ମା' ମଙ୍ଗଳା ରାଇସ୍ ମିଲ୍ ବ୍ରହ୍ମଗିରି ଧାନ କ୍ରୟ କରିଛି। ଉଦ୍ଘାଟନ ସମୟରେ ପରିଚାଳନା ସଦସ୍ୟ ପ୍ରଭାକର ବଳିୟାରସିଂହ, ପ୍ରକାଶ କୁମାର ପ୍ରଧାନ, ରବୀନ୍ଦ୍ର ବଳବନ୍ତରାୟ, ଅଭିମନ୍ୟୁ ଜୟସିଂହ, ଚିକନ ପ୍ରଧାନ, ସୁମିତ୍ରା ଭୋଲ, ତୁଳସୀ ପ୍ରଧାନ ଓ ସମିତିର ସମ୍ପାଦକ ଧାରେନ କୁମାର ମାନସିଂହ ପ୍ରମୁଖ ଉପସ୍ଥିତ ଥିଲେ।



# ସମ୍ବିଧାନର ପ୍ରତିଟି ଶବ୍ଦରେ ରହିଛି ଐକ୍ୟ, ଜାତୀୟତା

- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ
- ଭାରତ ବିଶ୍ୱରେ ଏକ କ୍ରିୟାଶୀଳ ପ୍ରଜାତନ୍ତ୍ର ଭାବେ ଉଭାହୋଇଛି

ପୁରୀ,୨୭।୧(ଅଜିତ୍ କୁମାର ମହାନ୍ତି)

ଦେଶର ସମ୍ବିଧାନର ମୂଳମନ୍ତ୍ର ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭାଇଚାରା। ସମ୍ବିଧାନର ପ୍ରତିଟି ଶବ୍ଦରେ ଐକ୍ୟ, ଜାତୀୟତା ଓ ଭାଇଚାରା ଭରିରହିଛି। ଏଥିପାଇଁ ଭାରତ ସମଗ୍ର ବିଶ୍ୱରେ ଏକ କ୍ରିୟାଶୀଳ ପ୍ରଜାତନ୍ତ୍ର ଭାବେ ଉଭା ହେବା ସହ ଏହାର ସଫଳତା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ତାଳବଣିଆସ୍ଥିତ ସ୍ପୋର୍ଟ୍ସ ଗ୍ରାଉଣ୍ଡଠାରେ ଜିଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ, ପରେଡ୍ ପ୍ରଦର୍ଶନ ଓ ଅଭିବାଦନ ଗ୍ରହଣ କରି ମନ୍ତ୍ରୀ ପୂଜାରୀ ସ୍ୱାଧୀନତା ଆନ୍ଦୋଳନର ସଂଗ୍ରାମୀଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗ ଓ ଆମ ସମସ୍ତଙ୍କ ସମନ୍ୱୟରେ ୨୦୩୬ ସୁଦ୍ଧା ଉତ୍କର୍ଷ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ହୋଇପାରିବ ବୋଲି କହିଥିଲେ।

ଶ୍ରୀଜଗନ୍ନାଥ ସମଗ୍ର ଓଡ଼ିଆ ଜାତିର ଅସ୍ତିତ୍ୱ ଓ ଅସ୍ମିତାର ପ୍ରତୀକ। ଶ୍ରୀକ୍ଷେତ୍ର ସାଂସ୍କୃତିକ ଚେତନାର ଅନ୍ତୁଡ଼ିଶାଳ। ପଟଚିତ୍ର, ମାହାରୀ, ଓଡ଼ିଶୀ ନୃତ୍ୟ, ଗୋଟିପୁଅ, ଶାସ୍ତ୍ରୀୟ ସଙ୍ଗୀତ ଓଡ଼ିଆ ସଂସ୍କୃତିର ଅମୂଲ୍ୟ ଧନ। ମହାତ୍ମା ଗାନ୍ଧୀ, ନେହେରୁ, ନେତାଜୀ, ସର୍ଦ୍ଦାର ପଟେଲ, ଲକ୍ଷଣ ନାଏକ, ଚାଖି ଖୁଣ୍ଟିଆ, ବୀର ସୁରେନ୍ଦ୍ର ସାଏ, ମାଧୋ ସିଂ ଓ ତାଙ୍କ ପୁତ୍ରମାନେ, ଗୋପବନ୍ଧୁ ଦାସ, ରମାଦେବୀ, ମାଳତୀ ଚୌଧୁରୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।



ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଅଭିବାଦନ ଗ୍ରହଣ କରୁଛନ୍ତି ।

ଉଲ୍ଲେଖନୀୟ ଅବଦାନ ପାଇଁ ମୁଖ୍ୟଅତିଥି ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ୩୪ ଜଣଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବ୍ୟକ୍ତି ଓ ଅନୁଷ୍ଠାନଗୁଡ଼ିକୁ ମନ୍ତ୍ରୀ ପୁରସ୍କୃତ କରିଥିଲେ। ସେହିପରି ପରେଡ୍‌ରେ ସିନିୟର ଡିଭିଜନ ଏନ୍‌ସିସିରେ ଏସ୍‌ସିଏସ୍ ମହାବିଦ୍ୟାଳୟ ଶ୍ରେଷ୍ଠ, ଜୁନିୟର ଡିଭିଜନ ଏନ୍‌ସିସିରେ ବାଳକ ବର୍ଗରେ ପୁରୀ ଜିଲା ସ୍କୁଲ ଓ ବାଳିକା ବର୍ଗରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସ୍କାଉଟ୍‌ରେ ଡିଏଭି ପବ୍ଲିକ ସ୍କୁଲ, ଗାଇଡ୍‌ରେ ଭୋଳାନାଥ ବିଦ୍ୟାପୀଠ, ସିଭିଲିଆନ ବାଳକରେ ଘନଶ୍ୟାମ ହେମଲତା ବିଦ୍ୟାମନ୍ଦିର ଓ ବାଳିକାରେ ଗଦାଧର ଉଚ୍ଚ ବିଦ୍ୟାଳୟ ଓ ଶୃଙ୍ଖଳାରେ ଏସ୍‌ସିଏସ୍ ଏନ୍‌ସିସି ଦଳକୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯାଇଥିଲା। ପରେ ମୁଖ୍ୟଅତିଥି ଉତ୍କଳ ବାଳାଶ୍ରମର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ଓ ପୋଷାକ, ମୁଖ୍ୟ ଚିକିତ୍ସାଳୟର ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ।

ଗୋପବନ୍ଧୁ ଆୟୁର୍ବେଦିକ କଲେଜ ପରିସରରେ ରେଡ୍‌କ୍ରସ ଶାଖା, ଭାରତ ବିକାଶ ପରିଷଦ, ସମ୍ପର୍କ ଅନୁଷ୍ଠାନ, ବଡ଼ଶଙ୍ଖ ଯୁବ ସାଂସ୍କୃତିକ ପରିଷଦ ଓ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରକୁ ମୁଖ୍ୟଅତିଥି ଉଦ୍ଘାଟନ କରିବା ସହ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ଉପଜିଲାପାଳ ରାଜକିଶୋର ଜେନାଙ୍କ ସମେତ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତ୍ୟୁଷରୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ରାମଧୁନ ପରିବେଷଣ କରାଯାଇଥିଲା। ଗାନ୍ଧୀଘାଟଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ ବିଭାଗର ସମସ୍ତ କର୍ମଚାରୀ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଉତ୍କଳମଣିଙ୍କ ନୀତି ଓ ଆଦର୍ଶରେ ବ୍ରତୀ ହୁଅ



ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ ଉତ୍ସବରେ ଉପସ୍ଥିତ ଅତିଥିମାନେ ।

**ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ**

କୋଣାର୍କ,୨୭।୧(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅଧୀନ ସିମିଳି ପଞ୍ଚାୟତ ନୂଆଗାଁସ୍ଥିତ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ଠାରେ ଲୋକସେବକ ମଣ୍ଡଳ ଓ ସମାଜ ରିଲିଫ୍ ଫଣ୍ଡ ସହଯୋଗରେ ବିଦ୍ୟାଳୟ ପରିସରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ ହୋଇଯାଇଛି। ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୂଆଦିଲ୍ଲୀସ୍ଥିତ ଲୋକସେବକ ମଣ୍ଡଳର ଅଧ୍ୟକ୍ଷ ରାଜକୁମାର ଯୋଗଦେଇ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିକୁ ଲୋକାର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟ ଅତିଥି ଶ୍ରୀ କୁମାର ପଣ୍ଡିତ ଗୋପବନ୍ଧୁ ଦାସ ଥିଲେ ଦୀନ ଦରିଦ୍ର ଓ ଅସହାୟ ମଣିଷର ବନ୍ଧୁ ବୋଲି କହିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିରଞ୍ଜନ ସାହୁ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଲେଙ୍କା, ଶିକ୍ଷାବିତ୍ ରବୀନ୍ଦ୍ରନାଥ ବାହିନୀପତି, ରେଡିଓ ନମସ୍କାରର ଅଧ୍ୟକ୍ଷ ଏନ୍.ଏ. ଶାହା ଅନ୍‌ସାରୀ, ପ୍ରାକ୍ତନ ପ୍ରାଧ୍ୟାପକ ଶରତ ଚନ୍ଦ୍ର ପ୍ରଧାନ, ସମାଜର ସାଧାରଣ ପରିଚାଳକ ଗୋପୀନାଥ ବାରିକ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ର ଗୋପବନ୍ଧୁଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜକୁ ଅସହାୟ ମଣିଷର ସେବାରେ ସମର୍ପଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଶିକ୍ଷକ ଦିଲୀପ କୁମାର ନାୟକ, ମାନସ କୁମାର ମୁଦୁଲି, ଚିତ୍ରାଞ୍ଜଳି ନାୟକ, ଧନଞ୍ଜୟ ବେହେରା, ମହାପ୍ରସାଦ ମହାରଣା ଓ ଆଭାସ ମୁଦୁଲି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏଥର ୨ଦିନ ହେବ ମେଳଣ

**ଓଡ଼ିଶା ପ୍ରସିଦ୍ଧ ବଳଙ୍ଗା ପଞ୍ଚୁଦୋଳ ମେଳଣ ପ୍ରସ୍ତୁତି ବୈଠକ**

ବଳଙ୍ଗା,୨୭।୧(କେଦାରେଶ୍ୱର ନନ୍ଦ)

ଐତିହାସିକ ଓଡ଼ିଶା ପ୍ରସିଦ୍ଧ ବଳଙ୍ଗା ପଞ୍ଚୁଦୋଳ ମେଳଣ ଚଳିତବର୍ଷଠାରୁ ୨ଦିନ ଧରି ଅନୁଷ୍ଠିତ ହେବ। ଏହି ମେଳଣରେ ନିମାପଡ଼ା, ପିପିଲି ଓ ସତ୍ୟବାଦୀ ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମରୁ ୧୦୮ ବିମାନ ମେଳଣ ପଡ଼ିଆରେ ଉପବେଶନ କରିଥାନ୍ତି। ମେଳଣ ଗୋଟିଏ ଦିନପାଇଁ ଅନୁଷ୍ଠିତ ହେଉଥିବାରୁ ହଜାର ହଜାର ଭକ୍ତ ଠାକୁରଙ୍କୁ ଦର୍ଶନ ପାଇଁ ଭିଡ଼ ଜମାଇଥାନ୍ତି। ଜନସମାଗମ ଦୃଷ୍ଟିରୁ ଏହି ମେଳଣକୁ ଅଧିକ ସରସ, ସୁନ୍ଦର କରିବା ପାଇଁ ମେଳଣ କମିଟି ତରଫରୁ ଚଳିତବର୍ଷ ୨ ଦିନ ମେଳନ କରାଯିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏନେଇ ବଳଙ୍ଗା ମେଳଣ କମିଟି ତରଫରୁ ସଭାଗୃହରେ ସୋମବାର ସନ୍ଧ୍ୟାରେ ଦୋଳ ନେଇ ଆସୁଥିବା ବିଭିନ୍ନ ଗ୍ରାମର ମୁରବିମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧିକ ଗୋଟିଏ ଦିନ ପଡ଼ିଆରେ ରହୁଥିବା ଠାକୁରଙ୍କ ପୂଜାର୍ଚ୍ଚନା ସହ ସମସ୍ତ ନୀତିକାନ୍ତି ନିମନ୍ତେ ବିମାନ ସହିତ ଥିବା ମହାପାତ୍ର ଓ ପୂଜାରୀଙ୍କ ପାଇଁ ମେଳଣ କମିଟି ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ନିଷ୍ପତ୍ତି ନିଆଯାଇଛି। ସେହିଭଳି ମେଳଣ ଶୋଭାଯାତ୍ରାରେ ଡିଜେ ବାଦ୍ୟକୁ ଅନୁମତି ନାହିଁ ବୋଲି କମିଟି ତରଫରୁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ମେଳଣରେ ଜମାଣ ଉତ୍ସବ ସହ ଗୋଟିଏ ଦିନ ମେଳଣ ହୋଇଥାଏ। ସେହି ରାତିରେ ଆତସବାଜି ପ୍ରତିଯୋଗିତା ଅନୁଷ୍ଠିତ ହେବା ପରେ ପରଦିନ ଠାକୁରଙ୍କ ହରିହର ଭେଟ କରାଯାଇଥାଏ। ମେଳଣ କମିଟିର କାର୍ଯ୍ୟକାରୀ ସଭାପତି ବୈଦ୍ୟନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଭାପତି ପ୍ରଭାକର ଦଳାଇ, ସମ୍ପାଦକ ବଳଭଦ୍ର ଜେନା, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ସୁକାନ୍ତ କୁମାର ବରାଳ, ସମିତିସଭ୍ୟ ପ୍ରକାଶ କୁମାର ସାହୁ, ପ୍ରସନ୍ନ କୁମାର ଶତପଥୀ, ପ୍ରଫୁଲ୍ଲ କୁମାର ବେହେରା, ପୂର୍ବତନ ସମିତି ସଭ୍ୟ କୃପାସିନ୍ଧୁ ଦତ୍ତଙ୍କ ସହ ମେଳଣ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

## ବିକଶିତ ଓଡ଼ିଶା ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ନିମାପଡ଼ା,୨୭।୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଅନ୍ତର୍ଗତ କୁଅଁରପୁର ବାଣିଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୫ତମ ବାର୍ଷିକ ଉତ୍ସବ, ପୁରସ୍କାର ବିତରଣ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡ. କୁମରବର ଦାସ, ସମ୍ମାନିତ ଅତିଥି ଭାବେ ଗଁଦିଆ କପିଳାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଗୋଲେଖ ନାୟକ, ବିଶିଷ୍ଟ ଶିକ୍ଷାବିତ୍ ଡ. ତପନ କୁମାର ଜେନା, ବରିଷ୍ଠ ଯୁବନେତା ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ବିକଶିତ ଭାରତ, ବିକଶିତ ଓଡ଼ିଶା ଗଠନରେ ଛାତ୍ରୀଛାତ୍ରଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ।

ସମାରୋହରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଡ. ଜ୍ୟୋସ୍ନାରାଣୀ ବସ୍ତିଆ ଅଧ୍ୟକ୍ଷତା କରି ଅତିଥି ପରିଚୟ ପ୍ରଦାନ କରି ସ୍ୱାଗତ ଭାଷଣ ଦେଇଥିବାବେଳେ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ୯୦ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୫ଜଣ କୃତୀ ପ୍ରତିଭା ଓ ମଞ୍ଚାସୀନ ଅତିଥିଙ୍କୁ ବିଦ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ଭାବେ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ପକ୍ଷରୁ ପରିବେଷିତ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅତିଥି ଓ ଦର୍ଶକଙ୍କୁ ବିମୋହିତ କରିଥିଲା। ଏହି ସମାରୋହରେ ବହୁ ଶିକ୍ଷାବିତ୍, ଅଧ୍ୟାପକ, ଅଧ୍ୟାପିକା, ପରିଚାଳନା କମିଟିର କର୍ମକର୍ତ୍ତା ସଦସ୍ୟ, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ।

## ବାଲ୍ୟବିବାହମୁକ୍ତ ଭାରତ ସଚେତନତା ରଥ ଉଦ୍‌ଘାଟିତ

ପିପିଲି,୨୭।୧(ଦୁର୍ଗା ମାଧବ ମିଶ୍ର)

ପୁରୀ ଜିଲା ବାଲ୍ୟବିବାହମୁକ୍ତ ଭାରତ ଅଭିଯାନ ସଚେତନତା ରଥ ପିପିଲିଠାରେ ଏମ୍‌ପି ସମ୍ବିତ ପାତ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ପୁରୀ ଜିଲା ପ୍ରଶାସନ ସହଭାଗିତାରେ ଆୟୋଜିତ ବାଲ୍ୟବିବାହମୁକ୍ତ ଭାରତ ଅଭିଯାନର ଏକ ଅଙ୍ଗସ୍ୱରୂପ ଏହି ରଥ ମାସେ ବ୍ୟାପୀ ଜିଲାର ବିଭିନ୍ନ ଗ୍ରାମ ପରିକ୍ରମା କରିବ ।



ସଚେତନତା କାର୍ଯ୍ୟକ୍ରମରେ ଏମ୍‌ପି ସମ୍ବିତ ପାତ୍ର ଓ ଅନ୍ୟ ଅତିଥିମାନେ ।

ସଚେତନତା ରଥକୁ ଉଦ୍‌ଘାଟନ କରି ଏମ୍‌ପି ପାତ୍ର କହିଥିଲେ, ବାଲ୍ୟବିବାହ ଏକ ସାମାଜିକ ଅପରାଧ। ପିଲାଙ୍କ ଅଧିକାରର ସୁରକ୍ଷା ପାଇଁ ଓ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ଭାରତରେ ଏକ ୧୦୦ ଦିନିଆ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହାର ଉଦ୍ଦେଶ୍ୟ ହେଉଛି ଭାରତବର୍ଷକୁ ୨୦୨୯ ସୁଦ୍ଧା ବାଲ୍ୟବିବାହମୁକ୍ତ କରି ପିଲାଙ୍କ ପାଇଁ ଏକ ସୁରକ୍ଷିତ ସମାଜ ଗଠନ କରାଯିବ। ସମ୍ମାନିତ ଅତିଥି ଭାବେ ବିଧାୟକ ଆଶ୍ରିତ ପଟ୍ଟନାୟକ କହିଥିଲେ, ପୁରୀ ଜିଲାକୁ ଓଡ଼ିଶାର ପ୍ରଥମ ଜିଲା ଭାବେ ବାଲ୍ୟବିବାହମୁକ୍ତ କରାଯିବ। ରୁଚିକା ସମାଜ ମଙ୍ଗଳ ସଙ୍ଗଠନ ସମ୍ପାଦକ ଉମାଶଙ୍କର ଷଡ଼ଙ୍ଗୀ ଉପସ୍ଥିତ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ବେଣୁଧର ସେନାପତି ସଚେତନତା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଶିଶୁ ମଙ୍ଗଳ ସମିତି ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ ଭଞ୍ଜ ପ୍ରମୁଖ ବାଲ୍ୟବିବାହମୁକ୍ତ ଭାରତ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ରୁଚିକା ସଙ୍ଗଠନର ରାମେଶ୍ୱରୀ ପ୍ରସାଦ ଦ୍ୱିବେଦୀ, ହେମନ୍ତ କୁମାର ସାହୁ, ହେମନ୍ତ କୁମାର ଦାଶ, ତଟିନୀ ବିଶ୍ୱାଳ, ଚନ୍ଦନ ସାହୁ, ହରପ୍ରିୟା ଖଟୋଇ, ସିପ୍ରା ପ୍ରଧାନ ଓ ରୁଚିକାର ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ପରିଚାଳନା କରିଥିଲେ।

## ଉଡ଼ିଲା ତ୍ରିରଙ୍ଗା



ନିମାପଡ଼ାରେ ଏମ୍‌ପି ବିଭୁପ୍ରସାଦ ତରାଇ ଜାତୀୟ ପତାକା ଉତ୍ତୋଳନ କରି ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି।



ଗୋପ



ପୁରୀ ତାଳବଣିଆ ଇନ୍‌ଡୋର ଷ୍ଟାଡିୟମ ପରେଡ ଗ୍ରାଉଣ୍ଡରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି ।



ଘୋଡାବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ବ୍ୟାଣ୍ଡ ବଜାଉଛନ୍ତି ।



ଡେଲାଙ୍ଗରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଉଛି ।



ପୁରୀ ରାମକୃଷ୍ଣ ମିଶନ ଛାତ୍ରାବାସ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ କରାଯାଉଛି ।



ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଗହଣରେ ବେଶଧାରୀ କୁନି ଶିଶୁମାନେ ।



ଅସ୍ତରଙ୍ଗ ଥାନା ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ କରାଯାଉଛି ।



ଓଡ଼ିଶା ହାଇକୋର୍ଟ ପରିସରରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସରେ ଚିଫ୍ ଜଷ୍ଟିସ ହରିଶ ଟଣ୍ଡନ ଜାତୀୟ ପତାକା ଉତ୍ତୋଳନ କରୁଛନ୍ତି।



ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ରେଭେନ୍ସା ୟୁନିଭରସିଟି ଛାତ୍ରୀଛାତ୍ରଙ୍କ ପକ୍ଷରୁ ଅନୁଷ୍ଠିତ ତ୍ରିରଙ୍ଗା ଶୋଭାଯାତ୍ରା।

# ସମ୍ବିଧାନକୁ ଜୀବନରେ ଅନୁସରଣ କରିବା ନାଗରିକଙ୍କ କର୍ତ୍ତବ୍ୟ

**ଆଠଗଡ଼,୨୭।୧(ସତ୍ୟ ପ୍ରସାଦ ରଥ)**

୭୭ତମ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହ ଆଠଗଡ଼ ଷ୍ଟାଡିୟମଠାରେ ସୋମବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା ଯୋଗଦେଇ ଉପସ୍ଥିତ ବ୍ୟକ୍ତିବିଶେଷ ଏବଂ ଛାତ୍ରୀଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇବା ସମେତ ସାଧାରଣତନ୍ତ୍ର ଦିବସର ମହତ୍ତ୍ୱ ଏବଂ ସମ୍ବିଧାନର ପ୍ରାଧାନ୍ୟ ଉପରେ ଆଲୋକପାତ କରିଥିଲେ। ଦେଶ ଓ ଜାତିପ୍ରତି ନମ୍ର କୃତଜ୍ଞତା ଜ୍ଞାପନ କରିବା ସହ ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସମାନ। ସବୁ ଭାରତୀୟଙ୍କ ଲକ୍ଷ୍ୟ ଏକ ହେବା ଆବଶ୍ୟକ। ଏହି ସ୍ୱାଧୀନତା ଓ ସମ୍ବିଧାନ ଆମକୁ ସମତା, ନ୍ୟାୟ ଓ ଭ୍ରାତୃତ୍ୱର ପଥ ଦର୍ଶାଏ। ତେଣୁ ଏହି ଆଦର୍ଶକୁ ଜୀବନରେ ଅନୁସରଣ କରିବା ପ୍ରତ୍ୟେକ ନାଗରିକଙ୍କ ପରମ କର୍ତ୍ତବ୍ୟ ବୋଲି ମୁଖ୍ୟ ଅତିଥି ଶର୍ମା ନିଜର ଉଦ୍‌ବୋଧନରେ ପ୍ରକାଶ କରିଥିଲେ। ଏହି ଅବସରରେ ଉପଖଣ୍ଡରେ ଶ୍ରେଷ୍ଠ ବିବେଚିତ ହୋଇଥିବା ପୋଲିସ ଅଧିକାରିଙ୍କୁ ଧରଣୀଧର ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧାରଣତନ୍ତ୍ର ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବତନ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବ୍ରହ୍ମାନନ୍ଦ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।



ଆଠଗଡ଼ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସରେ ଉପଜିଲାପାଳ ପତାକା ଉତ୍ତୋଳନ କରୁଛନ୍ତି।

# ପରେଡରେ ଅଂଶଗ୍ରହଣ କଲେ ୪୬ ଦଳ

**କଟକ,୨୭।୧(କାର୍ତ୍ତିକ ସାହୁ)**

ବାରବାଟୀ ଷ୍ଟାଡିୟମଠାରେ କଟକ ଜିଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡରେ ଅଭିବାଦନ କରିଥିଲେ।

ଏଥର ସାଧାରଣତନ୍ତ୍ର ଦିବସ ପରେଡରେ ୯ଟି ସୁସଜ୍ଜିତ ପ୍ରଜ୍ଞାପନ ମେଢ଼ ସ୍ଥାନ ପାଇଥିଲା। ଜିଲାପାଳଙ୍କ ନେତୃତ୍ୱରେ କମିଟି ଗଠନ କରାଯାଇ ପ୍ରଜ୍ଞାପନ ମେଢଗୁଡିକ ପ୍ରସ୍ତୁତ କରାଯାଇଥିଲା। ଜିଲା ସଂସ୍କୃତି ବିଭାଗ ପକ୍ଷରୁ ବନ୍ଦେ ମାତରମ ଓ ବାଲିଯାତ୍ରାକୁ ନେଇ ଆକର୍ଷଣୀୟ ପ୍ରଜ୍ଞାପନ ମେଢ଼ ହୋଇଥିଲା। ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଓ ମନ୍ଦିର, ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଜିଲା ଶିକ୍ଷା ବିଭାଗ ପକ୍ଷରୁ ଆସ ସ୍କୁଲ ଯିବା ଓ ବିଦ୍ୟାଳୟର ବିଭିନ୍ନ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ, କଟକ ମହାନଗର ନିଗମ ପକ୍ଷରୁ ସ୍ୱଚ୍ଛତା ହିଁ ସେବା, ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ପୋଷ୍ୟ ସନ୍ତାନ ଗ୍ରହଣ, ଜିଲା ଜଙ୍ଗଲ ବିଭାଗ ପକ୍ଷରୁ ମନୁଷ୍ୟ ଓ ବନ୍ୟଜନ୍ତୁ ପ୍ରାକୃତିକ ସହାବସ୍ଥାନ, ଜିଲା ହସ୍ତତନ୍ତ ବିଭାଗ ପକ୍ଷରୁ ଗୀତଗୋବିନ୍ଦ ଖଣ୍ଡୁଆ ପାଟ ଏବଂ ସୁଭଦ୍ରା ଶକ୍ତି ପକ୍ଷରୁ ମହିଳା ସଶକ୍ତୀକରଣ ଉପରେ ପ୍ରଜ୍ଞାପନ ମେଢ଼ଗୁଡିକ ସୁସଜ୍ଜିତ ହୋଇ ମଞ୍ଚ ଅତିକ୍ରମ କରିଥିଲା।




ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୋଲିସ କମିଶନର ଏସ. ଦେବଦତ୍ତ ସିଂ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏବଂ ଅନ୍ୟମାନେ।

**କଟକ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ**

## ୨୧ ବ୍ୟକ୍ତିବିଶେଷ, ୩ ଅନୁଷ୍ଠାନ ସମ୍ବର୍ଦ୍ଧିତ

ପରେ ମୁଖ୍ୟମନ୍ତ୍ରୀ ଜିଲାରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ୨୧ଜଣ ବ୍ୟକ୍ତିବିଶେଷ ଓ ୩ଟି ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରିଥିଲେ। ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର ୨୪ଜଣ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। ପରେଡରେ ପୋଲିସ, ହୋମଗାର୍ଡ, ଏନ୍‌ସିସି, ନାଭାଲ, ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ଏବଂ ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରୀଛାତ୍ର ତଥା ପୋଲିସ ବ୍ୟାଣ୍ଡକୁ ମିଶାଇ ମୋଟ ୪୬ଟି ଦଳ ଅଂଶଗ୍ରହଣ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ଜବାହାରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ବାଲ୍ୟ ବିବାହମୁକ୍ତ ଭାରତ ଅଭିଯାନର ୧୦୦ ଦିନିଆ କାର୍ଯ୍ୟକ୍ରମର ଅଂଶବିଶେଷ ଭାବରେ ଏକ ସାଇକେଲ ରାଲିକୁ ପତାକା ଦେଖାଇ ଉଦ୍‌ଘାଟନ କରିବା ସହ ଏହି ନିଜେ ସାଇକେଲ ମଧ ଚଳାଇଥିଲେ। ପରେ ଜବାହାରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ରକ୍ତଦାନ ଶିବିରକୁ ଉଦଘାଟନ କରି ରକ୍ତଦାତାଙ୍କ ସହ ଆଲୋଚନା କରିଥିଲେ। ସେଠାରେ ଆୟୋଜିତ ପୁସ୍ତକ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ।

ଏନ୍‌ଡିଆର୍‌ଏଫ୍ ପକ୍ଷରୁ ଆୟୋଜିତ ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ବୁଲି ଦେଖିଥିଲେ। ବିଧାୟକ ସୌଭିକ ବିଶ୍ୱାଳ, ବିଧାୟିକା ଇଂ ସୋଫିଆ ଫିର୍ଦ୍ଦୌସ, ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟକ ଛବି ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ପତାକା ଉତ୍ତୋଳନ ମଞ୍ଚରେ ପୋଲିସ କମିଶନର ଏସ. ଦେବଦତ୍ତ ସିଂ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, କଟକ ମହାନଗର ନିଗମର କମିଶନର କିରନଦୀପ କୌର ସହୋତା ପ୍ରମୁଖ ଉପସ୍ଥିତ ଥିଲେ।

# ପରେଡରେ ବିଜୟୀ ବିଦ୍ୟାଳୟ ପୁରସ୍କୃତ

**ଚୌଦ୍ୱାର,୨୭।୧(ଆଶୁତୋଷ ଦାସ)**

ଚୌଦ୍ୱାର ପୌର କାର୍ଯ୍ୟାଳୟରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମ୍ୟୁନିସିପାଲ ସରକାରୀ ହାଇସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ସୌଭିକ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପୌରାଧ୍ୟକ୍ଷା, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପୌର ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କ ସମେତ କାଉନସିଲରବୃନ୍ଦ, ଛାତ୍ରୀଛାତ୍ର ଓ ଜନସାଧାରଣ ଯୋଗଦେଇଥିଲେ। ପରେଡରେ ବିଜୟୀ ବିଦ୍ୟାଳୟଗୁଡ଼ିକୁ ପୁରସ୍କୃତ କରାଯାଇଥିଲା। ଶିଶୁ ସଦନରେ ହିନ୍ଦ୍ ସେବକ ସଂଘ ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ପତାକା ଉତ୍ତୋଳନ କରିଥିଲେ। ଇଙ୍ଗାରେ ଉପସଭାପତି ବିନୟ ଅଗ୍ରୱାଲା, ଚୌଦ୍ୱାର କଲେଜରେ ଅଧ୍ୟକ୍ଷା ରଶ୍ମୀ ରାଉତରାୟ, ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ମାନସ କୁମାର ସାହୁ, ଉତ୍କଳ ଇଣ୍ଟରନ୍ୟାଶନାଲ ସ୍କୁଲରେ ଅଧ୍ୟକ୍ଷ ଗଣେଶ ପ୍ରସାଦ ବେହେରା, ସେଣ୍ଟ ଜାଭିୟର ହାଇସ୍କୁଲରେ ଅଧ୍ୟକ୍ଷ ଶକ୍ତି ପ୍ରସାଦ ମହାନ୍ତି, ଚୌଦ୍ୱାର ଥାନାରେ ଆଇଆଇସି ରଜନୀକାନ୍ତ ଦାସ, ଚୌଦ୍ୱାର ଭାଜପା ମଣ୍ଡଳ ପକ୍ଷରୁ ସଭାନେତ୍ରୀ ମମତା ବେହେରା, ଜନସେବକ ହସ୍ପିଟାଲରେ ଡା. ଅଖ୍ତର ହୋସେନ୍ ଖାନ୍, ଓଟିଏମ୍ ଶ୍ରମିକ ପରିବାର ଯୁବକ ସଂଘରେ କୈଳାସ ଚନ୍ଦ୍ର ସାହାଣୀଙ୍କ ପୌରୋହିତ୍ୟରେ ଅଭିରାମ ଭୂୟାଁ ପତାକା ଉତ୍ତୋଳନ କରିଥିଲେ। ସେହିପରି କଳିଙ୍ଗଛକସ୍ଥିତ ପ୍ରେସ କ୍ଲବରେ ଚୌଦ୍ୱାର କଲେଜ ଅଧ୍ୟକ୍ଷା ରଶ୍ମୀ ରାଉତରାୟ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ଗଙ୍ଗାଧର ସାହୁ, ଅଧ୍ୟାପକ ସୌରେନ୍ଦ୍ର ପଣ୍ଡା, ସେକ୍ ମୁଜାମିଲ ପ୍ରମୁଖ ସାମିଲ ଥିଲେ।




ଚୌଦ୍ୱାର ସେଣ୍ଟ ଜାଭିୟର ହାଇସ୍କୁଲର ପିଲାଙ୍କ ଦ୍ୱାରା ଅନୁଷ୍ଠିତ ପରେଡ୍।

# ଭାରତ ମସଲା ପକ୍ଷରୁ ଗଣତନ୍ତ୍ର ଦିବସ ପାଳିତ

**ଭୁବନେଶ୍ୱର,୨୭।୧(ଅନୁରାଧା ମହାରଣା)**

'ଭାରତ ମସଲା' ପକ୍ଷରୁ ବାରଙ୍ଗସ୍ଥିତ ରାମଦାସପୁର କାରଖାନା ପରିସରରେ ସୋମବାର ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସଂସ୍ଥାର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା ପତାକା ଉତ୍ତୋଳନ କରିଥିଲେ। ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଯୋଗଦେଇ ସଂସ୍ଥାର ପ୍ରଗତି ଓ ଗୁଣାତ୍ମକ ମାନ ବଜାୟ ରଖିବା ସହ ଜାତୀୟ ଅର୍ଥନୀତିରେ ସମସ୍ତଙ୍କ ଯୋଗଦାନ ଦେଇ ବିକଶିତ ଭାରତକୁ ଆଗେଇନେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସିଆର୍‌ପିଏଫ୍‌ର ଅବସରପ୍ରାପ୍ତ ଆଇଜି ସୁବ୍ରତ କୁମାର ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଦୂରଦର୍ଶୀ ସମ୍ପାଦକ ଦୁର୍ଗା ସାମନ୍ତରାୟ, ଜିଏମ୍-ଅପରେଶନ ଅରୁଣ ନାୟକ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ।






ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

# ସବୁଠି ଉଡ଼ିଲା ତ୍ରିରଙ୍ଗା

**କଟକ,୨୭।୧(ଶିଳ୍ପା ପ୍ରିୟଦର୍ଶିନୀ**

କଟକ ମହାନଗର ନିଗମ ପରିସରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମେୟର ସୁବାସ ସିଂ ଜାତୀୟ ପତାକା ଉତ୍ତୋଳନ କରି ଗଣତନ୍ତ୍ର ପ୍ରତିଷ୍ଠାର ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ଡେପୁଟି ମେୟର ଦମୟନ୍ତୀ ମାଝୀ, କମିଶନର କିରଣଦୀପ କୌର ସାହୋତା, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଏ. ଶ୍ରୀଦେବୀ, ଦିପ୍ତିମୟୀ ମୁଳିଆ, ପ୍ରଦୀପ ଖୁଣ୍ଟିଆ, କର୍ପୋରେଟର ପୁଷ୍ପିତା ମହାନ୍ତି, ଆରତି ସାହୁ, ଗିତାଞ୍ଜଳି ବେହେରା, ପ୍ରିୟମ୍ବଦା ମହାନ୍ତିଙ୍କ ସମେତ କଟକ ମହାନଗର ନିଗମର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

କଟକ ଜିଲା ବିଜେଡି ପକ୍ଷରୁ ଦୋଳମୁଣ୍ଡାଇସ୍ଥିତ ଜିଲା କାର୍ଯ୍ୟାଳୟରେ ସଭାପତି ପ୍ରଫୁଲ୍ଲ କୁମାର ସିଂଙ୍କ ନେତୃତ୍ୱରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ମହମ୍ମଦ ସକିଲ, ସୁଭଦ୍ରା ଦାସ, ପ୍ରକାଶ ସିଂ, ତାପସ ମହାନ୍ତି, ପ୍ରଫୁଲ୍ଲ ବେହେରା, ସୟଦ ଏକରାମ ହୁସେନ, ଦୀପାଳି ଭୂୟାଁ, ପ୍ରଦୀପ ସିଂ, ଭକ୍ତିମୟୀ କର ପ୍ରମୁଖ ଉପସ୍ଥିତ ଥିଲେ।

ଖ୍ରୀଷ୍ଟ କଲେଜରେ ଅଧ୍ୟକ୍ଷା ମଧୁମିତା ପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। କଲେଜ ପରିସରରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ମହାତ୍ମା ଗାନ୍ଧୀ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଉତ୍ସବରେ ପରିଚାଳନା ସମିତି ସଭାପତି ଅନୁପମ ପାତ୍ର, ଉପାଧ୍ୟକ୍ଷା ଡ. କ୍ଷଣପ୍ରଭା ନନ୍ଦ, ଡ. ଯୋଗଶଙ୍କର ମହାପ୍ରଶସ୍ତ, ଡ. ଦୈତ୍ୟାରୀ ଶୁକ୍ଳ, ଡ. ବିନିତା ନନ୍ଦ, ପ୍ରାଧ୍ୟାପକ ଶୋଭନ ପଣ୍ଡା, ଡ. ଅଶୋକ କୁମାର ସାହୁ, ଅଧ୍ୟାପକ ସୁବ୍ରତ ବଳଙ୍କ ସମେତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏନ୍.ସି.ସି କ୍ୟାଡେଟ୍, ରୋଭର ରେଞ୍ଜର ଓ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ପରେଡ୍ ପ୍ରଦର୍ଶନ କରାଯାଇଥିଲା।

ଭାରତମାତା ପୂଜନ ସମିତି ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି। ସମିତି ସଭାପତି ଭିକାରୀ ଦାସଙ୍କ ଅଧ୍ୟକ୍ଷତା ରିଂରୋଡ୍ ସିଡିଏସ୍ଥିତ ଭାରତମାତା ମନ୍ଦିର ପରିସରରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମିତି ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ କର୍ମକର୍ତ୍ତା ରଜନୀକାନ୍ତ ଦାସ, ମାଧବଚନ୍ଦ୍ର ସ୍ୱାଇଁ, ମନୋରମା ରାଉତ, ଗୀତାଞ୍ଜଳି ବେଉରା, ନିଶିକାନ୍ତ ସେଠୀ, ସୁଧୀନ୍ଦ୍ର କୁମାର ବଳ, ବ୍ରହ୍ମାନନ୍ଦ ସିଂ, ସୁଜାତା ଭରଦ୍ୱାଜ, କେଦାର ବେହେରା, ବିଶ୍ୱଜିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଲ୍ ଓଡ଼ିଶା ଲ' ଷ୍ଟୁଡେଣ୍ଟ ଆଣ୍ଡ ଲୟର୍ସ ଆସୋସିଏଶନ୍ (ଏଓଏଲଏସ୍‌ଏଲଏ)ର ମିଳିତ ଉଦ୍ୟମରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପରେ ଏକ ତ୍ରିରଙ୍ଗା ଯାତ୍ରା ବିଶ୍ୱବିଦ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲା। ତ୍ରିରଙ୍ଗା ଯାତ୍ରାରେ ଅଗ୍ନେୟ ପାଣି, ସାଇଦତ୍ତ ବିପ୍ଳବ, ବିଶ୍ୱଜିତ ପଟ୍ଟନାୟକ, ଅଲେଖ ଭୋଇ, ବିକାଶ ପରିଡ଼ା, ଦିତିଶ କୁମାର, ପୂଜା ଶର୍ମା, ସୁନୀତା ସାହୁ, ବିଶ୍ୱରୂପା ପଣ୍ଡା, ଦେବସ୍ମିତା ଘଡାଇ ପ୍ରମୁଖ ଉପସ୍ଥିତ ଥିଲେ।

**କଟକ ସଦର,(ସୁଶାନ୍ତ କୁମାର ଜେନା):** କିଶନନଗର ତହସିଲସ୍ତରୀୟ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ଚିନ୍ତାମଣି ନୋଡାଲ ଉଚ୍ଚ ବିଦ୍ୟାଳୟ ପଡିଆରେ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଓ ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାଶ ମିଳିତ ଭାବେ ପତାକା ଉତ୍ତୋଳନ କରିଥିଲେ। ଚଳିତବର୍ଷର ପରେଡକୁ କିଶନନଗର ଥାନା ଅଧିକାରୀ ମାନେଶ୍ୱର ପ୍ରଧାନ ପରିଚାଳନା କରିଥିଲେ।

**ଫୁଲନଖରା,(ସତ୍ୟରଞ୍ଜନ ଦାସମହାପାତ୍ର):** କଟକ ବାଲିକୁଦାସ୍ଥିତ ଜୟ ଜଗନ୍ନାଥ ସୋସାଇଟି ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା। ଏହି ଅବସରରେ ସୋସାଇଟି ସଭାପତି ଡ. ବ୍ରଜ କିଶୋର ନାୟକ, ଅନିରୁଦ୍ଧ ପ୍ରଧାନ, ଇଂ. ଆଦିତ୍ୟ ପାତ୍ର, କିଶୋର ରାୟ, ପ୍ରଶାସକ ଅଟଳ ବିହାରୀ ଦାସ, ସହସମ୍ପାଦକ ରମାକାନ୍ତ ସାହୁ, ସୌଦାମିନୀ ଶତପଥୀ, ଉପସଭାପତି ଶିଶିର ମହାନ୍ତି, ସଦାନନ୍ଦ ସେନାପତି ଏବଂ ସୋସାଇଟିର ବହୁ ବରିଷ୍ଠ ସଦସ୍ୟା, ସଦସ୍ୟ, ଛାତ୍ରୀଛାତ୍ର ଯୋଗଦେଇଥିଲେ।

**ଖୁଣ୍ଟୁଣୀ,(ସଚ୍ଚିଦାନନ୍ଦ ପଣ୍ଡା):** ଖୁଣ୍ଟୁଣୀ ଓ ଗୁରୁଡ଼ିଝାଟିଆ ଥାନା ଅଞ୍ଚଳରେ ସାଧାରଣତନ୍ତ୍ର ପାଳିତ ହୋଇଯାଇଛି। ଖୁଣ୍ଟୁଣୀ ଥାନାଠାରେ ଆଇଆଇସି ଜହର ଆବେଦିନ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ବିକେ ଷ୍ଟିଲଠାରେ ମ୍ୟାନେଜର ସକିଲ ଅହମ୍ମଦ, ଖୁଣ୍ଟୁଣୀ ସବପୋଷ୍ଟ ଅଫିସଠାରେ ପୋଷ୍ଟମାଷ୍ଟର/ମ୍ୟାନେଜର ରଞ୍ଜିତ ପ୍ରଧାନ, ସୁପ୍ରିମ ପ୍ଲାଷ୍ଟିକଠାରେ ମ୍ୟାନେଜର ରଞ୍ଜନ କୁମାର ପାଢୀ, ଗୁରୁଡ଼ିଝାଟିଆ ଥାନାରେ ଆଇଆଇସି ଶୁଭେନ୍ଦୁ ମିଶ୍ର, ଟାଟା ମୋଟର୍ସ, ଖୁଣ୍ଟୁଣୀ ସରକାରୀ ଡାକ୍ତରଖାନା, ଖୁଣ୍ଟୁଣୀ ଇଏସଆଇ ହସ୍ପିଟାଲ, ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟ, ଧବଳେଶ୍ୱର ଆଇଟିଆଇରେ ଅଧ୍ୟକ୍ଷ ଦେବକୀ ନନ୍ଦନ ମହାନ୍ତି, ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, ବଜାର ବ୍ୟବସାୟୀ ସଂଘ, ହିନ୍ଦ ମଜଦୁର ସଂଘ, ଶ୍ରୀ ସିମେଣ୍ଟ ପ୍ଲାଣ୍ଟ ମୁଖ୍ୟ ଦୀପେନ୍ଦ୍ର ଭରଦ୍ୱାଜ, ବରିଷ୍ଠ ନାଗରିକ ସଂଘ ନଦୀକୂଳ କଖଡ଼ି, ବାରିଶ୍ରହ ନାଗରିକ ମଞ୍ଚ ନବେଢ଼ା, ଗୁରୁଡ଼ିଝାଟିଆ ବିଭିନ୍ନ ଶ୍ରମିକ ସଙ୍ଗଠନ ଆଦିବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଥିଲା।

**ସାଲେପୁର,(ଅରବିନ୍ଦ ଭୂୟାଁ)**

ସାଲେପୁର ହାଇସ୍କୁଲ ପଡ଼ିଆରେ ସଦର ମହକୁମାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ଥାନାଧିକାରୀ ମହେଶ୍ୱର ବେହେରା, ବିଡିଓ ଲୋପାମୁଦ୍ରା ନାୟକ, ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟମାନଙ୍କରେ ପତାକା ଉତ୍ତୋଳନ କରାଯାଇଥିଲା।

ସେହିପରି ଅଟଳସେନା, ଓଡ଼ିଶା ତରଫରୁ ସାଧାରଣତନ୍ତ୍ର ଦିବସ ସେନାର ରାଜ୍ୟ କାର୍ଯ୍ୟାଳୟ ସାଲେପୁରରେ ପାଳିତ ହୋଇଯାଇଛି। ଏହି ଅବସରରେ ଅଟଳସେନାର ଉପଦେଷ୍ଟା ଶିକ୍ଷାବିତ୍ ପ୍ରତାପ କିଶୋର ମିଶ୍ର ଜାତୀୟ ପତାକା ଉତ୍ତୋଳନ କରି ସୈନିକମାନଙ୍କୁ ଭୋଗ ବଦଳରେ ତ୍ୟାଗକୁ ଜୀବନର ବ୍ରତ କରିପାରିଲେ ହିଁ ଅଖଣ୍ଡ ଭାରତର ସ୍ୱପ୍ନ ସାକାର ହେବ ବୋଲି ଆହ୍ୱାନ ଦେଇଥିଲେ। ଏଥିରେ ସେନାର ରାଜ୍ୟ ସଭାପତି ଦିବାକର ପ୍ରଧାନ, ଧ୍ରୁବାନନ୍ଦ ଶରଣ, ମିନତି ନାୟକ, ଝରିସୁନ୍ଦର ମଲ୍ଲିକ, ରୁଦ୍ରନାରାୟଣ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

**ତାଳବସ୍ତ,(ସୁବ୍ରତ କୁମାର ନାୟକ)**

ତାଳବସ୍ତ ଏବଂ ଦୁଲଣାପୁର ଗ୍ରାମ ପଞ୍ଚାୟତର ସମସ୍ତ ସରକାରୀ କାର୍ଯ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ତାଳବସ୍ତ ବନପାଳ କାର୍ଯ୍ୟାଳୟରେ ମୁଖ୍ୟ ବନପାଳ ବିକାଶ କୁମାର ପଲେଇ, ସରକାରୀ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବାଶିଷ ପାଣି, ବିଦ୍ୟାଧରପୁର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଗଗନ ବେହେରା, ବିଦ୍ୟାବାଟିକା ଖେଳ ବିଦ୍ୟାଳୟରେ ଅଧ୍ୟକ୍ଷ ଶିବାନୀ ନାୟକ, ଦୁଲଣାପୁର ଉଚ୍ଚ ଏବଂ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ବେଉରା, ଦିଲୀପ ମହାପାତ୍ର, ସାମାଜିକ ଅନୁଷ୍ଠାନ ଶ୍ରୀରାମ କମିଟି କାର୍ଯ୍ୟାଳୟରେ ଆବାହକ ବିଶ୍ୱରଞ୍ଜନ ସ୍ୱାଇଁ,ତାଳବସ୍ତ ସେବା ସମବାୟ ସମିତି ପରିସରରେ ସଭାପତି ଅକ୍ଷୟ କୁମାର ବେହେରା ପ୍ରମୁଖ କାର୍ଯ୍ୟକର୍ତ୍ତା ପତାକା ଉତ୍ତୋଳନ କରିଥଲେ।

**ଟିଗିରିଆ,(ଜାଫର ଖାଁ)**

ଟିଗିରିଆ ବ୍ଲକରେ ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। କୋର୍ଟ ପରିସରରେ ବିଚାରପତି ଅନିମେଶ ସାମଲ, ତହସିଲ କାର୍ଯ୍ୟାଳୟରେ ତହସିଲଦାର ଅକ୍ଷୟ କୁମାର ପରିଡା, ଥାନାରେ ଥାନା ଅଧିକାରୀ ପ୍ରିୟଦର୍ଶିନୀ ଇପ୍ସିତା, ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ମନୀଷା ଦାସ, ଅଗ୍ନିଶମ ଅଫିସରେ ଅଧିକାରୀ ପ୍ରତାପ ଚନ୍ଦ୍ର ବେହେରା, ବ୍ଲକରେ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଶିକ୍ଷାଧିକାରୀ ଅମର କୁମାର ମହାରଣା, ଡିଏମ ମ୍ୟୁଜିକ କାର୍ଯ୍ୟାଳୟରେ ତହସିଲଦାର ଅକ୍ଷୟ କୁମାର ପରିଡା ଓ ବ୍ଲକର ୧୪ଟି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏହି ଦିବସ ଉପଲକ୍ଷେ ଟିଗିରିଆ ନାଗରିକ ପରିଷଦ ତରଫରୁ ପରିଷଦ ଅଧ୍ୟକ୍ଷ ତଥା ଟିଗିରିଆ ତହସିଲଦାର ଅକ୍ଷୟ କୁମାର ପରିଡା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଉପସ୍ଥିତ ରହି ସର୍ବପ୍ରଥମେ ଗାନ୍ଧୀ ସ୍ମୃତି ପଡ଼ିଆସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଜାତୀୟ ପତାକା ଉତ୍ତୋଳନ କରିଥିଲେ।



ବାଙ୍କୀ ଉପଖଣ୍ଡ ସଦରମହକୁମା କଚେରି ପଡ଼ିଆରେ ଉପଜିଲାପାଳ ପତାକା ଉତ୍ତୋଳନ କରୁଛନ୍ତି।

**ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ବାଙ୍କୀ ଅଧୀନ କଚେରି ପଡ଼ିଆରେ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଉପଜିଲାପାଳ ପ୍ରଣବ କୁମାର ବେହେରା ଯୋଗଦେଇ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ବିଦ୍ୟାଳୟସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ଓ ଦେଶାତ୍ମବୋଧକ ସଙ୍ଗୀତ ଏବଂ ମହାବିଦ୍ୟାଳୟସ୍ତରୀୟ ଓଡ଼ିଆ ବକ୍ତୃତା କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି, ପ୍ରମାଣପତ୍ର ଦେଇ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ସେହିପରି ବାଙ୍କୀର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାମାଜିକ ଅନୁଷ୍ଠାନ ଅସ୍ତିତ୍ୱ ପକ୍ଷରୁ ବିଭିନ୍ନ ସ୍ଥାନରେ ୫୦ରୁ ଊର୍ଦ୍ଧ୍ୱ ଚାରା ପଥଚାରୀଙ୍କୁ ବଣ୍ଟନ କରାଯାଇଥିଲା।

## ଦେଶୀ ମଦ ଜବତ, ୩ ଗିରଫ

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାର ଅବକାରୀ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୭୭ ଲିଟର ହାତରନ୍ଧା ଦେଶୀ ମହୁଲି ମଦ ଜବତ କରିବା ସହିତ ସଂକ୍ରାନ୍ତରେ ୩ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ ପୋଲିସ ଗୋବିନ୍ଦପୁର, ଚୌଦ୍ୱାର, ଜଗତପୁର ଆଦି ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ଚୋରା ମଦ ଜବତ କରିବା ସହ ଗୋବିନ୍ଦପୁରର ଗଙ୍ଗାଧର ସ୍ୱାଇଁ, ମୁଣ୍ଡମାଳର ଜିତେନ୍ଦ୍ର ମଲିକ ଓ ଭଗତପୁରର ଗୀତାଞ୍ଜଳି ବେହେରାଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତମାନଙ୍କ ନାମରେ ଅବକାରୀ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉରେ ଇନ୍ସପେକ୍ଟର ମାନସୀ ନାୟକ, ଚୌଦ୍ୱାର ଅବକାରୀ ଥାନା ଇନ୍ସପେକ୍ଟର ଭକ୍ତ ବତ୍ସଳ ବର୍ମା, ଗୀତାଞ୍ଜଳି ବେହେରା ପ୍ରମୁଖ ସାମିଲ ହୋଇଥିଲେ।



ବିନା ଥଇଥାନରେ ବସ୍ତି ଉଚ୍ଛେଦ ବନ୍ଦ କରିବା ଦାବି ନେଇ ମଙ୍ଗଳବାର ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ସିଏମ୍‌ସି ଅଫିସ୍ ସମ୍ମୁଖରେ ବିକ୍ଷୋଭ।



ବିଭିନ୍ନ ଦାବି ନେଇ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ୍ସ ପକ୍ଷରୁ ମଙ୍ଗଳବାର ଧର୍ମଘଟ ଡାକରା ପାଳନରେ ଏସ୍‌ବିଆଇ ବ୍ରାଞ୍ଚ ସମ୍ମୁଖରେ କର୍ମଚାରୀଙ୍କ ଧାରଣା।(ଫଟୋ: ରାଜକିଶୋର ମହାନ୍ତି)

## ସଂକ୍ଷେପରେ

### ୧୨-୧୨ କ୍ରିକେଟ ଧମାକା: ହରିଅନ୍ତା ବିଜୟୀ

କଣ୍ଟାପଡ଼ା, ୨୭।୧(ସୁର ନାରାୟଣ ସାହୁ): ଶିକ୍ଷକ ତଥା ସାମାଜିକ କର୍ମୀ ସ୍ୱର୍ଗତ ସତ୍ୟରଞ୍ଜନଙ୍କ ସ୍ମୃତି ଅବସରରେ ନାରାୟଣୀ କ୍ରିକେଟ କ୍ଲବ ଅଲାପୁର ପକ୍ଷରୁ ୧୨-୧୨ କ୍ରିକେଟ ଧମାକା ସୋମବାର ଉଦ୍‌ଯାପିତ ହୋଇଯାଇଛି। ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ କେଳା କୁଦ ପଡ଼ିଆରେ ଆୟୋଜନ କରାଯାଇଥିଲା। ସୋମବାର ଫାଇନାଲ ମ୍ୟାଚ୍‌ରେ ହରିଅନ୍ତା ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୫ ଉଇକେଟ ହରାଇ ୧୩୫ ରନ ସଂଗ୍ରହ କରିଥିଲା। ଜବାବରେ ସୁନ୍ଦରଗ୍ରାମ ୫୦ ରନ ସଂଗ୍ରହ କରି ଅଲଆଉଟ ହୋଇଯାଇଥିଲା। ମୁଖ୍ୟ ଅତିଥି ଭାବରେ ସବ୍ୟସାଚୀ ବାରିକ ଓ ସମ୍ମାନିତ ଅତିଥି ଭାବେ ସୁଶାନ୍ତ ବାରିକ ଯୋଗ ଦେଇଥିଲେ। କ୍ଲବର ସଦସ୍ୟ କାର୍ତ୍ତିକ ସ୍ୱାଇଁ, ଶଶିକାନ୍ତ ମୁଦୁଲି, ବିଶ୍ୱଜିତ ମହାରଣା, ସୂର୍ଯ୍ୟକାନ୍ତ ବେହେରା ସହଯୋଗ କରିଥିଲେ।

### କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

କଟକ ସଦର, ୨୭।୧(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୦ତମ ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ମୁଖ୍ୟବକ୍ତା ଭାବେ ଶୈଳବାଳା ସ୍ୱୟଂ ଶାସିତ ମହିଳା ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷା ସୁରେଖା ସୁନ୍ଦରୀ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ପରିଚାଳନା କମିଟି ସଭାପତି ସାଧୁ ଜେନା ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଚାଳନା କମିଟି ସମ୍ପାଦକ ରାଧାକୃଷ୍ଣ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଶିଶୁ ବିଦ୍ୟା ମନ୍ଦିରର ପତ୍ରିକା ଦୀପିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ମାତାପିତାଙ୍କୁ ଭକ୍ତି କଲେ ଭବିଷ୍ୟତ ଉଜ୍ଜ୍ୱଳ ହୋଇଥାଏ ବୋଲି ମୁଖ୍ୟ ଅତିଥି ସେଠୀ କହିଥିଲେ। ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପିଲାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସର୍ବଶ୍ରେଷ୍ଠ ଛାତ୍ରୀ ଭାବେ ଆବାହନି ଜେନାଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ପରିଚାଳନା କମିଟି ଉପଦେଷ୍ଟା ହୃଷୀକେଶ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗୁରୁଜୀ ପ୍ରଣୟ ଜେନା, ତ୍ରିଲୋଚନ ହାତୀ, ପ୍ରଭାତ ପ୍ରଧାନ, ଦିଲ୍ଲୀପ କୁମାର ଜେନା, ଶୁଭକାନ୍ତ ସାହୁ, ରଞ୍ଜନ କୁମାର ନନ୍ଦ, ଗୁରୁମା ନମିତା ପ୍ରଧାନ, ଅନିତା ଶତପଥୀ, ଶୁଭଶ୍ରୀ ପ୍ରଧାନ, ଅନସୂୟା ମହନ୍ତ, ପ୍ରିୟଙ୍କା ସିଂହ ସମେତ ସମସ୍ତ ଗୁରୁମା, ଗୁରୁଜୀ ପରିଚାଳନା କରିଥିଲେ।

### ବିଶିଷ୍ଟ ଶ୍ରମିକ ନେତାଙ୍କ ପରଲୋକ

ଆଠଗଡ଼, ୨୭।୧(ସତ୍ୟ ପ୍ରସାଦ ରଥ): ବିଶିଷ୍ଟ ଶ୍ରମିକ ନେତା ତଥା ହିନ୍ଦ୍ ମଜଦୁର ସଭାର ସଦସ୍ୟ, ଆଗଠଡ଼ ସହର ନିର୍ମାଣ ଶ୍ରମିକ ସଂଘ ସଭାପତି ପ୍ରଦୀପ କୁମାର ସାହୁ(୭୨)ଙ୍କ ପରଲୋକ ଘଟିଛି। ସ୍ୱର୍ଗତ ସାହୁ ଦୀର୍ଘଦିନ ଧରି ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଏନ୍‌ଏସି ଅଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରକାଶ ରାଉତ, ଲକ୍ଷ୍ୟ ନାରାୟଣ ଭଞ୍ଜ ପ୍ରମୁଖ ଶବାଧାରରେ ଯୋଗଦେଇ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ସ୍ୱର୍ଗତ ସାହୁ ଆଠଗଡ଼ ବିଜୁ ଜନତା ଦଳ, ଲକ୍ଷ୍ମୀ ବଜାର ବ୍ୟବସାୟୀ ସଂଘ, ଜଗନ୍ନାଥ ଜୀଉ ରାମଲୀଳା ନାଟ୍ୟ ସଂଘ ପରି ଅନୁଷ୍ଠାନରେ ଜଡିତ ଥିଲେ। ଆଠଗଡ ସହରସ୍ଥ ପୋଖରୀକୂଳ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଏକମାତ୍ର ପୁତ୍ର ଉପେନ୍ଦ୍ର ସାହୁ ମୁଖାଗ୍ନି ଦେଇଥିଲେ।

# ଦଳିତଙ୍କ ନ୍ୟାୟ ପାଇଁ ଜୀବନ ଉତ୍ସର୍ଗ କରିଥିଲେ ଆମ୍ବେଦକର

**ଦଳିତ ଆଦିବାସୀ ଓ ସଂଖ୍ୟାଲଘୁ ସମାବେଶ**

- ବି.ଆର. ଆମ୍ବେଦକରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ

ଆଠଗଡ଼, ୨୭।୧(ସତ୍ୟ ପ୍ରସାଦ ରଥ): ଆଠଗଡ଼ ଦଳିତ ଆଦିବାସୀ ଓ ହରିଜନ ମଞ୍ଚ ଆନୁକୂଲ୍ୟରେ ବିଶାଳ ଦଳିତ ଆଦିବାସୀ ସଂଖ୍ୟାଲଘୁ ଓ ହରିଜନ ସମାବେଶ ସ୍ଥାନୀୟ ମହିଳା ମହାବିଦ୍ୟାଳୟ ନିକଟସ୍ଥ ମିନି ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଏନ୍‌ଏସିର ପୂଜ୍ୟପୂଜା ପୀଠରେ ସମ୍ବିଧାନ ପ୍ରଣେତା ବି.ଆର୍. ଆମ୍ବେଦକରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଭାରତୀୟ ସର୍ବୋଚ୍ଚ


ପ୍ରତିମୂର୍ତ୍ତି ଉନ୍ମୋଚନରେ ଯୋଗଦେଇଥିବା ଆଦିବାସୀ ଓ ହରିଜନ ମଞ୍ଚର ସଦସ୍ୟମାନେ।

ନ୍ୟାୟାଳୟର ଅଧିବକ୍ତା ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ। ଏହି ଅବସରରେ ମଞ୍ଚ ସଭାପତି ତଥା ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ରମେଶ ଚନ୍ଦ୍ର ଘଡ଼େଇଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କହିଥିଲେ, ଦଳିତ, ଆଦିବାସୀଙ୍କ ନ୍ୟାୟ ପାଇଁ ଜୀବନ ଉତ୍ସର୍ଗ କରିଥିଲେ ଆମ୍ବେଦକର। ଅନ୍ୟମାନଙ୍କ ମଧ୍ୟରେ ଇନ୍ଦିରା ଗାନ୍ଧୀ ମହାବିଦ୍ୟାଳୟ, କଟକର ଓଡ଼ିଆ ବିଭାଗର ପ୍ରଧାପିକା ଡ. ସୁଜାତା ସାହାଣୀ, ବରିଷ୍ଠ ଆଇନଜୀବି ପ୍ରଶାନ୍ତ ପଟ୍ଟନାୟକ, ଏନଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଟିଗିରିଆ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲା ପରିଷଦ ସଭ୍ୟା ଶାନ୍ତିଲତା ବେହେରା ପ୍ରମୁଖ ଯୋଗଦେଇଥିଲେ। ସଂପ୍ରତି ଦେଶରେ ସାମ୍ପ୍ରଦାୟିକ ଦଙ୍ଗା, ଜାତିଆଣ ସଂଘର୍ଷ, ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ଉତ୍ପୀଡ଼ନ, ନାରୀ ନିର୍ଯ୍ୟାତନା ବୃଦ୍ଧି ପାଉଥିବା ବେଳେ ମୌଳବାଦୀମାନଙ୍କ ଅଭ୍ୟୁଦୟ ଯୋଗୁଁ ସମ୍ବିଧାନ ସଙ୍କଟରେ ରହିଛି। ତତ୍କାଳୀନ ସାମାଜିକ, ଅର୍ଥନୈତିକ ବ୍ୟବସ୍ଥାକୁ ଲକ୍ଷ୍ୟ ରଖି ସମତାଭିତ୍ତିକ ସମାଜ ଗଠନ ପାଇଁ ଉଦ୍ୟମ ସହ ଏହି ପଥ ଦେଇ କାର୍ଯ୍ୟ କରି ଦେଶ ମାତୃକାର ସେବା ପାଇଁ ଆହ୍ୱାନ ଦେଇଥିଲେ। ମଞ୍ଚ ସମ୍ପାଦକ ଦୁଷ୍ମନ୍ତ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଲଟିଲା ଗୋରୁ ବୋଝେଇ ପିକଅପ୍: ୨ ଗୋରୁ ମୃତ

ଖୁଣ୍ଟୁଣୀ, ୨୭।୧(ସଚ୍ଚିଦାନନ୍ଦ ପଣ୍ଡା): ଟିଗିରିଆ ଅଞ୍ଚଳରୁ ମଙ୍ଗଳବାର ଭୋରରୁ ଏକ ପିକଅପ୍ ଗାଡ଼ିରେ ୧୨ ଗୋରୁ ନେଇ କଟକ ଆସୁଥିବା ବେଳେ ଧବଳେଶ୍ୱର ନିକଟ ପାଇକେରାପୁର ବ୍ରିଜ ଉପରେ ଧକ୍କା ହୋଇଯିବାରୁ ଗାଡି ଭିତରେ ଥିବା ଗୋରୁଙ୍କ ମଧ୍ୟରୁ ୨ଟି ବ୍ରିଜ ତଳକୁ ଖସି ପଡି ମୃତ୍ୟୁବରଣ କରିଛନ୍ତି। ଅନ୍ୟ ୧୦ଟି ଗୋରୁଙ୍କ ମଧ୍ୟରୁ ୨ ଗୋରୁ ଗୁରୁତର ଆହତ ହୋଇଥିବା ବେଳେ ଜୀବିତ ସମସ୍ତ ଗୋରୁଙ୍କୁ ଧବଳେଶ୍ୱର ଗୋ ସେବା ସଂଘ ସଦସ୍ୟମାନେ ଧବଳେଶ୍ୱର ପୋଲିସ ଜିମା ଦେଇଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ପିକଅପ୍ ଗାଡି ଚାଳକ ଓ ଗୋ ମାଫିଆ ଗାଡି କାଚ ଭାଙ୍ଗି ଫେରାର ହୋଇଯାଇଛନ୍ତି ବୋଲି ଧବଳେଶ୍ୱର ଗୋ ସେବା ଆଶ୍ରମର ସଦସ୍ୟମାନେ କହିଛନ୍ତି। ଟିଗିରିଆ ଅଞ୍ଚଳରୁ ଭୋର ସମୟରେ ଏହି ପିକଅପ ଗାଡି ୧୨ ଗୋରୁଙ୍କୁ ନେଇ ଆଠଗଡ ଧବଳେଶ୍ୱର ରାସ୍ତାରେ କଟକ ପଟକୁ ଆସୁଥିବା ଜାଣି ଧବଳେଶ୍ୱର ଗୋ ସେବା ଆଶ୍ରମର ଯୁବକମାନେ ଏହି ଗାଡିର ପିଛା କରିଥିଲେ। ନାରଙ୍ଗବସ୍ତ- ଧବଳେଶ୍ୱର ମଝି ରାସ୍ତାରେ ହାତୀ ପାଇଁ ପାଟ୍ରୋଲିଂ କରୁଥିବା ଜଙ୍ଗଲ ବିଭାଗ ଭ୍ୟାନକୁ ଦେଖି ଗୋ ମାଫିଆ ଗାଡିକୁ ପୋଲିସ ପିଛା କରୁଥିବା ଭାବି ଦ୍ରୁତ ଗତିରେ ଗାଡି ଚଳାଇ ପଳାଇ ଯାଉଥିଲେ। ଫଳରେ ଧବଳେଶ୍ୱର ନିକଟ ପାଇକେରାପୁର ବ୍ରିଜ ଉପରେ ଭାରସାମ୍ୟ ହରାଇ ବ୍ରିଜକୁ ଧକ୍କା ଦେଇ ରାସ୍ତା ଉପରେ ଓଲଟି ପଡିଥିଲା। ଫଳରେ ଗାଡି ଭିତରେ ଥିବା ୪ଟି ଗୋରୁ ପୋଲ ତଳକୁ ଖସି ପଡିଥିଲେ। ଦୁଇଟି ଗୋରୁ ମୃତ ହୋଇଯାଇଥିବା ବେଳେ ଅନ୍ୟ ଦୁଇଟି ଗୁରୁତର ହୋଇଥିଲେ। ଗୋ ସୁରକ୍ଷା ସଦସ୍ୟମାନେ ପହଞ୍ଚି ହୋହଲ୍ଲା କରିବାରୁ ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯାଇଥିଲେ। ଧବଳେଶ୍ୱର ବିଟ ଅଧିକାରୀ ଗିରୀଶ ମହାନ୍ତି ଘଟଣା ସ୍ଥଳରେ ପହଞ୍ଚି ସମସ୍ତ ଗୋରୁଙ୍କୁ ଉଦ୍ଧାର କରିଥିଲେ। ଏ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତ ୨ ଗୋରୁଙ୍କୁ ଗୋ ସେବା ସମିତି ସଦସ୍ୟମାନେ ନେଇ ନଦୀକୂଳରେ ସମାଧି ଦେଇଥିଲେ। ଏହି ବାଟେ ପ୍ରତ୍ୟହ ଗୋରୁ ଗାଡି ଯାଉଥିଲେ ମଧ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଗୋ ସେବା ସମିତି ସଦସ୍ୟମାନେ ଅଭିଯୋଗ କରିଛନ୍ତି।

# ଏସ୍‌ଏସ୍‌ୟୁ ଆନ୍ତଃବିଶ୍ୱବିଦ୍ୟାଳୟ ବାସ୍କେଟବଲ ଚାମ୍ପିୟନ


ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

କଟକ, ୨୭।୧(କାର୍ତ୍ତିକ ସାହୁ): ନରାଜସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ (ଏସ୍‌ଏସ୍‌ୟୁ) ପୁରୁଷ ବାସ୍କେଟ ବଲ ଟିମ୍ ପଶ୍ଚିମ ଓଡ଼ିଶା ଆନ୍ତଃବିଶ୍ୱବିଦ୍ୟାଳୟ ବାସ୍କେଟବଲ ଚାମ୍ପିୟନଶିପ 'ଦ ପ୍ରାରମ୍ଭ'ରେ ଚାମ୍ପିୟନ ହୋଇଛି। ସମ୍ବଲପୁର ବୁର୍ଲାସ୍ଥିତ ଭିଏସଏସୟୁଟି କ୍ୟାମ୍ପସରେ ଆୟୋଜିତ ଭିଏସଏ କପ-୨୦୨୬ ଟୁର୍ନାମେଣ୍ଟରେ ମୋଟ ତିନିଟି ପୁଲରେ ୧୦ଟି ଟିମ ଭାଗ ନେଇଥିଲେ। ଏସ୍‌ଏସ୍‌ୟୁ ନିଜ ପ୍ରଥମ ମ୍ୟାଚରେ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିକୁ ୫୮-୧୮ ପଏଣ୍ଟରେ, ଦ୍ୱିତୀୟ ମ୍ୟାଚରେ ଆଇଜିଆଇଟି, ସାରଙ୍ଗକୁ ୩୬-୧୭ ପଏଣ୍ଟରେ ଏବଂ ତୃତୀୟ ମ୍ୟାଚରେ ଘରୋଇ ଟିମ ବୁର୍ଲା ଭିଏସଏସୟୁଟିକୁ ୫୦-୨୦ ପଏଣ୍ଟରେ ହରାଇଥିଲା। ସେମି ଫାଇନାଲରେ ଓୟୁଟିଆରକୁ ୬୮-୪୨ ପଏଣ୍ଟରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲରେ ପୁନର୍ବାର ଲିଗ୍ ପର୍ଯ୍ୟାୟରେ ହରାଇଥିବା ବୁର୍ଲା ଭିଏସଏସୟୁଟି ସହ ଏସ୍‌ଏସ୍‌ୟୁର ମୁକାବିଲା ହୋଇଥିଲା। ଆୟୋଜକ ବୁର୍ଲା ଲିଗ ପର୍ଯ୍ୟାୟଠାରୁ ଅପେକ୍ଷାକୃତ ଉନ୍ନତ ପ୍ରଦର୍ଶନ କରିଥିଲେ ହେଁ ଏସ୍‌ଏସ୍‌ୟୁ ହାତରୁ ବିଜୟ ଛଡ଼ାଇ ନେଇପାରି ନ ଥିଲା। ଏସ୍‌ଏସ୍‌ୟୁ ୬୭-୪୦ ପଏଣ୍ଟରେ ଜିତି ଚାମ୍ପିୟନ ହୋଇଥିଲା। ଏସ୍‌ଏସ୍‌ୟୁ କୁଳାଧ୍ୟକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର (ଡ.) ତେଜପ୍ରତାପ, କୁଳସଚିବ ପ୍ରଫେସର (ଡ.) ଅନିଲ ଶର୍ମା, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଏବଂ ମାନବ ସମ୍ବଳ ବିଭାଗ ଉପନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ଗଡ଼ନାୟକ ପ୍ରମୁଖ ବିଜୟୀ ଟିମକୁ ଅଭିନନ୍ଦନ ଜଣାଇଛନ୍ତି।

# ବନ୍ଦେ ମାତରମ୍ ୧୫୦ତମ ବର୍ଷ ପୂର୍ତ୍ତୀ

ବଡ଼ମ୍ବା, ୨୭।୧(ମାୟାଧର ମଲ୍ଲିକ): ବଡମ୍ବାସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ବନ୍ଦେମାତରମ୍‌ର ୧୫୦ ବର୍ଷ ପୂର୍ତ୍ତୀ ପାଳିତ ହୋଇଯାଇଛି। ବଡ଼ମ୍ବା ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବଙ୍କିମ ଚନ୍ଦ୍ର ଚଟୋପାଧ୍ୟାୟଙ୍କ ରଚିତ କବିତା ବନ୍ଦେ ମାତରମ୍ ସଂଗୀତ ଯାହାକୁ ଗାନକରି ସ୍ୱାଧୀନତା ସଂଗ୍ରାମୀମାନେ ଫାଶୀ ଖୁଣ୍ଟରେ ଝୁଲି ପଡୁଥିଲେ ସେ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ୧୩୦ରୁ ଉର୍ଦ୍ଧ୍ୱ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲାବେଳେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଉପସ୍ଥିତ ରହି ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମଣ୍ଡଳ ଶିକ୍ଷାଧିକାରୀ ତ୍ରିଲୋଚନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବଡମ୍ବା ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି ଯୋଗଦେଇ ସାହସ, ଧୈର୍ଯ୍ୟ ଓ ଦେଶଭକ୍ତିର ଗାନ ଥିଲା ବନ୍ଦେମାତରମ ବୋଲି କହିଥିଲେ। ମୁଖ୍ୟବକ୍ତା ମାଣିଆବନ୍ଧ ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ଡ. ସାରଦାନନ୍ଦ ଦାଶ ଓ ସମ୍ମାନିତ ଅତିଥି ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସଞ୍ଜୟ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ସାର୍ଟିଫିକେଟ ଓ ଟ୍ରଫିପ୍ରଦାନ କରାଯାଇଥିଲା।

# ନିଶାମୁକ୍ତି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଫୁଲନଖରା, ୨୭।୧(ସତ୍ୟରଞ୍ଜନ ଦାସମହାପାତ୍ର): ଫୁଲନଖରା ଅନନ୍ତପୁରସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବିଶ୍ୱଶାନ୍ତି ସରୋବର ପରିସରରେ ମଙ୍ଗଳବାର ନିଶାମୁକ୍ତି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଦୁଇ ଦିନ ଧରି ଚାଲିଥିବା ଏହି ଶିବିରଟିକୁ ସବଜୋନର ନିର୍ଦ୍ଦେଶିକା ବି. କେ. ସୁଲୋଚନା ଦିଦି ଉଦ୍‌ଘାଟନ କରିଥିଲେ। ସୂଚନାଯୋଗ୍ୟ, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କଟକ ସବଜୋନ ଆନୁକୂଲ୍ୟରେ ଆସନ୍ତା ମାର୍ଚ୍ଚ ୮ରୁ ରାଜ୍ୟର ୧୦ଟି ଜିଲାରେ ନିଶାମୁକ୍ତି ଅଭିଯାନ ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ୧୦ଟି ଜିଲାର ବିଭିନ୍ନ ସ୍କୁଲ, କଲେଜ, ଗାଁ, ମେଡିକାଲ ଓ ସ୍ୱାସ୍ଥ୍ୟସେବା ସଙ୍ଗଠନ, ବିଭିନ୍ନ ଏନ୍‌ଜିଓ, କ୍ଲବ ଓ ମନ୍ଦିରଗୁଡ଼ିକରେ ନାଟକ, ଭିଡିଓ, ଗୀତିନାଟ୍ୟ ଓ ପ୍ରଦର୍ଶନୀ ମାଧ୍ୟମରେ ସଚେତନତା ସୃଷ୍ଟି କରାଯିବ। ଏଥିରେ ୧୦ଟି ଜିଲାରୁ ବ୍ରହ୍ମା କୁମାରୀ ଭଉଣୀ ଓ ଭାଇମାନେ ଉପସ୍ଥିତ ରହି ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ପ୍ରଶିକ୍ଷଣଦାତା ଭାବେ ବି.କେ. ଗୀତାଞ୍ଜଳି, ବି.କେ. ଦେବସ୍ମିତା, ବି.କେ. ଗୀତା, ବି.କେ. ଲଳିତ, ବି.କେ. ଗଣେଶ ବିଭିନ୍ନ ଭିଡିଓ ଓ ଉଦାହରଣ ମାଧ୍ୟମରେ ଶିକ୍ଷା ପ୍ରଦାନ କରିଥିଲେ।

# ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ତାଳବସ୍ତ, ୨୭।୧(ସୁବ୍ରତ ନାୟକ): ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ଗ୍ରାମପଞ୍ଚାୟତର ବହୁ ପୁରାତନ ଶୈବ ମନ୍ଦିର ପ୍ରଭୁ କପିଳେଶ୍ୱରଙ୍କ ପୀଠରେ ଆୟୋଜିତ ୫୦ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ମହାସମାରୋହରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ପୂଜକ ମହାଶୟ ଏବଂ ସାଧୁସନ୍ଥଙ୍କ ଦ୍ୱାରା ୪ଦିନ ଧରି ଯଜ୍ଞର ବିଭିନ୍ନ କାର୍ଯ୍ୟକ୍ରମ ଅଙ୍କୁରାରୋପଣ, କଳସଯାତ୍ରା, ଘଟସ୍ଥାପନା, ଅଗ୍ନିସ୍ଥାପନା, ସୂର୍ଯ୍ୟପୂଜା, ରୁଦ୍ରାଭିଷେକ, ଧେନୁପୂଜା, ଚଣ୍ଡୀ ଓ ଗୀତାପାଠ ହଜାର ହଜାର ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣାହୁତି ଓ ଆନନ୍ଦବଜାର କାର୍ଯ୍ୟକ୍ରମରେ ବାଙ୍କୀର ଯୁବ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଭାଜପା ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀ, ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ବାଙ୍କୀ ବିକାଶ ମଞ୍ଚ ଅଧ୍ୟକ୍ଷ ଶୁଭ୍ରାଂଶୁ ମୋହନ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ।

# 'ଗାଁର ମହକ' ପତ୍ରିକା ଉନ୍ମୋଚିତ



ଅତିଥିମାନେ ପତ୍ରିକା ଉନ୍ମୋଚନ କରୁଛନ୍ତି।

ବାଙ୍କୀ, ୨୭।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଚକାପଦା ଗ୍ରାମର ଭୂତନାଥ ସାହିତ୍ୟ ଓ ସାଂସ୍କୃତିକ ସଂସଦର ୮ମ ବାର୍ଷିକ ଉତ୍ସବ ଅବସରରେ 'ଗାଁର ମହକ' ପତ୍ରିକା ଉନ୍ମୋଚନ ହୋଇଯାଇଛି। ଏଥିସହ କବିତା ପାଠୋତ୍ସବ ସହ କବି ଓ କଳାକାରମାନଙ୍କୁ 'ଗାଁର ମହକ' ସମ୍ମାନ ଏବଂ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆୟୋଜିତ ଉତ୍ସବରେ ଅନୁଷ୍ଠାନ ସଭାପତି କବି ଲଲାଟେନ୍ଦୁ ପଣ୍ଡା ସଭାପତିତ୍ୱ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂସଦର ଆବାହକ ଅକ୍ଷୟ କୁମାର ସାମଲ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର କଳିଙ୍ଗ ଚିକିତ୍ସାଳୟର ପ୍ରବନ୍ଧକ ଡା. ନିତ୍ୟ ସୁନ୍ଦର ସିଅ, ମୁଖ୍ୟବକ୍ତା ଭାଷା ଭାବନା ଓ ସମ୍ପାଦକ ଡ. ସୁକାନ୍ତ କୁମାର ପ୍ରଧାନ ଯୋଗଦେଇ କବିମାନଙ୍କୁ ଦ୍ୱିତୀୟ ଈଶ୍ୱର ସହ ତୁଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ମହ୍ଲାର ସମ୍ପାଦକ ଅନିଲ କୁମାର ଜେନା, ଶିକ୍ଷାବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, କବି କୌଶିକ ନାୟକ, ବିଶିଷ୍ଟ ସମ୍ମାନିତ ଅତିଥି ତଥା ପୂର୍ବତନ ଓ ଉଚ୍ଚ ନ୍ୟାୟାଳୟର ପରିଚାଳକ ନିତ୍ୟାନନ୍ଦ ମହାନ୍ତି, ଅଧ୍ୟାପକ ଯୋଗୀନାଥ ମଲ୍ଲିକ, ନାରାୟଣ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ସେହିପରି ପ୍ରଥମ ଅଧିବେଶନରେ ଏକ ମନୋଜ୍ଞ କବିତା ପାଠୋତ୍ସବରେ କୁମାର ଅମିୟ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ କବି ରବିନାରାୟଣ ମଙ୍ଗରାଜ, ସମ୍ମାନିତ ଅତିଥିଭାବେ ଡାକ୍ତର ଜଗଦୀଶ ପଣ୍ଡା, ନାରୀକବି ବିଦ୍ୟୁଲତା ଭୂୟାଁ ଓ ମାନସୀ ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ କବି ରବିନାରାୟଣ ମଙ୍ଗରାଜଙ୍କୁ ଅନୁଷ୍ଠାନର ଶ୍ରେଷ୍ଠ ସମ୍ମାନ 'ଗାଁର ମହକ' ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହିତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନିତ୍ୟାନନ୍ଦ ମହାନ୍ତି, ରମଣୀ ରଞ୍ଜନ ମହାନ୍ତି, ଭକ୍ତଚରଣ ବେହେରା, ସ୍ନେହାଞ୍ଜଳି ବିଶ୍ୱାଳ, ପ୍ରତିଭାରାଣୀ ରାୟ, ମାନସ କୁମାର ନନ୍ଦ ପ୍ରମୁଖଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ସମ୍ପାଦକ ବାବୁଲି ରଣା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

# ନିଖିଳ ଉତ୍କଳ ପୁଟୁଲି ବଣିକ ସମାଜ ବାର୍ଷିକ ଅଧିବେଶନ

ମାଣିଆବନ୍ଧ/ଟିଗିରିଆ, ୨୭।୧(ଅଖିଳ କୁମାର ସାହୁ/ ଜାଫର ଖାଁ): ମାଣିଆବନ୍ଧସ୍ଥିତ ବୌଦ୍ଧବିହାରଠାରେ ରବିବାର ନିଖିଳ ଉତ୍କଳ ପୁଟୁଲିବଣିକସମାଜ, ରାଜ୍ୟସ୍ତରୀୟ ୭୮ତମ ସାଧାରଣ ବାର୍ଷିକ ଅଧିବେଶନ ୨୦୨୬, ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ୨ ଦିନ ଧରି ବୁଦ୍ଧ ବିହାର ପରିସରରେ ଅନୁଷ୍ଠିତ ଉକ୍ତ ମହାସଭାରେ ନିଖିଳ ଉତ୍କଳ ପୁଟୁଲି ବଣିକ ସମାଜ ୧୬ଥାନର ସମସ୍ତ ସଭ୍ୟ ଯୋଗଦେବା ସହିତ ସର୍ବଶ୍ରୀ ପୀତବାସ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ଦୟାନିଧି ସାହୁ, ବିନୋଦ ଚନ୍ଦ୍ର ନାୟକ, କୈଳାସ ଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକାରୀ ସଦସ୍ୟ ଭାବେ ଯୋଗଦେଇଥିଲେ। ମହାସଭା ପ୍ରସ୍ତାବ ମୁତାବକ ନୂତନ ଭାବେ ଏକ ହିସାବ ତନଖି କମିଟି ଗଠନ କରାଯାଇ ଶରତ କୁମାର ସାହୁ (ମାଣିଆବନ୍ଧ) ଓ ମଧୁସୂଦନ ନାୟକ (ବାଇଗୁଣିଆ) ମହୋଦୟଙ୍କୁ ପର୍ଯ୍ୟବେକ୍ଷଣ ନିମିତ ଦାୟିତ୍ୱ ଦିଆଯାଇଛି।

ସେହିପରି ଦ୍ୱିତୀୟ ଦିନରେ ମୁଖ୍ୟ ଅତିଥିଭାବେ ଅନାମ ଚରଣ ସାହୁ, ସମ୍ମାନିତ ଅତିଥି ପଦ୍ମନାଭ ମହାନ୍ତି, ବିଭୂତି ଭୂଷଣ ଜେନା, ପଞ୍ଚାନନ ସ୍ୱାଇଁ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଆୟୋଜକ ଥାନପତି- ହାଡ଼ିବନ୍ଧୁ ମହାପାତ୍ର, ଗରାମିନ- ମାଧବ ଚନ୍ଦ୍ର ନାୟକ, କାର୍ଯ୍ୟକାରୀ କମିଟି ପ୍ରମୁଖ କର୍ମକର୍ତ୍ତା- ପ୍ରସନ୍ନ କୁମାର ସାହୁ, ଶରତ କୁମାର ସାହୁ, ପ୍ରଦୀପ କୁମାର ସାହୁ, ପ୍ରମୋଦ କୁମାର ସାହୁ ଅତିଥିମାନଙ୍କୁ ଉପଢୌକନ ଓ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ସମାଜ ସଂସ୍କାରରେ ବୈକୁଣ୍ଠନାଥଙ୍କ ଭୂମିକା ଅତୁଳନୀୟ

ବଡ଼ମ୍ବା, ୨୭।୧(ମାୟାଧର ମଲ୍ଲିକ): ସବୁଜକବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ପୁଣ୍ୟତିଥି ସୋମବାର ପାଳିତ ହୋଇଯାଇଛି। ବୈକୁଣ୍ଠ ସାହିତ୍ୟ ସଂସଦ, ବଡ଼ମ୍ବା ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟ ସଂସଦ ସଭାପତି ରାଷ୍ଟ୍ରୀୟ ପୁରସ୍କାରପ୍ରାପ୍ତ ଶିକ୍ଷାବିତ କବି ଜଗନ୍ନାଥ ବାରିକ ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ବାଗ୍ମୀ ଦୁର୍ଯ୍ୟୋଧନ ବରାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜ ସଂସ୍କାର କ୍ଷେତ୍ରରେ ସବୁଜ କବି ବୈକୁଣ୍ଠ ପଟ୍ଟନାୟକଙ୍କ ଅତୁଳନୀୟ ଭୂମିକା ରହିଥିଲା ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ସୁଦାମ ସୋଲମନ ଗୋଚ୍ଛି, ସମ୍ମାନିତ ଅତିଥି ଭାବେ କବି କାଳନ୍ଦୀ ଚନ୍ଦ୍ର ମିଶ୍ର ଓ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ବିପିନ ବିହାରୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସବୁଜକବି ବୈକୁଣ୍ଠନାଥ



ସବୁଜ କବିଙ୍କ ପୁଣ୍ୟତିଥିରେ ଯୋଗଦେଇଥିବା ଅତିଥିମାନେ।

ପଟ୍ଟନାୟକଙ୍କ ୫୦ତମ ପୁଣ୍ୟତିଥି ପାଳିତ ହୋଇଥିବାବେଳେ କବିଙ୍କ କାଳଜୟୀ ରଚନା ଏବଂ ସମାଜ ସଂସ୍କାର କ୍ଷେତ୍ରରେ କବିଙ୍କ ରଚନାକୁ ମଞ୍ଚାସୀନ ଅତିଥିମାନେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ଶ୍ରୀନିବାସ ପ୍ରଧାନ, ଶିକ୍ଷାବିତ୍ ଧନେଶ୍ୱର ସ୍ୱାଇଁ, କୃଷ୍ଣଚନ୍ଦ୍ର ରାଉତ, ଅଧ୍ୟାପକ ଖଗେଶ୍ୱର ମହାପାତ୍ର, ଅଧ୍ୟାପକ ଡ.ଅରବିନ୍ଦ ନାୟକ, ସାମାଜିକ କର୍ମୀ ସରୋଜ କୁମାର ପଟ୍ଟନାୟକ, ଶିବ ନାରାୟଣ ମିଶ୍ର, କବି ସୁଶୀଲ କୁମାର ଜେନା, ସହଦେବ ମଲିକ, ଆଇନଜୀବୀ ସନ୍ତୋଷ କୁମାର ବେହେରା, ଖବରଦାତା ସୁଜିତ କୁମାର ପଟ୍ଟନାୟକ, ଚିନ୍ମୟୀ ମହାନ୍ତି, ଅମ୍ବିକା ପ୍ରସାଦ ମିଶ୍ର, ବଳଭଦ୍ର ପ୍ରହରାଜଙ୍କ ସମେତ ଆଖପାଖ ଅଞ୍ଚଳର ବହୁ ସାହିତ୍ୟିକ, କବି ଯୋଗ ଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ଆଇନଜୀବୀ ଗିରିଜା ପ୍ରସାଦ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଙ୍ଗିଲା ପରମ୍ପରା, ବନ୍ଦ ହେଲା ସମ୍ମିଳିତ ପରେଡ୍

## ବୋଲଗଡ଼ରେ ସାଧାରଣତନ୍ତ୍ର ଦିବସରେ ବିବାଦ

- ଥାନାରେ ଏତଲା ଦେଲେ ଅଞ୍ଚଳବାସୀ
- ଆଜି ବୋଲଗଡ଼ ବନ୍ଦ ଡାକରା, ବଦଳି ଦାବି ତେଜିଲା

ଖୋର୍ଦ୍ଧା, ୨୭।୧ (ପ୍ରଭାତ ପାଣିଗ୍ରାହୀ)

ସାରା ଦେଶ ଉତ୍ସାହର ସହ ପାଳନ କରିଛି ୭୭ତମ ସାଧାରଣତନ୍ତ୍ର ଦିବସ। ହେଲେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବୋଲଗଡ ବିଡିଓ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସର ସାମୂହିକ ପରେଡ୍ କାର୍ଯ୍ୟକ୍ରମକୁ ବନ୍ଦ କରି ଦେଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ଜନସାଧାରଣ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ୭୭ ତମ ବ୍ଲକ ସ୍ତରୀୟ ସାଧାରଣତନ୍ତ୍ର ସମ୍ମିଳିତ ପରେଡ ବନ୍ଦ କରିବା, ବୋଲଗଡ ମାଟିକୁ ଅପମାନିତ, ସାଧାରଣତନ୍ତ୍ର ଦିବସକୁ ଉପେକ୍ଷା, ପ୍ରତିବାଦରେ ବିଭିନ୍ନ ସାମାଜିକ ଅନୁଷ୍ଠାନ, ବୁଦ୍ଧିଜୀବୀ, ଶିକ୍ଷାବିତ ମିଳିତ ଭାବେ ବୋଲଗଡ ବିଡିଓଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ସୋମବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହିତ ବିଡିଓଙ୍କୁ ତୁରନ୍ତ ବଦଳି ଦାବି ନେଇ ବୁଧବାର ବୋଲଗଡ ବନ୍ଦ ଡାକରା ଦେଇଛନ୍ତି।

ପ୍ରକାଶ ଯେ, ବୋଲଗଡ଼ ବିଡିଓ ୨୧।୧।୨୬ ରେ ପଞ୍ଚାୟତ ସମିତି ପତ୍ର ନମ୍ବର ୨୯୧ ରେ ଜନପ୍ରତିନିଧିମାନଙ୍କୁ ବୋଲଗଡ଼ ବାମନ ଉଚ୍ଚ ବିଦ୍ୟାଳୟ ପଡିଆରେ ସକାଳ ୮ଟାରେ ଆୟୋଜିତ ହେବାକୁ ଥିବା ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବାକୁ ନିମନ୍ତ୍ରଣ କରିଥିଲେ। ଏଥିସହିତ ପତ୍ର ସଂଖ୍ୟା ୨୯୦ରେ ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମଧ୍ୟ ଉକ୍ତ କାର୍ଯ୍ୟକ୍ରମକୁ ଆସିବା ପାଇଁ ନିମନ୍ତ୍ରଣ କରିଥିଲେ। ହେଲେ ବିଡିଓ କେବଳ ଚିଠି ଦ୍ୱାରା ନିମନ୍ତ୍ରଣ କରି ଚୁପରେ ବସିଗଲେ। ନିମନ୍ତ୍ରଣ ରକ୍ଷାକରି ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମକୁ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ଏବଂ ବୋଲଗଡ଼ ବ୍ଲକ ଅଧ୍ୟକ୍ଷା ହୁଲାଶ ପ୍ରଧାନ ଆସିଥିବାବେଳେ ବିଡିଓ ଖୋଦ୍ କିନ୍ତୁ ଆସି ନ ଥିଲେ। ମଞ୍ଚ ଉପରେ ନା ଥିଲେ ବିଡିଓ ନା କୌଣସି ବ୍ଲକ ପ୍ରଶାସନିକ ଅଧିକାରୀ, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିବା ସହ ଦୀର୍ଘ ବର୍ଷର ପରମ୍ପରାକୁ ବିଡିଓ ବନ୍ଦ କରିଦେଇଥିବା ଅଭିଯୋଗ କରିଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ଯେମିତି ପ୍ରସ୍ତୁତି ବୈଠକ ହେବା କଥା ତାହା କରାଗଲା ନାହିଁ। କେଉଁ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ପରେଡରେ ସାମିଲ ହେବେ ଏବଂ କିଭଳି ଶୃଙ୍ଖଳିତ ଭାବେ ଉତ୍ସାହର ସହ ଧୂମଧାମରେ ପାଳନ କରାଯିବ ସେ ବିଷୟରେ କୌଣସି ପ୍ରସ୍ତୁତି ବୈଠକ କଲେ ନାହିଁ। ବିଡିଓଙ୍କ ପାଇଁ ଏତେ ବଡ କାର୍ଯ୍ୟକ୍ରମ ବନ୍ଦ ହେବା ସହ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ସାମିଲ ହୋଇ ପାରିଲେ ନାହିଁ ବୋଲି ବୋଲଗଡ଼ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ୍, ନିର୍ବାଚିତ ପ୍ରତିନିଧି ଅଭିଯୋଗ କରିଛନ୍ତି। ଏନେଇ ବିଡିଓଙ୍କ ପ୍ରତିକ୍ରିୟା ମିଳିପାରି ନ ଥିବାବେଳେ ବିଧାୟକ ସାହୁ କହିଛନ୍ତି, ବିଡିଓ ସମ୍ବିଧାନର ହତ୍ୟା କରିଛନ୍ତି। ଦୀର୍ଘ ବର୍ଷର ପରମ୍ପରାକୁ ଭାଙ୍ଗିଦେଲେ। କେବଳ ବୋଲଗଡ଼ବାସୀ ନୁହଁ ସମଗ୍ର ଦେଶକୁ ଅପମାନିତ କରିଛନ୍ତି। ଏନେଇ ଜିଲା ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିଲେ ଆଗାମୀ ଦିନରେ ପୁଣି ଏକ ପାଇକ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ବିଧାୟକ କହିଛନ୍ତି। ସାମାଜିକ କର୍ମୀ ସଞ୍ଜୟ ବେହେରା କହିଛନ୍ତି ଯେ, ସାଧାରଣତନ୍ତ୍ର ଦିବସ ଏକ ଐତିହାସିକ ଦିନ। ବ୍ଲକସ୍ତରରେ ପରେଡରେ ସାମିଲ ହେବା ପାଇଁ ପିଲାଙ୍କ ମଧ୍ୟରେ ଉତ୍ସାହ ରହିଥାଏ। ସ୍ଥାନୀୟ ବିଡିଓ ଏହି ପରମ୍ପରାକୁ ଭାଙ୍ଗି ଦେଲେ। ସାମାଜିକ କର୍ମୀ ସନ୍ତୋଷ ପ୍ରଧାନ କହିଛନ୍ତି ଏହା ଏକ ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଯେଉଁ ବିଡିଓ ସ୍ଥାନୀୟ ଜନସାଧାରଣ, ଜନ ପ୍ରତିନିଧିଙ୍କୁ ସମ୍ମାନ ଦେବା ବା ଶିଖି ନାହାନ୍ତି, ତାଙ୍କର ଏଠାରେ ରହିବା କୌଣସି ଅଧିକାର ନାହିଁ। ଏହାକୁ ଦୃଢ଼ ନିନ୍ଦା କରୁଛୁ ବୋଲି ପ୍ରଧାନ କହିଛନ୍ତି।



ଅଭିଯୋଗପତ୍ର ପ୍ରଦାନ କରାଯାଉଛି।

## ବିଡିଓଙ୍କ ଦୋଷ ନାହିଁ: ଭାଜପା

**ବୋଲଗଡ଼, ୨୭।୧ (ଦେବବ୍ରତ ହୋତା):** ଗଣତନ୍ତ୍ର ଦିବସ ପାଳନ ବେଳେ ବିଡିଓଙ୍କ ଅନୁପସ୍ଥିତି ଘଟଣା ଏବେ ରାଜନୈତିକ ବୟାନବାଜି ମଧ୍ୟକୁ ଠେଲି ହୋଇଯାଇଛି। ବିଧାୟକ ପ୍ରଦୀପ କୁମାର ସାହୁ ବିଡିଓଙ୍କ ଏତାଦୃଶ କାର୍ଯ୍ୟକଳାପକୁ ନିନ୍ଦା କରିଥିବାବେଳେ ବିଡିଓଙ୍କୁ ସମର୍ଥନ ଜଣାଇଛି ଭାଜପା। ପିତୁକୁଳି ଦଳୀୟ କାର୍ଯ୍ୟାଳୟଠାରେ ସାନପଦର ସମିତିସଭ୍ୟ ଦିଲ୍ଲୀପ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓଙ୍କୁ ଅଯଥାରେ ବଦନାମ କରାଯାଉଛି ବୋଲି କୁହାଯାଇଛି। ବିଧାୟକ ପ୍ରଦୀପ କୁମାର ସାହୁ ନିଜ ସ୍ୱାର୍ଥ ପାଇଁ ଲୋକଙ୍କ ମଧ୍ୟରେ ବିଷ ବୁଣୁଛନ୍ତି। ବିଧାୟକ ବାମନ ଉଚ୍ଚ ବିଦ୍ୟାଳୟଠାରେ ପତାକା ଉତ୍ତୋଳନ କରିଥିବାବେଳେ ଠିକ୍ ସେହି ସମୟରେ ବ୍ଲକ କାର୍ଯ୍ୟାଳୟଠାରେ ଅଧ୍ୟକ୍ଷାଙ୍କ ଅନୁପସ୍ଥିତ କାରଣରୁ ବିଡିଓ ନିଜେ ପତାକା ଉତ୍ତୋଳନ କରିଥିଲେ। ଏହି ଘଟଣା ନେଇ ବିଡିଓଙ୍କର କୌଣସି ଦୋଷ ନ ଥିବା ଦଳେଇସାହି ସରପଞ୍ଚ ସୁଶାନ୍ତ ପରିଡ଼ା, ସମିତିସଭ୍ୟା ମନସ୍ମିତା ଦଳେଇ, ସାଗରଗାଁ ସମିତି ସଭ୍ୟ ତୋଫାନ ବେହେରା, ଯୁବନେତା ସୌମ୍ୟରଞ୍ଜନ ବଳିୟାରସିଂ ପ୍ରମୁଖ କହିଛନ୍ତି।

## ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା

**ବେଗୁନିଆ, ୨୭।୧ (ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ସଦର ମହକୁମାସ୍ଥିତ ପିଏମ୍‌ଶ୍ରୀ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଆନୁକୂଲ୍ୟରେ ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ଲକର ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ମଣ୍ଡଳ ସାଧନକେନ୍ଦ୍ର ସଂଯୋଜକ କୈଳାଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଅତିଥିଭାବେ ଅକ୍ଷୟ ରଥ, ପ୍ରଧାନ ଶିକ୍ଷକ ଗଣେଶ୍ୱର ମିଶ୍ର, ପରିଚାଳନା କମିଟି ଅଧ୍ୟକ୍ଷା ପୁଷ୍ପଲତା ସିଂହ, ପଞ୍ଚସଖା ଶିକ୍ଷା ସେତୁ ଅଧ୍ୟକ୍ଷ ମାୟାଧର ମାର୍ଥା, ପ୍ରଧାନ ଶିକ୍ଷକ ତଥା ବୋଲଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ ସ୍ୱାଇଁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନଳିନୀ ପ୍ରଭା ଦେବୀ, ସିଆରସିସି ସୂର୍ଯ୍ୟ ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଅଖିଳେଶ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଗଣେଶ ସାହୁ ସ୍ୱାଗତ ଭାଷଣ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ସିଆରସିସି ସହଯୋଗ କରିଥିବା ବେଳେ ବ୍ଲକର ୧୯୭ଜଣ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଭାଗ ନେଇଥିଲେ। ସର୍ବ କନିଷ୍ଠ, କନିଷ୍ଠ ଓ ବରିଷ୍ଠ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଏଥିସହ ସମସ୍ତ ପ୍ରତିଯୋଗୀଙ୍କୁ ସୌଜନ୍ୟମୂଳକ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସର୍ବ କନିଷ୍ଠରେ ଅନନ୍ୟା ପାତ୍ର, କନିଷ୍ଠ ସାଇସୁଧା ପ୍ରିୟଦର୍ଶିନୀ, ବରିଷ୍ଠ ବିଭାଗରେ ଲଳିତା ପରିଡ଼ା ପ୍ରଥମ ସ୍ଥାନ ହାସଲ କରି ଜିଲାସ୍ତରକକୁ ଉତ୍ତୀର୍ଣ୍ଣ ହୋଇଛନ୍ତି।

## ସଂକ୍ଷେପରେ

### ହାତୀ ଆକ୍ରମଣରେ ଜଣେ ଆହତ

**ବେଗୁନିଆ, ୨୭।୧ (ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ହାତୀ ଉପଦ୍ରବ ବଢ଼ିଚାଲିଛି। ସନ୍ଧ୍ୟାହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରି ଏବଂ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ସୋମବାର ସନ୍ଧ୍ୟାରେ ଶଗଡ଼ଭଙ୍ଗା ପଞ୍ଚାୟତ ଅନ୍ତର୍ଗତ ଗୋଡ଼ିକିଲୋ ଗ୍ରାମର ମନୋଜ ନାୟକ(୨୨) ଶୌଚ ହୋଇ ଘରକୁ ଫେରୁଥିବା ବେଳେ ଏକ ହାତୀ ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇ ଖୋର୍ଦ୍ଧା ମେଡିକାଲରେ ଚିକିତ୍ସିତ ହୋଇଥିଲେ। ହାତୀ ଘଉଡ଼ାଇବା ପାଇଁ ବନ ବିଭାଗ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ ବୋଲି ଗ୍ରାମବାସୀ କହିଛନ୍ତି।

### ବିଶ୍ୱଶାନ୍ତି ମହାଯଜ୍ଞରେ ଯୋଗଦେଲେ ଆଇନମନ୍ତ୍ରୀ

**ଟାଙ୍ଗୀ, ୨୭।୧ (ରଘୁନାଥ ସାହୁ):** ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଚିଲିକା ନିର୍ବାଚନମଣ୍ଡଳୀ ଗସ୍ତକରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଜରିପଡ଼ା ପଞ୍ଚାୟତର ଚିଲିକା ସାହିସ୍ଥିତ ମା' ମଙ୍ଗଳାଙ୍କ ପୀଠରେ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞରେ ମନ୍ତ୍ରୀ ହରିଚନ୍ଦନ ଯୋଗଦେଇ ମା'ଙ୍କ ଦର୍ଶନ କରି ସ୍ଥାନୀୟ ଗ୍ରାମବାସୀଙ୍କ ସହ ଓଡ଼ିଶାବାସୀଙ୍କ ଶୁଭ ମନାସିଛନ୍ତି। ଜରିପଡ଼ା ମେଡିକାଲ ଛକ ନିକଟରେ ମନ୍ତ୍ରୀ ହରିଚନ୍ଦନଙ୍କୁ ସ୍ଥାନୀୟ ବାସିନ୍ଦାଙ୍କ ସହ ମହିଳାମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସାହିରେ ହବିଷ କୋଠଘର ନ ଥିବାରୁ କାର୍ତ୍ତିକ ମାସରେ ହବିଷିଆଳିମାନେ ହେଉଥିବା ହଇରାଣ ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହାପରେ ମନ୍ତ୍ରୀ ହରିଚନ୍ଦନ ନିଜସ୍ୱ ପାଣ୍ଠିରୁ ଗୃହ ନିର୍ମାଣ ନିମନ୍ତେ ୫ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଘୋଷଣା କରିଥିଲେ। ଏଥିସହ ଜୟନ୍ତୀପୁର ଗ୍ରାମର କର୍ଷଣୀ ବେହେରାଙ୍କ ସ୍ୱାମୀ ମୃତ୍ୟୁଜନିତ ମତ୍ସ୍ୟ ବିଭାଗ ପକ୍ଷରୁ ୫ ଲକ୍ଷ ଟଙ୍କା ବୀମାରାଶି ମଞ୍ଜୁର ହୋଇଥିବା ମନ୍ତ୍ରୀ ହରିଚନ୍ଦନ ସୂଚନା ଦେଇଥିଲେ।

### ପାଲାକାର ରମାକାନ୍ତ ମିଶ୍ରଙ୍କ ପରଲୋକ

**ଜଟଣୀ, ୨୭।୧ (ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ଅଞ୍ଚଳର ବିଶିଷ୍ଟ ପାଲାକାର ତଥା ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପଣ୍ଡିତ ରମାକାନ୍ତ ମିଶ୍ରଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ସେ ଜଣେ ମିଷ୍ଟଭାଷୀ, ମେଳାପୀ, ସ୍ନେହୀ ଓ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ରାମଚନ୍ଦ୍ରପୁର ବଜାରସ୍ଥ ବାସଭବନରେ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ମିଶ୍ରଙ୍କୁ ଜଟଣୀ ସାହିତ୍ୟ ସଂସଦ, ବରପଦା ଉଚ୍ଚବିଦ୍ୟାଳୟ ଏବଂ ହରିଭାଇନା ଛକ ବ୍ୟବସାୟୀ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି।

# ଗ୍ରାମୀଣ କଳା ସଂସ୍କୃତିକୁ ଉଜ୍ଜୀବିତ କରେ ଉତ୍ସବ


ମା'ଯୋଗମାୟା ପଲ୍ଲୀ ଉତ୍ସବରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଏବଂ ଅନ୍ୟ ଅତିଥି।

ଖୋର୍ଦ୍ଧା, ୨୭।୧ (ପ୍ରଭାତ ପାଣିଗ୍ରାହୀ)

### ମା'ଯୋଗମାୟା ପଲ୍ଲୀ ଉତ୍ସବ

ଖୋର୍ଦ୍ଧା ଉପକଣ୍ଠ ନନ୍ଦପୁର ପଞ୍ଚାୟତ ମାଘସପ୍ତମୀ ମେଳଣ ପଡ଼ିଆଠାରେ ନନ୍ଦପୁର ଜନତା ଡାଇମଣ୍ଡ କ୍ଲବ ପକ୍ଷରୁ ଆୟୋଜିତ ପଲ୍ଲୀ ଉତ୍ସବ ଶୁଭାରମ୍ଭ ହୋଇଯାଇଛି। ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଏବଂ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉତ୍ସବ ଉତ୍ସାହ, ଆନନ୍ଦ ଭରିଥାଏ। ଗ୍ରାମୀଣ କଳା ସଂସ୍କୃତିକୁ ଉଜ୍ଜୀବିତ କରେ ଉତ୍ସବ ବୋଲି କହିଥିଲେ। ଜିଲା ପରିଷଦ ସଦସ୍ୟ ତଥା କ୍ଲବର ସଭାପତି ପ୍ରଫୁଲ୍ଲ କୁମାର ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ କୁମାର ସାମନ୍ତରାୟ, ନନ୍ଦପୁର ସରପଞ୍ଚ ବିପ୍ଳବ କେଶରୀ ବଳିୟାରସିଂହ, ପୂର୍ବତନ ଭାଜପା ନେତା ରଶ୍ମି ରଞ୍ଜନ ମହାପାତ୍ର, ନିକୁଞ୍ଜ ପଟ୍ଟନାୟକ, ଦିଲୀପ କୁମାର ହୋତା, ବିଦ୍ୟୁତ୍ କାଣ୍ଡି, କ୍ଲବର ସମ୍ପାଦକ ବେଣୁଧର ରାୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ସନ୍ଧ୍ୟାରେ ଗଞ୍ଜାମର ମା'ମଙ୍ଗଳା ଗାହାଣ ଯୋଡ଼ି ଶଙ୍ଖ, ମୟୂରଭଞ୍ଜର ଛଉ ନୃତ୍ୟ, ପୁରୀର ଗୋଟିପୁଅ ନୃତ୍ୟ, କୋରାପୁଟ ଡେମସା, କୋଟପାଡ଼ କଳା ବିକାଶକେନ୍ଦ୍ର, ଦ୍ୱିତୀୟ ସନ୍ଧ୍ୟାରେ ଗଞ୍ଜାମର ଭାରତ ଲୀଳା, କେନ୍ଦୁଝରର ଘୁମୁରା, ଲୋଇଶିଙ୍ଗା ବଲାଙ୍ଗୀରର ସଙ୍ଗୀତ ସାଧନା, ଖୋର୍ଦ୍ଧାର ପାଇକ ଆଖଡ଼ା ନୃତ୍ୟ ପରିବେଷଣ କରାଯାଇଥିଲା। ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ମୀନାବଜାର ପଡିଛି। ରାଜଲକ୍ଷ୍ମୀ ମହାପାତ୍ର ମଞ୍ଚ ସଂଯୋଜନା କରିଥିବା ବେଳେ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥଲେ।

## ସବୁଠି ଉଡ଼ିଲା ତ୍ରିରଙ୍ଗା

**କୃଷ୍ଣପ୍ରସାଦ, ୨୭।୧ (କୈଳାସ ଚନ୍ଦ୍ର ପଟ୍ଟନାୟକ):** କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କୃଷ୍ଣପ୍ରସାଦ ବ୍ଲକ ପରିସରରେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ, ତହସିଲ କାର୍ଯ୍ୟାଳୟରେ ତହସିଲଦାର ବିକାଶ କୁମାର ସେଠୀ, ସମନ୍ୱିତ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ସିଡିପିଓ ମନୋରମା ମହାପାତ୍ର, ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବିଆର୍‌ସିସି ତଥା ଭାରପ୍ରାପ୍ତ ବିଇଓ ସିଦ୍ଧେଶ୍ୱର କରଣ, ଚିଲିକା ନୂଆପଡ଼ା ଗ୍ରାମ୍ୟ କମିଟି ପକ୍ଷରୁ ଦଶଦୋଳ ପଡ଼ିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ କମିଟିର ସଭାପତି ନଳିନୀ କାନ୍ତ ଜେନା, ନୂଆପଡ଼ା ବନ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀ ସୂର୍ଯ୍ୟକାନ୍ତ ମହାରଣା, ସିଆଣ୍ଡି ପଞ୍ଚାୟତ ପରିସରରେ ସରପଞ୍ଚ ଆଦିତ୍ୟ ରଞ୍ଜନ ପଲାଇ, ଚିଲିକା ନୂଆପଡ଼ା ପଞ୍ଚାୟତରେ ସରପଞ୍ଚ କବିତା ଜେନା ପତାକା ଉତ୍ତୋଳନ କରିଥିଲେ। ସେହିପରି କନ୍ଦାଖାଇ କଳା ଓ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ସୁବୁଦ୍ଧି ରତ୍ନ, ଚିଲିକା ତଟ ଦେଶରେ ଅବସ୍ଥିତ ପାରିକୁଦ ବନ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବନପାଳ ଜିତେନ୍ଦ୍ରୀୟ ଜେନା, କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ବ୍ଲକ ଆତ୍ମା କମିଟି ଅଧ୍ୟକ୍ଷ ସଞ୍ଜୟ ସେଠୀ ପତାକା ଉତ୍ତୋଳନ କରିଥିଲେ।

# ଜାତୀୟ ବିଦ୍ୟାଳୟସ୍ତରୀୟ କୁସ୍ତି ପ୍ରତିଯୋଗିତା ପାଇଁ ଓଡ଼ିଶା ଖେଳାଳିଙ୍କ ଦିଲ୍ଲୀ ଗସ୍ତ




**ଜଟଣୀ, ୨୭।୧ (ରବୀନ୍ଦ୍ରନାଥ ମହାକୁଡ଼)**

ଜାତୀୟ ବିଦ୍ୟାଳୟସ୍ତରୀୟ କୁସ୍ତି ପ୍ରତିଯୋଗିତା ପାଇଁ ମଙ୍ଗଳବାର ଖୋର୍ଦ୍ଧାରୋଡ ରେଲୱେ ଷ୍ଟେଶନରୁ ଉତ୍କଳ ଏକ୍ସପ୍ରେସରେ ୧୪ବର୍ଷରୁ କମ୍ ଖେଳାଳିମାନେ ଦିଲ୍ଲୀ ଗସ୍ତ କରିଛନ୍ତି। ଦିଲ୍ଲୀର ତ୍ୟାଗରାଜ ଷ୍ଟାଡିୟମଠାରେ ଆସନ୍ତା ୩୦ତାରିଖରୁ ଫେବୃଆରୀ ୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଭାଗନେବା ପାଇଁ ଓଡ଼ିଶାରୁ ବାଳକ ୮ଜଣ ଓ ବାଳିକା ୮ଜଣ ମୋଟ୍ ୧୬ ଜଣ ଦିଲ୍ଲୀ ଗସ୍ତ କରିଛନ୍ତି। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓଡ଼ିଶାଙ୍କ ଦ୍ୱାରା ମନୋନୀତ ହୋଇ ୟୁଜିବିଏନ ସିଂହ ବ୍ରହ୍ମପୁର ବିଦ୍ୟାଳୟର କ୍ରୀଡା ଶିକ୍ଷକ ପୁରୁଷୋତମ ମୁଦୁଲି ଟିମ ମ୍ୟାନେଜର, ବାଳିକା କୋଚ ସସ୍ମିତା ସାହୁ ଏବଂ ବାଳକ ବିଭାଗର ମ୍ୟାନେଜର ପ୍ରେମାନନ୍ଦ ବରାଳ ଓ କୋଚ ରାମକୃଷ୍ଣ ବେହେରା ୟୁଜିଏଚଏସ ପାଞ୍ଚମାର କ୍ରୀଡା ଶିକ୍ଷକଙ୍କ ନେତୃତ୍ୱରେ ଟିମ୍ ଦିଲ୍ଲୀ ଗସ୍ତ କରିଛି। ଫୁଲମଣି ମୁର୍ମୁ, ଜ୍ୟୋତି ପ୍ରସାଦ ପରିଡା ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ସଫଳତା ପାଇଁ ଶୁଭେଚ୍ଛା ଜଣାଇଥିଲେ।

# ବେଗୁନିଆରେ ସାଧାରଣତନ୍ତ୍ର ଦିବସ ପାଳିତ

ବେଗୁନିଆ, ୨୭।୧
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ପ୍ରଦୀପ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ, ବ୍ଲକ ଅଧ୍ୟକ୍ଷ, ତହସିଲଦାରଙ୍କ ସହିତ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷ, ପୋଲିସ କର୍ମଚାରୀଙ୍କ ସମେତ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

ସେହିପରି ବ୍ଲକ କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଥାନା ପରିସରରେ ଆଇଆଇସି କାହ୍ନୁଚରଣ ସ୍ୱାଇଁ, ତହସିଲ କାର୍ଯ୍ୟାଳୟରେ ତହସିଲଦାର ଆଦିତ୍ୟ ଦୀପଙ୍କର ଷଡଙ୍ଗୀ, ଟିପିସିଓଡିଏଲ୍ କାର୍ଯ୍ୟାଳୟରେ ଏସ୍‌ଡିଓ ଗୌରାଙ୍ଗ ଚନ୍ଦ୍ର ମଣ୍ଡଳ, ପିଏମ୍‌ଶ୍ରୀ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପ୍ରମୋଦ ସ୍ୱାଇଁ, ପରିଚାଳନା କମିଟି ସଭାନେତ୍ରୀ ପୁଷ୍ପଲତା ଜୟସିଂହ, ଏନ୍‌ସିସି ଶିକ୍ଷକ ସୂର୍ଯ୍ୟକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ପତାକା ଉତ୍ତୋଳନ କରିଥିଲେ। ସେହିପରି ନାଳନ୍ଦା ପବ୍ଲିକ ସ୍କୁଲରେ ଅଧ୍ୟକ୍ଷ ରାଜେଶ ସାହୁ, କଣ୍ଟାବାଡ ରମାମଣି ମହାବିଦ୍ୟାଳୟରେ ଅଧ୍ୟକ୍ଷ ନାରାୟଣ ବନ୍ଧୁ ପଟ୍ଟନାୟକ, ବେଗୁନିଆ ମହାବିଦ୍ୟାଳୟରେ ଅଧ୍ୟାପକ ଜୟକୃଷ୍ଣ ପାଣିଗ୍ରାହୀ ପତାକା ଉତ୍ତୋଳନ କରିଥିଲେ। ବେଗୁନିଆ ମା'ବରମୂଳେଇ ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ସ୍ଥାନୀୟ ଥାନାର ଏଏସ୍‌ଆଇ ମନୋଜ ଶତପଥୀ, ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାରସିଂହ, ଭୁବନେଶ୍ୱର ଏମ୍‌ପିଙ୍କ ପ୍ରତିନିଧି ଜିତେନ୍ଦ୍ର ସାହୁ, ସଭାପତି ଦିଲୀପ ସାହୁ ଏବଂ ସମ୍ପାଦକ ମନମୋହନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


ବିଧାୟକ ପ୍ରଦୀପ ସାହୁଙ୍କଠାରୁ ଜଣେ ପ୍ରତିଭାଧାରୀ ପୁରସ୍କାର ଗ୍ରହଣ କରୁଛନ୍ତି।

# 'ସମ୍ବିଧାନକୁ ସମ୍ମାନଦେବା ସମସ୍ତଙ୍କ କର୍ତ୍ତବ୍ୟ'

**ବାଲୁଗାଁ, ୨୭।୧ (ସଂଗ୍ରାମ ପାଇକରାୟ)**



ବାଲୁଗାଁ ମହାବିଦ୍ୟାଳୟ ପରିସରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ.ଲକ୍ଷ୍ମୀଧର ସୁବୁଦ୍ଧି ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ୍‌ରେ ଅଭିଭାଦନ ଗ୍ରହଣ କରିଥିଲେ। ଏହି ସମାରୋହରେ ଯୁକ୍ତ ୨ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ, ପ୍ରଶାସନିକ ଅଧିକାରୀ ଡ.କୈଳାସ ଚନ୍ଦ୍ର ମହାରଣାଙ୍କ ସମେତ ମହାବିଦ୍ୟାଳୟ ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ସେହିପରି ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ, ବାଲୁଗାଁ ଥାନା, ଏନ୍‌ଏସି କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି।

**ଟାଙ୍ଗୀ (ରଘୁନାଥ ସାହୁ):** ଟାଙ୍ଗୀ ଏବଂ ଚାନ୍ଦପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଟାଙ୍ଗୀ ବ୍ଲକରେ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ତହସିଲ କାର୍ଯ୍ୟାଳୟରେ ତହସିଲଦାର ନିଷ୍ଠା ମହାପାତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁପରିଣ୍ଟେଣ୍ଡେଣ୍ଟ ଡା.ସତ୍ୟ ରଞ୍ଜନ ନନ୍ଦ, ଥାନାରେ ଆଇଆଇସି ରବିନ୍ଦ୍ର କୁମାର ଭୁଜବଳ, ବଳରାମଦେବ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷକ ଜୋସ୍ନାମଣୀ ମଙ୍ଗରାଜ, ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ବେହେରା, ଷ୍ଟେଟ ବ୍ରିଗେଡ ସ୍କୁଲ ଓ ବଳରାମ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସରେ ସମାଜସେବୀ ବିଜୟ କୁମାର ରାଉତ, ଶିବା ୟୁଥ କ୍ଲବ ଦ୍ୱାରା ଆୟୋଜିତ ମିଳିତ ପ୍ୟାରେଡରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ ସାହୁ, ଅବସରପ୍ରାପ୍ତ କର୍ମଚାରୀ ସଂଘରେ ସଭାପତି ପଦ୍ମନାଭ ବିଶ୍ୱାଳ, ଚାନ୍ଦପୁର ଶ୍ରୀସତ୍ୟସାଇ ବିଦ୍ୟାମନ୍ଦିରରେ ଖାଉଟି ସୁରକ୍ଷା ଅଦାଲତର ପୂର୍ବତନ ଅଧ୍ୟକ୍ଷ ନାରାୟଣ ମହାପାତ୍ର, ନୂଆପଡା ପ୍ରାଥମିକ ବିଦ୍ୟାଳୟରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉମେଶ ପ୍ରସାଦ ଧଳ ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ନିରାକାରପୁର (ମାନସ ଚନ୍ଦ୍ର ପଟ୍ଟନାୟକ):** ନିରାକାରପୁର ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଆର୍ଯ୍ୟବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠାନର ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ, ବଣିକ ସଂଘ କାର୍ଯ୍ୟାଳୟରେ ସଭାପତି ଆର୍ତ୍ତତ୍ରାଣ ରାଉତରାୟ, ଖଜୁରୀପଡ଼ା ଜ୍ୟୋର୍ତିମୟୀ ଯୁବକ ସଂଘ କାର୍ଯ୍ୟାଳୟରେ ବିଧାୟକଙ୍କ ପ୍ରତିନିଧି ଭାଗୀରଥି ସାମନ୍ତରାୟ, ରେଙ୍ଗଟା ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଅମର କୁମାର ଜୟସିଂହ, ଚିତ୍ରକୁଟ ବିହାର ପ୍ରାଥମିକ ବିଦ୍ୟାଳୟରେ ସଂଯୁକ୍ତା ମିଶ୍ର, ଡିଆ ସ୍କୁଲରେ ପ୍ରଧାନ ଶିକ୍ଷକ ରେଣୁବାଳା ବେହେରା, ବରିଷ୍ଠ ନାଗରିକଙ୍କ କାର୍ଯ୍ୟାଳୟରେ ସମ୍ପାଦକ ଦୀନବନ୍ଧୁ ମିଶ୍ର, ଟାଙ୍ଗୀ ଖବରଦାତା ସଂଘରେ ସଂଘ ସଭାପତି ପଦ୍ମାଲାଭ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ପତାକା ଉତ୍ତୋଳନ କରିଥିଲେ।

**ଜଟଣୀ, (ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ସହର ଏବଂ ଏହାର ପାଖଆଖ ଅଞ୍ଚଳରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସର୍ବଭାରତୀୟ ଅବସରପ୍ରାପ୍ତ କେନ୍ଦ୍ର ସରକାରୀ କର୍ମଚାରୀ ସଂଘ ଖୋର୍ଦ୍ଧାରୋଡ ଶାଖା କାର୍ଯ୍ୟାଳୟଠାରେ ସଙ୍ଘର ବରିଷ୍ଠ ସଭ୍ୟ ବିଭୂତି ଭୂଷଣ ଦାସ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନୁଷ୍ଠାନର ସଭାପତି ଭୈରବ କୁମାର ସାମଲ, ବିଜୟ ରାମ ମହାନ୍ତି, ସୂର୍ଯ୍ୟ ନାରାୟଣ ପାଢ଼ୀ, ଗଙ୍ଗାଧର ଦାସ, ସୁମନ ପଟ୍ଟନାୟକ, ସୌଦାଗର ମହାନ୍ତି, ଦୁଃଖିରାମ ସ୍ୱାଇଁ, ଅରୁଣ ମହାନ୍ତି, ଜଗଦୀଶ ଦାଶ, ନୀଳମଣି ଭୂୟାଁ, ଜୟନ୍ତୀ ମହାରଣା, ପ୍ରଣତି ସ୍ୱାଇଁ, ରୁକ୍ସାନା ବେଗମ, ସୁଚିତ୍ରା ପ୍ରଧାନ, ସୁବାଷ ଚନ୍ଦ୍ର ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପ୍ରେସ୍ କ୍ଲବ ଜଟଣୀ ପକ୍ଷରୁ ସ୍ଥାନୀୟ ରାମଚନ୍ଦ୍ରପୁର ବଜାରସ୍ଥ କ୍ଲବ ପରିସରରେ ସଭାପତି ରବୀନ୍ଦ୍ରନାଥ ମହାକୁଡ଼ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ପାଦକ ସୁରେଶ ମହାରଣା, ଏମ୍.ଡି.ଇସ୍ମାଇଲ ଅଲି, ହୃଦାନନ୍ଦ କୋଦମାସିଂ, ଅମରେଶ ରାଉତରାୟ, ଏମ.ଡି. ଅତିକ, ସଞ୍ଜୀବ ସେଠ, ଏମ.ଡି. ଫଜଲୁର, ସୁବ୍ରତ ନାୟକ, ଏମ.ଡି.ମେହେମୁଦ, ହରିହର ସ୍ୱାଇଁ, ଶୁଭେନ୍ଦ୍ର ଶତପଥୀ, ସଂଗ୍ରାମ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜଟଣୀ ୟୁଥ୍ ଫେଡେରେଶନ ପକ୍ଷରୁ ସ୍ଥାନୀୟ ଥାନା ଛକଠାରେ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ୟୁଥ୍ ଫେଡେରେଶନ ସଭାପତି ଅନନ୍ତ ଶତପଥୀ, ସମ୍ପାଦକ ମନମୋହନ ରାଉତରାୟଙ୍କ ସମେତ ଥାନା ଛକ ବ୍ୟବସାୟୀ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

**ବାଣପୁର, (ଦିଲୀପ କୁମାର ସ୍ୱାଇଁ):** ବାଣପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବିଚାର ବିଭାଗୀୟ ଅଦାଲତ ପରିସରରେ ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ପତାକା ଉତ୍ତୋଳନ କରିଥିବା ବେଳେ ଜେଏମ୍‌ଏଫ୍‌ସି ଇପ୍‌ସିତା ପ୍ରିୟା ଏକ୍କାଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ସେହିପରି ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ନଗରପାଳ ମିଟୁ ନାୟକ, ଥାନା ପରିସରରେ ଥାନା ଅଧିକାରୀ ରମେଶ ଚନ୍ଦ୍ର ଦେବତା, ତହସିଲ କାର୍ଯ୍ୟାଳୟରେ ତହସିଲଦାର ଟି. ପଦ୍ମନାଭ ଦୋରା, ଦକ୍ଷେଶ୍ୱର ଭଗବତୀ ଦୋବୋତ୍ତର କାର୍ଯ୍ୟାଳୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ ପତାକା ଉତ୍ତୋଳନ କରିଥିଲେ।



ଭୁବନେଶ୍ୱର ଗାନ୍ଧୀ ମାର୍ଗଠାରେ ସୋମବାର ଅନୁଷ୍ଠିତ ୭୭ ତମ ରାଜ୍ୟସ୍ତରୀୟ ପରେଡ୍‌ରେ ଭାଗ ନେଇଥିବା ଗ୍ରୁପ୍ ।



ପ୍ରଦର୍ଶିତ ଡେୟାର ଡେଭିଲ୍ ଶୋ' ।



ପରେଡ୍ ପରେ ପ୍ରଦର୍ଶିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ।

## ଲୋକ ଭବନରେ ସାଧାରଣତନ୍ତ୍ର ଦିବସ

ଭୁବନେଶ୍ୱର,୨୭।୧(ସୁଚିସ୍ମିତା ସାହୁ)

ଲୋକଭବନରେ ସୋମବାର ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୂପାରୋଶନ ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ । କାର୍ଯ୍ୟକ୍ରମରେ ଆରକ୍ଷୀ ବାହିନୀ ପକ୍ଷରୁ ରାଷ୍ଟ୍ରୀୟ ସଲାମୀ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଲୋକଭବନର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ

ଭୁବନେଶ୍ୱର,୨୭।୧(ସୁଚିସ୍ମିତା ସାହୁ)

ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ୭୭ତମ ସାଧାରଣନ୍ତ୍ର ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପକ ଡ. ମାନସ ବେହେରା ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ଛାତ୍ରୀମାନଙ୍କୁ ସମ୍ବିଧାନ ଓ ଗଣତନ୍ତ୍ରର ଗୁରୁତ୍ୱ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ । ଅଧ୍ୟାପକ ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିବା ବେଳେ ଅଧ୍ୟାପିକା ଓ ଅଧ୍ୟାପକମାନେ ଉପସ୍ଥିତ ଥିଲେ । ବିକାଶ ବେହେରା ଧନ୍ୟବାଦ ଦେଇଥିଲେ ।

## ବିଜେଇଏମ୍ ସ୍କୁଲରେ ସାଧାରଣତନ୍ତ୍ର ଦିବସ

ଭୁବନେଶ୍ୱର,୨୭।୧(ସୁଚିସ୍ମିତା ସାହୁ)

ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ ସ୍କୁଲରେ ୭୭ତମ ସାଧାରଣତନ୍ତ୍ର ଦିବସ ସୋମବାର ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପ୍ରଶାସନିକ ଅଧିକାରୀ ପ୍ରସନ୍ନ କୁମାର ମିଶ୍ର ଯୋଗଦେଇ ପତାକା ଉତ୍ତୋଳନ ସହ ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳକ ପ୍ରତାପ କୁମାର ଜେନା, ଅଧ୍ୟକ୍ଷା ସନ୍ଧ୍ୟା ଜେନା, ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ର ଯୋଗଦେଇ ଆମ ସମ୍ବିଧାନ, ସଂସ୍କୃତି, ପରିବେଶ ପ୍ରତି ଯତ୍ନବାନ୍ ହେବାକୁ ଆହ୍ୱାନ କରିଥିଲେ । ଜାତୀୟ ବିଜ୍ଞାନ ପ୍ରଦର୍ଶନୀରେ କୃତିତ୍ୱ ଅର୍ଜନ କରିଥିବା ହରି ଓମ୍ ମହାପାତ୍ର ଓ ଚନ୍ଦ୍ରାଂଶୁ ବରାଳଙ୍କ ସମେତ ଓଡ଼ିଶା ରାଜ୍ୟ କମ୍ପ୍ୟୁଟର ଅଲିମ୍ପିଆଡ୍, ଅନ୍ତର୍ଜାତୀୟ ଚେସ୍ ପ୍ରତିଯୋଗିତା, ଆନ୍ତଃ ବିଦ୍ୟାଳୟ ସହୋଦୟ ପ୍ରତିଯୋଗିତା, ଏଚ୍‌ଡିଏଫ୍‌ସି କୁଇଜ, ବିଦ୍ୟାଳୟର ବାର୍ଷିକ ପ୍ରଦର୍ଶନୀରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିବପଦ ସ୍ୱାଇଁ, ବରିଷ୍ଠ ସଦସ୍ୟ ବିବେକାନନ୍ଦ ଦାସ, ଶ୍ରୀପତି ନାରାୟଣ ମିଶ୍ର, ପ୍ରମିଳା ପତି, ରଞ୍ଜିତା ବଳ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଭିନ୍ନ ବର୍ଗର ବ୍ୟକ୍ତିଙ୍କୁ ଭେଟିଲେ ରାଜ୍ୟପାଳ

## ଲୋକଭବନରେ ଆଟ୍-ହୋମ୍

ଭୁବନେଶ୍ୱର,୨୭।୧(ସୁଚିସ୍ମିତା ସାହୁ)

୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ସୋମବାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ସୌଜନ୍ୟରେ ଲୋକଭବନରେ ଆଟ୍-ହୋମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟପାଳଙ୍କ ଆମନ୍ତ୍ରଣ କ୍ରମେ ସମାଜର ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତିବିଶେଷ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ, ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏତଦ୍‌ବ୍ୟତୀତ ଓଡ଼ିଶା ହାଇକୋର୍ଟର ନ୍ୟାୟମୂର୍ତ୍ତି, ବିଧାୟକ, ସ୍ୱାଧୀନତା ସଂଗ୍ରାମୀ, ପଦ୍ମ ପୁରସ୍କାର ବିଜେତା, ରାଜନୈତିକ ଦଳର କର୍ମକର୍ତ୍ତା, ରାଜ୍ୟ ପ୍ରଶାସନର ଅଧିକାରୀ, କ୍ରୀଡ଼ାବିତ୍ ଏବଂ କଳାକାର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ରାଜ୍ୟପାଳ ବିଭିନ୍ନ ଅତିଥିଙ୍କ ସହିତ ଭାବବିନିମୟ କରିଥିଲେ ।



ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଭେଟୁଛନ୍ତି ।



ରସୁଲଗଡ଼ ଜଗନ୍ନାଥ ନଗର ରେଡ୍ ନଂ. ୧୧୦ରେ ସୋମବାର ଅବସରପ୍ରାପ୍ତ ଆର୍ମି ଯବାନଙ୍କ ଦ୍ୱାରା ସାଧାରଣତନ୍ତ୍ର ଦିବସ ପାଳନ କରାଯାଉଛି । (ଫଟୋ- ମନୋରଞ୍ଜନ ମିଶ୍ର)

# ଦେଶପ୍ରେମ ଭରିଲା 'ଭାରତୀୟମ୍'

ଭୁବନେଶ୍ୱର,୨୭।୧(ବନ୍ଦନା ସେଠୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ ସୋମବାର ରବୀନ୍ଦ୍ର ମଣ୍ଡପରେ ଦେଶାତ୍ମବୋଧକ ସଙ୍ଗୀତ ଉତ୍ସବ 'ଭାରତୀୟମ୍' ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଧାରଣତନ୍ତ୍ର ଦିବସ ହେଉଛି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ସ୍ମୃତି, ସଙ୍କଳ୍ପ ଓ ଆତ୍ମସମୀକ୍ଷାର ଦିବସ ବୋଲି କହିଥିଲେ । କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର, ନାଜିଆ ଆଲାମ୍, ସୁଧାକର ମିଶ୍ର, କାର୍ତ୍ତିକ ସାହୁ, ଶିଉଲି ଘୋଷ, ବିରଜା ରଥ, ସଂଗ୍ରାମ ମହାନ୍ତି, ସୌରଭ କୁମାର ସାହୁ, କୁମାର ଦିଲ୍ଲୀପ, ସସ୍ମିତା ବିଶ୍ୱାଳ, ଲିପ୍‌ସା ମହାପାତ୍ର, ସରୋଜ ଜେନା, ଯଶସ୍ୱିନୀ ନାୟକ, ଅଙ୍କିତ ରାଜ, ପୂଜା ପ୍ରତ୍ୟୁଷା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଖୁସି କିରନ ପ୍ରମୁଖଙ୍କ କଣ୍ଠରେ ଦେଶାତ୍ମବୋଧକ ସଙ୍ଗୀତ ଉପସ୍ଥିତ ଦର୍ଶକମାନଙ୍କୁ ବିମୋହିତ କରିଥିଲା । ଏହି ଅବସରରେ ସଂସ୍କୃତି ମନ୍ତ୍ରୀ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଜୀବନୀକୁ ଆଧାର କରି ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ । ରବୀନ୍ଦ୍ର ମଣ୍ଡପରେ 'ଭାରତୀୟମ୍' ବାଲୁକା ଚିତ୍ରକଳା ସହ ସେଲ୍‌ଫି ପଏଣ୍ଟ ନିର୍ମାଣ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଭାଗୀୟ ସଚିବ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ ।




ସଙ୍ଗୀତ ଉତ୍ସବ 'ଭାରତୀୟମ୍' କାର୍ଯ୍ୟକ୍ରମରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ ।

## ପତାକା ଉତ୍ତୋଳନ କଲେ ୫ମ ଶ୍ରେଣୀ ଛାତ୍ରୀ

ପୁରୁଣା ଭୁବନେଶ୍ୱର,୨୭।୧(ସୁବାସ ଚନ୍ଦ୍ର ପ୍ରଧାନ)

ଆଦିବାସୀ ପଲ୍ଲୀ କନ୍ଦଳେଇଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏଠାରେ ଅତିଥିଙ୍କ ପରିବର୍ତ୍ତେ ପିଲାମାନେ ପତାକା ଉତ୍ତୋଳନ କରିଥାନ୍ତି । ଏହିକ୍ରମରେ କନ୍ଦଳେଇ ସରକାରୀ ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ରୀ ମିନତୀ ଚାତାର ଜାତୀୟ ପତାକା ଉତ୍ତୋଳନ କରିଥିଲେ । ପ୍ରଧାନଶିକ୍ଷକ ବିଚିତ୍ର କୁମାର ମାଝୀ, ଶିକ୍ଷକ ସୁବାସ ଓଝା ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଦେଶପ୍ରେମର ବାର୍ତ୍ତା ଦେଇଥିଲେ । ସୂଚନାଥାଉ କି, ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ମାର୍ଗଦର୍ଶନରେ ଗତ ୧୦ବର୍ଷ ଧରି ପିଲାଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଜାଗ୍ରତ କରିବା ପାଇଁ ଏହି ଅଭିନବ ପ୍ରୟାସ ଜାରି ରହିଛି ।

## ବାରଙ୍ଗରେ ଉଡ଼ିଲା ତ୍ରିରଙ୍ଗା

ଭୁବନେଶ୍ୱର,୨୭।୧(ଲିଙ୍ଗରାଜ ରାଉତ)

ବାରଙ୍ଗର ବିଭିନ୍ନ ଅଞ୍ଚଳରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଚନ୍ଦକା ଥାନାରେ ସମିତା ମିଶ୍ର, ନନ୍ଦନକାନନ ଥାନାରେ ବିଭୂତି ଭୂଷଣ ମୁଦୁଲି, ବାରଙ୍ଗ ଥାନାରେ ଦେବେନ୍ଦ୍ର ବିଶ୍ୱାଳ, ବାରଙ୍ଗ ପ୍ରେସ୍ କ୍ଲବରେ ସଭାପତି ଲିଙ୍ଗରାଜ ରାଉତ, ବାରଙ୍ଗ ଓକିଲ ସଂଘ ପକ୍ଷରୁ ସଭାପତି ପ୍ରଭାତ ଲେଙ୍କା, ଜାମୁଝରିସ୍ଥିତ ମୁକ୍ତାକାଶ କାରାଶ୍ରମରେ ଅଧକ୍ଷା ସ୍ମିତା ମହାନ୍ତି, ତହସିଲ କାର୍ଯ୍ୟାଳୟରେ ତହସିଲଦାର ଡ.ତୁଷାରଜ୍ୟୋତି ରଞ୍ଜନ, ବ୍ଲକରେ ବିଡିଓ ସ୍ୱାଗତ ଦାସ, କୁହେଇଁପଡା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଗିତାଞ୍ଜଳି ସାମଲ, ଅଗ୍ନିଶମ ବାହିନୀ କାର୍ଯ୍ୟାଳୟରେ ପ୍ରକାଶ ଚନ୍ଦ୍ର ପାତ୍ର, ମୁଣ୍ଡଳିସ୍ଥିତ ଏନ୍‌ଡିଆର୍‌ଏଫ୍‌ରେ ଏନ୍‌ଡିଆରଏଫ୍ ଦ୍ୱିତୀୟ କମାଣ୍ଡାଣ୍ଟ ବର୍ଦ୍ଧମାନ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି ।

## ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ

### ଓଏଚ୍‌ପିସି




ଓଡ଼ିଶା ଜଳବିଦ୍ୟୁତ୍ ନିଗମ ଲିମିଟେଡ୍ (ଓଏଚ୍‌ପିସି) ପକ୍ଷରୁ ସାଧାରଣତନ୍ତ୍ର ଦିବସ ଅବସରରେ କର୍ପୋରେଟ କାର୍ଯ୍ୟାଳୟରେ ନିର୍ଦ୍ଦେଶକ (ଅର୍ଥ) ପ୍ରଣବ କୁମାର ମହାନ୍ତି ପତାକା ଉତ୍ତୋଳନ କରିଥିଲେ । ସେହିପରି ଚନ୍ଦକାସ୍ଥିତ ଓଏଚ୍‌ପିସି ତାଲିମ କେନ୍ଦ୍ରରେ ନିର୍ଦ୍ଦେଶକ (ଅପରେଶନ) ଅମିୟ କୁମାର ମହାନ୍ତି ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ ଅନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ ।

### ଓଡ଼ିଶା ଖଣି ନିଗମ



ସାଧାରଣତନ୍ତ୍ର ଦିବସ ଅବସରରେ ଓଡ଼ିଶା ଖଣି ନିଗମର ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ ଓଏମ୍‌ସି ମୁଖ୍ୟ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି । ଏହି ଅବସରରେ ମାନବ ସମ୍ବଳ ନିର୍ଦ୍ଦେଶକ ଆଲୋକ ପାଲ ତଥା ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ଗ୍ରୀନ୍ ଚାମ୍ପିୟନଙ୍କୁ ସମ୍ମାନିତକଲା ଟିପିସିଓଡିଏଲ୍

ଭୁବନେଶ୍ୱର, ୨୭।୧
(ଅନୁରାଧା ମହାରଣା)

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ସୋମବାର ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି । କର୍ପୋରେଟ କାର୍ଯ୍ୟାଳୟ ପରିସରରେ ସିଇଓ ଅରବିନ୍ଦ ସିଂହ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ ଟିପିସିଓଡିଏଲ୍ ପକ୍ଷରୁ ୩୦ ଜଣ 'ଗ୍ରୀନ୍ ଚାମ୍ପିୟନ' (ପରିବେଶ ସଚେତନ ଉପଭୋକ୍ତା) ଯେଉଁମାନେ ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜୁଳି ଯୋଜନା (ୟୁଟିଲିଟି ଲେଡ୍ ଏଗ୍ରିଗେଶନ ମଡେଲ) ଅଧୀନରେ ନିଜ ଘର ଛାତରେ ସୌର ପ୍ରକଳ୍ପ ସ୍ଥାପନ କରିଛନ୍ତି, ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ମାନିତ ଏହି ଚାମ୍ପିୟନଙ୍କ ମଧ୍ୟରେ ପ୍ରତ୍ୟେକ ଅପରେଶନାଲ ସର୍କଲରୁ ୫ ଜଣ ଲେଖାଏ ଏବଂ କର୍ପୋରେଟ ଅଫିସରୁ ୫ ଜଣ ଉପଭୋକ୍ତା ସାମିଲ ଥିଲେ ।



## ଉନ୍ନତି ଭବନରେ ସାଧାରଣତନ୍ତ୍ର ଦିବସ

ଭୁବନେଶ୍ୱର, ୨୭।୧(ବନ୍ଦନା ସେଠୀ)

ଉନ୍ନତି ଭବନରେ ସୋମବାର ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ରାଷ୍ଟ୍ର ନିର୍ମାଣରେ ନିୟୋଜିତ ପ୍ରତ୍ୟେକ କର୍ମଚାରୀଙ୍କ ସମାନ ଅଧିକାର ରହିଛି ଏବଂ ସମସ୍ତଙ୍କ ଉପରେ ସମାନ ଦାୟିତ୍ୱ ନ୍ୟସ୍ତ । ରାଜ୍ୟର ବିକାଶମୂଳକ କାର୍ଯ୍ୟକୁ ସମ୍ପୂର୍ଣ୍ଣ ନିଷ୍ଠା, ସ୍ୱଚ୍ଛତା ଏବଂ ଜନସେବା ମନୋଭାବ ସହ ଆଗକୁ ନେବା ପାଇଁ ପ୍ରମୁଖ ଶାସନ ସଚିବ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ବିଭାଗର ବରିଷ୍ଠ ପଦାଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ଭାରତୀୟ ସମ୍ବିଧାନର ଗ୍ରହଣ ଓ ଗଣତନ୍ତ୍ର, ସମାନତା ଓ ଦେଶସେବା ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ ଅଧିକାରୀ ଏବଂ କର୍ମଚାରୀମାନେ ଏହି ଗର୍ବର ମୁହୂର୍ତ୍ତରେ ସାମିଲ ହୋଇଥିଲେ ।




ରାଜ୍ୟ ଭାଜପା କାର୍ଯ୍ୟାଳୟଠାରେ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳନ କରାଯାଉଛି ।



ଶଙ୍ଖ ଭବନରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ପତାକା ଉତ୍ତୋଳନ କରିବା ଅବସରରେ ।




ପିସିସି ରାଜ୍ୟ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଉଛି ।

## ୬୮ରୁ ୬ ଅଭିଯୋଗ ଫଇସଲା

କଣାସ,(ବିଭୂତି ଭୂଷଣ ତ୍ରିପାଠୀ)-କଣାସ ପଞ୍ଚାୟତ ସମିତି ସଭାଗୃହରେ ମଙ୍ଗଳବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂହ, ଉପଜିଲାପାଳ ରାଜକିଶୋର ଜେନା, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା, ପ୍ରକଳ୍ପ ସଂଯୋଜକ ପ୍ରିୟରଞ୍ଜନ ପୃଷ୍ଟି, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତ, ବି. ସୌମ୍ୟରଞ୍ଜନ ସ୍ୱାଇଁ, ତହସିଲଦାର ହିମାଂଶୁ ଶେଖର ଗିରି, ସିଡିପିଓ ଦେବାଶିଷ ମିଶ୍ରଙ୍କ ସମେତ ଶିକ୍ଷା ବିଭାଗ ଅଧିକାରୀ ଏବଂ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ୬୮ ଜଣ ପ୍ରଧାନମନ୍ତ୍ରୀ ଆବାସ, ଅନ୍ତ୍ୟୋଦୟ ଆବାସ, ରାଶନକାର୍ଡ, ଦିବ୍ୟାଙ୍ଗ ବ୍ୟକ୍ତିମାନେ ପାଇ ନ ଥିବା ଭତ୍ତା ସମ୍ପର୍କରେ ଅଭଯୋଗ କରିଥିଲେ। ସେଥିମଧ୍ୟରୁ ୬ଜଣଙ୍କ ଅଭିଯୋଗର ଫଇସଲା ହୋଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୭।୧।୨୦୨୬

| | |
|---|---|
| | ୫,୯୭,୫୯୧ ଟଙ୍କା |
| ସୁନା | ୧୮୦ ମିଲିଗ୍ରାମ୍ |
| ରୁପା | ୧୬.୩୦୦ ଗ୍ରାମ୍ |

# ରାତ୍ର ୨ରୁ ୩ଟା ଭିତରେ ଉଠିବ ମହାଦୀପ

### ଲୋକନାଥ ଦେବଙ୍କ ମହାଶିବରାତ୍ରି ପାଇଁ ପ୍ରସ୍ତୁତି ବୈଠକ

**ପୁରୀ,୨୭।୧(ଅଜିତ୍ କୁମାର ମହାନ୍ତି)**

ଚଳିତବର୍ଷ ଫେବୃଆରୀ ୧୫ରେ ମହାଶିବରାତ୍ରି ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଲୋକନାଥ ପୀଠରେ ପ୍ରଭୁ ଶ୍ରୀଲୋକନାଥ ଦେବଙ୍କ ଜାଗର ଯାତ୍ରାକୁ ସୁଚାରୁରୂପେ ପରିଚାଳନା ପାଇଁ ଏକ ବୈଠକ ମଙ୍ଗଳବାର ଅପରାହ୍ନରେ ଉପଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଉପଜିଲାପାଳ ରାଜକିଶୋର ଜେନା ସମସ୍ତଙ୍କୁ ସ୍ୱାଗତ କରିବା ସହ ନିର୍ଦ୍ଧାରିତ ନୀତି ସମ୍ପର୍କରେ ସୂଚନା ଦେଇଥିଲେ।

ଫେବୃଆରୀ ୧୩ରେ ହେବାକୁ ଥିବା ପଙ୍କୋଦ୍ଧାର ଏକାଦଶୀ ଓ ୧୫ରେ ହେବାକୁ ଥିବା ଜାଗର ଯାତ୍ରାର ନୀତିକାନ୍ତି, ସମୟ ନିର୍ଘଣ୍ଟର ସୂଚନା ଦିଆଯିବା ସହ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଆଇନଶୃଙ୍ଖଳା ରକ୍ଷା, ପାର୍କିଂ ବ୍ୟବସ୍ଥା, ପାନୀୟ ଜଳଯୋଗାଣ, ପରିଷ୍କାର ପରିଚ୍ଛନ୍ନତା, ପରିମଳ ବ୍ୟବସ୍ଥା, ବିଦ୍ୟୁତ୍ ବ୍ୟବସ୍ଥା, ବ୍ୟାରିକେଡ୍ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର, ଆମ୍ବୁଲାନ୍ସ ବ୍ୟବସ୍ଥା, ସୂଚନା କେନ୍ଦ୍ର ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ଠିକ କାର୍ଯ୍ୟ ପରିଚାଳନା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ପଙ୍କୋଦ୍ଧାର ପାଇଁ ୧୩ ତାରିଖ ରାତ୍ର ୧୨ଟା ୩୦ ସମୟରେ ପହୁଡ଼ ଦ୍ୱାର ଖୋଲା, ରାତ୍ର ୧ଟା ୧୫ରୁ ମଙ୍ଗଳ ଆଳତି, ଅବକାଶ ଇତ୍ୟାଦି, ରାତ୍ର ୧ଟା ୪୫ରୁ ରାତ୍ର ୩ଟା ମଧ୍ୟରେ ସକାଳ ଧୂପ, ରାତ୍ର ୩ଟାରୁ ୪ଟା ମଧ୍ୟରେ ମଧ୍ୟାହ୍ନ ଧୂପ, ରାତ୍ର ୪ଟାରୁ ସକାଳ ୮ଟା ପର୍ଯ୍ୟନ୍ତ ପଙ୍କୋଦ୍ଧାର କାର୍ଯ୍ୟକ୍ରମ ଓ ମାଘ ସ୍ନାନ, ଦିବା ୧୨ଟାରୁ ରାତ୍ର ୧୦ଟା ସର୍ବସାଧାରଣ ଦର୍ଶନ ଓ ରାତ୍ର ୧୦ଟାରୁ ୧୧ଟା ମଧ୍ୟରେ ଧୂପ ଓ ଅନ୍ୟାନ୍ୟ ନୀତି ଏବଂ ବଡ଼ସିଂହାର ବେଶ ଅନୁଷ୍ଠିତ ହେବାର ନିଷ୍ପତ୍ତି ହୋଇଛି।

ସେହିପରି ୧୫ ତାରିଖ ଜାଗରରେ ରାତି ୧୨ଟା ୩୦ରୁ ପହୁଡ଼ ଓ ଦ୍ୱାରଖୋଲା, ରାତ୍ର ୧ଟାରୁ ୪ଟା ମଧ୍ୟରେ ମଙ୍ଗଳ ଆଳତି, ଅବକାଶ, ସୂର୍ଯ୍ୟପୂଜା, ଭୋର ୪ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ, ରାତ୍ର ୧୦ରୁ ରାତ୍ର ୨ଟା ପର୍ଯ୍ୟନ୍ତ ବିଭିନ୍ନ ନୀତି, ରାତ୍ର ୨ଟାରୁ ୩ଟା ପର୍ଯ୍ୟନ୍ତ ହରିହର ପୂଜା, ଭୋଗ ସମ୍ପନ୍ନ, ବଡ଼ସିଂହାର ବେଶ ଓ ମହାଦୀପ ପ୍ରଜ୍ୱଳନର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ନୀତି ଉପପ୍ରଶାସକ ରଞ୍ଜନ କୁମାର ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ର, ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ଅରିଜିତ ନାୟକ, ଅନ୍ୟାନ୍ୟ ବିଭାଗର ଅଧିକାରୀ, ବିଭିନ୍ନ ସେବାୟତ ନିଯୋଗର ସଭାପତି, ସମ୍ପାଦକ ଓ ପ୍ରତିନିଧି, ପଙ୍କୋଦ୍ଧାର ଏକାଦଶୀ ପାଳିଆ ସେବାୟତ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ବୈଠକରେ ଉପଜିଲାପାଳ ରାଜକିଶୋର ଜେନାଙ୍କ ସମେତ ଅନ୍ୟମାନେ ।

# କୋଣାର୍କରେ କାରାଭାନ ଉଦ୍‌ଘାଟିତ

**କୋଣାର୍କ,୨୭।୧(ଜ୍ୟୋତିରାଜ ମହାନ୍ତି)**

ବସ୍‌ରେ ପର୍ଯ୍ୟଟକଙ୍କୁ ତାରକା ହୋଟେଲ ଭଳି ଅନୁଭୂତି ଦେବା ପାଇଁ ପର୍ଯ୍ୟଟନସ୍ଥଳ କୋଣାର୍କରେ ଶୁଭ ଉଦ୍‌ଘାଟନ ହୋଇଛି ପ୍ରଥମ କାରାଭାନ ସେବା। ରବିବାର ପୂର୍ବାହ୍ନରେ ବ୍ୟାଖ୍ୟାନ କେନ୍ଦ୍ର ପରିସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହାକୁ ଆନୁଷ୍ଠାନିକ ଭାବେ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ବିକାଶ ଇକୋ ରିସର୍ଟ ପକ୍ଷରୁ ପର୍ଯ୍ୟଟନ ବିଭାଗ ସହଭାଗୀତାରେ ଏହି ସେବାରେ ପ୍ରଥମ ଦିନରେ ୧୩ ଜଣ ପର୍ଯ୍ୟଟକ କାରାଭାନ ବସ୍ ବୁକିଂ କରି କୋଣାର୍କରୁ ସାତକୋଶିଆ ଓ ବେଟ୍ରିଗଡ଼ ଯାତ୍ରା କରିଛନ୍ତି। କାରାଭାନ ପର୍ଯ୍ୟଟନରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ଭାବେ ଉଭା ହେବ। ଏହା ନୂଆ ସମ୍ଭାବନାର ପର୍ଯ୍ୟଟନ ଆଣିଦେବ। ପର୍ଯ୍ୟଟକଙ୍କ ପାଇଁ ବସ୍ ଭିତରେ ତାରକା ହୋଟେଲ ଭଳି ସମସ୍ତ ସୁବିଧା ରହିଥିବ କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପରିଡ଼ା। ଏହି ଉଦ୍‌ଘାଟନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ବିକାଶ ଗ୍ରୁପର ନିର୍ଦ୍ଦେଶକ ଭି ଶ୍ରୀନିବାସ, ପର୍ଯ୍ୟଟନ ସହ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ମାମିନୀ ପରଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ଟୁର୍ ଆଣ୍ଡ ଟ୍ରାଭେଲ୍ସ ସଂସ୍ଥା ଉପରେ ଚଢ଼ାଉ

**ପୁରୀ,୨୭।୧(ଅଜିତ୍ କୁମାର ମହାନ୍ତି)**

ପୁରୀରେ ବିନା ପଞ୍ଜିକରଣରେ ଶତାଧିକ ଟୁର୍ ଆଣ୍ଡ ଟ୍ରାଭେଲ୍ସ ସଂସ୍ଥା ଖୋଲି ଅନେକ ପର୍ଯ୍ୟଟକଙ୍କୁ ଠକେଇ ଓ ଦୁର୍ବ୍ୟବହାର କରୁଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ମଙ୍ଗଳବାର ପୋଲିସ ପକ୍ଷରୁ ପୁଣି ବେଆଇନ ଟୁର ଆଣ୍ଡ ଟ୍ରାଭେଲ୍ସ ସଂସ୍ଥା ଉପରେ ପୁରୀ ପୋଲିସର ପକ୍ଷରୁ ଚଢ଼ାଉ କରାଯାଇଛି। ପୁରୀ ଏକ ପର୍ଯ୍ୟଟନସ୍ଥଳ ସହ ସନାତନ ହିନ୍ଦୁଧର୍ମର ଚାରିଧାମ ମଧ୍ୟରୁ ପ୍ରମୁଖ ଧାମ। ତେଣୁ ମହାପ୍ରଭୁଙ୍କ ଦର୍ଶନ କରିବା ସହ ବେଳାଭୂମିର ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ପ୍ରତିଦିନ ପୁରୀକୁ ଲକ୍ଷାଧିକ ଭକ୍ତ ପୁରୀକୁ ଆସିଥାନ୍ତି। ତେବେ ଏହାର ସୁଯୋଗ ନେଇ ପୁରୀ ସହରରେ ଛତୁ ଫୁଟିଲା ଭଳି ଟୁର୍ ଆଣ୍ଡ ଟ୍ରାଭେଲ୍ସ ସଂସ୍ଥା ଖୋଲିବାରେ ଲାଗିଛି। ବେଆଇନ ଟୁର ଆଣ୍ଡ ଟ୍ରାଭେଲ୍ସ ସଂସ୍ଥାମାନେ ବ୍ୟବସାୟ ଆଳରେ ପୁରୀକୁ ଆସୁଥିବା ଯାତ୍ରୀ ଓ ପର୍ଯ୍ୟଟକଙ୍କୁ ଠକେଇ ସହିତ ମାନସିକ ନିର୍ଯାତନା ଏବଂ ଦୁର୍ବ୍ୟବହାର କରୁଥିବା ନେଇ ଅଭିଯୋଗ ଆସିବା ପରେ ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶ କ୍ରମେ ଚଢ଼ାଉ ଅଭିଯାନ ଆରମ୍ଭ ହୋଇଛି।

ଅତିରିକ୍ତ ଏସ୍‌ପି, ଡିଏସ୍‌ପିଙ୍କ ନେତୃତ୍ୱରେ ବିଜିନ ଟୁର୍ ଆଣ୍ଡ ଟ୍ରାଭେଲ୍ସ ସଂସ୍ଥା ଉପରେ ଚଢ଼ାଉ ଜାରି ରହିଛି। କିଛି ବ୍ୟକ୍ତିଙ୍କୁ ଅଟକ ରଖାଯାଇ କାଗଜପତ୍ର ଯାଞ୍ଚ କରୁଛି ପୋଲିସ। ପୋଲିସର ଏଭଳି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ଟୁର୍ ଆଣ୍ଡ ଟ୍ରାଭେଲ୍ସ ଏଜେନ୍ସି ଓ ବୁଦ୍ଧିଜୀବୀ। ଅନେକ ଟୁର୍ ଆଣ୍ଡ ଟ୍ରାଭେଲ୍ସ ସଂସ୍ଥା ପର୍ଯ୍ୟଟକଙ୍କୁ ଠକେଇ କରୁଥିବା ଯୋଗୁ ପୁରୀ ସହର ବଦ୍‌ନାମ ହେଉଛି। ବାହାରୁ ଆସୁଥିବା ପର୍ଯ୍ୟଟକମାନେ ଏକ ଖରାପ ଅନୁଭୂତି ନେଇ ଫେରୁଛନ୍ତି, ଯାହାକି ପର୍ଯ୍ୟଟନ ଶିଳ୍ପ ଉପରେ ଖରାପ ପ୍ରଭାବ ପକାଉଛି ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ଏସପି ସିଂ କହିଛନ୍ତି, ପର୍ଯ୍ୟଟକଙ୍କ ସୁରକ୍ଷାକୁ ଆମେ ସର୍ବାଧିକ ଗୁରୁତ୍ୱ ଦେଉଛୁ। କୌଣସି ପର୍ଯ୍ୟଟକ ଠକେଇର ଶିକାର ହେଲେ ତୁରନ୍ତ ପୋଲିସକୁ ଅଭିଯୋଗ କରନ୍ତୁ। ପୋଲିସ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ନକଲି ଟୁର୍ ଆଣ୍ଡ ଟ୍ରାଭେଲ୍ସ ଏଜେନ୍ସି ଖୋଲି ପର୍ଯ୍ୟଟକଙ୍କୁ ଠକେଇ, ଶୋଷଣ ସହିତ ଦୁର୍ବ୍ୟବହାର କରୁଥିବା ଲୋକଙ୍କ ଉପରେ ପୁରୀ ପୋଲିସ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

**ପୁରୀ,୨୭।୧(ଅଜିତ୍ କୁମାର ମହାନ୍ତି)**

ଅପରରେଶନ ଚକ୍ର ଆଧାରରେ ନିଶା ବ୍ୟବସାୟୀଙ୍କ ବିରୋଧରେ ପୋଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। କୁମ୍ଭାରପଡ଼ା ପୋଲିସ ଦ୍ୱାରା ୧୪ ଗ୍ରାମର ବ୍ରାଉନ୍ ସୁଗାର ଜବତ କରାଯିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ପୋଲିସ ପକ୍ଷରୁ ପାଟ୍ରୋଲିଂ ସମୟରେ ବିଶେଷ ସୂତ୍ରରୁ ଖବରପାଇ ରେଲ୍‌ୱେ ଯାତ୍ରୀନିବାସ ନିକଟରେ ଚଢ଼ାଉ କରି ସେଚନ କୁମାର ଦାସ(୩୭)ଙ୍କୁ ଗିରଫ କରିଥିଲା। ତାଙ୍କ ଠାରୁ ପୋଲିସ ୧୪ ଗ୍ରାମ ଓଜନର ବ୍ରାଉନ୍ ସୁଗାର ଜବତ କରିଛି। ଏନେଇ କେସ ନଂ ୪୯/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

### ମନ୍ଦିରରୁ ମୂର୍ତ୍ତି ଓ ହୁଣ୍ଡି ଚୋରି

**ପୁରୀ,୨୭।୧(ଅଜିତ୍ କୁମାର ମହାନ୍ତି)**

କିଛିଦିନର ବ୍ୟବଧାନ ପରେ ପୁଣି ମୂର୍ତ୍ତିଚୋରି ଘଟଣା ନଜରକୁ ଆସିଛି। ସଦର ଥାନା ଅନ୍ତର୍ଗତ ମଙ୍ଗଳାଘାଟ ନିକଟ ଥିବା ବାଲି କପିଳେଶ୍ୱର ମନ୍ଦିରରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ସୋମବାର ବିଳମ୍ବିତ ରାତିରେ ମନ୍ଦିର ପରିସରରୁ କେହି ଦୁର୍ବୃତ୍ତ ଶିବପାର୍ବତୀଙ୍କ ମୂର୍ତ୍ତି ସହ ହୁଣ୍ଡି ଚୋରି କରିଥିବା ଜଣାପଡ଼ିଛି। ଏନେଇ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ସୂଚନାଯୋଗ୍ୟ, ପୂଜକ ମଙ୍ଗଳବାର ମନ୍ଦିରକୁ ଆସି ଦେଖିଥିଲେ ଯେ ମନ୍ଦିରରୁ ଚୋରି ହୋଇଛି। ସେ ଏନେଇ ଅନ୍ୟମାନଙ୍କୁ ଜଣାଇବା ସହ ପୋଲିସକୁ ସୂଚନା ଦେଇଥିଲେ। ଖବରପାଇ ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ପଚରାଉଚରା କରିଛି।

### ଅନାଥ ଶିଶୁଙ୍କୁ ଖାଦ୍ୟ ବଣ୍ଟନ

**ଅସ୍ତରଙ୍ଗ,୨୭।୧(ମମତା ଜେନା)**

ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଐଶାନେଶ୍ୱର ବିଦ୍ୟାପୀଠ, ଅଠଡିରାର ୨୦୧୧ ମାଟ୍ରିକ୍ ବ୍ୟାଚ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଖଣ୍ଡଗିରି ଅଞ୍ଚଳର କୋଲଥିଆସ୍ଥିତ ସୁଭଦ୍ରା ମହତାବ ସେବା ସଦନରେ ରହୁଥିବା ଅନାଥ ଶିଶୁମାନଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା। ସାମାଜିକ କର୍ମୀ ସମ୍ବିତ ବେହେରା ଓ ତୋଫାନ ବେହେରାଙ୍କ ନେତୃତ୍ୱରେ ବିରଜା ପ୍ରସାଦ କର, ଅଚ୍ୟୁତାନନ୍ଦ ବିଶ୍ୱାଳ, ଯାଜ୍ଞସେନୀ ସ୍ୱାଇଁ, ଆଲିଶା ପ୍ରିୟଦର୍ଶିନୀଙ୍କ ସହ ବ୍ୟାଚ୍‌ର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# କୋଣାର୍କ ନାଟ୍ୟ ମଣ୍ଡପରେ ଉତ୍କଳ ପାଲା ମହୋତ୍ସବ

**କୋଣାର୍କ,୨୭।୧(ଜ୍ୟୋତିରାଜ ମହାନ୍ତି)**

କୋଣାର୍କସ୍ଥିତ ସ୍ୱର୍ଗତ ଗୁରୁ ପଦ୍ମଶ୍ରୀ ଗଙ୍ଗାଧର ପ୍ରଧାନଙ୍କ ନାଟ୍ୟମଣ୍ଡପଠାରେ ଶ୍ରୀଜଗନ୍ନାଥ ରାଜ୍ୟ ପାଲା ଗବେଷଣା କେନ୍ଦ୍ର ଓ ତାଲିମ କେନ୍ଦ୍ର ଆନୁକୂଲ୍ୟରେ ଉତ୍କଳ ପାଲା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀନୀଳାଚଳ ନିଖିଳୋତ୍କଳ ପାଲାଗାୟକ ପରିଷଦର ସଭାପତି ମଦନମୋହନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଡାକ୍ତର ରବି ନାରାୟଣ ପଣ୍ଡା, ପଦ୍ମନାଭ ସେଠୀ, ଭ୍ରମରବର ପ୍ରଧାନ, ସୁଦର୍ଶନ ମହାପାତ୍ର, ପ୍ରତାପ ଚନ୍ଦ୍ର ପ୍ରଧାନ, ସନ୍ତୋଷ ପଟ୍ଟନାୟକ, ପ୍ରଫେସର ନିରୋଦ ଦାସ, ସାଂସ୍କୃତିକ ପାଲା ଗାୟକ ଗଦାଧର ଦାସ, ମନୋଜ ମିଶ୍ର, ସନ୍ତୋଷ କୁମାର ମହାପାତ୍ର ଓ ଜ୍ୟୋତ୍ସ୍ନାରାଣୀ ଦାସ ପ୍ରମୁଖ ଯୋଗ ଦେଇ ସାମ୍ପ୍ରତିକ ସମୟରେ ପାଲା ସଂସ୍କୃତିର ବହୁଳ ପ୍ରସାରଣ ଓ ଉକ୍ତ ସଂସ୍କୃତି ଏବଂ ପରମ୍ପରାର ପୁନରୁଦ୍ଧାର ଦିଗରେ ସରକାରଙ୍କ ଆନ୍ତରିକତାଭାବ ଏବଂ ଆର୍ଥିକ ପ୍ରୋତ୍ସାହନ ଏକାନ୍ତ ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ଗାୟକ ଆନନ୍ଦ ବସନ୍ତ କୁମାର ରାଉତଙ୍କ ଜନ୍ମୋତ୍ସବ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ୧୫ଜଣ ବ୍ୟକ୍ତିବିଶେଷଙ୍କୁ ସେମାନଙ୍କର ପାଲା ସଂସ୍କୃତି ପାଇଁ ପ୍ରଚାର, ପ୍ରସାର ଓ ଉଲ୍ଲେଖନୀୟ ଅବଦାନ ପାଇଁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗାୟକ ବାଚସ୍ପତି ବନବିହାରୀ ଗ୍ରହାଚାର୍ଯ୍ୟ ଓ ଗାୟକ ଅତିବଡ଼ୀ ମଙ୍ଗରାଜ ବିଶ୍ୱାଳ, ପରିବେଶବିତ୍ ଉମେଶ ଚନ୍ଦ୍ର ସାଇଁ, ସନ୍ତୋଷ ବେହେରା, ଗୁରୁ ଜୟକୃଷ୍ଣ ନାୟକ ଓ ରବି ନାରାୟଣ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଉଗ୍ରସେନ ପାଢ଼ୀ ମଙ୍ଗଳାଚରଣ ପାଠ କରିଥିବା ବେଳେ ସନ୍ତୋଷ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।



ମହୋତ୍ସବରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ବାଲିଚାଲାଣ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ: ତହସିଲଦାର

**ଗୋପ,୨୭।୧ (ଭାରତୀ ଭୂଷଣ ଉପାଧ୍ୟାୟ)**

ଗୋପ ତହସିଲ କାର୍ଯ୍ୟାଳୟ ଅଧୀନ ବିଭିନ୍ନ ସରକାରୀ ଜମିରୁ ବେଆଇନ ଭାବେ ମାଟିବାଲି ଚୋରାଚାଲାଣ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଏହି ଚୋରାଚାଲାଣ ହେଉଥିବା ଗାଡ଼ିଗୁଡ଼ିକୁ ଜବତ କରାଯିବ ବୋଲି ମଙ୍ଗଳବାର ଗୋପ ତହସିଲ୍‌ଦାର ସୂର୍ଯ୍ୟଶଙ୍କର ଦାଶ କହିଛନ୍ତି। ସୋମବାର ଓ ମଙ୍ଗଳବାର ୨ଟି ବେଆଇନ ବାଲି ନେଉଥିବା ହାଇୱାକୁ ପୋଲିସ ଜବତ କରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, କିଛିଦିନ ଧରି ଗୋପ ତହସିଲ୍ କାର୍ଯ୍ୟାଳୟ ଅଧୀନ ଗୋପ, ଗଣେଶ୍ୱରପୁର, ଅଣ୍ଡରା-ଇଚ୍ଛାପୁର, କୁଆଁପଡ଼ା, ନାଗପୁର ପଞ୍ଚାୟତ ସହିତ ଆଉ କେତେକ ପଞ୍ଚାୟତରେ ବିଭିନ୍ନ ସମୟରେ ବେଆଇନ ଭାବେ କେତେକ ସରକାରୀ ଜମିରୁ ମାଟି ଉଠାଯାଉଛି। ଏମିତିକି କେତେକ ସ୍ଥାନରେ ଜଳସମ୍ପଦ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କାର ନଦୀବନ୍ଧ, କେନାଲ ବନ୍ଧ କାର୍ଯ୍ୟ ହେଉଥିବା ବେଳେ ସମ୍ପୃକ୍ତ ଠିକାଦାରମାନେ ସ୍ଥାନୀୟ ଲୋକଙ୍କ ସହାୟତାରେ ସରକାରୀ ଜମିରୁ ମାଟି ଉଠାଉଛନ୍ତି। ସେହିପରି ବିଳମ୍ବିତ ରାତ୍ର ସହିତ ଭୋର୍ ସମୟରେ ହାଇୱା ମାଧ୍ୟମରେ ବାଲି ଚୋରାଚାଲାଣ ହେଉଛି। ଏହି ସବୁ ଗାଡ଼ି ସହିତ ବେଆଇନ ଭାବେ ମାଟି ଉଠା ଯାଉଥିବା ଟ୍ରାକ୍ଟର ଓ ଜେସିବି ମେଶିନକୁ ଦରକାର ପଡ଼ିଲେ ଜବତ କରାଯିବ ବୋଲି ତହସିଲ୍‌ଦାର ସୂର୍ଯ୍ୟଶଙ୍କର ଦାଶ ସୂଚନା ଦେଇଛନ୍ତି। ବେଆଇନ ଭାବେ ବାଲି ବୋଝେଇ ୨ଟି ହାଇୱାକୁ ଜବତ କରାଯାଇ ଗୋପ ପୋଲିସକୁ ହସ୍ତାନ୍ତର କରାଯାଇଛି।

# ନିମାପଡ଼ା ବାର୍ ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧନା




ସମାରୋହରେ ମଞ୍ଚାସୀନ ବିଚାରପତି ଓ ଓକିଲ ସଂଘର କର୍ମକର୍ତ୍ତାବୃନ୍ଦ।

**ନିମାପଡ଼ା,୨୭।୧(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ବାର୍ ଆସୋସିଏଶନ ପକ୍ଷରୁ ଏକ ସମ୍ବର୍ଦ୍ଧନା ସମାରୋହ ସୋମବାର କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଅତିଥି ଭାବେ ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ) ସୌମ୍ୟକ ପାତ୍ର, ସିଭିଲ୍ ଜଜ୍ ଜୁନିୟର ଡିଭିଜନ ସୌମ୍ୟା ରାୟ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ (ଜେଏମ୍‌ଏଫ୍‌ସି) ହର୍ଷିତା ମିଶ୍ର, ଜେଏମ୍‌ଏଫ୍‌ସି ସୌରଭ ସାଗର ପ୍ରଧାନ, ନିମାପଡ଼ା ବାର୍ ଆସୋସିଏଶନର ସଭାପତି ଅଭିମନ୍ୟୁ ସ୍ୱାଇଁ, ସମ୍ପାଦକ ପ୍ରଭାତ ନାୟକ, ଜୁଡିସିଆଲ୍ ବାର ଆସୋସିଏଶନର ସଭାପତି ବାମନ ଚରଣ ନାୟକ, ସମ୍ପାଦକ ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଯୋଗଦେଇ ବରିଷ୍ଠ ଆଇନଜୀବୀ ରାମକୃଷ୍ଣ ମିଶ୍ରଙ୍କ ଜୀବନ ଶୈଳୀ, କାର୍ଯ୍ୟଧାରା, ଜନସମ୍ପର୍କ, ଉତ୍ତମ ବ୍ୟବହାର ଦିଗରେ ଆଲୋକପାତ କରିଥିଲେ।

ବରିଷ୍ଠ ଆଇନଜୀବୀ ରାମକୃଷ୍ଣ ମିଶ୍ର ଓକିଲାତି ଜୀବନର ୫୦ବର୍ଷ ପୂର୍ତ୍ତି ଅବସରରେ ମଞ୍ଚାସୀନ ସମସ୍ତ ଅତିଥି, ବାର୍ ଆସୋସିଏଶନର କର୍ମକର୍ତ୍ତା, ନିମାପଡ଼ା କୋର୍ଟର ବରିଷ୍ଠ ଆଇନଜୀବୀ ମୃତ୍ୟୁଞ୍ଜୟ ଦାଶ, ପ୍ରତାପ ପଣ୍ଡା, ପ୍ରଶାନ୍ତ ମିଶ୍ର, ବ୍ରହ୍ମାନନ୍ଦ ପ୍ରଧାନ, ଦିଲୀପ ପଟ୍ଟନାୟକ, ମୋହରିର ବଟକୃଷ୍ଣ ମହାନ୍ତି ପ୍ରମୁଖ ଉଦ୍‌ବୋଧନ ଦେଇ ଆଇନଜୀବୀ ରାମକୃଷ୍ଣ ମିଶ୍ର ଆଇନଜୀବୀ ଭାଇଙ୍କ ପାଇଁ ପଥ ପ୍ରଦର୍ଶକ ଓ ପ୍ରେରଣାଦାୟକ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ବିଚାରପତି ଓ ଶତାଧିକ ଆଇନଜୀବୀ ବରିଷ୍ଠ ଆଇନଜୀବୀ ରାମକୃଷ୍ଣ ମିଶ୍ରଙ୍କୁ ୫୦ବର୍ଷ ପୂର୍ତ୍ତି ଅବସରରେ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସମାରୋହରେ ନିମାପଡ଼ା କୋର୍ଟ ଓ ତହସିଲ୍ କୋର୍ଟର ବହୁ ଆଇନଜୀବୀ ଯୋଗ ଦେଇଥିଲେ।

# ପଠାଣି ସାମନ୍ତ ମେଧାବୃତ୍ତି ପ୍ରଶ୍ନପତ୍ର ଲିକ୍ ସନ୍ଦେହ

**ବ୍ରହ୍ମଗିରି,୨୭।୧(ସ୍ୱାଧୀନ ଚମ୍ପତିରାୟ)**

ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା ପରିଚାଳନାରେ ତ୍ରୁଟି ଦେଖାଯାଇଛି। ପ୍ରଶ୍ନପତ୍ର ଷ୍ଟ୍ରଙ୍ଗ ରୁମ୍‌ରେ ନ ରହି ସମ୍ପୃକ୍ତ କେନ୍ଦ୍ରର ପ୍ରଧାନଶିକ୍ଷକଙ୍କ ଘରେ ଥିଲା। ଜିଲା ଶିକ୍ଷାଧିକାରୀଙ୍କ ହସ୍ତକ୍ଷେପ ପରେ ପ୍ରଶ୍ନପତ୍ର ଷ୍ଟ୍ରଙ୍ଗରୁମରେ ରହିବା ସାଧାରଣରେ ପରୀକ୍ଷା ପରିଚାଳନା ପ୍ରତି ସନ୍ଦେହ ସୃଷ୍ଟି କରିଛି।

ସୂଚନାଯୋଗ୍ୟ, ବୁଧବାର ସକାଳ ୮ଟାରେ ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା। ଏନେଇ ବ୍ରହ୍ମଗିରି ସ୍ଥିତ ପିଏମଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟ ବ୍ରହ୍ମଗିରିରେ ଛାତ୍ରୀଛାତ୍ରଙ୍କ ପାଇଁ ପରୀକ୍ଷା କେନ୍ଦ୍ର କରାଯାଇଛି। ଷ୍ଟେଜ୍-୧ରେ ୯୦ ଓ ଷ୍ଟେଜ୍-୨ରେ ୫୦ ଜଣ ଛାତ୍ରୀଛାତ୍ର ମୋଟ ୧୪୦ ଜଣ ପରୀକ୍ଷା ଦେବେ। ନିୟମ ଅନୁଯାୟୀ ପ୍ରଶ୍ନପତ୍ର ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଆସି ଷ୍ଟ୍ରଙ୍ଗରୁମରେ ରହିବ। ପାଖ ପରୀକ୍ଷା କେନ୍ଦ୍ର ରେବଣା ନୂଆଗାଁ ହାଇସ୍କୁଲରେ ପ୍ରଶ୍ନପତ୍ର ପହଞ୍ଚିଥିବାବେଳେ ବ୍ରହ୍ମଗିରି ହାଇସ୍କୁଲରେ ମଙ୍ଗଳବାର ରାତି ୮ଟା ସୁଦ୍ଧା ପ୍ରଶ୍ନପତ୍ର ଆସି ପହଞ୍ଚି ନ ଥିଲା। ଏହି ଘଟଣା ଭାଇରାଲ୍ ପରେ ରାତି ସାଢ଼େ ୮ଟାରେ ପରୀକ୍ଷା କେନ୍ଦ୍ରରେ ପହଞ୍ଚିଲେ ଜିଲା ଶିକ୍ଷାଧିକାରୀ। ପ୍ରଧାନଶିକ୍ଷକଙ୍କୁ ଫୋନ୍ କଲା ପରେ ପ୍ରଧାନଶିକ୍ଷକ ପ୍ରଶ୍ନପତ୍ର ବ୍ୟାଗ ଆଣି ଷ୍ଟ୍ରଙ୍ଗରୁମରେ ରଖିଥିଲେ। ଏତେରାତି ପର୍ଯ୍ୟନ୍ତ ପ୍ରଧାଶିକ୍ଷକ ପ୍ରଶ୍ନପତ୍ର ଷ୍ଟ୍ରଙ୍ଗରୁମରେ ନ ରଖି ନିଜପାଖରେ କେତେ ସୁରକ୍ଷିତ ରଖିଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଷ୍ଟ୍ରଙ୍ଗ୍ ରୁମ୍‌ରେ ନ ରଖି ନିଜ ପାଖରେ କାହିଁକି ରଖିଥିଲେ ବୋଲି ସନ୍ଦେହ କରାଯାଉଛି।

ଏହି ଘଟଣା ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ସମ୍ପୃକ୍ତ ପ୍ରଧାନଶିକ୍ଷକ ଏହି ପ୍ରଶ୍ନପତ୍ର ଗ୍ରହଣ କରିଛନ୍ତି। କିନ୍ତୁ ଆଜି ଏକ ମିଟିଂ ରହିଥିଲା। ସେଥିରେ ସେ ମୋ ସହିତ ଦିନ ୨ଟାରୁ ୬ଟା ପର୍ଯ୍ୟନ୍ତ ରହିଥିଲେ। ଏବେ ଆଣି ପ୍ରଶ୍ନପତ୍ର ଷ୍ଟ୍ରଙ୍ଗ ରୁମରେ ରଖିଛନ୍ତି। ପ୍ରଶ୍ନପତ୍ର ରିସିଭ୍ କଲାପରେ ଷ୍ଟ୍ରଙ୍ଗ ରୁମ୍‌ରେ ସଙ୍ଗେ ସଙ୍ଗେ ରଖିବା କଥା। କିନ୍ତୁ ସେ ରଖି ନ ଥିଲେ। ଏଇଟା ତାଙ୍କର ତ୍ରୁଟି। କିନ୍ତୁ ପ୍ରଶ୍ନପତ୍ର ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି। ଏ ସମ୍ପର୍କରେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିବାକର ଦଳାଇଙ୍କ ମୋବାଇଲ୍ ନଂ ୯୯୩୮୪୯୯୧୩୧ରେ ଯୋଗାଯୋଗ କରିବାରେ ତାହା ସୁଇଚ୍ ଅଫ ଥିଲା।

# ସୁରଜମଲ୍ଲ ଶାହା ମହାବିଦ୍ୟାଳୟର ୪୬ତମ ବାର୍ଷିକ ଉତ୍ସବ

**ପୁରୀ,୨୭।୧(ଅଜିତ୍ କୁମାର ମହାନ୍ତି)**

ପୁରୀ ସୁରଜମଲ୍ଲ ଶାହା ମହାବିଦ୍ୟାଳୟର ୪୬ତମ ବାର୍ଷିକ ଉତ୍ସବ ମଙ୍ଗଳବାର ମହାବିଦ୍ୟାଳୟଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ଡ. ସମ୍ବିତ ପାତ୍ର, ମୁଖ୍ୟବକ୍ତା ଭାବେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ଛାତ୍ରୀଛାତ୍ର ତଥା ମହାବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ବହୁ ମୂଲ୍ୟବାନ ଉପଦେଶ ଦେଇଥିଲେ। ଅଧ୍ୟକ୍ଷ ଶରତ କୁମାର ସାହୁ ସଭାରେ ସ୍ୱାଗତ ଭାଷଣ ଦେବା ସହ ମହାବିଦ୍ୟାଳୟର ଅଭାବ ଅସୁବିଧା ସମ୍ପର୍କରେ ଅତିଥିଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରାଧ୍ୟାପିକା ସୁଜାତା ବେହେରା ମହାବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ।

ପ୍ରାଧ୍ୟାପିକା ସୁଜାତା ବେହେରା, ଅଧ୍ୟାପିକା ସଙ୍ଗୀତା ମିଶ୍ର, ଅଧ୍ୟାପକ ଡ. ଦୀପ୍ତି ପ୍ରସାଦ ମହାନ୍ତି, ଅଧ୍ୟାପିକା ସ୍ମୃତିକଳା ମହାନ୍ତି ଓ ଅଧ୍ୟାପିକା ସିଦ୍ଧେଶ୍ୱରୀ ପ୍ରଧାନ ପ୍ରମୁଖ ସଭା ପରିଚାଳନା କରିଥିଲେ। ଏହି ଅବସରରେ ପ୍ରାକ୍ତନ ଛାତ୍ରୀଛାତ୍ର, ପୂର୍ବତନ ପରିଚାଳନା ସମିତି ସଦସ୍ୟ ଓ ଅବସରପ୍ରାପ୍ତ ଅଧ୍ୟକ୍ଷ, ଅଧ୍ୟକ୍ଷା, ଶିକ୍ଷକ ଓ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ। ପ୍ରାଧ୍ୟାପକ ସୁଶାନ୍ତ ମହାପାତ୍ର, ପ୍ରାଧ୍ୟାପକ ଅଜୟ କୁମାର ପାଣି, ଅଧ୍ୟାପକ ଧର୍ମେନ୍ଦ୍ର କୁମାର ପଟ୍ଟନାୟକ, ଅଧ୍ୟାପକ ରାଧାଶ୍ୟାମ ପଲାଇ, ଅଧ୍ୟାପକ ନଳିନୀକାନ୍ତ ପଟ୍ଟନାୟକ, ଅଧ୍ୟାପକ ଅଜିତ କୁମାର ଦଳାଇ, ଅଧ୍ୟାପିକା ହରପ୍ରିୟା ମହାରଣା, ଅଧ୍ୟାପକ ରବିନାରାୟଣ ମହାପାତ୍ର, ବଡ଼ବାବୁ ବଳରାମ ମିଶ୍ର, ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଓ ସମସ୍ତ ଛାତ୍ରୀଛାତ୍ର ପରିଚାଳନାରେ ସହଯୋଗ କରିଥିଲେ।



ବାର୍ଷିକ ଉତ୍ସବରେ ଛାତ୍ରୀଛାତ୍ରଙ୍କ ଗହଣରେ ଏମ୍‌ପି ସମ୍ବିତ ପାତ୍ର ଓ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆଙ୍କ ସମେତ ଅନ୍ୟମାନେ ।

# ୫ ବର୍ଷରେ ରାଜ୍ୟରେ ଭୂମିହୀନ ରହିବେ ନାହିଁ

### ରାଜସ୍ୱ ମନ୍ତ୍ରୀଙ୍କ ଦ୍ୱାରା ପଟ୍ଟା ବଣ୍ଟନ

**ପୁରୀ,୨୭।୧(ଅଜିତ୍ କୁମାର ମହାନ୍ତି)**

ରାଜ୍ୟ ସରକାରଙ୍କ ପକ୍ଷରୁ ଭୂମିହୀନଙ୍କୁ ଚିହ୍ନଟ କରି ଆଗାମୀ ୫ବର୍ଷ ମଧ୍ୟରେ ସମସ୍ତଙ୍କୁ ଜମି ପଟ୍ଟାଦେବାର ବ୍ୟବସ୍ଥା କରାଯାଇଛି। ସେହିପରି ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସମସ୍ତ ଶିକ୍ଷାନୁଷ୍ଠାନ ନାମରେ ଜମିପଟ୍ଟା ଦିଆଯିବ। ଆବଶ୍ୟକସ୍ଥଳେ ପିଲାଙ୍କ ଖେଳପଡ଼ିଆ ପାଇଁ ଅଧିକ ଜମି ଯୋଗାଇ ଦିଆଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ସାଧାରଣତନ୍ତ୍ର ଦିବସ ଅବସରରେ ସଂସ୍କୃତି ଭବନ ଠାରେ ବସୁନ୍ଧରା ଯୋଜନାରେ ପୁରୀ ଜିଲାର ୧୪ ଭୂମିହୀନ ଓ ୨୦ଟି ଶିକ୍ଷାନୁଷ୍ଠାନକୁ ମନ୍ତ୍ରୀ ପୂଜାରୀ ପଟ୍ଟା ବଣ୍ଟନ କରିଥିଲେ। ଶତାଧିକ ବର୍ଷ ପୁରୁଣା ପୁରୀ ଜିଲା ସ୍କୁଲ, ବିଶ୍ୱମ୍ଭର ବିଦ୍ୟାପୀଠ ନାମରେ ଏ ପର୍ଯ୍ୟନ୍ତ ଜମିପଟ୍ଟା ହୋଇ ନ ଥିବା ସମ୍ପର୍କରେ ମନ୍ତ୍ରୀ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ସେହି ବିଦ୍ୟାଳୟ ସହ ଅନ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକୁ ଜମିପଟ୍ଟା ପ୍ରଦାନ କରିଥିବାରୁ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା ମନ୍ତ୍ରୀ ଓ ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ।

ଏହି ଅବସରରେ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଭୂମିହୀନ ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ନିଜ ନାମରେ ଜମିପଟ୍ଟା ପ୍ରଦାନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିବା ସହ ସମସ୍ତଙ୍କ ସହଯୋଗ ଏହାକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରିଥିଲେ। ପ୍ରାରମ୍ଭରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସମସ୍ତଙ୍କୁ ସ୍ୱାଗତ ସହ ଜିଲାରେ ବସୁନ୍ଧରା ଯୋଜନାର ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ମନ୍ତ୍ରୀ ପୂଜାରୀ ହିତାଧିକାରୀମାନଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ଶେଷରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପଜିଲାପାଳ ରାଜକିଶୋର ଜେନା, ତହସିଲ୍‌ଦାର ଅଭିଷେକ ଦାଶ, ସତ୍ୟବାଦୀ ସନ୍ତୋଷ କୁମାର ପାଣିଗ୍ରାହୀ, ବ୍ରହ୍ମଗିରି ଶଶିଭୂଷଣ ମିଶ୍ର, କଣାସ ତହସିଲ୍‌ଦାର ହିମାଂଶୁ ଗିରି, ଅତିରିକ୍ତ ତହସିଲ୍‌ଦାର ଓ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



ପଟ୍ଟାବଣ୍ଟନ ଉତ୍ସବରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ସୁନୀଲ କୁମାର ମହାନ୍ତିଙ୍କ ସମେତ ଅନ୍ୟମାନେ ।

# ଆଜି ସନ୍ଧ୍ୟା ୬ରୁ ରାତି ୧୦ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଦର୍ଶନ ବନ୍ଦ

## ବନକଲାଗି ନୀତି ହେବ

ପୁରୀ,୨୭।୧(ଅଜିତ୍ କୁମାର ମହାନ୍ତି)

ମାଘ ଶୁକ୍ଳପକ୍ଷ ଦଶମୀ ତିଥି ବୁଧବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କର ବନକ ଲାଗି ନୀତି ଅନୁଷ୍ଠିତ ହେବ। ଏହା ଗୁପ୍ତନୀତି ହୋଇଥିବାରୁ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଦଇତାମହାପାତ୍ର ସେବକମାନେ ନୀତି ଶେଷ କରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହଙ୍କର ମହାସ୍ନାନ ନୀତି ସମ୍ପନ୍ନ କରାଯିବା ପରେ ଅନ୍ୟାନ୍ୟ ନୀତି ବଢ଼ିବା ସହ ପୁନର୍ବାର ଦର୍ଶନ ଆରମ୍ଭ ହେବ।

# ୪୨ ପୋଲିସ ଅଧିକାରୀଙ୍କୁ ରାଷ୍ଟ୍ରପତି, ରାଜ୍ୟପାଳ ପଦକ

ଭୁବନେଶ୍ୱର,୨୭।୧(ତ୍ରିନାଥ ମହାନ୍ତି)

ସାଧାରଣତନ୍ତ୍ର ଦିବସ ଅବସରରେ ସୋମବାର ସେବା ଓ ସାହସ ପାଇଁ ୪୨ ଜଣ ପୋଲିସ ଅଫିସର ଏବଂ କର୍ମଚାରୀଙ୍କୁ ପୋଲିସ ପଦକ ପ୍ରଦାନ କରାଯାଇଛି। ଲୋକସେବା ଭବନରେ ପୋଲିସ, ଅଗ୍ନିଶମ, କଏଦୀ ଓ କାରାଗାର ବିଭାଗର କର୍ମଚାରୀଙ୍କୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ସମ୍ମାନିତ କରିଛନ୍ତି। ସାହସିକତା ପାଇଁ ରାଷ୍ଟ୍ରପତି ପଦକରେ ୯ ଜଣ ପୋଲିସ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଛି। ଏଥିସହ ବିଶିଷ୍ଟ ସେବା ପାଇଁ ୨ ପୋଲିସ ସମେତ ଜଣେ ଅଗ୍ନିଶମ ଓ ଜଣେ ଜେଲ କାରାଗାର ବିଭାଗର କର୍ମଚାରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି।

ସେହିପରି ଉଲ୍ଲେଖନୀୟ ସେବା ରାଷ୍ଟ୍ରପତି ପଦକ ପାଇଁ ୧୧ଜଣ ପୋଲିସଙ୍କ ସହ ୨ଜଣ ଅଗ୍ନିଶମ କର୍ମଚାରୀ, ୩ଜଣ ହୋମଗାର୍ଡ, ୨ଜଣ ଜେଲ ଓ କାରାଗାର ବିଭାଗର କର୍ମଚାରୀଙ୍କୁ ସମ୍ମାନିତ କରଯାଇଛି। ପ୍ରଶଂସନୀୟ ସେବା ପାଇଁ ରାଜ୍ୟପାଳ ପୋଲିସ ପଦକ ୨୦ ଜଣଙ୍କୁ ପ୍ରଦାନ କରିଛନ୍ତି। ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖର, କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ ନାୟକ, ପୁରୀ ଏସ୍‌ପି ପ୍ରତୀକ ସିଂ ଓ ଅତିରିକ୍ତ ଏସ୍‌ପି ଭିଜିଲାନ୍ସ ଅନୁପମା ମହାପାତ୍ର, କ୍ରାଇମବ୍ରାଞ୍ଚ ଡିଏସ୍‌ପି ସଚ୍ଚିଦାନନ୍ଦ ରଥ, ସିକ୍ୟୁରିଟି ୱିଙ୍ଗର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ପ୍ରସନ୍ନ କୁମାର ରାଉତ, ବର୍ଗ-୪ ଡିଏସ୍‌ପି ଅନସୂୟା ସେନାପତି, ବାରିପଦା ଥାନା ଅଧିକାରୀ କରୁଣାକର ରାଉତ, ରାକେଶ ପ୍ରଧାନ ଜେନା, ବର୍ଗ ୫ଏସ୍‌ଆଇ ଡି. ଗଜପ୍ତ ଦୋରା(ଗଜପତି), ପ୍ରତାପ କାଲୋ(ସୁନ୍ଦରଗଡ଼), ଶଙ୍କର ପ୍ରସାଦ ବେହେରା, ବର୍ଗ-୬ ଏଏସ୍‌ଆଇ ଅରୁଣ କୁମାର ସାମନ୍ତ, ସାଧୁ ସିଂ ସମଦ, ହାବିଲଦାର ପୋର୍ତୁରାଜ କୁର୍ମି, ବର୍ଗ-୭ କନଷ୍ଟେବଲ ଅକ୍ଷୟ କୁମାର ସାମନ୍ତ, ଫିରୋଜ କୁମାର ରାଉତ, ମନୋଜ କୁମାର ବିଶି, ଫୁଲ ପଟେଲ୍ ଏବଂ ସିପାହୀ ପବିତ୍ର କୁମାର ସାହୁଙ୍କୁ ସମ୍ମାନିତ କରାଯାଇଥିଲା।



ପୁରୀ ଏସ୍‌ପି ପ୍ରତୀକ୍ ସିଂଙ୍କୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ସମ୍ମାନିତ କରୁଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ଅଛନ୍ତି।

# ଜନଜାତିଙ୍କ ପରମ୍ପରା ସମାଜକୁ ନୂତନ ଦିଗ୍‌ଦର୍ଶନ ଦେଉଛି: ମୁଖ୍ୟମନ୍ତ୍ରୀ





ଆଦିବାସୀ ମେଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଅନ୍ୟ ଅତିଥିମାନେ ଗବେଷଣାମୂଳକ ପତ୍ରିକା 'ଆଦିବାସୀ' ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୨୭।୧
(ବନ୍ଦନା ସେଠୀ)

## ଆରମ୍ଭ ହେଲା ଆଦିବାସୀ ମେଳା

- ମେଳାରେ ୧୦୯ ଷ୍ଟଲ,୧୦ ଆଦିବାସୀ କୁଡ଼ିଆ
- ଗବେଷଣାମୂଳକ ପତ୍ରିକା 'ଆଦିବାସୀ' ଉନ୍ମୋଚିତ

ଓଡ଼ିଶା ବିବିଧ ସଂସ୍କୃତିର ଭୂମି। ଏଠାରେ ଜନଜାତି ସମ୍ପ୍ରଦାୟ ଦୀର୍ଘ ବର୍ଷ ଧରି ପ୍ରକୃତି କୋଳରେ ବସବାସ କରିଆସୁଛନ୍ତି। ସେମାନଙ୍କ ଜୀବନଶୈଳୀ, ପରମ୍ପରା ଏବଂ ଚିନ୍ତାଧାରା ସମାଜକୁ ଏକ ନୂତନ ଦିଗ୍‌ଦର୍ଶନ ଦେଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୋମବାର ୟୁନିଟ୍-୧ସ୍ଥିତ ଆଦିବାସୀ ପଡ଼ିଆରେ ଆୟୋଜିତ ଆଦିବାସୀ ମେଳାକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଲେ, ଚଳିତବର୍ଷ ମେଳାରେ ଓଡ଼ିଶାର ୬୨ଟି ଜନଜାତି ସେମାନଙ୍କର ଋଦ୍ଧିମନ୍ତ ପରମ୍ପରା, ଖାଦ୍ୟପେୟ, ପୋଷାକ, କଳା, ସଂସ୍କୃତି ଓ ଲୋକକଳାକୁ ନେଇ ଏକତ୍ରିତ ହୋଇଛନ୍ତି। ତେଣୁ ଏହି ମେଳା କେବଳ ମନୋରଞ୍ଜନ ନୁହେଁ, ଏହା ଜନଜାତି ଜୀବନର କଥା, ସଂଘର୍ଷର ଗାଥା ଓ ପ୍ରକୃତି ସହ ସେମାନଙ୍କ ସମ୍ପର୍କର ମୂଲ୍ୟବୋଧକୁ ବୁଝାଇବ। ଓଡ଼ିଶା ଜନସଂଖ୍ୟାର ଏକ ଚତୁର୍ଥାଂଶ ହେଉଛନ୍ତି ଜନଜାତି। ବିକାଶର ମୁଖ୍ୟଧାରାରେ ସାମିଲ ହେବା ସେମାନଙ୍କ ସାମ୍ବିଧାନିକ ଅଧିକାର। ରାଜ୍ୟର ଜନଜାତିମାନେ ବିଶେଷତଃ ଦକ୍ଷିଣ ଓ ଉତ୍ତର ଓଡ଼ିଶାରେ ବହୁଳ ଭାବେ ବସବାସ କରନ୍ତି। ତେଣୁ ଆଞ୍ଚଳିକ ବୈଷମ୍ୟତା ଦୂର କରିବା ପାଇଁ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଏବଂ ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ କରିବାରେ ସରକାର ବିହିତ ପଦକ୍ଷେପ ଗ୍ରହଣ କରିଛନ୍ତି। ସେହିପରି ଜନଜାତିଙ୍କ ସାମଗ୍ରିକ ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା ମଧ୍ୟ ପ୍ରଣୟନ କରାଯାଇଛି। ଗତବର୍ଷ ଆଦିବାସୀ ମେଳାରେ ୯ କୋଟି ଟଙ୍କାର ବାଣିଜ୍ୟିକ କାରବାର ହୋଇଥିବାବେଳେ ଚଳିତବର୍ଷ ଅଧିକ କାରବାର ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଏହି ମେଳା ଫେବୃଆରୀ ୫ ପର୍ଯ୍ୟନ୍ତ ଚାଲିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭାଗ ପକ୍ଷରୁ ପ୍ରକାଶିତ ଗବେଷଣାମୂଳକ ପତ୍ରିକା 'ଆଦିବାସୀ' ଉନ୍ମୋଚନ କରିଥିଲେ। ଏଥିସହ ଜନଜାତି ସମ୍ପ୍ରଦାୟଙ୍କ ମଧ୍ୟରୁ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ପ୍ରତିଭାମାନଙ୍କୁ ସମ୍ମାନିତ କରିଥିଲେ। ଚଳିତବର୍ଷ ଏହି ମେଳାରେ ୧୧୪୦ ଜଣ ଅଂଶଗ୍ରହଣକାରୀ ଯୋଗଦେଇଛନ୍ତି। ଏଥିରେ ୩୨୫ ଜଣ ସ୍ୱୟଂସହାୟକ ଗୋଷ୍ଠୀର ଆଦିବାସୀ ମହିଳା ଅନ୍ତର୍ଭୁକ୍ତ ଅଛନ୍ତି ଏବଂ ସମୁଦାୟ ୧୦୯ଟି ଷ୍ଟଲ ଖୋଲାଯାଇଛି। ୧୦ଟି ଆଦିବାସୀ କୁଡ଼ିଆ ନିର୍ମିତ ହୋଇଥିବାବେଳେ ଏଗୁଡ଼ିକ ଜନଜାତି ସମ୍ପ୍ରଦାୟଙ୍କ ଜୀବନଶୈଳୀ, ସ୍ଥାପତ୍ୟ ଓ ସାଂସ୍କୃତିକ ଅଭ୍ୟାସକୁ ପ୍ରତିଫଳିତ କରୁଛି। କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଲେ, ସଂସ୍କୃତି ହେଉଛି ଗୋଟିଏ ଜାତିର ସମୃଦ୍ଧ ଐତିହ୍ୟ, ପରମ୍ପରା ଏବଂ ସ୍ୱାଭିମାନର ବାର୍ତ୍ତାବହ। ରାଜ୍ୟ ସରକାର ଜନଜାତିଙ୍କୁ ବିକାଶର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ କାମ କରୁଛନ୍ତି। ସେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତିମାନଙ୍କ ନିମିତ୍ତ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ କମିଶନର ତଥା ଶାସନ ସଚିବ ବି. ପରମେଶ୍ୱରନ ସ୍ୱାଗତ ଭାଷଣ ଏବଂ ଏସ୍‌ସିଏସ୍‌ଟିଆର୍‌ଟିଆଇ ନିର୍ଦ୍ଦେଶକ ସୁଧାକର ଶବର ଧନ୍ୟବାଦ ଦେଇଥିଲେ।

# ମହାପ୍ରଭୁଙ୍କୁ ଦର୍ଶନ ସହ ପିଣ୍ଡଦାନ କରିବେ ରାଷ୍ଟ୍ରପତି

ପୁରୀ,୨୭।୧
(ଅଜିତ୍ କୁମାର ମହାନ୍ତି)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫେବ୍ରୁଆରୀ ୨ରୁ ୫ଦିନିଆ ଓଡ଼ିଶା ଗସ୍ତରେ ଆସିବେ। ଏହି ସମୟରେ ରାଷ୍ଟ୍ରପତି ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ପିଣ୍ଡଦାନ କରିବେ। ୩ରେ ପୁରୀ ଗସ୍ତରେ ଆସି ୪ ତାରିଖ ସକାଳେ ପିଣ୍ଡଦାନ କରିବା ସହ ମହାପ୍ରଭୁଙ୍କୁ ଦର୍ଶନ କରିବେ। ରାଷ୍ଟ୍ରପତିଙ୍କ ଶ୍ରୀମନ୍ଦିର ଗସ୍ତକୁ ନେଇ ମଙ୍ଗଳବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଛତିଶା ନିଯୋଗ ଓ ନୀତି ସବ୍‌କମିଟିର ଯୁଗ୍ମ ବୈଠକ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରସ୍ତୁତି ସମ୍ପର୍କରେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ୩ ତାରିଖ ସନ୍ଧ୍ୟାରେ ରାଷ୍ଟ୍ରପତି ପୁରୀରେ ପହଞ୍ଚିବେ। ୪ ତାରିଖ ସକାଳ ୭ଟାରେ ଶ୍ୱେତଗଙ୍ଗା ଠାରେ ପିଣ୍ଡଦାନ କରିବେ। ସେଠାରେ ପିଣ୍ଡଦାନ ନୀତି ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କୁ ଦର୍ଶନ କରିବେ। ରାଷ୍ଟ୍ରପତିଙ୍କ ଦର୍ଶନକୁ ଦୃଷ୍ଟିରେ ରଖି ସକାଳ ୬ଟାରୁ ସାଧାରଣ ଦର୍ଶନ ବନ୍ଦ ରହିବ।

# ମାର୍ଚ୍ଚ ଶେଷ ସୁଦ୍ଧା ମଇଦାନକୁ ଓହ୍ଲାଇବୁ: ମୋକିମ

କଟକ,୨୭।୧(ଶିଳ୍ପା ପ୍ରିୟଦର୍ଶିନୀ)

## ଓଡ଼ିଶା ଲୋକ କଂଗ୍ରେସ ନଚେତ୍ ଓଡ଼ିଶା ଜନତା କଂଗ୍ରେସ ହେବ ନୂଆ ଦଳର ନାଁ

ମାର୍ଚ୍ଚ ଶେଷ ସୁଦ୍ଧା ସବୁ ପ୍ରକ୍ରିୟା ଶେଷ ହେବ ଏବଂ ଆମେ ମଇଦାନକୁ ଆସିବୁ। ଦଳ ଗଠନ ପରେ ପୌର ଓ ପଞ୍ଚାୟତ ନିର୍ବାଚନରେ କେଉଁଠି ଭାଗ ନେବୁ ସେ ବିଷୟରେ ବୋର୍ଡ ନିଷ୍ପତ୍ତି ନେବ ବୋଲି ମହମ୍ମଦ ମୋକିମ ମଙ୍ଗଳବାର କହିଛନ୍ତି। ଓଡ଼ିଶା ଲୋକ କଂଗ୍ରେସ କିମ୍ବା ଓଡ଼ିଶା ଜନତା କଂଗ୍ରେସ ଏହି ଦୁଇଟି ନାଁ ମଧ୍ୟରୁ ଗୋଟିଏ ରଖାଯିବ। ଏହି ଦଳ ଓଡ଼ିଶା ଲୋକଙ୍କ ପାଇଁ କାମ କରିବ। ଓଡ଼ିଶା ଓ କଂଗ୍ରେସ ଏହି ଦୁଇଟି ନାଁକୁ କେବେ ଛାଡ଼ି ପାରିବିନି। ସମସ୍ତଙ୍କୁ ନିଆଯାଇ ଏହି ଦଳରେ କାର୍ଯ୍ୟ କରାଯିବ। ଆସନ୍ତା ୩୦ରେ ମହିଳା ସମାବେଶ କରାଯିବ। ମୋକିମ ଫାଉଣ୍ଡେଶନ ସାମାଜିକ ବ୍ୟାନରେ ଏହି କାର୍ଯ୍ୟକ୍ରମ କରାଯିବ। ରାଜ୍ୟରେ ମହିଳାଙ୍କ କ'ଣ କ'ଣ ସମସ୍ୟା ରହିଛି, ତା'କୁ ନେଇ ଆଲୋଚନା କରାଯିବ। ଆସନ୍ତା ୫ ତାରିଖରେ କୃଷକ ସମାବେଶ କରାଯିବ ଏବଂ ସେଥିରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବ। ପୂର୍ବରୁ ଯୁବ ସମାବେଶ କାର୍ଯ୍ୟକ୍ରମରେ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଯୋଗଦେବା ନେଇ ବହୁ ଚର୍ଚ୍ଚା ହୋଇଛି। ହେଲେ ସଭିଏ ଜାଣିରଖିବା ଉଚିତ୍ ଯେ ସୋଫିଆ ମୋକିମ ଫାଉଣ୍ଡେଶନର ଜଣେ ଟ୍ରଷ୍ଟି। ଫାଉଣ୍ଡେଶନର ଯାହା ବି କାର୍ଯ୍ୟ ହେବ ସୋଫିଆ ସେଥିରେ ଯୋଗଦେବେ। ହେଲେ ମୋର କୌଣସି ରାଜନୈତିକ କାରବାରରେ ସୋଫିଆଙ୍କ କୌଣସି ନେଣଦେଣ ନାହିଁ କିମ୍ବା ରାଜନୀତି ସମ୍ପର୍କରେ ସୋଫିଆ ସହ କୌଣସି ଆଲୋଚନା ମଧ୍ୟ କରେନାହିଁ। ନୂଆ ଦଳ ଗଠନ ନେଇ ମୋକିମ୍ କହିଛନ୍ତି, କଂଗ୍ରେସ ସମ୍ପର୍କରେ କୌଣସି ମତ ରଖିବାକୁ ଚାହିଁବିନି, କାରଣ ଦଳ ମୋତେ ବହିଷ୍କାର କରିଛି। ସେହିପରି ଦଳ କାର୍ଯ୍ୟାନୁଷ୍ଠାନ ନେବା ପରେ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କୁ ଭେଟିଛି। ହେଲେ ନୂଆ ଦଳ ସମ୍ପର୍କରେ କୌଣସି ଆଲୋଚନା କରାଯାଇ ନାହିଁ। ନୂଆ ଦଳ ଗଠନ ହେବ ଏଥିରେ କୌଣସି ଅତ୍ୟୁକ୍ତି ନାହିଁ। ଏହି ନୂଆ ଦଳରେ ବିଜେଡି ଓ ଭାଜପା ଦଳରେ କୋଣଠେସା ହୋଇଥିବା କର୍ମୀମାନଙ୍କୁ ପ୍ରାଧାନ୍ୟ ଦିଆଯିବ। ବିଜେଡି ଓ ଭାଜପା ଦଳର ନେତାମାନେ ମୋ ସହ ଏବେ ଯୋଗାଯୋଗରେ ରହିଛନ୍ତି। ଦଳ ଗଠନ ପାଇଁ ନିର୍ବାଚନ କମିଶନଙ୍କ ନିକଟରେ ପଞ୍ଜୀକରଣ କରିବା ପ୍ରକ୍ରିୟା ଆରମ୍ଭ କରାଯାଇଛି ବୋଲି ମୋକିମ୍ ସୂଚନା ଦେଇଛନ୍ତି।



ମହମ୍ମଦ ମୋକିମ

# ମା' ଶିକ୍ଷିତ ହେଲେ କୁପୋଷଣ ଦୂର ହେବ: ପ୍ରଭାତୀ

- ପଞ୍ଚତତ୍ତ୍ୱ ଉଦ୍ୟାନ ଉଦ୍‌ଘାଟିତ, 'ସୁଭଦ୍ରା ସାଧନ କେନ୍ଦ୍ରର' ଭିତ୍ତିପ୍ରସ୍ତର ସ୍ଥାପନ
- ରାଜ୍ୟସ୍ତରୀୟ ଓରିଏଣ୍ଟେଶନ-କମ୍-କାପାସିଟି ବିଲ୍‌ଡିଂ କର୍ମଶାଳା ଶୁଭାରମ୍ଭ

ଭୁବନେଶ୍ୱର,୨୭।୧(ସୁଚିସ୍ମିତା ସାହୁ)

ରାଜ୍ୟ ମହିଳା ଓ ଶିଶୁ ପ୍ରଶିକ୍ଷଣ କେନ୍ଦ୍ର ପରିସରରେ ମଙ୍ଗଳବାର 'ପଞ୍ଚତତ୍ତ୍ୱ ଉଦ୍ୟାନ' ଉଦ୍‌ଘାଟନ ସହ 'ସୁଭଦ୍ରା ସାଧନ କେନ୍ଦ୍ର'ର ଭିତ୍ତିପ୍ରସ୍ତର ସ୍ଥାପନ ତଥା ସୁପୋଷିତ ଓଡ଼ିଶା ମିଶନ ଅନ୍ତର୍ଗତ ରାଜ୍ୟସ୍ତରୀୟ ଓରିଏଣ୍ଟେଶନ-କମ୍-କାପାସିଟି ବିଲଡିଂର ଦୁଇଦିନିଆ କର୍ମଶାଳାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁଭାରମ୍ଭ କରିଛନ୍ତି। ଏଥିସହ 'ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା' ଅଧୀନରେ ଶିଶୁଙ୍କ ପାଇଁ ପୋଷାକ ଓ ଶୀତବସ୍ତ୍ର ମୂଲ୍ୟରେ ସଂଶୋଧନ କରି ମହିଳା ଏବଂ ଶିଶୁଙ୍କ କଲ୍ୟାଣ ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଇଛନ୍ତି।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି, ଓଡ଼ିଶାକୁ କୁପୋଷଣମୁକ୍ତ କରିବା ପାଇଁ ତୃଣମୂଳସ୍ତରରେ ମା'ମାନଙ୍କୁ ଶିକ୍ଷିତ ତଥା ସଚେତନ କରାଯିବ, ଯଦ୍ୱାରା ସେମାନେ ଶିଶୁମାନଙ୍କ ଯତ୍ନ ନେବାରେ ସହାୟକ ହୋଇପାରିବେ। ସେ ସ୍ଥାନୀୟ ଅଞ୍ଚଳରେ ଉପଲବ୍ଧ ପୁଷ୍ଟିକର ଖାଦ୍ୟର ବ୍ୟବହାର ଏବଂ 'ପଞ୍ଚତତ୍ତ୍ୱ ଉଦ୍ୟାନ' ବିଷୟରେ ଆଲୋକପାତ କରିଥିଲେ। ରାଜ୍ୟ ସରକାର ସଫଳତାର ସହ ୫୫,୦୦୦ ଅଙ୍ଗନୱାଡ଼ି କେନ୍ଦ୍ରକୁ ନିଜସ୍ୱ ଗୃହ ଯୋଗାଇ ଦେଇଛନ୍ତି। ସମାଜର ପ୍ରତ୍ୟେକ ବ୍ୟକ୍ତି ଯଦି ନିଜର ଶୁଭ ଅବସର ବା ଜନ୍ମଦିନରେ ଅଙ୍ଗନୱାଡ଼ି ଶିଶୁଙ୍କୁ ଫଳ ବାଣ୍ଟିବା ପାଇଁ ସଂକଳ୍ପ ନେବେ, ତେବେ ଓଡ଼ିଶା ଖୁବଶୀଘ୍ର ଏକ ସୁସ୍ଥ ଏବଂ ସମୃଦ୍ଧ ରାଜ୍ୟରେ ପରିଣତ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଏହି ପଞ୍ଚତତ୍ତ୍ୱ ପାର୍କ ପ୍ରକୃତିର ପାଞ୍ଚଟି ତତ୍ତ୍ୱ (ପୃଥ୍ୱୀ, ଜଳ, ଅଗ୍ନି, ବାୟୁ ଓ ଆକାଶ) ଉପରେ ଆଧାରିତ ଏକ ଚିକିତ୍ସାମୂଳକ ସ୍ଥାନ। ସେଠାରେ ଆକ୍ୟୁପ୍ରେସର ପଥ, ୱେଲନେସ୍ ହବ୍ ରହିଛି। ସେଠାରେ ସୁଭଦ୍ରା ରିସୋର୍ସ ସେଣ୍ଟର ଉଦ୍‌ଘାଟନ କରାଯାଇଛି, ଯାହା ମହିଳା ସଶକ୍ତୀକରଣ କ୍ଷେତ୍ରରେ ଏକ ପ୍ରମୁଖ ସୂଚନା ଓ ପ୍ରଶିକ୍ଷଣ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ସୁପୋଷିତ ଓଡ଼ିଶା ମିଶନ ଅନ୍ତର୍ଗତ ରାଜ୍ୟସ୍ତରୀୟ ଓରିଏଣ୍ଟେଶନ-କମ୍-କାପାସିଟି ବିଲଡିଂର ଦୁଇଦିନିଆ କର୍ମଶାଳା ମାଧ୍ୟମରେ ତୃଣମୂଳସ୍ତରରେ କର୍ମଚାରୀଙ୍କୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ କୁପୋଷଣ ମୁକ୍ତ କରାଯିବ। ଯେଉଁ କେନ୍ଦ୍ରରେ ଅତି କମ୍ ଓଜନର ଶିଶୁ ରହିବେ ନାହିଁ, ସେହି କେନ୍ଦ୍ରକୁ 'ସୁପୋଷିତ' ଘୋଷଣା କରାଯିବା ସହ କର୍ମୀଙ୍କୁ ସମ୍ମାନିତ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ଅନନ୍ତ ନାରାୟଣ ସିଂ ଲାଗୁରୀ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ସ୍ୱୟଂପ୍ରଭା ମହାନ୍ତିଙ୍କ ସମେତ ବିଭିନ୍ନ ଜିଲାର ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ଥିଲେ। ଶେଷରେ 'କୁପୋଷଣ ମୁକ୍ତ ଓଡ଼ିଶା' ପାଇଁ ସମୂହ ଶପଥ ପାଠ କରାଯାଇଥିଲା।





ପଞ୍ଚତତ୍ତ୍ୱ ଉଦ୍ୟାନକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରୁଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବାବୁ



@ ବିଜୟ



@ ଗୀତା



@ ସୁବ୍ରତ



@ ଚନ୍ଦନ



@ ଶିବରାମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆକର୍ଷଣ ସାଜିଲା 'କୋକ କୋକ କୋକୁକ'

ଭୁବନେଶ୍ୱର,୨୭।୧(ବନ୍ଦନା ସେଠୀ)

## ଭାରତୀୟ ଚଳଚ୍ଚିତ୍ର ମହୋତ୍ସବ

ଭୁବନେଶ୍ୱର ଫିଲ୍ମ ସୋସାଇଟି ଦ୍ୱାରା ଗୁରୁ କେଲୁଚରଣ ଗବେଷଣା କେନ୍ଦ୍ରରେ ଆୟୋଜିତ ୧୫ତମ ଭାରତୀୟ ଚଳଚ୍ଚିତ୍ର ମହୋତ୍ସବର ମଙ୍ଗଳବାର ଥିଲା ଷଷ୍ଠ ଦିବସ। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଫିଚର୍ ଫିଲ୍ମ, ରେଟ୍ରୋସ୍ପେକ୍ଟିଭ ଓ ଶର୍ଟ ଫିଲ୍ମଗୁଡ଼ିକ କଥାବସ୍ତୁର ବିବିଧତା ଓ ସାମାଜିକ ସଚେତନତାକୁ ପ୍ରତିବିମ୍ବିତ କରିଥିଲା। ଦିବସର ମୁଖ୍ୟ ଆକର୍ଷଣ ଥିଲା ପ୍ରସିଦ୍ଧ ମାଲାୟାଲମ ଚଳଚ୍ଚିତ୍ରକାର ଅଦୂର୍ ଗୋପାଳକୃଷ୍ଣନଙ୍କୁ ଉତ୍ସର୍ଗୀତ ରେଟ୍ରୋସ୍ପେକ୍ଟିଭ। ଏହାର ଅଂଶ ଭାବେ ତାଙ୍କର ପ୍ରଶଂସିତ ଚଳଚ୍ଚିତ୍ର ଅନନ୍ତରମ୍ (୧୯୮୭) ପ୍ରଦର୍ଶିତ ହୋଇଥିଲା। ଅନ୍ୟ ଏକ ଆକର୍ଷଣ ସାଜିଥିଲା ଜଣେ କୁକୁଡ଼ା ବ୍ୟବସାୟୀଙ୍କ କାହାଣୀ ମହର୍ଷି ଟି. କାଶ୍ୟପଙ୍କ 'କୋକ କୋକ କୋକୁକ'। କୁକୁଡ଼ା ବ୍ୟବସାୟୀ ଜଣକ ଦୁର୍ଘଟଣାରେ ଫସିବା ଭୟରୁ କିପରି ନିଜ ମୋଟରସାଇକେଲକୁ ବିକ୍ରି କରିବାକୁ ବାଧ୍ୟ ହୁଅନ୍ତି ଏବଂ ପରେ ଘଟଣାକ୍ରମରେ ତାଙ୍କର ମାନସିକ ଅବସ୍ଥାର ପରିବର୍ତ୍ତନ ହୁଏ ସେ ନେଇ ଚିତ୍ରଣ କରାଯାଇଥିଲା। ପରବର୍ତ୍ତୀ ପରିବେଷଣରେ ଥିଲା ନରେଶ କେ. ହେଗ୍‌ଡେଙ୍କ କନ୍ନଡ଼ ସିନେମା 'ଟିଙ୍ଗଲ ବେଲ୍ଟ'। ଏଥିରେ ମାଙ୍ଗଲୋରର ଏକ ଗାଁରେ ଜଣେ କିଶୋରଙ୍କ ଦ୍ରବ୍ୟ ସେବନ ସହ ସଂଘର୍ଷର କାହାଣୀ ପ୍ରଦର୍ଶିତ ହୋଇଥିଲା। ଶେଷରେ ସାଜିନ ବାବୁଙ୍କ 'ଥିଏଟର'ରେ ସ୍ଥାନୀୟ ପରମ୍ପରା, ପୌରାଣିକତା ଓ ରାଜନୀତି ଆଦି ସ୍ଥାନ ପାଇଥିଲା। ବୁଧବାର ଏହି ମହୋତ୍ସବ ଉଦ୍‌ଯାପିତ ହେବ।



ବାରବାଟୀ ଷ୍ଟାଡିୟମଠାରେ କଟକ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି।

# ଆଗାମୀ ୧୦ ବର୍ଷରେ ସମୃଦ୍ଧ ଓଡ଼ିଶା ଗଠନ ଆମର ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ

**କଟକ,୨୭ା୧(କାର୍ତ୍ତିକ ସାହୁ)**

ଆଗାମୀ ଦଶ ବର୍ଷ ମଧ୍ୟରେ ସମୃଦ୍ଧ ଓଡ଼ିଶା ଗଠନ କରିବା ଆମର ଲକ୍ଷ୍ୟ। ଯେତେବେଳେ ୨୦୩୬ ମସିହାରେ ଆମେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରିବା, ଆମ ରାଜ୍ୟ ଦେଶର ସର୍ବଶ୍ରେଷ୍ଠ ୫ଟି ରାଜ୍ୟ ମଧ୍ୟରେ ସ୍ଥାନ ପାଇଥିବ। ଏହି ସ୍ୱପ୍ନକୁ ପୂରଣ କରିବା ପାଇଁ ରାଜ୍ୟର ପ୍ରତ୍ୟେକ ନାଗରିକ, ପ୍ରତ୍ୟେକ ଅଞ୍ଚଳ, ପ୍ରତ୍ୟେକ ଜିଲା ସମୃଦ୍ଧ ହେବା ଉଚିତ। ଅନ୍ୟଥା, ଏହି ପରିକଳ୍ପନାକୁ ସାକାର କରି ହେବ ନାହିଁ। ବାରବାଟୀ ଷ୍ଟାଡିୟମଠାରେ କଟକ ଜିଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତୀୟ ପତାକା ଉତ୍ତୋଳନ କରି ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ ସମ୍ମିଳିତ ପରେଡରେ ଅଭିବାଦନ କରିଥିଲେ। ମୁଖ୍ୟମନ୍ତ୍ରୀ ମାଝୀ କହିଲେ ଯେ, ଆମେ ଇତିହାସକୁ ଗର୍ବର ସହ କାନ୍ଧରେ ବୋହି ଚାଲିଆସିଥିବା, ରୂପେଲି ନଗର କଟକର ବିଶାଳ ହୃଦୟ ଉପରେ ଠିଆ ହୋଇଛୁ। କଟକ କେବଳ ଏକ ପୁରାତନ ସହରର ନାଁ ନୁହେଁ, ଏହା ଆମ ଉତ୍କଳୀୟ ସଂସ୍କୃତି ଓ ସାମାଜିକ ପ୍ରତିବଦ୍ଧତାର ପ୍ରତୀକ। କଟକର ଏହି ଗରିମାମୟ ମାଟିର ବାରବାଟୀ ଷ୍ଟାଡିୟମରେ ଆମେ ଆଜି ଆମ ପବିତ୍ର ସମ୍ବିଧାନର ଅସୀମ ଶକ୍ତି ଓ ଦୃଢ଼ତାଭରା ସମୟକୁ ଉତ୍ସାହ ଓ ଆବେଗର ସହ ପାଳନ କରୁଛୁ। ଆମର ମୌଳିକ ଅଧିକାରର ସୁରକ୍ଷା ପାଇଁ ଆମେ ଯେପରି ସଚେତନ ରହିଛୁ, ଠିକ ସେହିପରି ଆମେ ଆମର ମୌଳିକ କର୍ତ୍ତବ୍ୟଗୁଡ଼ିକର ଅନୁପାଳନ କରିବା ପାଇଁ ମଧ୍ୟ ସଚେତନ ରହିବା ଅତ୍ୟନ୍ତ ଜରୁରୀ। ତା'ହେଲେ, ଆମେ ଏକ ଆଦର୍ଶ ଗଣତାନ୍ତ୍ରିକ ସମାଜ ଓ ଆଦର୍ଶ ରାଷ୍ଟ୍ର ଗଠନ କରିପାରିବା ବୋଲି ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି।

# ରାଜ୍ୟସ୍ତରୀୟ ପରେଡ୍ ଅଭିବାଦନ ଗ୍ରହଣ କଲେ ରାଜ୍ୟପାଳ




ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର,୨୭ା୧(ସୁଚିସ୍ମିତା ସାହୁ)**

ମହାତ୍ମା ଗାନ୍ଧୀ ମାର୍ଗରେ ସୋମବାର ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ରାଜ୍ୟପାଳ ସକାଳ ୮ଟା ୨୮ରେ ମହାତ୍ମା ଗାନ୍ଧୀ ମାର୍ଗରେ ପହଞ୍ଚିବା ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ସ୍ୱରାଷ୍ଟ୍ର ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଆରକ୍ଷୀ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଉପମହାନିର୍ଦ୍ଦେଶକ କମାଣ୍ଡର ବିକ୍ରମ ସିଂହ ତାଙ୍କୁ ସ୍ୱାଗତ ଜଣାଇ ମଞ୍ଚ ନିକଟକୁ ପାଛୋଟି ନେଇଥିଲେ। ରାଜ୍ୟପାଳ ୮ଟା ୩୦ରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେଡ କମାଣ୍ଡାଣ୍ଟ ତଥା ଆର୍. ଉଦୟଗିରି ଏସ୍‌ଡିପିଓ ରାକେଶ କୁମାର ସାହୁ ପରେଡ ପରିଚାଳନା କରିଥିଲେ। ଦ୍ୱିତୀୟ ପରିଚାଳକ ଭାବେ ଡେପୁଟି କମାଣ୍ଡାଣ୍ଟ ଶରତ ଜାନି, ଆଡଜୁଟାଣ୍ଟ ଭାବେ ଶେଖର ମହାପାତ୍ର ଏବଂ ସ୍ୱତନ୍ତ୍ର ଅଧିକାରୀ ପରମେଶ୍ୱର ହାଁସଦା ପରେଡ ପରିଚାଳନାରେ ସହଯୋଗ କରିଥିଲେ।

ରାଜ୍ୟ ପୋଲିସ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଙ୍ଗୀତ ବାଦନ ପରେ ୧୭ଟି ସାମରିକ ବାହିନୀ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ୨୯ଟି ବେସାମରିକ ଦଳଙ୍କୁ ମିଶାଇ ସମୁଦାୟ ୪୬ଟି ଦଳ ପରେଡରେ ଅଂଶଗ୍ରହଣ କରିଥିଲେ। ପରେଡ ପରେ ପୁରୀର ରଙ୍ଗଶାଳା କଳାକାରଙ୍କ ଦ୍ୱାରା 'ସାହିଯାତ', ଗଞ୍ଜାମ ବିଚିତ୍ର ବର୍ଣ୍ଣାଳି ନାଟ୍ୟ ପରିଷଦ ପକ୍ଷରୁ 'ପଶୁମୁଖା', ପୁରୀର ବୈଦେହୀ କଳା ପରିଷଦ ତରଫରୁ 'ବଡ଼ ଘୋଡ଼ା', କଟକ ସଂକୀର୍ତ୍ତନ କଳାକାର ଉନ୍ନୟନ ପରିଷଦ ପକ୍ଷରୁ 'ଦୋଳଯାତ ପଟୁଆର' ଏବଂ ମୟୂରଭଞ୍ଜ ଶରଣ ମାର୍ଶାଲ କଲଚରାଲ ସଂଘ ତରଫରୁ 'ସାନ୍ତାଳୀ' ନୃତ୍ୟ ପରିବେଷଣ କରାଯାଇଥିଲା।

## ପ୍ରଜ୍ଞାପନ ମେଢ଼ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ମନ ମୋହିଲା

ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସହ ସଚେତନତା ବାର୍ତ୍ତା ବହନ କରୁଥିବା ପ୍ରଜ୍ଞାପନ ମେଢ଼ଗୁଡ଼ିକ ଅଭିବାଦନ ମଞ୍ଚ ଅତିକ୍ରମ କରିଥିଲେ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ (ଶ୍ରୀଅନ୍ନ ଅଭିଯାନ, ଅମୃତ ଅନ୍ନ କାର୍ଯ୍ୟକ୍ରମ), ବାଣିଜ୍ୟ ଓ ପରିବହନ ବିଭାଗ (ଆମେ ସୁବାହକ, ଆଶା ଯୋଜନା), ଶକ୍ତି ବିଭାଗ (ପି.ଏମ୍. ସୂର୍ଯ୍ୟଘର), ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗ (ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା), ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ (ରେଶମ ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ (ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା), ସ୍ୱରାଷ୍ଟ୍ର ବିଭାଗ (ଉପକୂଳ ସୁରକ୍ଷା ଶାଖା ଓ ପୋଲିସ), ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ (ସମୃଦ୍ଧ ସହର, ବିକଶିତ ଓ ମିଶନ ଶକ୍ତି ବିଭାଗ (ଆତ୍ମନିର୍ଭର ମହିଳା-ବିକଶିତ ଭାରତ), ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ (ଭିବି-ଜି ରାମ ଜି, ସଭିଙ୍କ ପାଇଁ ପକ୍କାଘର), ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ (ପି.ଏମ୍.ଶ୍ରୀ ବିଦ୍ୟାଳୟ), ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ (ଦକ୍ଷ ଯୁବଶକ୍ତି-ଦେଶର ପ୍ରଗତି), ପର୍ଯ୍ୟଟନ ବିଭାଗ (ପର୍ଯ୍ୟଟନସ୍ଥଳୀ ଉନ୍ନତୀକରଣ) ଓ ପୂର୍ତ୍ତ ବିଭାଗ (ନ୍ୟାୟିକ ପରିସର, ଭୁବନେଶ୍ୱର)ର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହୋଇଥିଲା। ସମାରୋହରେ ରାଜ୍ୟପାଳଙ୍କ ସହଧର୍ମିଣୀ ତଥା ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀଙ୍କ ସହଧର୍ମିଣୀ ପ୍ରିୟଙ୍କା ମାର୍ଣ୍ଡି ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗର ଅତିରିକ୍ତ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଓ ଶାସନ ସଚିବ, ବରିଷ୍ଠ ପୋଲିସ ଅଧିକାରୀ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ନିର୍ଦ୍ଦେଶକ (ବୈଷୟିକ) ଗୁର୍‌ବୀର ସିଂ ପ୍ରମୁଖଙ୍କ ସମେତ ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଲୋକସମ୍ପର୍କ ଅଧିକାରୀ ରୋଜାଲିନ ସାହୁ ଏବଂ ବିନାୟକ ମିଶ୍ର ରାଜ୍ୟସ୍ତରୀୟ ପରେଡ କାର୍ଯ୍ୟକ୍ରମରେ ଧାରା ବିବରଣୀ ପ୍ରଦାନ କରିଥିଲେ।

# ଚର୍ଚ୍ଚ ସ୍ଥାନାନ୍ତରକୁ ନେଇ ଉତ୍ତେଜନା

## ଶାନ୍ତି କମିଟି ବୈଠକ, ଗାଁରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ

**ଉମରକୋଟ,୨୭ା୧(ସନ୍ତୋଷ ଶତପଥୀ)**

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅନ୍ତର୍ଗତ କୋପେନା ଗାଁରେ ଚର୍ଚ୍ଚ ସ୍ଥାନାନ୍ତରକୁ ନେଇ ସୋମବାରରୁ ହିନ୍ଦୁ ଓ ଖ୍ରୀଷ୍ଟିଆନ ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଏହାକୁ ରୋକିବାକୁ ମଙ୍ଗଳବାର ପ୍ରଶାସନ ହସ୍ତକ୍ଷେପ ପରେ ଏକ ଶାନ୍ତି କମିଟି ଗଠନ ହୋଇଛି। ଏଥିରେ ୩୦ ହିନ୍ଦୁ ଓ ୧୦ଜଣ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ଅଛନ୍ତି। ବୈଠକରେ ନବରଙ୍ଗପୁର ଉପଜିଲାପାଳ ପ୍ରକାଶ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ ପ୍ରମୁଖ ଉପସ୍ଥିତ ଥିଲେ। ଚର୍ଚ୍ଚ ଘୁଞ୍ଚାଇବାକୁ ଖ୍ରୀଷ୍ଟିଆନ ସମ୍ପ୍ରଦାୟ ୧୫ ଦିନ ସମୟ ମାଗିଛନ୍ତି। ଉଭୟ ପରସ୍ପରର ଧର୍ମକୁ ସମ୍ମାନ ଦେଇ ଭାଇଚାରା ବଞ୍ଚାଇ ରଖିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଉଭୟ ପକ୍ଷ ଲିଖିତଭାବେ ଏଥିରେ ସହମତି ଜଣାଇଛନ୍ତି। ଏବେ ଗାଁରେ ୨ ପ୍ଲାଟୁନ ପୋଲିସ ଫୋର୍ସ, ଉମରକୋଟ ଏସ୍‌ଆଇ ଅକ୍ଷୟ ମିଶ୍ର ଓ ବୀରେନ୍ଦ୍ର ବାଗ ଅଛନ୍ତି।

# ଜଳିଗଲା ଦୁର୍ଘଟଣାଗ୍ରସ୍ତ କାର୍: ୨ ଗୁରୁତର

**ନୂଆପଡ଼ା,୨୭ା୧(ମକାରୁ ବେମାଲ)**



ନୂଆପଡ଼ା ସଦର ବ୍ଲକ ଆମାନାରା ପଞ୍ଚାୟତ ପାୱାରତୋଲା ଗାଁ ନିକଟରେ ମଙ୍ଗଳବାର ସକାଳେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯାଇଛି। ଏଥିରେ ୨ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ପାୱାରତୋଲା ଗାଁର ରାମୁ ସାହୁ(୨୮) ଓ ଚନ୍ଦ୍ରଶେଖର ଦଣ୍ଡସେନା (୨୯)। ସୂଚନା ଅନୁଯାୟୀ ରାମୁ ଓ ଚନ୍ଦ୍ରଶେଖର ଛତିଶଗଡ ରାଜ୍ୟ କୋମାଖାନ ଥାନା ନର୍ଲା ଗାଁର ଏକ ଫାର୍ମ ହାଉସରେ କାମ କରନ୍ତି। ସେମାନେ କୌଣସି କାର୍ଯ୍ୟରେ ନିଜ ଘରକୁ ଆସି ସକାଳ ୯ଟା ସମୟରେ କାର୍ ଧରି ବାହାରିଥିଲେ। କୌଣସି କାରଣରୁ କାର୍‌ଟି ପାୱାରତୋଲା ଓ ଜରିଡିହି ମଧ୍ୟସ୍ଥ ଏକ ପୋଲ ବାଡରେ ପିଟି ହୋଇଯାଇଥିଲା। ସେ ସମୟରେ ଡୋର୍ ଲକ୍ ହୋଇ ଯାଇଥିବାରୁ କାର୍ ଭିତରେ ଥିବା ଡ୍ରାଇଭର ରାମୁ ଓ ଚନ୍ଦ୍ରଶେଖର ବାହାରି ପାରି ନ ଥିଲେ। ପୋଲରେ ପିଟି ହେବା ମାତ୍ରେ କାର୍‌ଟି ହୁତ ହୁତ ହୋଇ ଜଳିବାରେ ଲାଗିଥିଲା। ସେ ସମୟରେ ଜଣେ ଯୁବକ ଫାଉଡା ଧରି ନିଜ ଜମିକୁ ଯାଉଥିବା ବେଳେ କାର୍ ଜଳୁଥିବା ଦେଖି ଫାଉଡାରେ ଡୋରକୁ ଭାଙ୍ଗି ଉଭୟଙ୍କୁ ବାହାର କରିଥିଲେ। ଉଭୟଙ୍କ ଶରୀରର ଅଧା ଅଂଶ ପୋଡିଯାଇଛି। ସ୍ଥାନୀୟ ଲୋକେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ ମହାସମୁନ୍ଦର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ନୂଆପଡ଼ା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ କାର୍ ଜଳି ପାଉଁଶ ହୋଇ ସାରିଥିଲା। ଏହାପରେ ଧରମବନ୍ଧା ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଆଜି ୮ ଘଣ୍ଟିଆ...

ପ୍ରଥମ ପୃଷ୍ଠାରୁ...

ଦେଇଥିବା ବେଳେ ପରବର୍ତ୍ତୀ ସମୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରଚାର ଜରିଆରେ ବନ୍ଦପାଳନକୁ ସମର୍ଥନ ଦେବା ଲାଗି ଅନୁରୋଧ ମଧ୍ୟ କରାଯାଉଛି। ଅକ୍ଷୟ କହିଛନ୍ତି, ଜରୁରିକାଳୀନ ସେବା କୌଣସି ପ୍ରକାରେ ପ୍ରଭାବିତ ହେବାକୁ ଦିଆଯିବନାହିଁ। ରାଜ୍ୟର ୩୦ ଜିଲାରେ ଦୋକାନବଜାର ବନ୍ଦ କରାଯିବ, ଗାଡି ମୋଟର ଚଳାଚଳକୁ ଅଟକାଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ବନ୍ଦପାଳନକୁ ତାଙ୍କ ଦଳ ସମର୍ଥନ କରିବା ନେଇ ମଙ୍ଗଳବାର ଘୋଷଣା କରିଛନ୍ତି।

ଭକ୍ତ କହିଛନ୍ତି, ନବନିର୍ମାଣ ସଙ୍ଗଠନ ପକ୍ଷରୁ ଓଡ଼ିଶା ବନ୍ଦ ଡାକରାକୁ କଂଗ୍ରେସ ସମର୍ଥନ କରିବ। ରାଜ୍ୟର ସବୁ ଜିଲା କଂଗ୍ରେସ କମିଟି ପକ୍ଷରୁ ଉକ୍ତ ବନ୍ଦ ପାଳନକୁ ସମର୍ଥନ ଦେବେ। ରାଜ୍ୟବ୍ୟାପୀ ଧାନକିଣାରେ ଅବ୍ୟବସ୍ଥା, ଯାନବାହନର ପ୍ରଦୂଷଣ ସାର୍ଟିଫିକେଟ ଆଳରେ ମାତ୍ରାଧିକ ଦଣ୍ଡ ଆଦାୟ, ବିଜୁଳି ଟାରିଫକୁ ନେଇ ରାଜ୍ୟରେ ସରକାର, ଓଇଆର୍‌ସି ଓ ଟାଟା ପାୱାର ମନମାନି କରୁଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ଉଚ୍ଛେଦ କରିବା ବିରୋଧରେ କଂଗ୍ରେସ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ହେଇ ଆସୁଛି। ଏହି ପରିପ୍ରେକ୍ଷୀରେ ଜନସାଧାରଣଙ୍କ ସମସ୍ୟା ସମ୍ବଳିତ ଉପରୋକ୍ତ ବିଷୟଗୁଡିକୁ ନେଇ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିବା ବେଳେ କଂଗ୍ରେସ ଏହାକୁ ସମର୍ଥନ କରୁଛି।

ବିଜେଡି ନବନିର୍ମାଣ କୃଷକ ସଙ୍ଗଠନର ଓଡ଼ିଶା ବନ୍ଦ ଡାକରା ଚାଷୀମାନଙ୍କ ପାଇଁ ହିତକର ପଦକ୍ଷେପ ବୋଲି କହିଛି। ଚାଷୀଙ୍କ ହିତରେ ବନ୍ଦ ପାଳନ ହେଉଥିବା କହି ପରୋକ୍ଷରେ ବିଜେଡି ନବନିର୍ମାଣ କୃଷକ ସଙ୍ଗଠନକୁ ବଳ ଦେଇଛି। ଦଳର ମୁଖପାତ୍ର ଲେନିନ୍ ମହାନ୍ତି ମଙ୍ଗଳବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଓଡ଼ିଶାରେ ଚାଷୀମାନେ ରାଜରାସ୍ତାରେ ଅଛନ୍ତି। ଉପକୂଳରୁ ଉପାନ୍ତ ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟା ନେଇ ଚାଷୀମାନେ ଭାଜପା ସରକାର ବିରୋଧରେ ଆନ୍ଦୋଳନ ଜାରି ରଖିଛନ୍ତି। ବିଜେଡି ପ୍ରତିଷ୍ଠା ପରଠାରୁ ଦଳ ପକ୍ଷରୁ ସବୁବେଳେ ଚାଷୀଙ୍କ ସହିତ ଠିଆ ହୋଇଛି। ପଶ୍ଚିମ ଓଡିଶା ଏବଂ ଅନ୍ୟ ସ୍ଥାନଗୁଡିକରେ ବିଜେଡି ଚାଷୀଙ୍କ ପାଇଁ ଆନ୍ଦୋଳନ ଚଳାଇଛି। ବିଜେଡି ନିଜର ପୂର୍ବନିର୍ଦ୍ଧାରିତ କାର୍ଯ୍ୟକ୍ରମ ଜାରି ରଖିବ ବୋଲି ଲେନିନ୍ କହିଛନ୍ତି।

ଭାଜପା ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି, ସବୁ ପ୍ରଫେଶନରେ ନକଲି ଏବଂ ଅସଲି ଥାଆନ୍ତି। ଯେଉଁମାନେ ଆନ୍ଦୋଳନ ଡାକରା ଦେଇଛନ୍ତି ସେମାନେ ସବୁ ହେଉଛନ୍ତି ନକଲି ଚାଷୀ। ନା ଏମାନେ ହଳ କରିପାରିବେ ନା ବାହୁଙ୍ଗି ବେକରେ ପକାଇପାରିବେ। ଅତୀତରେ ପଶ୍ଚିମ ଓଡ଼ିଶାରେ ଚାଷୀ ହନ୍ତସନ୍ତ ହେଉଥିବାବେଳେ ଦଲାଲମାନେ ମାଲାମାଲ ହେଉଥିଲେ। ମୋହନ ମାଝୀଙ୍କ ସରକାରରେ କିନ୍ତୁ ଚାଷୀମାନେ ଖୁସିରେ ଅଛନ୍ତି। ଭାଜପା ସରକାର ଆସିବା ପରେ ଧାନ କୁଇଣ୍ଟାଲ ପିଛା ୮୦୦ ଟଙ୍କା ଅଧିକ ଟଙ୍କା ଦେଉଛି। କଂଗ୍ରେସ ସବୁବେଳେ ଚାଷୀ ବିରୋଧୀ, ତେଣୁ ସେମାନଙ୍କ ସମର୍ଥନର କିଛି ମୂଲ୍ୟ ନାହିଁ।

## ବନ୍ଦ: ସବୁ ଜିଲାପାଳଙ୍କୁ ସତର୍କ କଲା ଗୃହ ବିଭାଗ

**ଭୁବନେଶ୍ୱର,୨୭ା୧(ରବିନାରାୟଣ ଜେନା)**

ଚାଷୀ ପ୍ରସଙ୍ଗରେ ନବନିର୍ମାଣ କୃଷକ ସଙ୍ଗଠନ ସହିତ ଅନ୍ୟାନ୍ୟ ସଙ୍ଗଠନ ପକ୍ଷରୁ ବୁଧବାର ହେବାକୁ ଥିବା ବନ୍ଦ ପାଳନକୁ ନେଇ ଗୃହ ବିଭାଗ ପକ୍ଷରୁ ସବୁ ଜିଲାପାଳଙ୍କୁ ସତର୍କତା ଜାରି କରାଯାଇଛି। ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ଆର. କେ. ଶର୍ମା ମଙ୍ଗଳବାର ପତ୍ର ଲେଖି ଦର୍ଶାଇଛନ୍ତି, ବିକ୍ଷୋଭକାରୀମାନେ ବ୍ୟବସାୟ ପ୍ରତିଷ୍ଠାନ, ବଜାର, କେନ୍ଦ୍ର ଏବଂ ରାଜ୍ୟ ସରକାରୀ କାର୍ଯ୍ୟାଳୟ, କୋର୍ଟ, ପେଟ୍ରୋଲ ପମ୍ପ, ବ୍ୟାଙ୍କ/ଆର୍ଥିକ ପ୍ରତିଷ୍ଠାନ ଇତ୍ୟାଦି ବନ୍ଦ କରିପାରନ୍ତି। ଏଥିଯୋଗୁ ଯାନବାହନ ଏବଂ ରେଳ ଚଳାଚଳ ପ୍ରଭାବିତ ହେବାର ସମ୍ଭାବନା ରହିଛି। ସେମାନେ ରାଜ୍ୟର ସମସ୍ତ ଜିଲାପାଳ, ଆର୍‌ଡିଓ, ପ୍ରାଥମିକ କୃଷି ସମବାୟ ସମିତି ପ୍ରଭୃତି ବିଭିନ୍ନ ସ୍ଥାନରେ ଧାନ ବସ୍ତା ଥୋଇ ବିକ୍ଷୋଭ ମଧ୍ୟ ପ୍ରଦର୍ଶନ କରିପାରନ୍ତି। 'ଓଡ଼ିଶା ବନ୍ଦ' ସମୟରେ ଆଇନ ଶୃଙ୍ଖଳା ଯେଭଳି ବଜାୟ ରହିବ ଏବଂ ଯେକୌଣସି ଅପ୍ରୀତିକର ଘଟଣା ପ୍ରତି ସତର୍କ ରହିବା ପାଇଁ ସମସ୍ତ ପ୍ରତିରୋଧୀ ଏବଂ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଶର୍ମା ପତ୍ରରେ ଦର୍ଶାଇଛନ୍ତି।

## ବଢ଼ିବ ବାବୁଙ୍କ...

ଅଧିକାରୀ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ ଏବେ ବିଭିନ୍ନ ଯୋଜନାକୁ ଅନୁମୋଦନ ଦେବା ପାଇଁ ୫କୋଟି ଟଙ୍କାରୁ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ବିଭାଗୀୟ ଅର୍ଥ ପରାମର୍ଶଦାତା ତଥା ପ୍ରଶାସନିକ ଅଧିକାରୀଙ୍କ କ୍ଷମତା ରହିଛି। ଅର୍ଥ ବିଭାଗର ପ୍ରସ୍ତାବ ଅନୁଯାୟୀ, ଏହି ପରିମାଣକୁ ୧୦କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ୫କୋଟିରୁ ୫୦କୋଟି ଟଙ୍କା ପର୍ଯ୍ୟନ୍ତ ଯୋଜନାକୁ ଏକ୍ସପେଣ୍ଡିଚର ଫାଇନାନ୍ସ କମିଟି(ଏସ୍‌ଏଫ୍‌ସି)ର ଅନୁମୋଦନକ୍ରମେ ବିଭାଗୀୟ ମନ୍ତ୍ରୀ ଅନୁମୋଦନ କରିବାକୁ ରହିଥିବାବେଳେ ଆଗାମୀ ଦିନରେ ଏହାକୁ ୧୦କୋଟି ଟଙ୍କାରୁ ୫୦କୋଟି ଟଙ୍କାକୁ ବୃଦ୍ଧି କରାଯିବ। ଅନୁରୂପ ଭାବେ ୫୦କୋଟିରୁ ୧୦୦କୋଟି ଟଙ୍କା ପର୍ଯ୍ୟନ୍ତ ଯୋଜନାକୁ ଇଏଫ୍‌ସି ଜରିଆରେ ବିଭାଗୀୟ ମନ୍ତ୍ରୀଙ୍କ ଅନୁମୋଦନ ଲାଭ କରିବାକୁ ରହିଥିବାବେଳେ ୧୦୦ରୁ ୨୫୦କୋଟି ଟଙ୍କା ପର୍ଯ୍ୟନ୍ତ ଯୋଜନାକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନର ଆବଶ୍ୟକତା ରହିଛି। ଯଦି ଏହାଠାରୁ ଯୋଜନା ବାବଦ ଅର୍ଥ ଅଧିକ ହୁଏ ତେବେ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିବ ବୋଲି ଅର୍ଥ ବିଭାଗ ପକ୍ଷରୁ ପ୍ରସ୍ତାବରେ ରହିଛି।

ସୂଚନାଯୋଗ୍ୟ, ରାଜ୍ୟ ସରକାର ୨୦୨୫ ଜୁନ୍ ୪ରେ ଟେଣ୍ଡର କ୍ଷମତା ସମ୍ପର୍କିତ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ ; ଯେଉଁଥିରେ ୧୦କୋଟି ଟଙ୍କା ପର୍ଯ୍ୟନ୍ତ ଟେଣ୍ଡରକୁ ବିଭାଗୀୟ ପ୍ରଶାସନିକ ଅଧିକାରୀ ଅନୁମୋଦନ କରିବାର କ୍ଷମତା ପ୍ରଦାନ କରାଯାଇଥିବାବେଳେ ୭ରୁ ୧୦କୋଟି ଟଙ୍କାର ଟେଣ୍ଡରକୁ ସର୍ବୋଚ୍ଚ ଯନ୍ତ୍ରୀ କିମ୍ବା ପ୍ରଶାସନିକ ଅଧିକାରୀ, ୪କୋଟିରୁ ୭କୋଟି ଟଙ୍କାର ଟେଣ୍ଡରକୁ ମୁଖ୍ୟଯନ୍ତ୍ରୀ କିମ୍ବା ସର୍ବୋଚ୍ଚ ଯନ୍ତ୍ରୀ ଏବଂ ୧କୋଟିରୁ ୪କୋଟି ଟଙ୍କା ପର୍ଯ୍ୟନ୍ତ ଟେଣ୍ଡରକୁ ଅଧୀକ୍ଷଣ ଯନ୍ତ୍ରୀ କିମ୍ବା ମୁଖ୍ୟଯନ୍ତ୍ରୀ ଅନୁମୋଦନ କରିବାର କ୍ଷମତା ପ୍ରଦାନ କରାଯାଇଛି।

ଅନ୍ୟପକ୍ଷରେ ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ୨୦୨୫ ମେ' ୨୮ରେ ଅତିରିକ୍ତ ସଚିବ ମଧୁସ୍ମିତା ସାମଲ ସବୁ ବିଭାଗକୁ ଏକ ପ୍ରଶାସନିକ ମାର୍ଗଦର୍ଶିକା ପ୍ରଦାନ କରିଛନ୍ତି। ସେଥିରେ ବିଭାଗୀୟ ନିଯୁକ୍ତି ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କ୍ଷମତାରେ ପରିବର୍ତ୍ତନ କରାଯାଇଛି। ସମ୍ପୃକ୍ତ ବିଭାଗର ସଚିବ ଏଣିକି ନିଯୁକ୍ତି ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କର୍ତ୍ତୃପକ୍ଷ ଦାୟିତ୍ୱରେ ରହିବେ। ପୂର୍ବରୁ ବିଭାଗୀୟ ମନ୍ତ୍ରୀମାନେ ଯେପରି ଗ୍ରୁପ୍-ବି' ଅଧିକାରୀଙ୍କଠାରୁ ଗ୍ରୁପ୍-ଏ' ଅଧିକାରୀ(ପାହ୍ୟା-୧୨)ଙ୍କ ନିଯୁକ୍ତି ଏବଂ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ନିଷ୍ପତ୍ତି ନେଉଥିଲେ, ଏବେ ଉକ୍ତ ଦାୟିତ୍ୱ ସମ୍ପୃକ୍ତ ବିଭାଗ ସଚିବ ନିର୍ବାହ କରିବେ। ସେହିପରି ସମ୍ପୃକ୍ତ ବିଭାଗ ମନ୍ତ୍ରୀଙ୍କ ହାତରେ ଗ୍ରୁପ୍-ଏ'(ପାହ୍ୟା-୧୨)ବର୍ଗର ଚାକିରିଆଙ୍କଠାରୁ ଆରମ୍ଭ କରି ଗ୍ରୁପ୍-ଏ'(ପାହ୍ୟା-୧୪) ବର୍ଗଙ୍କ ପର୍ଯ୍ୟନ୍ତ ନିଯୁକ୍ତି ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି ନେବେ। ମାତ୍ର ମୁଖ୍ୟମନ୍ତ୍ରୀ କେବଳ ଗ୍ରୁପ୍-ଏ(ପାହ୍ୟା-୧୪)ବର୍ଗଙ୍କଠାରୁ ଊର୍ଦ୍ଧ୍ୱ ବର୍ଗଙ୍କ ନିଯୁକ୍ତି ଓ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି ନେବେ ବୋଲି ଜଣାଯାଇଛି।

## ଝିଅଙ୍କୁ ନିର୍ଯାତନା...

ଲମ୍ବୋଦରଙ୍କ ଘରକୁ ଯାଇ ତାଙ୍କ ଝିଅଙ୍କୁ ମାରପିଟ୍ କରିବା ସହ ଘରର କିଛି ଅଂଶ ଭାଙ୍ଗି ଦେଇଥିଲେ। ଏପରିକି ମଦ ବିକ୍ରି କରୁଥିବା ତାଙ୍କ ଝିଅଙ୍କୁ ବିବ୍ରସ୍ତ ରାସ୍ତାରେ ଚଲାଇ ଚଲାଇ ଆଣିବା ସହ ସ୍ଥାନୀୟ ବଜାର ମଝିରେ ସନ୍ଧ୍ୟା ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଠିଆ କରି ଜରିମାନା ବାବଦକୁ ୧ ଲକ୍ଷ ଟଙ୍କା ଦାବି କରିଥିଲେ। ଲମ୍ବୋଦର ଓ ତାଙ୍କ ଝିଅ ଭୁଲ୍ ମାଗିବା ପରେ ମଧ୍ୟ ସେମାନଙ୍କୁ ଛାଡ଼ି ନ ଥିଲେ। ଶେଷରେ ୩୦ ହଜାର ଟଙ୍କା ଜରିମାନା ଦେବା ପାଇଁ ସେମାନେ ରାଜି ହେବାରୁ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ବାପଝିଅଙ୍କୁ ଛାଡ଼ିଥିଲେ। ଘରକୁ ଆସିବା ପରେ ଏହି ନିର୍ଯାତନା ସହି ନ ପାରି ବିଳମ୍ବିତ ରାତିରେ ଲମ୍ବୋଦର ବିଷ ପିଇ ଆତ୍ମହତ୍ୟା କରିଥିଲେ ବୋଲି ତାଙ୍କ ପୁଅ ଏତଲାରେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ୧୦ ମହିଳା ଓ ପୁରୁଷଙ୍କ ନାଁରେ ମାମଲା(ନଂ.୨୩/୨୬) ରୁଜୁ କରାଯାଇଛି। ଘଟଣାର ତଦନ୍ତ ଜାରି ରହିଥିବା ବେଳେ ସେହି ଗ୍ରାମର ମିଥୁନ ନାୟକ ନାମକ ଜଣେ ଯୁବକଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଚାନ୍ଦବାଲି ଏସ୍‌ଡିପିଓ ପ୍ରଭାସ ସାହୁ କହିଛନ୍ତି।

## ଓଡ଼ିଶା ବନ୍ଦ ଡାକରା
# ଆଲର୍ଟ ରହିବାକୁ ଏସ୍‌ପିଙ୍କୁ ନିର୍ଦ୍ଦେଶ

- ଟୁଇନ୍ ସିଟିରେ ୫୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ: ଏଡିଜି
- ଆଇନ ହାତକୁ ନେଲେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୨୭ା୧(ତ୍ରିନାଥ ମହାନ୍ତି)**

ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଧାନ ମଣ୍ଡି, ପଲ୍ୟୁସନ ନିୟନ୍ତ୍ରଣ ପ୍ରମାଣପତ୍ର(ପିୟୁସିସି) ଓ ବିଦ୍ୟୁତ୍ ସ୍ମାର୍ଟ ମିଟର ପ୍ରସଙ୍ଗରେ ବୁଧବାର ୮ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। କଂଗ୍ରେସ ଏହି ବନ୍ଦ ଡାକରାକୁ ସମର୍ଥନ ଜଣାଇଥିବାବେଳେ ବିଜେଡି ମଧ୍ୟ ପରୋକ୍ଷରେ ସମର୍ଥନ ଦେଇଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିଶେଷକରି ସମସ୍ତ ଜିଲାର ଏସ୍‌ପି ଏବଂ ଡିସିପିଙ୍କୁ ଆଲର୍ଟରେ ରହିବାକୁ କୁହାଯାଇଛି। ଆହୁରି ମଧ୍ୟ ଟ୍ୱିନ୍ ସିଟିରେ ୫୦ ପ୍ଲାଟୁନ୍ ପୋଲିସ ମୁତୟନ ରହିବେ। ଭୁବନେଶ୍ୱରରେ ୩୦ ପ୍ଲାଟୁନ୍ ପୋଲିସ ଫୋର୍ସ, ୧୨ ଅତିରିକ୍ତ ଡିସିପି ର୍ୟାଙ୍କର ଅଧିକାରୀ ଏବଂ ୨୫ ଇନ୍ସପେକ୍ଟର ମୁତୟନ ରହିବେ। ସେହିପରି କଟକରେ ୨୦ ପ୍ଲାଟୁନ୍ ଫୋର୍ସ, ୧୦ ଅତିରିକ୍ତ ଡିସିପି ର୍ୟାଙ୍କର ଅଧିକାରୀ ଏବଂ ୨୩ ଜଣ ଇନ୍ସପେକ୍ଟର ମୁତୟନ ରହିବେ। ଏନେଇ 'ଲ ଆଣ୍ଡ ଅର୍ଡର' ଏଡିଜି ସଞ୍ଜୟ କୁମାର କହିଛନ୍ତି ଯେ, ସମସ୍ତ ଜିଲାର ଏସ୍‌ପିମାନଙ୍କୁ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି କୌଣସି ଆନ୍ଦୋଳନକାରୀ ଆଇନକୁ ହାତକୁ ନିଅନ୍ତି ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି। ଟ୍ରାଫିକ୍‌ରେ ଲୋକଙ୍କୁ ଅଟକାଇବା, ଗାଡ଼ି ଅଟକାଇ ଭଙ୍ଗାରୁଜା କରିବା ଭଳି କାର୍ଯ୍ୟ କଲେ ତୁରନ୍ତ ଗିରଫ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଏଡିଜି କହିଛନ୍ତି। ଆହୁରି ମଧ୍ୟ ସରକାରୀ ଅଫିସ ସମ୍ମୁଖ, ବିଧାନସଭା ସମ୍ମୁଖରେ ସୁରକ୍ଷାକୁ ବଢାଇ ଦିଆଯାଇଛି। ସରକାରୀ ଅଫିସରମାନଙ୍କୁ ଆଗୁଆ ଅଫିସ ଆସିବାକୁ କୁହାଯାଇଛି। କଟକ, ଭୁବନେଶ୍ୱର,ପାରାଦୀପ, ପୁରୀ, ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, ରାଉରକେଲା, ସମ୍ବଲପୁର ଏବଂ ଢେଙ୍କାନାଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପୋଲିସ ପଇଁତରା ମାରିବା ସହ ସାଦା ପୋଷାକଧାରୀ ପୋଲିସ ବିଭିନ୍ନ ସ୍ଥାନରେ ବୁଲି ଗୋଇନ୍ଦା କରାଯିବ ବୋଲି ଏଡିଜି କହିଛନ୍ତି।

# ମାଲବାହୀ ଟ୍ରେନ୍‌ର ୨ ବଗି ଲାଇନଚ୍ୟୁତ

**କୋରାପୁଟ,୨୭ା୧(ଅମିତାଭ ବେହେରା)**

କୋରାପୁଟ ରେଲୱେ ଷ୍ଟେଶନଠାରୁ ୨ଶହ ମିଟର ଦୂର ଏ-କ୍ୟାବିନ୍ ସମ୍ମୁଖ ଡାଉନ ଟ୍ରାକ୍‌ରେ ଏକ ମାଲବାହୀ ଟ୍ରେନର ୨ ବଗି ସୋମବାର ରାତିରେ ଲାଇନଚ୍ୟୁତ ହୋଇଛି। କିରାଣ୍ଡୁଲଠାରୁ ଲୁହା ପଥର ନେଇ ମାଲବାହୀ ଟ୍ରେନ କୋରାପୁଟ ରାୟଗଡ଼ା(କେଆର୍) ଲାଇନ୍‌ରେ ଯିବା ବେଳେ କୋରାପୁଟ-ଡୁମୁରିପୁଟ ରେଲଲାଇନ୍‌ରେ ଏ-କ୍ୟାବିନ୍ କ୍ରସିଂ ସମୟରେ ୨ ୱାଗନ ଲାଇନଚ୍ୟୁତ ହୋଇ ଟ୍ରାକ୍‌ରୁ ତଳକୁ ଖସି ପଡ଼ିଥିଲା। ପ୍ରାୟ ୨ଶହ ମିଟର ଘୋଷାଡ଼ି ହୋଇ ଅଟକି ରହିଥିଲା। କୋରାପୁଟ ରେଲୱେ ଷ୍ଟେଶନରୁ ଉଦ୍ଧାରକାରୀ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଯୁଦ୍ଧକାଳୀନ ଭିତ୍ତିରେ ଲାଇନଚ୍ୟୁତ ବଗିକୁ ଟ୍ରାକ୍‌କୁ ଆଣିବା ପରେ ଟ୍ରାକ୍ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା। ମଙ୍ଗଳବାର ଭୋର ୪ଟା ଯାଏ ୨ ଶହରୁ ଊର୍ଦ୍ଧ୍ୱ କର୍ମଚାରୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିବା ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମଙ୍ଗଳବାର ଉକ୍ତ ଟ୍ରାକ୍‌ରେ ପ୍ରଥମେ ଟ୍ରାଏଲ ରନ କରିବା ପରେ ସମଲେଶ୍ୱରୀ ଏକ୍ସପ୍ରେସ୍ ଓ ରାଉରକେଲା ଇଣ୍ଟରସିଟି ଗଡ଼ିଥିଲା।

# ଦୁର୍ଘଟଣାରେ ଗଲା ୬ ଜୀବନ

## ରାଜ୍ୟର ବିଭିନ୍ନ ସ୍ଥାନରେ ମଙ୍ଗଳବାର ସଡ଼କ ଦୁର୍ଘଟଣା ଘଟି ୬ ପ୍ରାଣ ହରାଇଛନ୍ତି

**ବାସୁଦେବପୁର (ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)/ ଖମାର (ରଜନୀକାନ୍ତ ମହାରଣା)/ ପଟାଙ୍ଗି(ଶରତ କୁମାର ଧଳ),୨୭ା୧**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଧାମରା-ଜାମଝଡ଼ି ରାସ୍ତାର ପାରାପୋଖରୀ ଛକ ନିକଟରେ ସୋମବାର ରାତିରେ ଏକ ସଡ଼କ ଦୁର୍ଘଟଣାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଯାଜପୁର ଜିଲା ସୁକିନ୍ଦା ଥାନା ଅଧୀନ ବୈରୀମାଳ ଗ୍ରାମର ଦୀପକ ରାଉତ(୨୩) ଓ ତନ୍ମୟ ମଲ୍ଲିକ(୩୦)।

ସେହିପରି ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖମାର ଥାନା ପରାଛାଟ ପଞ୍ଚାୟତ ଭାଲୁକି ଛକ ପାଖରେ ସୋମବାର ରାତି ୮ଟାରେ ଏକ କାର୍ ଓ ବାଇକ୍ ମଧ୍ୟରେ ଧକ୍କା ହୋଇଛି। ଫଳରେ ବାଇକ୍‌ରେ ଥିବା ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଖମାର ଥାନା ବଡ଼ସଡ଼ା ପଞ୍ଚାୟତ ତାମୁର ଗ୍ରାମର ବିଜୟ ନାଏକଙ୍କ ପୁଅ ବିଶ୍ୱନାଥ ନାଏକ(୨୧) ଓ କଣିହାଁ ବ୍ଲକ ରେଙ୍ଗାଳି ଥାନା ଅର୍କିଳ ଗ୍ରାମର ସୁବଳ ନାଏକଙ୍କ ପୁଅ ଅମିତ ନାଏକ(୨୨)।

ଅନୁରୂପଭାବେ କୋରାପୁଟ ଜିଲା ପଟାଙ୍ଗି ଥାନା ଅଧୀନ କୁଲୁଲି ହାଇସ୍କୁଲ ସମ୍ମୁଖରେ ଏକ ପିକ୍‌ଅପ୍ ଭ୍ୟାନ୍ ଓ ବାଇକ୍ ମୁହାଁମୁହିଁ ଧକ୍କାହୋଇ ୨ ଜଣଙ୍କ ମଙ୍ଗଳବାର ମୃତ୍ୟୁ ହୋଇଛି। ମୃତକମାନେ ହେଲେ ବି. ପାଣ୍ଡୁ ଓ କେ.ଜେମ୍ସ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଦେବାଂଶୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସାବାଲେଙ୍କା, ଜେଭ୍‌ରେଭ୍, ଅଲ୍‌କାରାଜ ସେମିରେ

ମେଲବୋର୍ନ, ୨୭।୧ (ଏପି)

ଟପ୍ ସିଡ୍ ଆରିନା ସାବାଲେଙ୍କା ଅଷ୍ଟ୍ରେଲିଆନ ଓପନ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟରଫାଇନାଲରେ ସେ ୧୮ ବର୍ଷୀୟା ଇଭା ଜୋଭିଚ୍‌ଙ୍କୁ ୬-୩, ୬-୦ ସେଟ୍‌ରେ ହରାଇ ଦେଇଛନ୍ତି। ମହିଳା ସିଙ୍ଗଲ୍ସର ଅନ୍ୟ ଏକ ମ୍ୟାଚରେ ଏଲିନା ସ୍ୱିତୋଲିନା ୬-୧, ୬-୨ ସେଟ୍‌ରେ ୩ଥର ଗ୍ରାଣ୍ଡସ୍ଲାମ ବିଜେତା କୋକୋ ଗଫ୍‌ଙ୍କୁ ପରାଜିତ କରିଛନ୍ତି। ସର୍ଭିସ ବେଳେ ତୃତୀୟ ସିଡ୍ ଗଫ୍‌ଙ୍କୁ ବାରମ୍ବାର ସଂଘର୍ଷ କରିବାକୁ ପଡ଼ିଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସେ ତାଙ୍କ ର୍‌ୟାକେଟ୍‌କୁ କଙ୍କ୍ରିଟ ଚଟାଣରେ ପିଟି ଭାଙ୍ଗି ଦେଇଥିଲେ। ମ୍ୟାଚଟି ୫୯ ମିନିଟ ଧରି ଚାଲିଥିଲା। ପ୍ରବଳ ଗରମ ଯୋଗୁ ମଙ୍ଗଳବାର ଟୁର୍ନାମେଣ୍ଟର ୧୦ମ ଦିବସ ମ୍ୟାଚଗୁଡ଼ିକ କଭର ତଳେ ଖେଳାଯାଇଥିଲା। ଆଲେକ୍‌ଜାଣ୍ଡର ଜେଭରେଭଙ୍କୁ ରଡ୍ ଲାଭର ଆରେନାର ଏକ ଛାତ ତଳେ ଖେଳିବାର ସୁଯୋଗ ମିଳିଥିଲା। ୨୦ ବର୍ଷୀୟ ଲର୍ନର ଟିନ୍‌ଙ୍କ ବିପକ୍ଷ ମ୍ୟାଚ ସେ ୬-୩, ୬-୭(୫), ୬-୧, ୭-୬(୩)ରେ ବିଜୟ ଲାଭ କରି ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗତବର୍ଷ ଅଷ୍ଟ୍ରେଲିଆନ ଓପନ ରନରଅପ୍ ତଥା ବିଶ୍ୱର ନମ୍ବର-୩ ର୍‌ୟାଙ୍କିଙ୍ଗ ଜେଭରେଭ ତାଙ୍କର ୧୦ମ ଗ୍ରାଣ୍ଡସ୍ଲାମ ସେମିଫାଇନାଲ ଖେଳିବାକୁ ଯାଉଛନ୍ତି। ଶୀର୍ଷ ର୍‌ୟାଙ୍କିଙ୍ଗପ୍ରାପ୍ତ ସାବାଲେଙ୍କା ମଧ୍ୟ ଗତବର୍ଷ ମେଲବୋର୍ନରେ ରନରଅପ୍ ହୋଇଥିଲେ। ଚାରି ବର୍ଷରେ ସେ ତୃତୀୟ ଥର ଅଷ୍ଟ୍ରେଲିଆନ ଓପନ ଟାଇଟଲ ଜିତିବା ଲକ୍ଷ୍ୟରେ ଅଛନ୍ତି।


ରିଟର୍ନ ଶଟ୍ ଖେଳିବା ଅବସରରେ ଆଲେକ୍‌ଜାଣ୍ଡର ଜେଭରେଭ।

ସେ ୨୦୨୩ ଓ ୨୦୨୪ରେ ପଛକୁ ପଛ ଟାଇଟଲ ଜିତିଥିଲେ। ବର୍ଷକ ତଳେ ସେ ମାଡିସନ କିଜ୍‌ଙ୍କଠାରୁ ଫାଇନାଲରେ ପରାଜିତ ହୋଇଥିଲେ। ମେଲବୋର୍ନ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ (୧୧୩ ଫାରେନହିଟ୍) ରହିବ ବୋଲି ପୂର୍ବାନୁମାନ କରାଯାଇଥିଲେ ମଧ୍ୟ ଦଶମ ଦିବସରେ ଖେଳାଯାଇଥିବା ୪ଟି ସେମିଫାଇନାଲ ମଧ୍ୟରୁ ପ୍ରଥମଟି ଆଉଟ୍‌ଡୋରରେ ଖେଳାଯାଇଥିଲା। ପୁରୁଷ ସିଙ୍ଗଲ୍ସରେ କାର୍ଲୋସ ଅଲ୍‌କାରାଜ ମଧ୍ୟ ସେମିଫଇନାଲରେ ପ୍ରବେଶ କରିଛନ୍ତି। ସର୍ବକନିଷ୍ଠ ଖେଳାଳି ଭାବେ କ୍ୟାରିୟର ଗ୍ରାଣ୍ଡସ୍ଲାମ ହାସଲ କରିବା ଲକ୍ଷ୍ୟରେ ଥିବା ଏହି ୨୨ବର୍ଷୀୟ ଖେଳାଳି ମଙ୍ଗଳବାର ୭-୫, ୬-୨, ୬-୧ ସେଟ୍‌ରେ ଅଷ୍ଟ୍ରେଲିଆର ଆଲେକ୍ସ ଡି' ମିନାଉରଙ୍କୁ ହରାଇ ଦେଇଛନ୍ତି। ଅଲ୍‌କାରାଜ ଏପର୍ଯ୍ୟନ୍ତ ୬ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିସାରିଛନ୍ତି। ଏଠାରେ ସେ ପ୍ରଥମ ଥର ସେମିଫାଇନାଲରେ ପ୍ରବେଶ କରିଛନ୍ତି।

# ଭୁବନେଶ୍ୱର ଦଳକୁ ୧ ସ୍ୱର୍ଣ୍ଣ ସହ ୬ ପଦକ


କର୍ମକର୍ତ୍ତାଙ୍କ ଗହଣରେ ଭୁବନେଶ୍ୱର ଦଳର ପଦକ ବିଜେତା ଜିମ୍ନାଷ୍ଟ।

ଭୁବନେଶ୍ୱର, ୨୭।୧ (ତପନ ସ୍ୱାଇଁ)

ପୁରୀ ଜଗନ୍ନାଥ ଷ୍ଟାଡିୟମରେ ଗତ ୨୪ ଓ ୨୫ରେ ଅନୁଷ୍ଠିତ ୪୪ତମ ରାଜ୍ୟ ଜିମ୍ନାଷ୍ଟିକ ଚାମ୍ପିୟନଶିପ୍‌ରେ ଭୁବନେଶ୍ୱର ଦଳକୁ ୧ ସ୍ୱର୍ଣ୍ଣ ସହ ମୋଟ ୬ଟି ପଦକ ମିଳିଛି। ଏହା ମଧ୍ୟରେ ୧ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ସାମିଲ।

**ରାଜ୍ୟ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍**

ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏଶନର ୨୩ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ୧୦ ବର୍ଷରୁ କମ ବାଳିକା ବର୍ଗରେ ଦିବ୍ୟାଞ୍ଜଳୀ ମହନ୍ତ ଫ୍ଲୋର ଏକ୍ସରସାଇଜରେ ସ୍ୱର୍ଣ୍ଣ ଓ ବାଲାନ୍ସିଂ ବିମ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି। ସିନିୟର ମହିଳା ବିଭାଗରେ ଜେଏମ୍ ରିତିକା ଦାସ ଭଲ୍ଟିଂ ଟେବଲରେ ବ୍ରୋଞ୍ଜ, ଜୁନିୟର ମହିଳାରେ ସରନ୍ୟା ମିଶ୍ର ଫ୍ଲୋର ଏକ୍ସରସାଇଜ ଓ ବାଲାନ୍ସିଂ ବିମରେ ୨ଟି ବ୍ରୋଞ୍ଜ ଏବଂ ୧୦ ବର୍ଷରୁ କମ ବାଳକ ବର୍ଗରେ ଭାସ୍କର ଭବିକ ବେଉରା ଭଲ୍ଟିଂ ଟେବଲରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ, ସଂପାଦକ ନରେନ୍ଦ୍ର କୁମାର ସେଠୀ, ସହ ସମ୍ପାଦକ ଗୁରୁପ୍ରସାଦ ପଟ୍ଟନାୟକ, ଉପସଭାପତି ମୀରାରାଣୀ ଦାସ, ରାଧାନାଥ ମହାପାତ୍ର ଓ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ଯଶୋବନ୍ତ ଦାସ କୃତୀ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ବ୍ରାଡ୍‌ମ୍ୟାନ୍‌ଙ୍କ ଟୋପିର ମୂଲ୍ୟ ୪୬୦ ହଜାର ଡଲାର

ଗୋଲ୍ଡ କୋଷ୍ଟ, ୨୭।୧ (ପି.ଟି)

ଅଷ୍ଟ୍ରେଲିଆ ବ୍ୟାଟିଂ କିମ୍ବଦନ୍ତୀ ଡନ୍ ବ୍ରାଡ୍‌ମ୍ୟାନଙ୍କ ଏକ ବ୍ୟାଗି ଗ୍ରୀନ୍ ଟୋପି ସୋମବାର ନିଲାମ କରାଯାଇଛି। ଏହା ୪୬୦,୦୦୦ ଆମେରିକୀୟ ଡଲାର ମୂଲ୍ୟରେ ବିକ୍ରି ହୋଇଛି। ବ୍ରାଡ୍‌ମ୍ୟାନ ଏହି ଟୋପିଟିକୁ ସେ ୧୯୪୭-୪୮ରେ ଭାରତ ବିପକ୍ଷ ଘରୋଇ ଟେଷ୍ଟ ସିରିଜରେ ବ୍ୟବହାର କରିଥିଲେ। ସେତେବେଳେ ସେ ବିପକ୍ଷ ଦଳର ଶ୍ରୀରଙ୍ଗା ବାସୁଦେବ ସୋହାନିଙ୍କୁ ଉପହାର ଆକାରରେ ଦେଇଥିଲେ। ସୋହାନିଙ୍କ ପରିବାର ଏହି ଟୋପିଟିକୁ ଗତ ୭୫ବର୍ଷ ଧରି ସାଇତି ରଖିଥିଲେ। ଏହାକୁ ସେ କେବେ ସାଧାରଣରେ ପ୍ରଦର୍ଶନ କରି ନ ଥିଲେ। ସୋମବାର ଏହା ଲୟଡ୍ସ ଅକ୍ସନ୍ସ ସଂସ୍ଥା ଦ୍ୱାରା ନିଲାମ



ହୋଇଛି। ଏହି ବ୍ୟାଗି ଗ୍ରିନ୍ ଟୋପି ଉପରି ଭାଗରେ ଅଷ୍ଟ୍ରେଲିଆ କ୍ରିକେଟର ଏକ ଲୋଗୋ ସ୍ଥାନ ପାଇଥିଲା। ନିମ୍ନ ଭାଗରେ '୧୯୪୭-୪୮' ଏମ୍ବ୍ରୋଡରି କରାଯାଇଛି। ବ୍ରାଡମ୍ୟାନ ୧୯୪୮ରେ ଅବସର ନେବା ପୂର୍ବରୁ ୧୯୪୭-୪୮ ଭାରତ ବିପକ୍ଷରେ ତାଙ୍କର ଏହା ଥିଲା ଅନ୍ତିମ ଘରୋଇ ଟେଷ୍ଟ ମ୍ୟାଚ। ସେତେବେଳେ ତାଙ୍କ ବ୍ୟାଟିଂ ଆଭରେଜ ୯୯.୯୪ ରହିଥିଲା। ଏଥିପାଇଁ ସେ କ୍ରିକେଟର ଜଣେ ମହାନ୍ ବ୍ୟାଟର ଭାବେ ପରିଚିତ। ଏକ ସ୍ୱାଧୀନ ରାଷ୍ଟ୍ର ଭାବେ ଅଷ୍ଟ୍ରେଲିଆକୁ ଭାରତର ଏହା ଥିଲା ପ୍ରଥମ ଟେଷ୍ଟ ଟୁର୍। ସେତେବେଳେ ଭାରତୀୟ ଦଳର ଅଧିନାୟକତ୍ୱ କରିଥିଲେ ଲାଲା ଅମରନାଥ।

# ଆଜି ଚତୁର୍ଥ ଟି୨୦

ବିଶାଖାପାଟଣା, ୨୭।୧ (ପି.ଟି.)

ଭ୍ରମଣକାରୀ ନ୍ୟୁଜିଲାଣ୍ଡ ଓ ଭାରତୀୟ ଦଳ ମଧ୍ୟରେ ବୁଧବାର ସ୍ଥାନୀୟ ଏସିଏ-ଭିସିଡିଏ ଷ୍ଟାଡିୟମରେ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ କ୍ରିକେଟ ସିରିଜ୍‌ର ଚତୁର୍ଥ ମ୍ୟାଚ୍ ଖେଳାଯିବ। ସିରିଜ୍‌କୁ ଆଗୁଆ ୩-୦ରେ ଜିତି ସାରିଥିବା ଘରୋଇ ଦଳ ପାଇଁ ଏପର୍ଯ୍ୟନ୍ତ ପ୍ରାୟତଃ ଖେଳାଳି ଜବରଦସ୍ତ ପ୍ରଦର୍ଶନ କରିଥିବାବେଳେ ସଞ୍ଜୁ ସାମସନ, କୁଲଦୀପ ଯାଦବଙ୍କ ଭଳି କିଛି ଖେଳାଳି ଆଖିଦୃଶିଆ ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି। ଟି୨୦ ବିଶ୍ୱକପ୍‌କୁ ଆଉ ମାତ୍ର ୧୦ ଦିନରୁ କମ୍ ସମୟ ଥିବାରୁ ଭାରତୀୟ ଦଳର ମ୍ୟାନେଜମେଣ୍ଟ ଏହି ମ୍ୟାଚ୍‌ରେ ଦଳୀୟ କମ୍ବିନେଶନରେ କିଛି ପରୀକ୍ଷାନିରୀକ୍ଷା କରିପାରେ। ଅଭିଷେକ ଶର୍ମା, ଅଧିନାୟକ ସୂର୍ଯ୍ୟକୁମାର ଓ ଇଶାନ କିଶନଙ୍କ ବିସ୍ଫୋରକ ବ୍ୟାଟିଂ ପ୍ରଦର୍ଶନ ଚଳିତ ସିରିଜ୍‌ରେ ଭାରତର ଟି୨୦ ବ୍ୟାଟିଂ ଶୈଳୀକୁ ପରିପ୍ରକାଶ କରିଛି। ଅଭିଷେକ ୩୦୦ ଓ ସୂର୍ଯ୍ୟକୁମାର ଓ କିଶନ ୨୩୦ ଷ୍ଟ୍ରାଇକ୍‌ରେଟରେ ଖେଳୁଛନ୍ତି। ଯଦି ଏଠାକାର ପିଚ୍ ଓ କାକର ସୁହାଏ, ତେବେ ଏଠାରେ ମଧ୍ୟ ଏକ ହାଇସ୍କୋରିଂ ମ୍ୟାଚ୍ ଦେଖିବାକୁ ମିଳିବ। ବ୍ୟାଟିଂ ଲାଇନର ଏକମାତ୍ର ଚିନ୍ତା ହେଉଛି ସାମସନଙ୍କ ଫର୍ମ। ନିଜ ପସନ୍ଦୀୟ ଓପନିଂ ସ୍ଲଟରେ ଖେଳିବାକୁ ସୁଯୋଗ ପାଇଥିବା ସାମସନ ଏପର୍ଯ୍ୟନ୍ତ ୩ ମ୍ୟାଚ୍‌ରେ ୧୬ ରନ କରିଛନ୍ତି। କିନ୍ତୁ ତିଲକ ବର୍ମା ଦଳକୁ ଫେରି ନ ଥିବାରୁ ତାଙ୍କୁ ଆଉ ଏକ ସୁଯୋଗ ମିଳିପାରେ।


# Classified Everyday

0674-2580101, 9692975378



MATRIMONIAL

GROOM WANTED

45 ବର୍ଷ Govt. Hospitalରେ Head ନର୍ସ ଭାବେ କାର୍ଯ୍ୟରତ ମହିଳାଙ୍କ ପାଇଁ ବରପାତ୍ର ଆବଶ୍ୟକ। 8455853154. D-3196



REAL ESTATE

SALE

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

ଭୁବନେଶ୍ୱର GITA Engineering College ନିକଟ Infocity- 2 ପାଖରେ ଘରବାରି, Boundary ଥାଇ ପ୍ଲଟ୍ ବିକ୍ରିହେବ। 6372753860, 7008095537. D-3215

କଟକ-ଭୁବନେଶ୍ୱରର ମଧ୍ୟଭାଗରେ ଥିବା Sum-2 ଏବଂ Grand Bazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି SC general plot କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। 9658562429. D-3194

ଭୁବନେଶ୍ୱର, ଉତ୍ତରାଛକ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ KEC ପାଖରେ ready to move 2/3BHK flat ବିକ୍ରି ହେବ। 8327785834 D-3178

ଭୁବନେଶ୍ୱର ବରମୁଣ୍ଡାରୁ 48km farmhouse land ପିଚୁରୋଡକୁ ଲାଗି ଏକର ୨୮ଲକ୍ଷରେ ବିକ୍ରି ହେବ। 8144706560. D-3199




All types of physiotherapy and massage contact 9556924059 / 7656969134. D-3166

LOST

ମୁଁ ସଞ୍ଜିତ ଜେନା, ପିତା: ତ୍ରିଲୋଚନ ଜେନା, ସା: କପାଳେଶ୍ୱର, ପୋ./ଥାନା: ଚୌଦ୍ୱାର, ଜିଲ୍ଲା: କଟକ, ରେଜିଷ୍ଟ୍ରିଭୁକ୍ତ ବିକ୍ରୟ କବଲା ନଂ.- ୧୩୧୮/୨୦୦୭, ତା୨୫।୦୭।୨୦୦୭ରିଖ ଯାହାକି ରେଣୁବାଳା ବଳଙ୍କ ନାମରେ ନାମିତ ଥିଲା। ତାହା ମୋର କପାଳେଶ୍ୱର ଅଫିସରେ ତା୦୮।୧୨।୨୦୨୫ରେ ହଜିଯାଇଛି। ଆବଶ୍ୟକସ୍ଥଳେ ଏହି କବଳାର ଅବିକଳ ନକଲ ବ୍ୟବହାର କରାଗଲେ କାହାର ଆପତ୍ତି ରହିବ ନାହିଁ। ଧ-୩୨୧୯

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

AFFIDAVIT



By virtue of an affidavit before Executive Magistrate, Pottangi, I, ENKITI BEBARTTA, S/o. Late BEBARTTA TAMAYA has changed my surname from Khora to BEBARTTA. Hence, I will be known as Sri ENKITI BEBARTTA for all purposes. D-3217



By virtue of an affidavit before Executive Magistrate, Pottangi, I, Smt. Jipali Jani, W/o. Late Jani Apana has changed my name from Jani Dipali to Jipali Jani. Hence, I will be known as Smt. Jipali Jani for all purposes. D-3216

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Notary Public, Saintala, dtd.- 30.10.2025, I, Shiba Meher, S/o.- Dingar Meher, R/o. Village- Phatamunda, P.O.- Tikrapada, P.S.- Saintala, Dist.- Balangir, Odisha, PIN- 767026 declare that now I have changed my name from Sivaram Dewangan to Shiba Meher. Henceforth, I shall be known as Shiba Meher for all purposes.
Shiba Meher
D-3211

By virtue of an affidavit sworn before the Notary Public, Saintala, dtd.- 30.10.2025, I, Prabhabati Meher, W/o.- Shiba Meher, R/o. Village- Phatamunda, P.O.- Tikrapada, P.S.- Saintala, Dist.- Balangir, Odisha, PIN- 767026 declare that now I have changed my name from Prabhawati Dewangan to Prabhabati Meher. Henceforth, I shall be known as Prabhabati Meher for all purposes.
Prabhabati Meher
D-3210

I, Raja Kumar Thakur, F/o- Anand Thakur, resident of Madan Mohan Pada, Town- Bhawanipatna, P.S.- Bhawanipatna, Dist.- Kalahandi, PIN- 766001, Odisha declare by this affidavit No. 15AA 181285 dtd.- 21.01.2026 that now onwards I shall be known as RAJKUMAR THAKUR for all future purposes. D-3209

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before the Executive Magistrate, Talcher, dtd.- 20.01.2026, I, Basanta Naik, S/o.- Nidhi Naik of Vill./P.O.- Nalam, P.S.- Kaniha, SD- Talcher, Dist.- Angul, Odisha, PIN- 759117 do hereby declare that my son have changed his name from SUBHANKAR NAIK to ABHISEK NAIK. Henceforth, my son shall be known as ABHISEK NAIK for all purpose.
Basanta Naik
D-3213

By virtue of an affidavit (No. 397, dtd. 07.01.2026) sworn before the Executive Magistrate, Kukudakhandi, Ganjam, I, Parabastu Raghabandra Swamy, S/o.- P. Ramanujia Swamy, resident At/ P.O.- Ankushpur, P.S.- Berhampur Sadar, Dist.- Ganjam- 761100, Odisha declare that, I have changed my name from Raghabendra Swami to Parabastu Raghabandra Swamy. Henceforth, I shall be known as Parabastu Raghabandra Swamy (New name) for all purposes. D-76891

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ବୈଦେହୀ ମଲ୍ଲିକ
କୋପଣ୍ଡ, ଯାଜପୁର ରୋଡ
ଆବିର୍ଭାବ : ୨୪।୧୨।୧୯୩୯
ତିରୋଧାନ : ୧୮।୦୧।୨୦୨୬
ଆପଣ ଆମକୁ ଛାଡ଼ି ଚାଲି ଯିବାର ୧୧ଦିନ ବିତିଗଲାଣି । ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଆକଟ ସବୁବେଳେ ମନେ ପଡୁଛି। ଯେଉଁଠି ଥିଲେ ବି ଆପଣଙ୍କ ଆଶୀର୍ବାଦର ହାତ ଆମ ମଥାରେ ସର୍ବଦା ରହିଥାଉ । ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ଦିଅର ବାବାଜୀ, ପୁଅ ରବୀନ୍ଦ୍ର, ନବକିଶୋର ଓ ଅଜିତ, ପୁତୁରା ସୁଜିତ, ନିରଞ୍ଜନ, ରଞ୍ଜିତ ଓ ଦିଲ୍ଲୀପ
ଧ-୩୨୧୪



ମାୟା ପାଣିଗ୍ରାହୀ
ଅଧ୍ୟକ୍ଷା ମଧୁମାୟା ପାଣିଗ୍ରାହୀ ଫାଉଣ୍ଡେସନ୍ ଏବଂ ଆକାଶବାଣୀର କିମ୍ବଦନ୍ତୀ ବ୍ୟକ୍ତିତ୍ୱ ମଧୁସୂଦନ ପାଣିଗ୍ରାହୀଙ୍କ ଧର୍ମପତ୍ନୀ
ଆବିର୍ଭାବ : ୨୭-୦୫-୧୯୩୦ (ଜ୍ୟେଷ୍ଠ କୃଷ୍ଣ ତ୍ରୟୋଦଶୀ)
ତିରୋଧାନ: ୦୭-୦୨-୨୦୨୫ (ମାଘ ଶୁକ୍ଳ ଦଶମୀ)
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି
ସଂପର୍କ
ହୃଷୀକେଶ ପାଣିଗ୍ରାହୀ
ଅଶୋକ ନଗର, ୮ମ ଲାଇନ୍, ବ୍ରହ୍ମପୁର
ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ
ଧ-୩୨୦୮

ଦଶାହ ତିଥିରେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଚନ୍ଦ୍ର ଶେଖର ହୋତା (ବାବୁ)
(ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ, ସତ୍ୟବାଦୀ)
ଗୋପାଳପୁର, ପାଟଣା, ସାକ୍ଷୀଗୋପାଳ, ପୁରୀ
ଆବିର୍ଭାବ- ୨୦।୧୦।୧୯୪୮
ତିରୋଧାନ- ୨୦।୦୧।୨୦୨୬
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ସାହସ ଓ କର୍ତ୍ତବ୍ୟ ପରାୟଣତା ସର୍ବଦା ଅବିସ୍ମରଣୀୟ। ଅମରାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀସାକ୍ଷୀଗୋପାଳଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶ୍ରଦ୍ଧାଞ୍ଜଳି ସହ:-
ହତଭାଗ୍ୟ ପୁତ୍ର- ସିଦ୍ଧାର୍ଥ ହୋତା, କନ୍ୟା- ଅର୍ଚ୍ଚନା ହୋତା, ଲିପିକା ହୋତା, ନାତିନାତୁଣୀ, ହୋତା ପରିବାର ଓ ବନ୍ଧୁବର୍ଗ।
ଧ-୩୨୧୨

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
019972346@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଗହମରେ କାଳିଗୁଣ୍ଡି ପୋକ ଦମନ



**ଗ**ହମ ଫସଲରେ କାଳିଗୁଣ୍ଡି ରୋଗ ହୋଇଥିଲେ, ଏହାର ଦମନ ସକାଶେ ଆକ୍ରାନ୍ତ ଗଛଗୁଡିକୁ ମାଟିରେ ପୋତି ଦିଅନ୍ତୁ କିମ୍ବା ପୋଡି ଦିଅନ୍ତୁ ଏବଂ ଏକର ପ୍ରତି ୨୦୦ଗ୍ରାମ୍ କାର୍ବେଣ୍ଡାଜିମ୍ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସଅଳ ଲଗାଯାଇଥିବା ଫସଲରେ ଶସ୍ୟତ୍ୟାଗ ରୋଗ ଲାଗିବାର ଆଶଙ୍କା ଅଛି। ଏହାର ଦମନ ପାଇଁ ଏକର ପ୍ରତି ୬୦୦ଗ୍ରାମ୍ ମାଙ୍କୋଜେବ୍ ୨୦୦ଲିଟର ପାଣିରେ ସିଞ୍ଚନ କରନ୍ତୁ। ବର୍ଷା ନ ଥିଲେ ଫସଲରେ ଜଳସେଚନର ଆବଶ୍ୟକତା ବଢ଼ିଯାଇଥାଏ, ଫୁଲ ଓ କ୍ଷୀର ଢୋକିବା ଅବସ୍ଥାରେ ଜଳସେଚନ ପ୍ରତି ଧ୍ୟାନ ଦିଅନ୍ତୁ।

# ଡାଲିଜାତୀୟ ଫସଲ



**ଡା**ଲିଜାତୀୟ ଫସଲ ଚାଷ କରୁଥିଲେ ଏକ କି.ଗ୍ରା. ବିହନ ପିଛା କାର୍ବୋକ୍ସିନ୍ ୩୭.୫% x ଥିରାମ୍ ୩୭.୫% ମିଶ୍ରିତ ଡି.ଏସ୍. ଫିମ୍ପିନାଶକ ଔଷଧ ୨ ଗ୍ରାମ୍ ଗୋଳାଇ ବିହନ ବୁଣନ୍ତୁ। ହେକ୍ଟର ପ୍ରତି ୨୫ କି.ଗ୍ରା. ବିହନରେ ୫୦୦ ଗ୍ରାମ୍ ରାଇଜୋବିୟମ୍ ବୀଜାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । ବିହନକୁ ଧାଡ଼ିରେ ବୁଣନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନ ରଖନ୍ତୁ। ଜମିକୁ ଭଲ ଭାବରେ ଚାଷ କରି ହେକ୍ଟର ପିଛା ୧୦/୧୨ ଶଗଡ଼ ସଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ମୁଗ, ବିରି ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଜଉପୋକ ଲାଗିଲେ ହେକ୍ଟର ପିଛା ରୋଗର ୧ ଲିଟର କିମ୍ବା ଇମିଡ଼ାକ୍ଲୋପ୍ରିଡ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨ କି.ଗ୍ରା. ସେଚିତ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ ।

# ପନିପରିବା ଚାଷ



**ଶୀ**ତ ସହିତ ମେଘୁଆ ପାଗର ଆଶଙ୍କା ଥିଲେ ଛୁଇଁଜାତୀୟ ପନିପରିବାରେ ଜଉ ପୋକ ଲାଗିଥାଏ। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ଔଷଧ ପକାଇବାର ଏକ ସପ୍ତାହ ପରେ ଏହା ଖାଇବା ପାଇଁ ଉପଯୁକ୍ତ ହୋଇଥାଏ। କୋବିଜାତୀୟ ଫସଲରେ ଜଉପୋକ,ଠିକିରି ପିଠିଆ ପୋକ ଓ କାଳିମୁଣ୍ଡି ପୋକ ଆଦି ଲାଗିବାର ଆଶଙ୍କା ଅଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ। ନଚେତ୍ ଏକର ପ୍ରତି ୪୦୦ମିଲି ଏଣ୍ଡୋସଲଫାନ୍ କିମ୍ବା ୫୦୦ ମିଲି ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କୋବିଜାତୀୟ ଫସଲରେ ଅଲଟର୍‌ନାରିଆ ଜନିତ ପତ୍ରପୋଡା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଲଙ୍କାରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ଗ୍ରାମ୍ ହିସାବରେ ଥାଓଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ।

# ଗୋବରର ମାହାତ୍ମ୍ୟ



ପ୍ର. ସୁବୋଧ କୁମାର ସାହୁ

"କୃଷି କ୍ଷେତ୍ରରେ ଗୋବରର ଅବଦାନ ଅତୁଳନୀୟ। ଆମ ରାଜ୍ୟରେ(୨୦୨୫ ଗଣନା ଅନୁସାରେ) ୯ ଲକ୍ଷ ୯୦ ହଜାର ଗୋରୁ ଅଛନ୍ତି । ପ୍ରତ୍ୟେକ ଗୋରୁ ଦିନକୁ ପ୍ରାୟ ୧୦ କିଲୋ ଗୋବର ତ୍ୟାଗ କରନ୍ତି। ଏହା ଦ୍ୱାରା ଆମେ ଦିନକୁ ପ୍ରାୟ ୯୯ ଲକ୍ଷ ଟନ୍ ତଟକା ଗୋବର ପାଇଥାଉ । ଗୋବରରେ ଶତକଡା ୭୫ ଭାଗ ଜଳୀୟ ଅଂଶକୁ ବାଦ୍ ଦେଲେ, ଆମେ ଦିନକୁ ୨.୪୭ ଲକ୍ଷ ଟନ୍ ଶୁଖିଲା ଖତ ପାଇବା। ଶୁଖିଲା ଗୋବରରେ ଶତକଡା ୦.୫ ଭାଗ ନାଇଟ୍ରୋଜେନ ବା ଯବକ୍ଷାରଯାନ, ୦.୨୦ ଭାଗ ଫସ୍‌ଫରସ୍ ଏବଂ ୦.୨ ଭାଗ ପଟାସ ଥାଏ।"

**ଗୋ**ଜାତୀୟ ପ୍ରାଣୀଙ୍କଠାରୁ ନିର୍ଗତ ମଳ ହେଉଛି ଗୋବର । ହିନ୍ଦୁମାନଙ୍କ ପାଇଁ ଗୋବର ଅତି ପବିତ୍ର । ହିନ୍ଦୁନାରୀ ପ୍ରତିଦିନ ପ୍ରତ୍ୟୁଷରେ ସଜ ଗୋବରର ପାଣିରେ ଘରର ଅଗଣା ଏବଂ ଦାଣ୍ଡ ଶୁଦ୍ଧ କରେ । ଗୋବରରେ ଅନେକ ଜୀବାଣୁନାଶକ ଗୁଣ ଅଛି । ସେଥିପାଇଁ ପ୍ରତି ପର୍ବପର୍ବାଣିରେ ହିନ୍ଦୁ ନାରୀ ମାଟି ଘରର କାନ୍ଥ, ପିଣ୍ଡା ଏବଂ ବାରଣ୍ଡାକୁ ମାଟି ମିଶ୍ରିତ ଗୋବର ମଣ୍ଡରେ ଲିପେ । ଖାଦ୍ୟ ଖାଇସାରିବା ପରେ ମାଛିକୁ ଦୂରେଇ ରଖିବା ପାଇଁ ମାଟି ଚଟାଣକୁ ଗୋବରରେ ଲିପାଯାଏ । ଶବ ଉଠିଲା ପରେ ଘରେ, ବାହାରେ ଏବଂ ଶବ ଯିବା ରାସ୍ତାରେ ଗୋବର ପାଣି ପକାଯିବାର ପ୍ରଥା ଅଛି। ପ୍ରବାଦ ଅଛି ବିଧର୍ମୀ ବ୍ୟକ୍ତି ଗୋବର ପାଣି ପିଇଲେ ନିଜ ଧର୍ମକୁ ଫେରିଆସେ। ଦକ୍ଷିଣ ଭାରତର କେତେକ ରାଜ୍ୟରେ ଗୋବରରେ ପ୍ରସ୍ତୁତ ଶୁଖିଲା ଘଷିରେ ଶବ ସତ୍କାର କଲେ ସ୍ୱର୍ଗରେ ଆତ୍ମାକୁ ଶାନ୍ତି ମିଳେ ବୋଲି ପ୍ରବାଦ ଅଛି । ବିଭିନ୍ନ ପୂଜା କାର୍ଯ୍ୟରେ ଗୋବର ବ୍ୟବହାର କରାଯାଏ। ହୋମ ଯଜ୍ଞ ଆଦିରେ ଘୃତ ଏବଂ କ୍ଷୀର ସହ ଗୋବର ଅର୍ପଣ କରାଯାଏ । ଗୋବର ସହ ଅଳ୍ପ ମାଟି ମିଶାଇ ଦୀପ ଏବଂ ଝୁଣାଦାନି ପ୍ରସ୍ତୁତ କରାଯାଏ। ଉକ୍ତ ଧୂପଦାନି ଦହନୀୟ। ଏଥିରୁ ନିର୍ଗତ ଧୂଆଁ ଦ୍ୱାରା ପରିବେଶ ପୂତମୟ ହୁଏ।

କେତେକ ରାଜ୍ୟରେ ମାଟି ସହ ଗୋବର ମିଶାଇ ଇଟା ପ୍ରସ୍ତୁତି କରାଯାଏ । ଏହି ଇଟାରେ ନିର୍ମାଣ ଘର ଗ୍ରୀଷ୍ମ ଋତୁରେ ଥଣ୍ଡା ରହେ । ଅବଶ୍ୟ ଏପ୍ରକାର ଘର ଖୁବ୍ କ୍ୱଚିତ୍ ଦେଖାଯାଉଛି । ଗାଁମାନଙ୍କରେ ଗୋବରରେ ଛୋଟ ଛୋଟ ଗୁଳି କରି ଖରାରେ ଶୁଖାଇ ରୋଷେଇ ପାଇଁ ଜାଳେଣି ରୂପେ ବ୍ୟବହାର କରାଯାଏ । ଗୋରୁମାନଙ୍କୁ ରାତିରେ ମଶାମାନଙ୍କଠାରୁ ଦୂରେଇ ରଖିବା ପାଇଁ ଗୁହାଳରେ ଶୁଖିଲା ଗୋବର ଗୁଳିରେ ଧୂଆଁ ଦିଆଯାଏ । ଏହି ଧୂଆଁ ଗୋରୁମାନଙ୍କ ପାଇଁ ସେତେ ପ୍ରଦୂଷିତ ନୁହେଁ । ଗୋବର ଜଳା ପରେ ଏହାର ଅବଶେଷକୁ ପାଉଁଶ କୁହାଯାଏ। ଉକ୍ତ ପାଉଁଶ ବାସନ ଆଦି ସଫାରେ ବ୍ୟବହାର କରାଯାଏ । କେତେକ ବ୍ୟକ୍ତି ଉକ୍ତ ପାଉଁଶକୁ ଦାନ୍ତ ସଫାରେ ବ୍ୟବହାର କରନ୍ତି । ଗୋବର ପାଉଁଶରେ ପ୍ରାୟ ୦.୨୦ ରୁ ୦.୨୫ ଶତକଡା କ୍ୟାଲସିୟମ ଥାଏ, ଯାହାକୁ ଅମ୍ଳ ମାଟି ଶୋଧନ ପାଇଁ ଚାଷୀ ବ୍ୟବହାର କରନ୍ତି। କୃଷି କ୍ଷେତ୍ରରେ ଗୋବରର ଅବଦାନ ଅତୁଳନୀୟ । ଆମ ରାଜ୍ୟରେ (୨୦୨୫ ଗଣନା ଅନୁସାରେ) ୯ ଲକ୍ଷ ୯୦ ହଜାର ଗୋରୁ ଅଛନ୍ତି। ପ୍ରତ୍ୟେକ ଗୋରୁ ଦିନକୁ ପ୍ରାୟ ୧୦ କିଲୋ ଗୋବର ତ୍ୟାଗ କରନ୍ତି । ଏହା ଦ୍ୱାରା ଆମେ ଦିନକୁ ପ୍ରାୟ ୯୯ ଲକ୍ଷ ଟନ୍ ତଟକା ଗୋବର ପାଇଥାଉ। ଗୋବରରେ ଶତକଡା ୭୫ ଭାଗ ଜଳୀୟ ଅଂଶକୁ ବାଦ୍ ଦେଲେ, ଆମେ ଦିନକୁ ୨.୪୭ ଲକ୍ଷ ଟନ୍ ଶୁଖିଲା ଖତ ପାଇବା । ଶୁଖିଲା ଗୋବରରେ ଶତକଡା ୦.୫ ଭାଗ ନାଇଟ୍ରୋଜେନ ବା ଯବକ୍ଷାରଯାନ, ୦.୨୦ ଭାଗ ଫସଫରସ୍ ଏବଂ ୦.୨ ଭାଗ ପଟାସ ଥାଏ । ଉକ୍ତ ହିସାବ ଅନୁସାରେ ଆମ ରାଜ୍ୟର ଚାଷୀ ବର୍ଷକୁ ନାଇଟ୍ରୋଜେନ ଏବଂ ପଟାସ ପ୍ରତ୍ୟେକରୁ ୧୨୩.୭ ଲକ୍ଷ ଟନ୍ ଏବଂ ଫସ୍‌ଫରସ୍ ୪୯.୫ ଲକ୍ଷ ଟନ୍ ଜୈବିକ ପୋଷକ ଉପାଦାନ ଫସଲ ପାଇଁ ପାଇପାରିବେ । ଜୈବିକ ଗୋବର ଖତ ପ୍ରଦୂଷଣବିହୀନ। ଉକ୍ତ ଖତ ମାଟିର ଭୌତିକ ଧର୍ମ ଯଥା ବୟନ, ସଂରଚନା, ଜଳ ଏବଂ ଧାରଣ ଶକ୍ତି ବଢାଇ ଥାଏ । ଏହାଛଡା ଗୋବର ଖତ ମାଟିରେ ଥିବା କୋଟି କୋଟି ଉପକାରୀ ବୀଜାଣୁଙ୍କର ବଂଶ ବୃଦ୍ଧି ଘଟାଇ ମାଟିକୁ ଉର୍ବର କରେ। ଖତରେ ନାଇଟ୍ରୋଜେନ, ଫସ୍‌ଫରସ୍ ଏବଂ ପଟାସ ମୁଖ୍ୟ ପୋଷକ ଉପାଦାନ ବ୍ୟତୀତ ୩ ଗୋଟି ଗୌଣ ଉପାଦାନ ଯଥା କ୍ୟାଲସିୟମ, ମ୍ୟାଗ୍ନେସିୟମ ଏବଂ ସଲ୍‌ଫର ସହ ୮ ଗୋଟି ଅଣୁ ପୋଷକ ଉପାଦାନ ନିର୍ଦ୍ଦିଷ୍ଟ ଅନୁପାତରେ ଥାଏ। ତେଣୁ ଗୋବର ଖତ ଚାଷୀମାନଙ୍କ ପାଇଁ ଆଶୀର୍ବାଦ ସ୍ୱରୂପ। ପ୍ରତ୍ୟେକ ଫସଲ ପାଇଁ ହେକ୍ଟର ପ୍ରତି ଅତି କମ୍‌ରେ ୫ ଟନ୍ ଶୁଖିଲା ଗୋବର ଖତ ଆବଶ୍ୟକ ହୋଇଥାଏ। ରାଜ୍ୟରେ ସମୁଦାୟ ପ୍ରାୟ ୬୫ ଲକ୍ଷ ହେକ୍ଟର ଚାଷ ଜମି ପାଇଁ ୩୨୫ ଟନ୍ ଶୁଖିଲା ଗୋବର ଖତ ଆବଶ୍ୟକ। ଏତେ ପରିମାଣର ଗୋବର ଖତ ପାଇବା ଚାଷୀ ପକ୍ଷେ ଅସମ୍ଭବ। ଏହାବ୍ୟତୀତ ଗୋବରକୁ ଅନ୍ୟ ବହୁବିଧ ବ୍ୟବହାରରେ ମଧ୍ୟ ଲଗାଯାଏ । ତେଣୁ ଚାଷୀ ଫସଲ ପାଇଁ ରାସାୟନିକ ସାର ଉପରେ ନିର୍ଭର କରନ୍ତି । ଗୋବର ଜିଆମାନଙ୍କର ଏକ ଉତ୍କୃଷ୍ଟ ଖାଦ୍ୟ । ଗୋବରରୁ ଜିଆ ଖତ ପ୍ରସ୍ତୁତ କରାଯାଏ । ଉକ୍ତ ଖତରେ ଶତକଡା ହିସାବରେ ନାଇଟ୍ରୋଜେନ ୧.୪ ରୁ ୧.୬, ଫସ୍‌ଫେଟ୍ ୦.୩ ରୁ ୦.୫ ଏବଂ ପଟାସ ୧.୫ ରୁ ୧.୮ ଥାଏ। ପନିପରିବା ଏବଂ ଫୁଲ ଚାଷ ପାଇଁ ଜିଆ ଖତ ଉତ୍କୃଷ୍ଟ। ଧାନ ଫସଲରେ ଜୀବାଣୁଜନିତ ପତ୍ରଶୁଖା ରୋଗ ପାଇଁ ସଜ ଗୋବର ଏକ ଅମୋଘ ଜୈବିକ ଔଷଧ । ଗୋବରକୁ ପାଣି କରି ଧାନ ଫସଲରେ ପକାଇଲେ ପତ୍ରଶୁଖା ରୋଗ ଦୂର ହୋଇଥାଏ ।



ଜୈବିକ ପ୍ରଣାଳୀରେ ଗୋବରରୁ ଦହନୀୟ ମିଥେନ ବାଷ୍ପ ଏବଂ ବିଦ୍ୟୁତ୍ ଉତ୍ପାଦନ କରାଯାଏ। ଗୋବର ଗ୍ୟାସ୍‌ରେ ଥିବା ଶତକଡା ୫୦ରୁ ୭୦ ଭାଗ ମିଥେନ ବାଷ୍ପ ରୋଷେଇ କାର୍ଯ୍ୟରେ ବ୍ୟବହାର କରାଯିବା ସହ ଏଥିରୁ ଉତ୍ପନ୍ନ ବିଦ୍ୟୁତ୍‌ରେ ୬ ୱାଟ୍‌ର ଏକ ବିଦ୍ୟୁତ୍ ବଲ୍‌ବ ଜଳିପାରିବ। ଗୋବର ଗ୍ୟାସ ନିର୍ଗତ ତରଳ ଗୋବର ଶୁଖିଗଲେ ଏହା ଏକ ଉତ୍କୃଷ୍ଟ ଜୈବିକ ଖତରେ ପରିଣତ ହୁଏ । ଉକ୍ତ ଖତରେ ନାଇଟ୍ରୋଜେନ, ଫସ୍‌ଫେଟ୍ ଏବଂ ପଟାସ ଯଥାକ୍ରମେ ଶତକଡା ୧.୦ରୁ ୧.୨, ଫସ୍‌ଫେଟ୍ ୦.୨ ରୁ ୦.୩ ଏବଂ ପଟାସ ୦.୯୦ ରୁ ୧.୧ ଥାଏ । ଉକ୍ତ ଖତ ପନିପରିବା ଫସଲ ପାଇଁ ଉପଯୋଗୀ ମାନବ ସମାଜ ପାଇଁ ଗୋବର ଭୂମିକା ଅବର୍ଣ୍ଣନୀୟ। ଏଣୁ ଗୋବର ଆମର ଏକ ଅମୂଲ୍ୟ ସମ୍ପଦ । ଏଥିପାଇଁ ଆମେ ଗୋବରଦାତା, ଗୋରୁଙ୍କୁ ସମ୍ମାନର ସହ ପୂଜା କରିବା ଉଚିତ୍ ।

–ଶୈଳଶ୍ରୀ ବିହାର,ଭୁବନେଶ୍ୱର
ମୋ: ୯୫୫୬୨୬୬୦୮୫



## ପ୍ରାଣୀଙ୍କ ଯତ୍ନ

**ଗୋ**ରୁଙ୍କର ସାହାଣ, ବଜବଜିଆ ଓ ଫାଟୁଆ ରୋଗ ପାଇଁ ଏଫ.ଏମ୍.ଡି ଭାକ୍ସିନ୍ ଓ ଛେଳିମାନଙ୍କର ପିପିଆର ରୋଗ ଲାଗି ପିପିଆର ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ। କୁକୁଡାଙ୍କର ନାଳି ଝାଡା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ଏକ ଲିଟର ପାଣିରେ ମିଶାଇ ୩ଦିନ ପର୍ଯ୍ୟନ୍ତ ଦିଅନ୍ତୁ। କୁକୁଡାର ଘୁମା ରୋଗ ନିୟନ୍ତ୍ରଣ ପାଇଁ ୭ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩–୧୫ଦିନ ଭିତରେ ଆଇ.ବି.ଡି. ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ। ବନରାଜା ଓ ଗ୍ରାମପ୍ରିୟ କୁକୁଡା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡା ଫାର୍ମ ସହ ଯୋଗାଯୋଗ କରନ୍ତୁ। ଗୃହପାଳିତ ପ୍ରାଣୀଙ୍କୁ ଶୀତରୁ ରକ୍ଷା କରିବା ପାଇଁ ଗୁହାଳରେ ଫାଙ୍କଥିବା ଜାଗାକୁ ଅଖାରେ ବନ୍ଦ କରନ୍ତୁ ଏବଂ ସୁବିଧା ଥିଲେ ଗୋରୁଙ୍କୁ ମଧ୍ୟ ଅଖାରେ ଘୋଡାଇ ଦିଅନ୍ତୁ। ଗୋରୁଙ୍କର ଫାଟୁଆ ରୋଗ, ଛେଳିଙ୍କର ପିପିଆର ରୋଗ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ।

# ଆଖୁରେ ସାର ପ୍ରୟୋଗ



**ଆ**ଗରୁ ଲଗାଯାଇଥିବା ଆଖୁ ୪୫ଦିନର ହୋଇଯାଇଥିଲେ କୋଡା ଖୁସା କରି ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାରକୁ ଧାଡିରେ ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ। ମୂଳି ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ମନ୍ଦା ପ୍ରଣାଳୀରେ ଲଗାଯାଇଥିବା ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ମନ୍ଦା ପିଛା ୧୫ଗ୍ରାମ୍ ୟୁରିଆ ଓ ୧୦ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ଯବକ୍ଷାରଜାନ ସାରକୁ ୟୁରିଆ ସାର ହିସାବରେ ବ୍ୟବହାର କଲେ ୟୁରିଆ ସହିତ ନିମ୍ବ ପିଡିଆ ମିଶାଇ ପ୍ରୟୋଗ କରନ୍ତୁ। ୧୦୦କିଗ୍ରା ୟୁରିଆ ସହିତ ୨୦କି.ଗ୍ରା. ନିମ୍ବ ପିଡିଆ ମିଶାଇବାକୁ ପଡିଥାଏ। ରାସାୟନିକ ଜୈବିକ ସାରକୁ ୫୦୦କି.ଗ୍ରା. ଗୁଣ୍ଡ ଗୋବର ଖତ ସହିତ ମିଶାଇ ଆଖୁ ଲଗାଇବାର ୩୦ଦିନରେ ଥରେ ଏବଂ ୬୦ଦିନରେ ଆଉଥରେ ଆଖୁ ଗଛ ମୂଳରେ ଦିଅନ୍ତୁ।

## ରାଶି ଚାଷ କରୁଥିଲେ...

**ଜା**ନୁୟାରୀ ଶେଷରୁ ଫେବୃଆରୀ ୧୫ସୁଦ୍ଧା ରାଶି ବୁଣାବୁଣି ଶେଷ କରନ୍ତୁ। ଏପରି କଲେ ଅମଳ ବେଳେ ଅଦିନିଆ ବର୍ଷା ଯୋଗୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ରାଶିର ଉନ୍ନତ କିସମ ବିହନ ଯଥା ଉମା, କାଳିକା ଆଦି ସଂଗ୍ରହ କରନ୍ତୁ। ଜମିକୁ ପଟାଳିରେ ବିଭକ୍ତ କଲେ ଖରାଦିନିଆ ରାଶି ଚାଷ ପାଇଁ ପାଣି ମଡ଼ାଇବା ସୁବିଧାଜନକ ହେବ। ଏକର ପ୍ରତି ୨ରୁ ୨.୫କେଜି ବିହନ ଆବଶ୍ୟକ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ତଳିମରା ବା ମୂଳଶଢ଼ା ରୋଗର ଦମନ ପାଇଁ ବିହନ ବୁଣିବାର ଦୁଇଦିନ ପୂର୍ବରୁ ପ୍ରତି କିଗ୍ରା ବିହନକୁ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୩ଗ୍ରାମ୍ ଥିରାମ୍ ସହ ବିଶୋଧନ କରନ୍ତୁ। ଏକର ପ୍ରତି ୮ଗାଡି ଗୋବର ଖତ ଶେଷ ଓଡ଼ ଚାଷ ସମୟରେ ଜମିରେ ପ୍ରୟୋଗ କରନ୍ତୁ। ଏକର ପ୍ରତି ଅନୁମୋଦିତ ଖାଦ୍ୟସାରକୁ (୧୨:୮:୮) ଓ ୧୦କେଜି ସଲଫର୍ ମଧ୍ୟରୁ ଅଧା ଯବକ୍ଷାରଜାନ (୬କି.ଗ୍ରା.), ଫସଫରସ (୮କି.ଗ୍ରା.),ପଟାସ(୮କି.ଗ୍ରା.) ଓ ସଲଫର(୧୦କି.ଗ୍ରା.) ବୁଣିଲାବେଳେ ପ୍ରୟୋଗ କରନ୍ତୁ। ଧାଡ଼ିକୁ ଧାଡ଼ି ୨୫ରୁ ୩୦ସେ.ମି. ଓ ଗଛକୁ ଗଛ ୫ରୁ ୧୦ସେ.ମି. ଦୂରତାରେ ବିହନ ବୁଣନ୍ତୁ। ରାଶି ମଞ୍ଜି ଅତି ଛୋଟ ହୋଇଥିବାରୁ ବିହନ ବୁଣିବା ସମୟରେ ଏହାକୁ ଶୁଖିଲା ବାଲି,ମାଟି କିମ୍ବା କରତ ଗୁଣ୍ଡରେ ଭଲଭାବରେ ମିଶାଇ ବୁଣିଲେ, କମ୍ ବିହନ ଦରକାର ହେବା ସଙ୍ଗେ ସଙ୍ଗେ ସମାନ ଭାବରେ ଧାଡ଼ିରେ ପଡ଼େ।





## ଖରିଫ ଧାନ ସାଇତି ରଖିବା ପୂର୍ବରୁ...

**ଖ**ରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩–୪ ଦିନ ଟାଣ ଖରାରେ ଶୁଖାଇ ଦେବା ଉଚିତ । ଧାନ ସାଇତିବା ପୂର୍ବରୁ ଅମାର ଘର ସଫା କରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିଦିଅନ୍ତୁ। ଅମାର ଘର କବାଟ ଓ ଝରକାରେ ଫାଙ୍କ ଥିଲେ ବନ୍ଦ କରିଦିଅନ୍ତୁ । ଅମାର ସଫା କରିବା ପରେ ଧାନରେ ପୋକ ନ ଲାଗିବା ପାଇଁ ୯୫ କି.ଗ୍ରା. ଧାନ ସହିତ ୫ କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇ ବସ୍ତାରେ ସାଇତି ରଖନ୍ତୁ। ପୁରୁଣା ବସ୍ତାଗୁଡ଼ିକ ଧାନ ରଖିବା ପୂର୍ବରୁ ଗରମ ପାଣିରେ ଫୁଟାଇ ଖରାରେ ଶୁଖାଇବା ଉଚିତ। ଡାଲୁଅ ଧାନ ତଳି ପ୍ରସ୍ତୁତି (ଏକ ହେକ୍ଟର ଚାଷ ପାଇଁ ୨୫ ଡେସିମିଲି ଜମିରେ ତଳି ପଡ଼େ) ପାଇଁ ତଳି କିଆରିକୁ କାଦୁଅ କରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ଶଢ଼ା ଗୋବର ଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ । ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ । ୧୨–୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ । ବିହନରୁ କଣ୍ଡା, ଅଗାଡ଼ି ବାହାର କରିବା ପାଇଁ ଏହାକୁ ଲୁଣ ପାଣି ଉପଚାର କରନ୍ତୁ। ଧାନ ବିହନକୁ ଭଲଭାବରେ ଧୋଇ ୨୪ ଘଣ୍ଟା ପାଣିରେ ଭିଜାଇ ଛାଣି ଚଟାଣରେ ଘୋଡ଼ାଇ ଦିଅନ୍ତୁ। ଗାଜି ଫିଟିବା ପରେ ବିହନକୁ କାଦୁଅ ତଳି ପଟିରେ ବୁଣନ୍ତୁ । ବିହନ କିସମ : ସହଳ – ଖଣ୍ଡଗିରି, ପାରିଜାତ, ସିଦ୍ଧାନ୍ତ ଓ ସହଭାଗୀ ଧାନ । ମଧ୍ୟମ–ଲଲାଟ, ମନସ୍ୱିନୀ, ମନ୍ଦାକିନୀ, ଜ୍ୟୋତିର୍ମୟୀ, କୋଣାର୍କ, ପ୍ରତିଭା, ତପସ୍ୱିନୀ, ଗଜପତି ଓ ନବୀନ। କିଆରିରେ ପାଣି ଚାଳିବା ପାଇଁ ନାଳି ରଖନ୍ତୁ। ଏହାଦ୍ୱାରା ସାର ଓ କୀଟନାଶକ ଦ୍ରବ୍ୟ ବ୍ୟବହାର କରିବା ସହଜ ହୋଇଥାଏ।

# ଶୀତଦିନେ ଦୁଗ୍ଧ ଉତ୍ପାଦନ ହ୍ରାସର କାରଣ ଓ ନିରାକରଣ

(ଶେଷ ଭାଗ)



**ଥଣ୍ଡାରୁ ଗାଇ ଓ ମଇଁଷିମାନଙ୍କୁ ସୁରକ୍ଷା**
ଜୋର ଥଣ୍ଡା ପବନ ଦୁଧିଆଳୀ ଗାଇ ଓ ମଇଁଷିମାନଙ୍କ ଶରୀରରେ ସିଧାସଳଖ ବାଜିଲେ, ଏହାର ପ୍ରଭାବ ସିଧାସଳଖ ଦୁଗ୍ଧ ଉତ୍ପାଦନରେ ପଡିଥାଏ। ତେଣୁ ସେମାନଙ୍କୁ ଥଣ୍ଡା ଦାଉରୁ ରକ୍ଷା କରିବା ପାଇଁ ଗୁହାଳ ଚାରିପଟେ ପଲିଥିନ କିମ୍ବା ଅଖା ଦ୍ୱାରା ଆବୃତ କରାଯିବା ଉଚିତ । ଏତଦ୍‌ବ୍ୟତୀତ ସେମାନେ ଶୋଉଥିବା ଚଟାଣରେ ଶୁଖିଲା କୁଟା କିମ୍ବା ଘାସ ପକାଇବା ଉଚିତ। ଏହାଦ୍ୱାରା ସେମାନେ ଥଣ୍ଡା ଅନୁଭବ କରନ୍ତି ନାହିଁ। ସେମାନଙ୍କର ଶକ୍ତି ସଞ୍ଚୟ ହୋଇ ରହେ ଏବଂ ଦୁଗ୍ଧ ଉତ୍ପାଦନ ବଢିଥାଏ।

**ସକାଳର କଅଁଳ ସୂର୍ଯ୍ୟକିରଣ**
ଶୀତଦିନେ ସକାଳର କଅଁଳିଆ ସୂର୍ଯ୍ୟକିରଣ ଦୁଧିଆଳୀ ଗାଇ ଓ ମଇଁଷିମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କୁ ପ୍ରତିଦିନ ୧୫–୨୦ ମିନିଟ ସକାଳ ସୂର୍ଯ୍ୟକିରଣରେ ବାନ୍ଧନ୍ତୁ। ଏହାଦ୍ୱାରା ସେମାନେ ନିଜକୁ ଗରମ ଅନୁଭବ କରିବେ ଏବଂ କମ୍ ଚାପଗ୍ରସ୍ତ ହେବେ। ଏହାଦ୍ୱାରା ସେମାନେ ଭିଟାମିନ–ଡି ପାଇଥାନ୍ତି।

**ଚାପମୁକ୍ତ ପରିବେଶ ଯୋଗାଇବା**
ଶୀତଦିନେ ଅତ୍ୟଧିକ ଥଣ୍ଡା ଯୋଗୁ ଦୁଧିଆଳୀ ଗାଇ ଓ ମଇଁଷିମାନେ ଚାପଗ୍ରସ୍ତ ହୋଇଥାନ୍ତି। ତେଣୁ ସେମାନଙ୍କୁ ତଥା ସେମାନଙ୍କ ଗୁହାଳକୁ ଶାନ୍ତ,ସଫା,ଗରମ ସହ ସୁବ୍ୟବସ୍ଥିତ କରି ଶୀତଦିନେ ରଖିବା ଉଚିତ।

**ଖାଦ୍ୟ ହଜମ ପାଇଁ ଟନିକ :** ପାଚନ ପ୍ରକ୍ରିୟା ଠିକ୍ ଥିଲେ ଦୁଗ୍ଧ ଉତ୍ପାଦନ ଠିକ୍ ରହିଥାଏ। ଶୀତଦିନେ ପାଚନ ପ୍ରକ୍ରିୟାକୁ ଠିକ୍ ରଖିବା ପାଇଁ ଏକ ଚାମଚ ହଳଦୀ, ଏକ ଚାମଚ ଜୁଆଣି ଓ ଦୁଇ ଚାମଚ ଗୁଡକୁ ଉଷୁମ ପାଣିରେ ମିଶାଇ ଏକ ଟନିକ ଭାବରେ ସପ୍ତାହକୁ ଥରେ ଖାଇବାକୁ ଦେଲେ ହଜମ ପ୍ରକ୍ରିୟା ଠିକ୍ ରହିଥାଏ। ଏହାଫଳରେ ଦୁଗ୍ଧ ଉତ୍ପାଦନ ବଢିଥାଏ।

**ମିନେରାଲ ଓ ଭିଟାମିନ୍‌ର ଉପଯୋଗ**
ଶୀତଦିନେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ତଥା ଉତ୍ପାଦନର ମାତ୍ରା ଠିକ୍ ରଖିବା ପାଇଁ ଡାକ୍ତରଙ୍କ ପରାମର୍ଶ କ୍ରମେ ଏକ ଭଲ ବ୍ରାଣ୍ଡର ଭିଟାମିନ ଟନିକ ଓ ମିନେରାଲ ପାଉଡର ଦେବା ଉଚିତ।

**ବାଛୁରୀ ପରିଚାଳନା :** ବାଛୁରୀକୁ ଠିକ୍ ସମୟରେ ତା ମା' କ୍ଷୀର ନ ପିଆଇଲେ ଦୁଗ୍ଧ ଉତ୍ପାଦନ କମିଥାଏ। ତେଣୁ ବାଛୁରୀକୁ ନିୟମିତ ଠିକ୍ ସମୟରେ ପର୍ଯ୍ୟାପ୍ତ ପରିମାଣରେ ତା' ମା' ଠାରୁ କ୍ଷୀର ପିଇବାକୁ ଦେଲେ ଦୁଗ୍ଧ ଉତ୍ପାଦନ ଠିକ୍ ରହିଥାଏ। ତେଣୁ ଶୀତଦିନେ ଏହିସବୁ ଦିଗ ପ୍ରତି ଧ୍ୟାନ ଦେଇ ଗାଇ ଓ ମଇଁଷି ରଖିଲେ ଦୁଗ୍ଧ ଉତ୍ପାଦନ ବ୍ୟାହତ ଘଟି ନ ଥାଏ।

**–ଡା. ନିରାକାର ଜେନା**
ମୋ : ୯୪୩୯୮୯୦୦୨୬

ଧରିତ୍ରୀ 52 Years

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଜାନୁଆରୀ ୨୮/୨୦୨୬ Bhubaneswar, Wednesday, January 28/ 2026


 କଳିଙ୍ଗ ଷ୍ଟାଡିୟମରେ ଶେଷ ହୋଇଥିବା ହକି ଇଣ୍ଡିଆ ଲିଗ୍-୨୦୨୬ରେ ଚାମ୍ପିୟନ କଳିଙ୍ଗ ଲାନ୍ସର୍ସ ଦଳ ଟ୍ରଫି ସହ ଖୁସି ମୁହୂର୍ତ୍ତରେ। (ଫଟୋ: ବିକାଶ ନାୟକ)

# ହକି ଇଣ୍ଡିଆ ଲିଗ୍: କଳିଙ୍ଗ ଲାନ୍ସର୍ସ ଚାମ୍ପିୟନ

**ଭୁବନେଶ୍ୱର, ୨୭।୧ (ତପନ ସ୍ୱାଇଁ)**

ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ର ୭ମ ସଂସ୍କରଣ ସୋମବାର ଶେଷ ହୋଇଛି। କଳିଙ୍ଗ ଷ୍ଟାଡିୟମରେ ଭରପୂର ଦର୍ଶକଙ୍କ ଉପସ୍ଥିତିରେ ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ୩-୨ ଗୋଲରେ ରାଞ୍ଚି ରୟାଲ୍ସକୁ ପରାସ୍ତ କରିଛି। ପ୍ରତିଯୋଗିତାରେ ଏହା ହେଉଛି ଭୁବନେଶ୍ୱରଭିତ୍ତିକ ଫ୍ରାଞ୍ଚାଇଜ୍ ଲାନ୍ସର୍ସର ଦ୍ୱିତୀୟ ଟାଇଟଲ। ଏହା ପୂର୍ବରୁ ଦଳ ୨୦୧୭ରେ ଚାମ୍ପିୟନ ହୋଇଥିଲା। ଏଥର ଆଲେକ୍ଜାଣ୍ଡର ହେଣ୍ଡ୍ରିକ୍ସଙ୍କ ଡବଲ ଗୋଲ ଘରୋଇ ଦଳକୁ ଫାଇଦାରେ ରଖିଥିଲା। ମ୍ୟାଚ୍ ପୂର୍ବରୁ ବାଚସ୍ପତି ସୁରମା ପାଢ଼ୀ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ କଳିଙ୍ଗ ଲାନ୍ସର୍ସ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ରନରଅପ୍ ରାଞ୍ଚି ରୟାଲ୍ସ ଦଳର ଅଧିନାୟକ ଟମ୍ ବୁନ୍ଙ୍କୁ ପୁରସ୍କୃତ କରିଥିଲେ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ବିଧାୟକ ବାବୁ ସିଂ, କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ୟେଦୁଲା ବିଜୟ, ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ହକି ଇଣ୍ଡିଆ ସଭାପତି ଦିଲିପ ତିର୍କୀ, ସମ୍ପାଦକ ଭୋଲାନାଥ ସିଂ ଏବଂ ଅନ୍ୟ ଅତିଥିମାନେ ପୁରସ୍କାର ପ୍ରଦାନ ଉତ୍ସବରେ ସାମିଲ ଥିଲେ। ଏଥରର ହକି ଇଣ୍ଡିଆ ଲିଗ୍ର ପ୍ରଥମଭାଗ ଚେନ୍ନାଇରେ, ଦ୍ୱିତୀୟ ଭାଗ ରାଞ୍ଚିରେ ଏବଂ ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା।

ପୂରା ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଲାନ୍ସର୍ସ ଫାଇନାଲରେ ମଧ୍ୟ ଆରମ୍ଭରୁ ଆଧିପତ୍ୟ ଜାହିର କରିବାକୁ ଉଦ୍ୟମ କରିଥିଲା। ମ୍ୟାଚର ୪ର୍ଥ ମିନିଟରେ ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଆଲେକ୍ଜାଣ୍ଡର ହେଣ୍ଡ୍ରିକ୍ସ ଲାନ୍ସର୍ସକୁ ଅଗ୍ରଣୀ କରିଥିଲେ। ମାତ୍ର ୯ମ ମିନିଟରେ ଏକ ଫିଲ୍ଡ ଗୋଲ ମାଧ୍ୟମରେ ରାଞ୍ଚି ଦଳର ଅରାଇଜିତ ସିଂ ହୁଣ୍ଡାଲ ଗୋଲଟି ପରିଶୋଧ କରିବାରୁ ମ୍ୟାଚରେ ରୋମାଞ୍ଚ ଭରିଥିଲା। ଦ୍ୱିତୀୟ କ୍ୱାର୍ଟରରେ ଅର୍ଥାତ୍ ୨୫ତମ ମିନିଟରେ ଦିଲପ୍ରୀତ ସିଂ ଏବଂ ୨୭ତମ ମିନିଟରେ ହେଣ୍ଡ୍ରିକ୍ସ ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଦଳ ପକ୍ଷରୁ ତୃତୀୟ ଗୋଲଟି ଦେବାରୁ ପ୍ରଥମାର୍ଦ୍ଧ ଶେଷ ବେଳକୁ ଲାନ୍ସର୍ସର ଅଗ୍ରଣୀ ବ୍ୟବଧାନ ୩-୧ରେ ପହଞ୍ଚି ଯାଇଥିଲା। ତୃତୀୟ କ୍ୱାର୍ଟରରେ ରାଞ୍ଚି କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ଲାନ୍ସର୍ସ ଡିଫେଣ୍ଡରମାନେ ଗୋଲ ହେବାକୁ ଦେଇ ନ ଥିଲେ। ସେହିପରି ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରରେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା ତୀବ୍ରତର ହୋଇଥିଲା। ୫୯ତମ ମିନିଟରେ ପେନାଲ୍ଟି କର୍ନରରୁ ଯଦିଓ ଟମ୍ ବୁନ୍ ଗୋଟିଏ ଗୋଲ ପରିଶୋଧ କରିଥିଲେ ତେବେ ସେତେବେଳକୁ ବହୁ ବିଳମ୍ବ ହୋଇଯାଇଥିଲା। ରେଫରିଙ୍କ ଶେଷ ହୁଇସିଲ ବାଜିବା କ୍ଷଣି ଲାନ୍ସର୍ସ ଖେଳାଳିଙ୍କ ବିଜୟ ଉତ୍ସବ ଆରମ୍ଭ ହୋଇଯାଇଥିଲା।

ମ୍ୟାଚ୍ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉଭୟ ଦଳ ସମକକ୍ଷ ପ୍ରଦର୍ଶନ କରିଥିଲେ। ଲାନ୍ସର୍ସ ଓ ରୟାଲ୍ସ ଖେଳାଳିମାନେ ୭ଟି ଲେଖାଏ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲେ। ଏଥିରୁ ଲାନ୍ସର୍ସ ୩ଟିକୁ ଗୋଲରେ ପରିଣତ କରିଥିବାବେଳେ ରୟାଲ୍ସ ମାତ୍ର ଗୋଟିଏ ଗୋଲ ଦେବାରୁ ପଛରେ ପଡ଼ି ଯାଇଥିଲା। ନଚେତ ଉଭୟ ଦଳ ଟାର୍ଗେଟରେ ୪ଟି ଲେଖାଏ ଶୁଟ୍ କରିଥିଲେ।


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଚାମ୍ପିୟନ କଳିଙ୍ଗ ଲାନ୍ସର୍ସ ଦଳର ଅଧିନାୟକ ଆର୍ଥର ଭାନ୍ ଡୋରେନଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

## ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବର ବିଷୟ

"କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ର ଭବ୍ୟ ସମାପନ ଉତ୍ସବରେ ଯୋଗଦେଲି। ଫାଇନାଲରେ ରାଞ୍ଚି ରୟାଲ୍ସକୁ ୩-୨ ଗୋଲରେ ପରାସ୍ତ କରି କଳିଙ୍ଗ ଲାନ୍ସର୍ସ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିବା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଏକ ଗର୍ବର ବିଷୟ। ଆଜି ଓଡ଼ିଶା କେବଳ ହକିର ଆୟୋଜକ ନୁହେଁ ବରଂ ବିଶ୍ୱ ହକିର ପ୍ରାଣକେନ୍ଦ୍ର ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି। ପଡ଼ିଆରେ ଖେଳାଳିଙ୍କ ଦମଦାର ପ୍ରଦର୍ଶନ ଏବଂ ଗ୍ୟାଲେରିରେ ଦର୍ଶକଙ୍କ ଅକୁଣ୍ଠ ଉତ୍ସାହ ଆମର ସୁଦୃଢ଼ କ୍ରୀଡ଼ା ପରମ୍ପରାର ପ୍ରତିଫଳନ'' ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋସିଆଲ ମିଡିଆ 'ଏକ୍ସ' ମାଧ୍ୟମରେ ପ୍ରକାଶ କରିଛନ୍ତି।

# ଅମନଦୀପ ଲାକ୍ରା ଶ୍ରେଷ୍ଠ ଖେଳାଳି

**ଭୁବନେଶ୍ୱର, ୨୭।୧ (ତପନ ସ୍ୱାଇଁ)**

ସୋମବାର ଶେଷ ହୋଇଥିବା ହକି ଇଣ୍ଡିଆ ଲିଗ୍ରେ ହାଇଦ୍ରାବାଦ ତୋଫାନ୍ସ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ଅମନଦୀପ ଲାକ୍ରା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ୮ ଫ୍ରାଞ୍ଚାଇଜ୍ ଦଳ ବିଶିଷ୍ଟ ପ୍ରତିଯୋଗିତାରେ ଦେଶ ଓ ବିଦେଶର ଅନେକ ତାରକା ଖେଳାଳି ଖେଳିଥିଲେ ହେଁ ଅମନଦୀପ ଶ୍ରେଷ୍ଠ ବିବେଚିତ ହୋଇ ରାଜ୍ୟକୁ ଗର୍ବିତ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଉଚ୍ଚମାନର ଟ୍ରେନିଂ ବ୍ୟବସ୍ଥା ଦ୍ୱାରା ଓଡ଼ିଶା ଖେଳାଳିଙ୍କ ପ୍ରଦର୍ଶନ ଦିନକୁ ଦିନ ଉନ୍ନତି ହେଉଥିବା ମଧ୍ୟ ଏଥିରୁ ପ୍ରମାଣିତ ହୋଇଛି। ପ୍ରତିଯୋଗିତାରେ ଅମନଦୀପ ମୋଟ ୯ଟି ଗୋଲ ଦେଇ ଟପ୍ ସ୍କୋରରଙ୍କ ତାଲିକାରେ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ରାଞ୍ଚି ରୟାଲ୍ସର ଟମ୍ ବୁନ୍ ମୋଟ ୧୯ଟି ଗୋଲ ଦେଇ ଟପ୍ ସ୍କୋରର ବିବେଚିତ ହୋଇଛନ୍ତି। ତାମିଲନାଡୁ ଡ୍ରାଗନ୍ସର ପ୍ରିନ୍ସଦୀପ ସିଂ ଶ୍ରେଷ୍ଠ ଗୋଲକିପର ବିବେଚିତ ହୋଇଛନ୍ତି। ଏଚ୍ଆଇଏଲ୍ ଜିସିର ପ୍ରିୟବ୍ରତ ତାଲେମ ଶ୍ରେଷ୍ଠ ଉଦୀୟମାନ ଖେଳାଳି ପୁରସ୍କାର ପାଇଛନ୍ତି। ଶ୍ରେଷ୍ଠ ଶୃଙ୍ଖଳିତ ଦଳଭାବେ ଏଚ୍ଆଇଏଲ୍ ଜିସିକୁ ଫେୟାର ପ୍ଲେ ପୁରସ୍କାର ପ୍ରଦାନ କରାଯାଇଛି।



ଅତିଥିଙ୍କଠାରୁ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ଗ୍ରହଣ କରୁଛନ୍ତି ଅମନଦୀପ ଲାକ୍ରା।

## ପୁରସ୍କାର

- **ଚାମ୍ପିୟନ:** ବେଦାନ୍ତ କଳିଙ୍ଗ ଲାନ୍ସର୍ସ-୩ କୋଟି ଟଙ୍କା
- **ରନରଅପ୍:** ରାଞ୍ଚି ରୟାଲ୍ସ: ୨ କୋଟି
- **ତୃତୀୟ ସ୍ଥାନ:** ହାଇଦ୍ରାବାଦ ତୋଫାନ୍ସ: ୧ କୋଟି
- **ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ:** ଅମନଦୀପ ଲାକ୍ରା-୨୦ ଲକ୍ଷ
- **ଟପ୍ ସ୍କୋରର:** ଟମ୍ ବୁନ୍-୧୦ ଲକ୍ଷ
- **ଶ୍ରେଷ୍ଠ ଗୋଲକିପର:** ପ୍ରିନ୍ସ ଦୀପ ସିଂ -୧୦ ଲକ୍ଷ
- **ଶ୍ରେଷ୍ଠ ଉଦୀୟମାନ ଖେଳାଳି:** ପ୍ରିୟବ୍ରତ ତାଲେମ- ୧୦ ଲକ୍ଷ
- **ଫେୟାର ପ୍ଲେ:** ଏଚ୍ଆଇଏଲ୍ ଜିସି-ଟ୍ରଫି

## ପରିସଂଖ୍ୟାନ

**ମୋଟ ଦଳ:** ୮, **ମୋଟ ମ୍ୟାଚ:** ୩୩
**ଗୋଲ ସ୍କୋର:** ୧୬୬ (ଫିଲ୍ଡ ଗୋଲ-୭୫, ପେନାଲ୍ଟି କର୍ନର ଗୋଲ-୮୩, ପେନାଲ୍ଟି ଷ୍ଟ୍ରୋକ୍ ଗୋଲ-୮)
**ଗ୍ରୀନ୍ କାର୍ଡ:** ୫୨
**ୟେଲୋ କାର୍ଡ:** ୬
**ରେଡ୍ କାର୍ଡ:** ୦


ରନରଅପ୍ ପୁରସ୍କାର ସହ ଟମ୍ ବୁନ୍।



ଫାଇନାଲ ପୂର୍ବରୁ ବାଚସ୍ପତି ସୁରମା ପାଢ଼ୀଙ୍କୁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ସମ୍ମାନିତ କରୁଛନ୍ତି।

# ହାଇଦ୍ରାବାଦ ତୋଫାନ୍ସକୁ ବ୍ରୋଞ୍ଜ ପଦକ

**ଭୁବନେଶ୍ୱର, ୨୭।୧ (ତପନ ସ୍ୱାଇଁ)**

ହକି ଇଣ୍ଡିଆ ଲିଗ୍-୨୦୨୬ରେ କଳିଙ୍ଗ ଲାନ୍ସର୍ସ ସ୍ୱର୍ଣ୍ଣ ଓ ରାଞ୍ଚି ରୟାଲ୍ସ ରୌପ୍ୟ ପଦକ ଜିତିଥିବାବେଳେ ବ୍ରୋଞ୍ଜ ପଦକ ହାସଲ କରିଛି ହାଇଦ୍ରାବାଦ ତୋଫାନ୍ସ। ସୋମବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ୩-୪ସ୍ଥାନ ଲାଗି ମ୍ୟାଚରେ ହାଇଦ୍ରାବାଦ ଦଳ ୪-୩ ଗୋଲରେ ଏଚ୍ଆଇଏଲ୍ ଜିସି (ଗଭର୍ନିଂ କାଉନ୍ସିଲ) ଦଳକୁ ପରାସ୍ତ କରିଛି। ଏହି ହାଇସ୍କୋରିଂ ମ୍ୟାଚରେ ହାଇଦ୍ରାବାଦ ପକ୍ଷରୁ ଓଡ଼ିଶା ଖେଳାଳି ଅମନଦୀପ ଲାକ୍ରା ୩୦ ଓ ୫୩ତମ ମିନିଟରେ ୨ଟି ଗୋଲ ଦେଇଥିବାବେଳେ ନୀଳକାନ୍ତ ଶର୍ମା ୨୪ ଓ ଜ୍ୟାକବ ଆଣ୍ଡରସନ ୩୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଏଚ୍ଆଇଏଲ୍ ଜିସି ପକ୍ଷରୁ ସାମ୍ ୱାର୍ଡ ୧୪ ଓ ୫୨ତମ ମିନିଟରେ ୨ଟି ଏବଂ କେନ୍ ରସେଲ ୫୫ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ଏଥିସହ ସିଜନରେ ଏଚ୍ଆଇଏଲ୍ ଜିସି ବିପକ୍ଷରେ ବିଜୟ ରେକର୍ଡ ଅବ୍ୟାହତ ରଖିଥିଲା ହାଇଦ୍ରାବାଦ ତୋଫାନ୍ସ।

# ସୁପର-୬'ରେ ଭାରତ


ଶତକ ହାସଲ ପରେ ଭାରତର ବିହାନ ମାଲହୋତ୍ରା

**ବୁଲାୱାୟୋ,୨୭।୧**

ଚଳିତ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍ରେ ଭାରତୀୟ ଦଳ ବିଜୟ ଧାରା ଜାରି ରଖି ସୁପର-୬' ପର୍ଯ୍ୟାୟରେ ପ୍ରବେଶ କରିଛି। ବିହାନ ମାଲହୋତ୍ରାଙ୍କ ଅପରାଜିତ ଶତକ ବଳରେ ବୁଧବାର ଜିମ୍ବାୱେ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍କୁ ଭାରତୀୟ ଦଳ ୨୦୪ ରନର ବୃହତ୍ ବ୍ୟବଧାନରେ ଜିତି ନେଇଛି। ଏହା ଭାରତୀୟ ଦଳର କ୍ରମାଗତ ଚତୁର୍ଥ ବିଜୟ। ଭାରତୀୟ ଦଳ ୧ ତାରିଖରେ ତା'ର ଅନ୍ତିମ ଲିଗ୍ ମ୍ୟାଚ୍ରେ ଚିର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ।

ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫୦ ଓଭରରେ ୮ ଉଇକେଟ ହରାଇ ୩୫୨ ରନ କରିଥିଲା। ଦଳ ପାଇଁ ବିହାନ ଅପରାଜିତ ୧୦୯ (୭ ଚୌକା) ରନର ପାଳି ଖେଳିଥିବା ବେଳେ ଅଭିଜ୍ଞାନ କୁଣ୍ଡୁ ୬୧ (୬ ଚୌକା ଓ ୧ ଛକା) ଓ ବୈଭବ ସୂର୍ଯ୍ୟବଂଶୀ ୫୨ (୩ ଲେଖାଏ ଚୌକା ଓ ଛକା) ରନ କରିଥିଲେ। ଜିମ୍ବାୱେ ପକ୍ଷରୁ ତାତେନ୍ଦା ଚିମୁଗୋରୋ ୩ ଉଇକେଟ ନେଇଥିଲେ। ଜବାବରେ ଜିମ୍ବାୱେ ୩୭.୪ ଓଭରରେ ୧୪୮ ରନରେ ଅଲଆଉଟ୍ ହୋଇଯାଇଥିଲା। ଲିରୟ ଚିୱାଉଲା ୬୨ (୭ ଚୌକା ଓ ୧ ଛକା) ଓ କିଆନ ବ୍ଲିଗନଟ ୩୭ (୪ ଚୌକା) ରନ କରିଥିଲେ। ବିଜୟୀ ଦଳ ପାଇଁ ଅଧିନାୟକ ଆୟୁଷ ମାହତ୍ରେ ଓ ଉଧମ ମୋହନ ୩ ଲେଖାଏ ଉଇକେଟ ହାତେଇଥିଲେ।

**୧୯ ବର୍ଷରୁ କମ୍ ବିଶ୍ୱକପ୍**

# 'ସ୍ପେଶାଲ ଅଲିମ୍ପିକ୍ସ ଭାରତ'ର ଚୟନ ଶିବିର

**ଭୁବନେଶ୍ୱର, ୨୭।୧ (ତପନ ସ୍ୱାଇଁ)**

ଖୋର୍ଦ୍ଧା ବରୁଣେଇସ୍ଥିତ କେଟି ଗ୍ଲୋବାଲ ସ୍କୁଲ୍ରେ ସ୍ପେଶାଲ ଅଲିମ୍ପିକ୍ସ ଭାରତ (ଏସ୍ଓବି)ର ରାଜ୍ୟସ୍ତରୀୟ ଆଥଲେଟିକ୍ସ ଓ ହକି ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ପାଖାପାଖି ୨୦୦ ପ୍ରତିଯୋଗୀ ଭାଗ ନେଇଥିଲେ। ଇଭେଣ୍ଟ ଅବସରରେ ୫୦, ୧୦୦, ୨୦୦, ୪୦୦, ୮୦୦, ୧୫୦୦ ମିଟର ଏବଂ ୧୦୦x୪ମିଟର ରିଲେ ରେସ୍ ସହିତ, ଲଙ୍ଗ ଜମ୍ପ, ଶଟପୁଟ, ମିନ ଜାଭେଲିନ୍ ଥ୍ରୋ ଆଦି ଖେଳ ଏବଂ ହକିର ଦକ୍ଷତା ନିରୂପଣ କରାଯାଇ ବିଭିନ୍ନ ବିଭାଗରେ ପ୍ରତିଯୋଗିତା କରା ଯାଇଥିଲା। ହୁଇଲ ଚେୟାର ଫେନସିଂର ପ୍ରତିଷ୍ଠିତ ତାରକା ରାଖାଲ କୁମାର ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତି କ୍ରୀଡ଼ାବିତ୍ ମାନଙ୍କୁ ପଦକ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଶିବିରରୁ ଏକ ୧୨ ଜଣିଆ ପୁରୁଷ ଓ ୧୩ ଜଣିଆ ମହିଳା ଆଥଲେଟ୍ ଦଳ ଆସନ୍ତା ଫେବୃଆରୀ ୨ରୁ ୬ ପର୍ଯ୍ୟନ୍ତ ହରିୟଣାର ହିସାରରେ ହେବାକୁ ଥିବା ଜାତୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିଭଳି ହରିୟଣାର ଫରିଦାବାଦରେ ଫେବୃୟାରୀ ୨୨ରୁ ୨୬ ପର୍ଯ୍ୟନ୍ତ ହେବାକୁ ଥିବା ଜାତୀୟ ହକି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ୬ ଜଣିଆ ମହିଳା ଓ ପୁରୁଷ ଦଳ ମନୋନୀତ ହୋଇଛି। ଏହି ଶିବିରକୁ ଏସ୍ଓବି ଓଡ଼ିଶାର କ୍ରୀଡ଼ା ନିର୍ଦ୍ଦେଶକ ସସ୍ମିତା ମହାପାତ୍ର, ମାନସିକ ବିଶେଷଜ୍ଞ ମନତୋଷ ବେହେରା, ରାଜ୍ୟ ସଂଯୋଜକ ଅର୍ପିତା ମହାପାତ୍ର,କେଟି ଗ୍ଲୋବାଲ ସ୍କୁଲ୍ର ଅଂଶୁମାନ ବଳ ଓ ଜ୍ୟୋତି ଶଙ୍କର ନନ୍ଦ ପ୍ରମୁଖ ପରିଚାଳନା କରିଥିଲେ। ହକି ଶିବିରକୁ ପରିଚାଳନା କରିବାରେ ସରକାରୀ ଶାରୀରିକ ଶିକ୍ଷା କଲେଜ ତମାଣ୍ଡୋର ଏକ ୫ ଜଣିଆ ମହିଳା ଓ ପୁରୁଷ ଦଳ ସହାୟତା ପ୍ରଦାନ କରିଥିଲେ। ସ୍ପେଶାଲ୍ ଅଲମ୍ପିକ୍ସ ଭାରତ ଓଡ଼ିଶାର ନିର୍ଦ୍ଦେଶକ ପ୍ରକାଶ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଓଡ଼ିଶା ସରକାରଙ୍କର କ୍ରୀଡ଼ା ବିଭାଗ ତରଫରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆ ଯାଇଥିଲା।



ଚୟନ ଶିବିରର କୃତୀ ଆଥଲେଟ୍ମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

# ଜାତୀୟ କ୍ରୀଡ଼ା ଶାସନ ଆଇନକୁ ସ୍ୱାଗତ

**ଭୁବନେଶ୍ୱର, ୨୭।୧ (ବିଜୟ ରଣା)**

ଜାତୀୟ କ୍ରୀଡ଼ା ଶାସନ ଆଇନ ୨୦୨୫କୁ ଓଡ଼ିଶା ଅଲିମ୍ପିକ ଆସୋସିଏଶନ (ଓଓଏ)ର ସଭାପତି ସମୀର ମହାନ୍ତି, ସମ୍ପାଦକ ଅଭିଜିତ୍ ପଲ୍ଙ୍କ ସମେତ ସମସ୍ତ ସଦସ୍ୟ ସ୍ୱାଗତ କରିଛନ୍ତି। ଭାରତ ସରକାରଙ୍କ ଏହା ଏକ ଐତିହାସିକ ପଦକ୍ଷେପ ବୋଲି ସେମାନେ କହିଛନ୍ତି। ଏହି ନୂଆ ଆଇନ ପାର୍ଲାମେଣ୍ଟର ଉଭୟ ଗୃହରେ ଅନୁମୋଦନ ଲାଭ କରିଛି। ଅନ୍ତର୍ଜାତୀୟ ଖେଳାଳିମାନଙ୍କ ବହୁ ଦିନର ଦାବି ପୂରଣ ହୋଇଛି। ଏହାଦ୍ୱାରା ସେମାନେ ସିଧାସଳଖ ଭାବେ କ୍ରୀଡ଼ା ଶାସନ ପରିଷଦର ଅଂଶବିଶେଷ ହୋଇପାରିବେ। ଏହି ନୂଆ ଆଇନ ବଳରେ ଆସୋସିଏଶନର ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ହେଉଛନ୍ତି ପ୍ରମୁଖ ପଦାଧିକାରୀ। ଜଣେ ଅନ୍ତର୍ଜାତୀୟ ଖେଳାଳି ସିଧାସଳଖ ପ୍ରମୁଖ ପଦାଧିକାରୀ ଓ କାର୍ଯ୍ୟନିର୍ବାହୀ କମିଟି ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ଏହି ଆଇନ ଅନୁସାରେ କାର୍ଯ୍ୟନିର୍ବାହୀ କମିଟି ସର୍ବାଧିକ ସଦସ୍ୟ ସଂଖ୍ୟା ୧୫ ହେବ। ତନ୍ମଧ୍ୟରେ ୪ଜଣ ମହିଳା ରହିବେ। କ୍ରୀଡ଼ା ଶାସନରେ ମହିଳା ସଶକ୍ତୀକରଣକୁ ଧ୍ୟାନରେ ରଖାଯାଇ ଏହା କରାଯାଇଛି। କାର୍ଯ୍ୟନିର୍ବାହୀ କମିଟିରେ ଦୁଇ ଅନ୍ତର୍ଜାତୀୟ ଖେଳାଳି (ଜଣେ ପୁରୁଷ ଓ ଜଣେ ମହିଳା) ଏବଂ ଆଥଲେଟିକ୍ସ କମିଟି (ଜଣେ ପୁରୁଷ ଓ ଜଣେ ମହିଳା)ରୁ ଦୁଇଜଣ ସଦସ୍ୟ ରହିବେ। ଏହା ମଧ୍ୟ ସୂଚିତ କରାଯାଇପାରେ ଜଣେ କ୍ରମାଗତ ୩ଥର ପୂର୍ଣ୍ଣକାଳୀନ ପଦବୀରେ ରହିପାରିବେ। ପ୍ରତିଦ୍ୱନ୍ଦ୍ୱିତା ପାଇଁ ବୟସ ସୀମା ୭୦ ବର୍ଷ ରଖାଯାଇଛି। ଏହାପରେ ଜାତୀୟ ଓ ରାଜ୍ୟ କ୍ରୀଡ଼ା ସଂସ୍ଥାରେ ପୁନଃନିର୍ବାଚିତ ହେବା ପାଇଁ ୧ ପୂର୍ଣ୍ଣକାଳୀନ ପଦବୀର ଏକ କୁଲିଂ ଅବଧି ଆବଶ୍ୟକ। ଆଗାମୀ ଦିନରେ ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସମସ୍ତ ରାଜ୍ୟ କ୍ରୀଡ଼ା ସଂଗଠନଗୁଡ଼ିକ ସହିତ ପରାମର୍ଶ କରି ଜାତୀୟ କ୍ରୀଡ଼ା ଶାସନ ଆଇନକୁ କାର୍ଯ୍ୟକାରୀ କରିବ।

# ପୂର୍ବତନ ଭାରତୀୟ କ୍ରିକେଟର ଗିରଫ

**ଭଦୋଦରା,୨୭।୧**

ଭାରତର ପୂର୍ବତନ କ୍ରିକେଟର ଜାକବ ମାର୍ଟିନ ମଦ୍ୟ ପାନ କରି ଗାଡ଼ି ଚଳାଇ ଗିରଫ ହୋଇଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ନିଶାସକ୍ତ ଅବସ୍ଥାରେ ନିଜର ବିଳାସପୂର୍ଣ୍ଣ ଏସ୍ୟୁଭି ଗାଡ଼ି ଚଳାଉଥିବା ବେଳେ ସେ ପାର୍କିଂରେ ଥିବା ୩ କାରକୁ ଧକ୍କା ଦେଇଥିଲା। ଦୁର୍ଘଟଣାର କିଛି ଘଣ୍ଟା ପରେ ୫୩ ବର୍ଷୀୟ ମାର୍ଟିନଙ୍କୁ ଗିରଫ କରାଯାଇଛି। ଏହି ଘଟଣା ସମ୍ପର୍କରେ ଆକୋଟା ପୋଲିସ ପକ୍ଷରୁ କୁହାଯାଇଛି, ମାର୍ଟିନ ମଙ୍ଗଳବାର ରାତି ପ୍ରାୟ ଅଢ଼େଇଟାରେ ଆକୋଟା ଅଞ୍ଚଳରେ ପୁନିତ ନଗର ସୋସାଇଟି ନିକଟରେ ଗାଡ଼ି ଚଳାଉଥିବା ବେଳେ ମଦ୍ୟପାନ ଯୋଗୁ ସେ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇଥିଲେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ